NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20
8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
TUESDAY
8 SEPTEMBER 2026
ମଙ୍ଗଳବାର
୮ ସେପ୍ଟେମ୍ବର ୨୦୨୬
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 99 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୯୯ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

# ଦଶମ ଓ ଦ୍ୱାଦଶ ପାଇଁ ଗୋଟିଏ ବୋର୍ଡ

**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:**

ରାଜ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଏଣିକି ଗୋଟିଏ ବୋର୍ଡ କାର୍ଯ୍ୟ କରିବ। ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ବର୍ତ୍ତମାନ ଥିବା ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସ୍ଇ) ଏବଂ କାଉନସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ୍ (ସିଏଚ୍ଏସ୍ଇ) ବଦଳରେ ଗୋଟିଏ ବୋର୍ଡ ବ୍ୟବସ୍ଥା ଲାଗୁ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି। ଗଣଶିକ୍ଷା ସଚିବ ଏନ୍ ତିରୁମାଲା ନାୟକ ଏନେଇ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ଦଶମ ଓ ଦ୍ୱାଦଶ ପାଇଁ ଗୋଟିଏ ବୋର୍ଡ ଗଠନ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି।

ଆଗାମୀ ଦିନରେ ବିଏସ୍ଇ ଓ ସିଏଚ୍ଏସ୍ଇ ଅଲଗା ଅଲଗା ବୋର୍ଡ ଭାବେ ରହିବ ନାହିଁ। ଉଭୟ ଶ୍ରେଣୀର ପରୀକ୍ଷା ଗୋଟିଏ ବୋର୍ଡ ଅଧୀନରେ କରାଯିବ। ଏହି ବ୍ୟବସ୍ଥା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ)ର ଢାଞ୍ଚା ଭଳି ହେବ। ଯେପରି ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ପରିଚାଳନା କରୁଛି, ସେହିପରି ଓଡ଼ିଶାରେ ମଧ୍ୟ ଗୋଟିଏ ବୋର୍ଡ ଉଭୟ ପରୀକ୍ଷା ପରିଚାଳନା କରିବ।

ସଚିବଙ୍କ ସୂଚନା ଅନୁଯାୟୀ, ଗୋଟିଏ ବୋର୍ଡ ଗଠନ ହେଲେ ପାଠ୍ୟକ୍ରମ ପ୍ରସ୍ତୁତି ଏବଂ ପରୀକ୍ଷା ପରିଚାଳନାରେ ବିଶେଷ ଅସୁବିଧା ହେବ ନାହିଁ। ଦୁଇଟି ବୋର୍ଡର କାର୍ଯ୍ୟକୁ ଏକାଠି କରାଯିବା ଫଳରେ ଶିକ୍ଷା ବ୍ୟବସ୍ଥାରେ ଅଧିକ ସମନ୍ୱୟ ଆସିବ ବୋଲି ସରକାର ଆଶା ରଖିଛନ୍ତି। ଏହି ନୂଆ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଏକ ଡ୍ରାଫ୍ଟ ଆଇନ ପ୍ରସ୍ତୁତ କରୁଛନ୍ତି। ଆଇନ ପ୍ରସ୍ତୁତ ହେବା ପରେ ଏହାକୁ ଆଗକୁ ନିଆଯିବ।

ତେବେ କାର୍ଯ୍ୟାଳୟ କେଉଁଠି ହେବ ସେନେଇ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସଚିବ କହିଛନ୍ତି।

# ପୁଣି ଘୁଞ୍ଚିଲା ଡିଜିପି ନିଯୁକ୍ତି ଶୁଣାଣି

**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:**

ଓଡ଼ିଶାର ପୁଲିସ ମହାନିର୍ଦ୍ଦେଶକ (ଡିଜିପି )ଚୟନକୁ ନେଇ ଚାଲିଥିବା ମାମଲାର ଶୁଣାଣିକୁ ସୁପ୍ରିମକୋର୍ଟ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ଏନେଇ ସୂଚନା ଦେଇଛନ୍ତି ବରିଷ୍ଠ ଆଇନଜୀବୀ ସଂଗ୍ରାମ ପଟ୍ଟନାୟକ। ଅନ୍ୟପକ୍ଷରେ ବରିଷ୍ଠ ଆଇପିଏସ ଅଧିକାରୀ ସୁଶାନ୍ତ କୁମାର ନାଥ ମଧ୍ୟ ଏହି ମାମଲାରେ ହସ୍ତକ୍ଷେପ ପାଇଁ ଆବେଦନ କରିଛନ୍ତି। ସୁଶାନ୍ତ ନାଥଙ୍କ ପାଇଁ ତାଙ୍କ ଆଇନଜୀବୀ ପିଟିସନ୍ ଦାଖଲ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ସୋମବାର ଏହି ମାମଲାର ଶୁଣାଣି ଆରମ୍ଭ ହେବାମାତ୍ରେ ସୁଶାନ୍ତ ନାଥ ନିଜ ଓକିଲଙ୍କ ମାଧ୍ୟମରେ ପକ୍ଷଭୁକ୍ତ ହେବାକୁ କୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ସେ ଦାଖଲ କରିଥିବା ଆଇଏ ଉପରେ ବିଚାର କରିବା ସହ ପକ୍ଷ ରଖିବାକୁ ଖଣ୍ଡପୀଠ ତାଙ୍କୁ ସୁଯୋଗ ଦେଇଥିଲେ। ସେପଟେ ଆମିକସକ୍ୟୁରୀ ମଧ୍ୟ ସୋମବାର ଆଉ ଏକ ରିପୋର୍ଟ ଦାଖଲ କରିଛନ୍ତି।



ପ୍ରକାଶ ଯେ ରାଜ୍ୟର ପରବର୍ତ୍ତୀ ପୁଲିସ ମୁଖିଆ ଚୟନ ପାଇଁ ଓଡ଼ିଶା ସରକାର ଗ୍ରହଣ କରିଥିବା ପଦ୍ଧତିକୁ ବିରୋଧ କରି ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। କେବଳ ତିନି ଜଣ ସବୁଠାରୁ ବରିଷ୍ଠ ଯୋଗ୍ୟ ଅଧିକାରୀଙ୍କ ମଧ୍ୟରେ ସୀମିତ ନରଖି ଏଡିଜିପି ରାଙ୍କର କନିଷ୍ଠ ଅଧିକାରୀଙ୍କୁ ବିଚାରକୁ ନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଐତିହାସିକ 'ପ୍ରକାଶ ସିଂ ଗାଇଡଲାଇନ'ର ଉଲ୍ଲଂଘନ କରିଛନ୍ତି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ▶▶ ୫

## ୧୨ ବିଭାଗର ୧୮ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# 'ବିଜୁଳି ଭିତ୍ତିଭୂମି ପାଇଁ ୧୬ ହଜାର କୋଟି

**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:**



ରାଜ୍ୟର ବିଦ୍ୟୁତ ସଞ୍ଚାରଣ ଭିତ୍ତିଭୂମିକୁ ସୁଦୃଢ଼ ଓ ସମ୍ପ୍ରସାରିତ କରିବା ପାଇଁ ଓଡ଼ିଶା ସରକାର ୧୫,୯୪୮.୭୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ତାହା ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ଶକ୍ତି କ୍ଷେତ୍ରରେ ସର୍ବବୃହତ୍ତ ଏକକ ପୁଞ୍ଜିନିବେଶ। ଏହି ଐତିହାସିକ ପଦକ୍ଷେପ ଯୋଗୁଁ ଓଡ଼ିଶାର ଦୀର୍ଘମିଆଦୀ ଅର୍ଥନୈତିକ ଏବଂ ନିରନ୍ତର ବିକାଶ ସମ୍ଭବ ହେବ। ଏନେଇ ଶକ୍ତି ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୨ ବିଭାଗର ୧୮ ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି। ଏଥିରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର, ଶିଳ୍ପ ବିଭାଗର, ଅର୍ଥ ବିଭାଗର ଗୋଟିଏ ଲେଖାଏଁ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୩ଟି, ଜଳ ସମ୍ପଦ ବିଭାଗର ୨ଟି, ପୂର୍ତ୍ତ ବିଭାଗର ୪ଟି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଗୋଟିଏ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗୋଟିଏ, ଆଇନ ବିଭାଗର ଗୋଟିଏ , ଶକ୍ତି ବିଭାଗର ଗୋଟିଏ , ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଗୋଟିଏ ଏବଂ ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନ ଆହୂତ ନିମନ୍ତେ ଗୋଟିଏ ( ସଂସଦୀୟ ବ୍ୟାପାର) ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି।

**ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ଶକ୍ତି କ୍ଷେତ୍ରରେ ସର୍ବବୃହତ ଏକକ ପୁଞ୍ଜିନିବେଶ**

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଓଡ଼ିଶାର ବିଦ୍ୟୁତ୍ ସଞ୍ଚାରଣ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାର ବଦ୍ଧପରିକର। ଓଡ଼ିଶା ବିଦ୍ୟୁତ୍ ବ୍ୟବସ୍ଥାରେ ଏକ ନୂତନ ଯୁଗର ଆରମ୍ଭ ▶▶ ୫

# ଭିଜିଲାନ୍ସ ଜାଲରେ ଆର୍ଆଇ ଓ ଏଆର୍ଆଇ

**ପୁରୀ,୭।୯/ଏନ୍ଏନ୍ଏସ୍:**





ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ପୁରୀ ଜିଲ୍ଲା ପିପିଲି ତହସିଲ ଅନ୍ତର୍ଗତ ସିଉଳା ଆର.ଆଇ. ମଣ୍ଡଳର ରାଜସ୍ୱ ନିରୀକ୍ଷକ (ଆର.ଆଇ.) କଲ୍ୟାଣୀ ଜେନା ଏବଂ ସହକାରୀ ରାଜସ୍ୱ ନିରୀକ୍ଷକ (ଏ.ଆର.ଆଇ.) ପୂର୍ଣ୍ଣ ଚନ୍ଦ୍ର ବେହେରା। ଜମି କିସମ ପରିବର୍ତ୍ତନ (କୃଷି ଜମିରୁ ଘରବାରୀ) ନିମନ୍ତେ ଏକ ମ୍ୟୁଟେସନ୍ ମାମଲାରେ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ଆଗକୁ ପଠାଇବା ପାଇଁ ଆବେଦନକାରୀଙ୍କଠାରୁ ୩୫,୦୦୦ ଟଙ୍କା ଲାଞ୍ଚ ଦାବି କରି ନେଉଥିବା ବେଳେ ଉଭୟଙ୍କୁ ଭିଜିଲାନ୍ସ ସୋମବାର ଗିରଫ କରିଛି।

ସୂଚନାଯୋଗ୍ୟ, ଆବେଦନକାରୀ ଜଣକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିୟମାନୁସାରେ ନିଜର କୃଷି ଜମିକୁ ଘରବାରୀ କିସମକୁ ▶▶ ୫

# ପଞ୍ଚାୟତ ଭୋଟ୍: ବୁଥ୍ ଯାଞ୍ଚ ନିର୍ଦ୍ଦେଶ

**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:**

ରାଜ୍ୟ ନିର୍ବାଚନ କମିଶନ ସୋମବାର ପଞ୍ଚାୟତ ନିର୍ବାଚନ ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ବୁଥ୍‌ଗୁଡିକ ଠିକ୍ ଅଛି ନା ନାହିଁ ଏହାର ଫିଜିକାଲ ଭେରିଫିକେସନ କରିବାକୁ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ବୁଥ୍ ଫିଜିକାଲ୍ ଭେରିଫିକେସନ କରି ରିପୋର୍ଟ ଦେବାକୁ ବ୍ଲକ ଏବଂ ପୌର ଅଧିକାରୀଙ୍କୁ କୁହାଯାଇଛି। ଯେଉଁ ବୁଥ୍‌ରେ ସମସ୍ୟା ରହିଛି ଏହାକୁ ସୁଧୁରା ଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି। ଭେରିଫିକେସନ୍ ପରେ ଅନଲାଇନ୍ ଓ ସ୍ୱତନ୍ତ୍ର ଆପ୍‌ରେ ତଥ୍ୟ ଅପଲୋଡ୍ ହେବ। ଏପରିକି ନିର୍ବାଚନ ବେଳେ ସୋସିଆଲ୍ ମିଡିଆରେ ଏଆଇ ଜରିଆରେ ଅପପ୍ରଚାରକୁ ରୋକାଯିବ ବୋଲି ସେ ପ୍ରକାଶ କରିଛନ୍ତି। କୌଣସି ଜାଗାରୁ ଅଭିଯୋଗ ଆସିଲେ ସାଇବର୍ କ୍ରାଇମରେ ତଦନ୍ତ କରାଯିବ। ମାର୍ଚ୍ଚ ୨୦୨୭ ପରେ ପଞ୍ଚାୟତ ଏବଂ ଏପ୍ରିଲ୍ ୨୦୨୭ରେ ପୌର ସଂସ୍ଥାଗୁଡ଼ିକର ଅବଧି ଶେଷ ହେବ। ମାର୍ଚ୍ଚ ୫ ପରେ ବିଜ୍ଞପ୍ତି ଆସିବା ସମ୍ଭାବନା ଥିବା ବେଳେ ପ୍ରଥମେ ପଞ୍ଚାୟତ ଓ ପରେ ପୌର ନିର୍ବାଚନ ହେବ। ଏପ୍ରିଲ ପ୍ରଥମରେ ପଞ୍ଚାୟତ ନିର୍ବାଚନ ଓ ▶▶ ୫

# ସ୍ତ୍ରୀକୁ ଗୁଳିକରି ହତ୍ୟା

**ରେଢ଼ାଖୋଲ,୭।୯/ଏନ୍ଏନ୍ଏସ୍:**

ଦେଶୀ ବନ୍ଧୁକରେ ସ୍ତ୍ରୀକୁ ଗୁଳି କରି ହତ୍ୟା କରିଛି ସ୍ୱାମୀ। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଘୋଷରମାଳ ପଞ୍ଚାୟତ ଲାଣ୍ଡିମାଲ ଗାଁରେ। ମୃତକ ଜଣକ ହେଲେ ଅମ୍ବିକା ମିର୍ଦ୍ଧା। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବାର କଥା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପାରିବାରିକ କଳହକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏଥିରେ ସ୍ୱାମୀ ଚରଣ ମିର୍ଦ୍ଧା ଉତକ୍ଷିପ୍ତ ହୋଇ ସ୍ତ୍ରୀ ଅମ୍ବିକାଙ୍କ ଉପରକୁ ଗୁଳି କରିଥିଲେ। ▶▶ ୫

# ଘରୋଇ ଏଲ୍‌ପିଜି ବୁକିଂ ଅବଧିରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୭।୯/ଏନ୍ଏନ୍ଏସ୍:**

ପୁଣିଥରେ ଘରୋଇ ଏଲ୍‌ପିଜି ବୁକିଂ ଅବଧିରେ ସରକାର ପରିବର୍ତ୍ତନ କରିଛନ୍ତି। ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ସରକାର ଜାରି କରିଥିବା ୪୫ ଦିନିକିଆ ବୁକିଂ ଅବଧିକୁ ପ୍ରତ୍ୟାହାର କରି ନେଇଛନ୍ତି। ପୂର୍ବରୁ ସହାରାଞ୍ଚଳ ପାଇଁ ୨୫ ଦିନ ଓ ଗ୍ରାମାଞ୍ଚଳ ପାଇଁ ବୁକିଂ ଅବଧି ୪୫ ଦିନ ରହିଥିଲା। ହେଲେ ଏବେ ଠାରୁ ଉଭୟ ସହାରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ବୁକିଂ ଅବଧିକୁ ୨୫ ଦିନ କରି ଦିଆଯାଇଛି। ଅର୍ଥାତ ୨୫ ଦିନ ଅନ୍ତରାଳେ ଗ୍ରାହକମାନେ ଏଣିକି ଏଲ୍‌ପିଜି ସିଲିଣ୍ଡର ବୁକିଂ କରିପାରିବେ। ▶▶ ୫

## ● ବୃଦ୍ଧି ପାଇବ ଭାରତୀୟ ସେନାର ସାମରିକ କ୍ଷମତା

# ୧.୧୦ ଲକ୍ଷ କୋଟିର ଯୁଦ୍ଧାସ୍ତ୍ରକୁ ଅନୁମୋଦନ

**ନୂଆଦିଲ୍ଲୀ,୭।୯/ଏଜେନ୍ସି:**

ସଶସ୍ତ୍ର ବାହିନୀର ସାମଗ୍ରିକ ଯୁଦ୍ଧ କ୍ଷମତାକୁ ସୁଦୃଢ଼ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ସୋମବାର ଦିନ ସ୍ଥଳସେନା, ନୌସେନା ଏବଂ ବାୟୁସେନା ପାଇଁ ରାଡାର, ଆଡଭାନ୍ସଡ୍ ଲାଇଟ୍ ହେଲିକପ୍ଟର ଏବଂ ମେକାନିକାଲ୍ ମାଇନ୍ ଲେୟାର ସହିତ ଆନୁମାନିକ ୧.୧୦ ଲକ୍ଷ କୋଟି ଟଙ୍କାର ସାମରିକ ସାମଗ୍ରୀ ଅଧିଗ୍ରହଣକୁ ମଞ୍ଜୁରୀ ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ଦ୍ୱାରା ଏହି କ୍ରୟ ପ୍ରସ୍ତାବଗୁଡ଼ିକୁ ମଞ୍ଜୁରୀ ମିଳିଛି। ମନ୍ତ୍ରଣାଳୟ ଦର୍ଶାଇଛି ଯେ 'ଡିଏସି ପ୍ରତିରକ୍ଷା ବାହିନୀର ପ୍ରାୟ ୧,୧୦,୦୦୦ କୋଟି ଟଙ୍କାର ବିଭିନ୍ନ ଅଧିଗ୍ରହଣ ପ୍ରସ୍ତାବ ପାଇଁ ଆକ୍ସେପ୍ଟାନ୍ସ ଅଫ୍ ନେସେସିଟି ଅର୍ଥାତ୍ ନୀତିଗତ ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିଛି।

ଏହି ବ୍ୟୟବରାଦ ମୁଖ୍ୟତଃ ଭାରତୀୟ ସ୍ଥଳସେନା ପାଇଁ କେମିକାଲ୍ ବାୟୋଲୋଜିକାଲ୍ ରେଡିଓଲୋଜିକାଲ୍ ଏବଂ ନ୍ୟୁକ୍ଲିୟର ରେକି ଭେହିକଲ୍, ହାଇ ମୋବିଲିଟି ଭେହିକଲ୍ (ଐଗଠ), ସେଲ୍ଫ-ପ୍ରୋପେଲ୍ଡ ମେକାନିକାଲ୍ ମାଇନ୍ ଲେୟାର, ଆଡଭାନ୍ସଡ୍ ଲାଇଟ୍ ହେଲିକପ୍ଟର, ଟ୍ରଲ୍ ଟ୍ୟାଙ୍କ ଏବଂ ସର୍ବତ୍ର ବ୍ରିଜ୍ ସିଷ୍ଟମ୍ କ୍ରୟ ପାଇଁ ଧାର୍ଯ୍ୟ କରାଯାଇଛି। ନ୍ୟୁକ୍ଲିୟର ରେକି ଭେହିକଲଗୁଡ଼ିକ ବିପଜୈବିକ କିମ୍ବା ରାସାୟନିକ ପଦାର୍ଥ ଦ୍ୱାରା ଦୂଷିତ ଅଞ୍ଚଳଗୁଡ଼ିକୁ ଚିହ୍ନଟ, ତଦାରଖ ଏବଂ ଚିହ୍ନିତ କରିବାରେ ସକ୍ଷମ ହେବ। ଏଚ୍ଏମ୍ଭି ଦୁର୍ଗମ ସ୍ଥାନଗୁଡ଼ିକରେ କାର୍ଯ୍ୟଦକ୍ଷତା, ଲଜିଷ୍ଟିକ୍ ସପୋର୍ଟ ଏବଂ ଗମନାଗମନ କ୍ଷମତାକୁ ବୃଦ୍ଧି କରିବ। ସେହିପରି ହାଲୁକା ହେଲିକପ୍ଟରଗୁଡ଼ିକ ଭାରତୀୟ ସେନା ଏବଂ ବାୟୁସେନା ପାଇଁ ସମସ୍ତ ପ୍ରକାରର ପରିସ୍ଥିତିରେ ଜଟିଳ ମିଶନ ସମ୍ପାଦନ କରିବ। ବିଭିନ୍ନ ଅଞ୍ଚଳରେ ଅପରେସନ ସମୟରେ ଯୁଦ୍ଧାଭିଯାନ ପାଇଁ ଟ୍ରଲ୍ ଟ୍ୟାଙ୍କ ଏବଂ ବ୍ରିଜ୍ ସିଷ୍ଟମ ବ୍ୟବହାର କରାଯିବ।

ଅନ୍ୟପକ୍ଷେ ନୌସେନା ପାଇଁ ଡିଏସି 'ଅରୁଧ୍ରା' ରାଡାର କ୍ରୟ ସହିତ ମେରାଇନ୍ ଗ୍ୟାସ୍ ଟରବାଇନ୍ (ଏମ୍‌ଜିଟି) ର ଡିଜାଇନ୍, ବିକାଶ ଏବଂ ପରବର୍ତ୍ତୀ କ୍ରୟକୁ ମଞ୍ଜୁରୀ ଦେଇଛି। 'ଅରୁଧ୍ରା' ରୋଡାର ନୌସେନା ଏୟାର ଷ୍ଟେସନଗୁଡ଼ିକରେ ବିଦ୍ୟମାନ ଏୟାର ରୁଟ୍ ସର୍ଭେଲାନ୍ସ ରାଡାର ସ୍ଥାନ ନେବ, ଯେତେବେଳେ କି ଯୁଦ୍ଧପୋତ ଚାଳନା ପ୍ରଣାଳୀ 'ଏମ୍‌ଜିଟି' ବିଦେଶୀ ସଂସ୍ଥାଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ କରିବ। ସ୍ଥଳସେନା ଓ ନୌସେନା ଭଳି ଭାରତୀୟ ବାୟୁସେନା ପାଇଁ ମଧ୍ୟ ଫାଇଟର, ପରିବହନ ବିମାନ ଏବଂ ହେଲିକପ୍ଟରର ଯୁଦ୍ଧ କ୍ଷମତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଭିନ୍ନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହାସହ ଗ୍ରାଉଣ୍ଡ-ବେସଡ୍ ମଲ୍ଟି-ପର୍ପଜ୍ ଜାମର କ୍ରୟ ଏବଂ 'ଡିଫେନ୍ସ ଫୋର୍ସେସ୍ ସିକ୍ୟୁଅର୍ ଆକ୍ସେସ୍ କାର୍ଡ' ସିଷ୍ଟମ୍ ସ୍ଥାପନକୁ ମଧ୍ୟ ଡିଏସି ମଞ୍ଜୁରୀ ଦେଇଛି। ସୂଚନାଯୋଗ୍ୟ, ମୋଟ ମଞ୍ଜୁର ହୋଇଥିବା ଅର୍ଥ ମଧ୍ୟରୁ ପ୍ରାୟ ୯୮ ପ୍ରତିଶତ କ୍ରୟ ଭାରତୀୟ ଉଦ୍ୟୋଗଗୁଡ଼ିକରୁ ହିଁ କରାଯିବ।

## ହଷ୍ଟେଲ୍ ବିଲ୍ଡିଂ ଭୁଶୁଡ଼ିବା ଘଟଣା: ଦିଲ୍ଲୀ ହାଇକୋର୍ଟଙ୍କ ବଡ଼ ବୟାନ

# କେହି ନିଜ ଦାୟିତ୍ୱରୁ ବର୍ତ୍ତିପାରିବେନି

**'ଦୁର୍ଘଟଣା ପାଇଁ ଉଭୟ ପୌର ନିଗମ ଓ ରାଜ୍ୟ ସରକାର ଉତ୍ତରଦାୟୀ'**

**ନୂଆଦିଲ୍ଲୀ, ୭।୯/ଏଜେନ୍ସି:**

ଦିଲ୍ଲୀ ହଷ୍ଟେଲ ବିଲ୍ଡିଂ ଭୁଶୁଡିବା ଘଟଣାରେ ମୃତ୍ୟୁସଂଖ୍ୟା ସୋମବାର ସୁଦ୍ଧା ୭କୁ ବୃଦ୍ଧି ପାଇଛି। ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି, ଯେଉଁଥିରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୭ ଜଣଙ୍କୁ ଚିହ୍ନଟ କରାଯାଇଛି। ଏମାନେ ହେଲେ ଅଭିଷେକ କୁମାର (୧୯), ଅର୍ପିତ ଜାଜ (୩୫), ଯୁବରାଜ ସୋନି (୧୯), ପବନ କୁମାର (୧୭), ସୁରେନ୍ଦ୍ର ସିଂହ (୫୬), ଅକ୍ଷତ ସିଂହ (୧୯) ଏବଂ ପରମ ଲାଲ୍ କୋରୀ (୩୦)। ଏମାନଙ୍କ ମଧ୍ୟରୁ ଅର୍ପିତ ଓ ଅକ୍ଷତ ମଧ୍ୟପ୍ରଦେଶର ଏବଂ ଯୁବରାଜ ଉତ୍ତରପ୍ରଦେଶର ବାସିନ୍ଦା ଥିଲେ।

**ଦିଲ୍ଲୀର ସବୁ ପିଜି, ହଷ୍ଟେଲ୍ ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ**

**ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି, ପତ୍ନୀ ଓ ପୁଅ ସହ ବିଲ୍ଡିଂ ମାଲିକ ଗିରଫ**

**ଏମ୍‌ସିଡିର ୫ ଇଞ୍ଜିନିୟର୍ ନିଲମ୍ବିତ**

ଅନ୍ୟପକ୍ଷେ ଏହି ମାମଲା ସମ୍ପର୍କରେ ଆଜି ହାଇକୋର୍ଟରେ ମଧ୍ୟ ଶୁଣାଣି ହୋଇଛି। ଶୁଣାଣି ସମୟରେ ଦିଲ୍ଲୀ ହାଇକୋର୍ଟ ଦୁର୍ଘଟଣା ପାଇଁ ଦିଲ୍ଲୀ ନଗର ନିଗମ, ଦିଲ୍ଲୀ ସରକାର ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅର୍ଥାତ୍ ସମସ୍ତ ପକ୍ଷଙ୍କୁ ଉତ୍ତରଦାୟୀ କରିଛନ୍ତି। ହାଇକୋର୍ଟ କହିଛନ୍ତି, ଏପ୍ରକାର ଏକ ସମ୍ବେଦନଶୀଳ ଘଟଣାରୁ କେହି ବି ନିଜ ଜବାବଦେହୀରୁ ବର୍ତ୍ତିପାରିବେ ନାହିଁ। ବିଶେଷକରି ସରକାର ଏବଂ ପୌରନିଗମ ନିଜ ଦାୟିତ୍ୱରୁ ଖସିପାରିବେ ନାହିଁ। ବାହାରୁ ପଢ଼ିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ରହିବା ପାଇଁ ଦିଆଯାଉଥିବା ହଷ୍ଟେଲଗୁଡ଼ିକ ମଧ୍ୟରୁ ଅଧିକାଂଶ ବିଲ୍ଡିଂର ▶▶ ୫

PATANJALI wellness
Yoga, Ayurveda & Naturopathy
+91-8954666111
ପତଞ୍ଜଳି ୱେଲନେସ୍
ଯୋଗ ଗ୍ରାମ
ନିରାମୟମ୍
NABH AH-2026-0472

ମାତ୍ର ୭ ଦିନରେ ମୋଟାପଣ, ବିପି. (ଉଚ୍ଚ ରକ୍ତଚାପ), ସୁଗାର, ଥାଇରଏଡ୍, ଚର୍ମ ରୋଗ, ବନ୍ଧ୍ୟାଦୋଷ, ଅର୍ଶ, କ୍ରୋନିକ୍ ଲିଭର, କ୍ରୋନିକ୍ କିଡ୍‌ନୀ, ପୁରୁଣା କୋଷ୍ଠକାଠିନ୍ୟ, କୋଲାଇଟିସ୍, ଆର୍ଥ୍ରାଇଟିସ୍ (ଗଣ୍ଠି ବାତ), ହୃଦ୍‌ସମସ୍ୟା ଏବଂ ସମସ୍ତ ଜୀବନଶୈଳୀ ଜନିତ ତଥା ଜଟିଳ ରୋଗକୁ ମୂଳରୁ ନିର୍ମୂଳ କରନ୍ତୁ।

୭ରୁ ୧୦ ଦିନର ଆବାସିକ ଚିକିତ୍ସା ସମୟରେ ପଞ୍ଚକର୍ମ, ଷଟ୍‌କର୍ମ, ଶଙ୍ଖପ୍ରକ୍ଷାଳନ, କୋଲୋନ୍ ଥେରାପି, ବସ୍ତି, ଶିରୋଧାରା, କର୍ଣ୍ଣପୂର୍ଣ୍ଣ, ଅଭ୍ୟଙ୍ଗ, ବାତ ମୋକ୍ଷଣ, ଶୃଙ୍ଗୀ ଚିକିତ୍ସା, ଲିଚ୍ ଥେରାପି (ଜୋକ ଚିକିତ୍ସା), ଅଗ୍ନିକର୍ମ, କର୍ଣ୍ଣ ଭେଦ, ଓଜୋନ୍ ଥେରାପି, ସ୍ୱେଦନ, ଆକ୍ୟୁପଙ୍କଚର, ଆକ୍ୟୁପ୍ରେସର, ଯୋଗିକ ଫିଜିଓଥେରାପି, ଯଜ୍ଞ ଚିକିତ୍ସା, ମନ୍ତ୍ର ଚିକିତ୍ସା ଆଦି ପ୍ରାୟ ୫୦୦ ପ୍ରକାରର ଥେରାପି ଦ୍ୱାରା ସମ୍ପୂର୍ଣ୍ଣ ଶରୀରର କାୟାକଳ୍ପ (ଡିଟକ୍ସ) କରାନ୍ତୁ ତଥା 'ବାତ, ପିତ୍ତ ଏବଂ କଫ' ଏହି ତିନି ଦୋଷର ସନ୍ତୁଳନ ରକ୍ଷା କରି ଶରୀରର ପୁନରୁଦ୍ଧାର ଓ ରୂପାନ୍ତରଣ ପାଇଁ ଆପଣଙ୍କୁ ସାଦର ନିମନ୍ତ୍ରଣ।





ବିଶେଷ ରିହାତି ଅଫର: ୭ ଦିନର ବୁକିଂ ଉପରେ ୧୦% ଏବଂ ୧୦ ଦିନ କିମ୍ବା ତା'ଠାରୁ ଅଧିକ ଦିନର ବୁକିଂ ଉପରେ ୨୦% ବିଶେଷ ରିହାତି।

ଇଣ୍ଟିଗ୍ରେଟେଡ୍ ଏବଂ ବୈଜ୍ଞାନିକ ପଦ୍ଧତି ଉପରେ ଆଧାରିତ ଚିକିତ୍ସା ସେବା ଉପଲବ୍ଧ।



କୋଲୋନ୍ ଥେରାପି | ଅକ୍ଷିତର୍ପଣ | ଶୃଙ୍ଗୀ ଚିକିତ୍ସା | ଶିରୋଧାରା | ଅଭ୍ୟଙ୍ଗ | ସ୍ୱେଦନ | ପତ୍ରପିଣ୍ଡ ସ୍ୱେଦନ

ପତଞ୍ଜଳି ୱେଲନେସ୍ ଏବଂ ଯୋଗଗ୍ରାମରେ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ

Call: 8954-666-111, 8954-666-222

ମିଲିଟାରୀ, ପାରାମିଲିଟାରୀ, କେନ୍ଦ୍ର ସରକାରଙ୍କ ଅଧୀନରେ ସେବାରତ କର୍ମଚାରୀ ତଥା ପ୍ରମୁଖ ବୀମା କମ୍ପାନୀର କାର୍ଡଧାରକଙ୍କ ପାଇଁ ମାଗଣା କ୍ୟାସଲେସ୍ ଏବଂ ରିଇମ୍ବର୍ସମେଣ୍ଟ ଚିକିତ୍ସା ସେବା ଉପଲବ୍ଧ।

CAPF CGHS ECHS MAGMA STAR Health Insurance
୫୦+ ଇନ୍ସୁରାନ୍ସ ଏବଂ ଟିପିଏ କମ୍ପାନୀଗୁଡ଼ିକ

ପ୍ରତିଦିନ ଆସ୍ଥା ଚ୍ୟାନେଲ୍, ଇଣ୍ଡିଆ ଟିଭି କିମ୍ବା ୟୁଟ୍ୟୁବ୍ ସହ ଯୋଡ଼ିହୋଇ ଯୋଗ ଅଭ୍ୟାସ କରନ୍ତୁ

ପ୍ରାତଃ ୫:୦୦ରୁ ୭:୩୦ ଏବଂ ସନ୍ଧ୍ୟା ୮:୦୦ରୁ ୯:୦୦
आस्था LIVE | संस्कार Everyday 9:00 am | INDIA TV Everyday 8:00 am | YouTube Swami Ramdev I Acharya Bal Krishna

ଘରେ ବସି ନିଃଶୁଳ୍କ ଚିକିତ୍ସା ସେବା ଦ୍ୱାରା ରୋଗର ଉପଚାର ଜାଣନ୍ତୁ ଏବଂ ଡାକ୍ତରୀ ପରାମର୍ଶ ପାଇଁ ସମ୍ପର୍କ କରନ୍ତୁ
1800 296 1111

## ପାଇକସାହିରେ ଗୁରୁପୂଜନ



**କଟକ,୭।୯/ଏନ୍‌ଏନ୍‌ଏସ୍:** ପାଇକସାହି ସ୍ଥିତ ଭାଗବତ ଗୃହରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୟ ମା'ମଙ୍ଗଳା ରାମଲୀଳା ପ୍ରଚାର ସମିତି, 'ଆମ ସାହି, ଆମ ରାମଲୀଳା' ସାଂସ୍କୃତିକ ଅନୁଷ୍ଠାନ, ଦି ଭଏସ ସାମାଜିକ ସଂଗଠନ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂଜ୍ୟ ଗୁରୁ ମାରୁତିଶ୍ରୀ ଚକ୍ରଧର ମହାରଣା,ଗୁରୁମର୍ଯ୍ୟଦା ଅକ୍ଷୁର୍ଣ୍ଣ ନିରଞ୍ଜନ ନାୟକଙ୍କ ପଦବନ୍ଦନା କରାଯାଇଥିଲା । ଗୁରୁତତ୍ତ୍ୱର ମହିମା ବର୍ଣ୍ଣନାକରି 'ଆମ ସାହି ଆମ ରାମଲୀଳା' ଅନୁଷ୍ଠାନର ସଭାପତି ପ୍ରଭାତ କୁମାର ଦେବତା ସାମାଜର ଆଧ୍ୟାତ୍ମିକ ଉତ୍‌ଥାନ ପାଇଁ ଯୁଗେଯୁଗେ ଗୁରୁମାନେ କିଭଳି ସାଧାରଣ ମାନବ ରୂପେ ନୂତନ ଦିଗଦର୍ଶନ ଦେଇଛନ୍ତି ତାହା ବର୍ଣ୍ଣନା କହିଥିଲେ । କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ଦାସ,ଦି ଭଏସ୍‌ର ସଭାପତି ଅଶୋକ କୁମାର ଜେନା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଜେନା, ସଂଯୋଜକ ଅବିନାଶ ସାହୁ, ସହ ସମ୍ପାଦକ ରତିକାନ୍ତ ନାୟକ, ଜୟ ମଙ୍ଗଳା ରାମଲୀଳା ପ୍ରଚାର ସମିତିର ସଭାପତି ଦିଲ୍ଲୀପ କୁମାର ସ୍ୱାଇଁ, ସମ୍ପାଦକ ନଳିନ କୁମାର ସେନାପତି ଗୁରୁମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବାଉରୀ ବନ୍ଧୁ ସାହୁ, ମିଳନ କୁମାର ବେହେରା, ଜିତେନ୍ଦ୍ର ବାରିକ, ସୁନୀଲ ସେନାପତି, ବଚନ ସ୍ୱାଇଁ, ସନ୍ତୋଷ ସେନାପତି, ଜ୍ୟୋତିରଞ୍ଜନ ନାୟକ,କାଳନ୍ଦୀ ସେନାପତି,କିଶୋର ଚନ୍ଦ୍ର ସାହୁ, ସାଗର ବେହେରା, ପଦ ସେନାପତି,ରାଜେଶ ସେନାପତି, ଶୁଭଙ୍କର ଦାସ, ସୌମ୍ୟ ରଞ୍ଜନ ନାୟକ,ସନ୍ତୋଷ ନାୟକ, ବିକ୍ରମ ଜେନା, ଭାନୁ ଚରଣ ମହାନ୍ତି, ରାକେଶ ବାରିକ, ଜଗନ୍ନାଥ ଜେନା, ପିନୁ ନାୟକ, ଚିଣ୍ଟା ମୁଖି ଓ ରିତେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ମହିଳାଙ୍କ ଶବ ଜବତ, ସ୍ୱାମୀ ଗିରଫ



**ବାରଙ୍ଗ,୭।୯/ଏନ୍‌ଏନ୍‌ଏସ୍:** ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଶ୍ରୀସ୍ତା ହୋମ୍ସଠାରେ ରହୁଥିବା ଜଣେ ବିବାହିତ ମହିଳାଙ୍କ ମୃତଦେହକୁ ପୁଲିସ ଜବତ କରିଛି । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ ଦଶପଲ୍ଲା ଥାନା ଶ୍ରୀରାମଚନ୍ଦ୍ରପୁର ଗ୍ରାମର ସିଲୁ ବିଶ୍ୱାଳ । ସେ ଦଶପଲ୍ଲା ଥାନା ଖୈରା ଗ୍ରାମ ପଙ୍କାଳ ସାହିର ପ୍ରଭାତ ପ୍ରଧାନଙ୍କ ଝିଅକୁ ପ୍ରେମ କରି ଘରୁ ଚାଲିଆସି ନନ୍ଦନକାନନ ଥାନା ରଘୁନାଥପୁର ଶ୍ରୀସ୍ତା ହୋମ୍ସ ଏ୧ରେ ରହୁଥିଲେ । ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ପ୍ରଭାତ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ଜସ୍ମିନ ପ୍ରଧାନଙ୍କ ବୟସ ୧୭ ବର୍ଷ ୬ ମାସ ଥିବା ସମୟରେ ଅଭିଯୁକ୍ତ ସିଲୁ ବିଶ୍ୱାଳ (ପିତା: ପ୍ରହଲ୍ଲାଦ ବିଶ୍ୱାଳ, ଗ୍ରାମ: ଶ୍ରୀରାମଚନ୍ଦ୍ରପୁର, ଥାନା: ଦଶପଲ୍ଲା, ଜିଲ୍ଲା: ନୟାଗଡ଼) ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ଝିଅକୁ ନେଇଯାଇଥିଲେ । ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନଥିଲେ ଏବଂ ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ରିପୋର୍ଟ ଦାଖଲ କରିଥିଲେ । ପରବର୍ତ୍ତୀ ସମୟରେ ଜସ୍ମିନ ପ୍ରଧାନଙ୍କୁ ତାଙ୍କ ସ୍ୱାମୀ ସିଲୁ ବିଶ୍ୱାଳ, ଶ୍ୱଶୁର ପ୍ରହଲ୍ଲାଦ ବିଶ୍ୱାଳ, ଶାଶୁ ଏବଂ ଦିଅରଙ୍କ ଦ୍ୱାରା ନିର୍ଯାତନା ଓ ଯୌତୁକଜନିତ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଗତ ରବିବାର ପ୍ରାୟ ଅପରାହ୍ନ ୩ଟା ସମୟରେ ଅଭିଯୋଗକାରୀ ତାଙ୍କ ଝିଅଙ୍କ ମୃତ୍ୟୁ ସମ୍ପର୍କରେ ଜାଣିବାକୁ ପାଇଥିଲେ । ଏ ନେଇ ପ୍ରଧାନ ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୁଲିସ ତଦନ୍ତ ସମୟରେ ମୃତା ଜସ୍ମିନ ପ୍ରଧାନଙ୍କ ମୃତଦେହର ପଞ୍ଚନାମା ପ୍ରସ୍ତୁତ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଯାଇଥିଲା । ଶବ ବ୍ୟବଚ୍ଛେଦ ସମ୍ପନ୍ନ ହେବା ପରେ ମୃତାଙ୍କ ମରଶରୀର ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ପ୍ରାଥମିକ ତଦନ୍ତ ସମୟରେ ମିଳିଥିବା ତଥ୍ୟ ଓ ସାକ୍ଷ୍ୟ ଆଧାରରେ ଅଭିଯୁକ୍ତ ସିଲୁ ବିଶ୍ୱାଳଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ,୭।୯/ଏନ୍‌ଏନ୍‌ଏସ୍:** କନ୍ହେଇପୁର ପଞ୍ଚାୟତସ୍ଥିତ ଭଗତପୁର କଲ୍ୟାଣ ମଣ୍ଡପଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୩୪୮ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୩୨୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୩ଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୨୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ସ୍ଥଳରେ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ,ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ସେପ୍ଟେମ୍ବର ୨୧ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ୍ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।



## ବସନ୍ତ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ,୭।୯/ଏନ୍‌ଏନ୍‌ଏସ୍:** ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ଆଧୁନିକ ଓଡ଼ିଶାର ନିର୍ମାତା ବସନ୍ତ କୁମାର ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧବାର୍ଷିକ



ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କଟକ ବାରବାଟୀ ନିକଟସ୍ଥ ଦୟାଶ୍ରମ ରୋଡ୍‌ରେ ଥିବା ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ସ୍ମୃତି ଚାରଣ କରାଯାଇଥିଲା । ସ୍ୱର୍ଗତ ବିଶ୍ୱାଳ ଥିଲେ ଆଧୁନିକ କଟକର ଅନ୍ୟତମ ନିର୍ମାତା, ରିଙ୍ଗବନ୍ଧ ବାନ୍ଧି କଟକ ସହରକୁ ବନ୍ୟା ଦାଉରୁ ରକ୍ଷା କରିଥିଲେ । ଲୋକେ ତାଙ୍କୁ ଦ୍ୱିତୀୟ ବାଇମୁଣ୍ଡି ବୋଲି କହୁଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ମେୟର ସୁବାସ ସିଂ, ଓଜେସି ରାଜ୍ୟ ସଭାପତି ଇଂ.ମହମ୍ମଦ ମୋକିମ, ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ଦୈନିକ ଖବର କାଗଜ ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି, କଟକ ସଦର ବିଧାୟକ ପ୍ରକାଶ ସେଠୀ, ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ ସିଂ, ପୂର୍ବତନ ଡେପୁଟି ମେୟର ମଧୁ ସୂଦନ ସାହୁ, କଟକ ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବିଜେପି ନେତା ଲଲାଟେନ୍ଦୁ ବଡୁ, ହୃଷିକେଶ ଜେନା, ସମାଜସେବୀ ବିଶ୍ୱଜିତ ସୂର୍ଯ୍ୟବଂଶୀ, ଓଜେସି କଟକ ନଗର ସଭାନେତ୍ରୀ ଗିରିବାଳା ବେହେରା, ସ୍ୱପ୍ନା ଫାଉଣ୍ଡେସନର ପ୍ରତିଷ୍ଠାତା ସୁଧାଂଶୁ ପାତ୍ର, ଆଶୀର୍ବାଦ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଦେବଦତ୍ତ ଧଳ, କର୍ପୋରେଟର ବିକାଶ ରଞ୍ଜନ ବେହେରା, ଇଂ.ସୁବ୍ରତ ଘଡେଇ, ସନ୍ତୋଷ ଭୋଳ,ଅରବିନ୍ଦ ଜେନା,ସୌଭାଗିନୀ ଜେନା, ଶୁଭାଶିତ ପଟ୍ଟନାୟକ, ଲିଜାରାଣୀ ରାଉତ, ମୀନା ସାହୁ,ଏମ୍‌ଡିଏ ସଭାପତି ସଞ୍ଜୟ ଜେନା, ମାନବେଶ ରାୟ,ସତ୍ୟବ୍ରତ ପଟ୍ଟନାୟକ,ସୁଶାନ୍ତ ପାତ୍ର, ଯୁଗଳ ନାୟକ, ସରୋଜ ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ସମୀର କର ପରିଚାଳନା କରିଥିଲେ ।

## ସଞ୍ଜୟ ଶର୍ମା ମାରୱାଡ଼ି ସମାଜ ସଭାପତି

**କଟକ,୭।୯/ଏନ୍‌ଏନ୍‌ଏସ୍:** କଟକ ମାରୱାଡ଼ି ସମାଜର ନିର୍ବାଚନରେ ସଭାପତି ଭାବେ ସଞ୍ଜୟ ଶର୍ମା ପୁଣିଥରେ ବିଜୟୀ ହୋଇଛନ୍ତି । ସେ ପୂର୍ବତନ ସଭାପତି ପବନ ଜାଜୋଦିଆଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି । ଶ୍ରୀ ଶର୍ମାଙ୍କୁ ମୋଟ ୨୪୬୧ ଖଣ୍ଡ ଭୋଟ ମିଳିଥିବା ବେଳେ ପବନ ଜାଜୋଦିଆଙ୍କୁ ୯୩୭ ଖଣ୍ଡ ଭୋଟ ମିଳିଥିଲା । ବିଜୟ ପରେ ଶ୍ରୀ ଶର୍ମା କହିଛନ୍ତି ଯେ ସମାଜର ସମସ୍ତ ସଦସ୍ୟଙ୍କୁ ନେଇ ଏକ ଶକ୍ତିଶାଳୀ କ୍ୟାବିନେଟ୍ ଗଠନ କରି ସମସ୍ତଙ୍କୁ ସାଥୀରେ ନେଇ ସମାଜର ବିକାଶ ଦିଗରେ କାର୍ଯ୍ୟ କରିବେ । ତାଙ୍କ ବିଜୟ ପରେ କଟକ ମାରୱାଡ଼ି ସମାଜ ସମେତ ମାରୱାଡ଼ି କ୍ଲବ୍, ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମେଳନ, କଟକ ଜିଲ୍ଲା ମାହେଶ୍ୱରୀ ସଭା,ବିଶ୍ୱ କୋଷାଧ୍ୟକ୍ଷ ଅଗ୍ରୱାଲ ସମାଜ,ଜୈନ ଶ୍ୱେତାମ୍ବର ତେରାପନ୍ଥୀ, ଦିଗମ୍ବର ଜୈନ ସମାଜ, ଜୈନ ସମାଜ ଆଦି ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି । ଅଭିନାଶ ଖେମକା ଓ ଅନ୍ୟ ସହଯୋଗୀ ମାନେ ନିର୍ବାଚନକୁ ପରିଚାଳନା କରିଥିଲେ ।



## ଆଇସିସିର ସଚେତନତା କାର୍ଯ୍ୟକ୍ରମ




**କଟକ,୭।୯/ଏନ୍‌ଏନ୍‌ଏସ୍:** ଖ୍ରୀଷ୍ଟ କଲେଜରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇ.ସି.ସି)ପକ୍ଷରୁ ସ୍ନାତକ ଓ ସ୍ନାତକୋତର ବିଦ୍ୟାର୍ଥୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଡଃ ଦେବଯାନୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇସିସିର ସଂଯୋଜିକା ଡଃ ବିନିତା ନନ୍ଦ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶାଶ୍ୱତୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟ କ୍ଷେତ୍ରରେ ଯୌନ ଉତ୍ପୀଡନ ସମ୍ପର୍କିତ ବିଭିନ୍ନ ଆଇନଗତ ଦିଗ ଉପରେ ସବିଶେଷ ଆଲୋଚନା କରିଥିଲେ । ଆଇସିସିର ସଦସ୍ୟ ଡଃ ଜୀତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଆଇ.ସି.ସିର ଅନ୍ୟତମ ସଦସ୍ୟ ଡଃ ସ୍ୱାତୀ ମହାନ୍ତି, ବିଶ୍ୱରୂପା ମହାନ୍ତି, ଗ୍ରନ୍ଥାଗାରିକ ସ୍ମୃତି ରଂଜନ ମଲ୍ଲିକ, ଛାତ୍ର ପ୍ରତିନିଧି ଶ୍ୱେତାଲକ୍ଷ୍ମୀ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍ନାତକ ଓ ସ୍ନାତକୋତର ବିଦ୍ୟାର୍ଥୀମାନେ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଆବାସିକ ଉନ୍ନୟନ ସଂଘର ନୂତନ କର୍ମକର୍ତ୍ତା



**କଟକ,୭।୯/ଏନ୍‌ଏନ୍‌ଏସ୍:** ରବିବାର ଦିନ ମର୍କତନଗର ସେକ୍ଟର ସାତ ଆବାସିକ ଉନ୍ନୟନ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସଂଘ କାର୍ଯାଳୟ ପରିସରରେ ସଞ୍ଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସାଧାରଣ ସଭାରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନରେ ସଭାପତି ଭାବେ ଲକ୍ଷ୍ମୀଧର ପଣ୍ଡା ନିର୍ବାଚିତ ହୋଇଥିବା ବେଳେ ଉପସଭାପତି କୌସ୍ତୁଭ ଚୌଧୁରୀ ସାଧାରଣ ସମ୍ପାଦକ ଭାବେ ମନୋରଞ୍ଜନ ସାହୁ, ସହ ସମ୍ପାଦକ ଭାବେ ରାଜେଶ ବାରିକ, କୋଷାଧ୍ୟକ୍ଷ ଭାବେ ମନୋଜ କୁମାର ରାଉତରାୟ ପ୍ରମୁଖ ନିର୍ବାଚିତ ହୋଇଛନ୍ତି ।

## ଆଜିଠୁ ନବନିଯୁକ୍ତ ମେଡିକାଲ ଅଫିସରଙ୍କ ପାଇଁ ଅନଲାଇନ୍ ଚଏସ୍ ଲକିଂ

**ଭୁବନେଶ୍ୱର,୭।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ୮୨୨ ଜଣ ମେଡିକାଲ ଅଫିସର, ଗ୍ରୁପ୍-ଏ (ଜୁନିଅର ବ୍ରାଞ୍ଚ)ଙ୍କ ପାଇଁ ଅନଲାଇନ୍ ଚଏସ୍ ଲକିଂ ପ୍ରକ୍ରିୟାର ତାରିଖ ଘୋଷଣା କରାଯାଇଛି । ଆସନ୍ତାକାଲି ଅପରାହ୍ନ ୫ଟାରୁ ସେପ୍ଟେମ୍ବର ୧୧ ତାରିଖ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅନଲାଇନ୍ ଚଏସ୍ ଲକିଂ ପ୍ରକ୍ରିୟା ଚାଲିବ । ଚଏସ୍ ଲକିଂ ସମ୍ପର୍କିତ ଆବଶ୍ୟକ ସୂଚନା ଓ ଅନଲାଇନ୍ ପ୍ରକ୍ରିୟା ପାଇଁ ୱେବସାଇଟ ପରିଦର୍ଶନ କରିବାକୁ କୁହାଯାଇଛି । ଏ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ସ୍ୱାସ୍ଥ୍ୟ ବିଭାଗ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚଏସ୍ ଲକିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ସହ ଦିଆଯାଇଥିବା ସମସ୍ତ ନିର୍ଦ୍ଦେଶାବଳୀକୁ ଠିକ୍ ଭାବେ ପାଳନ କରିବାକୁ ସମସ୍ତ ୮୨୨ ଜଣ ନବନିଯୁକ୍ତ ମେଡିକାଲ ଅଫିସରଙ୍କୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି ।

## ଲେଖକ କଲ୍ୟାଣ ପାଣ୍ଠିକୁ ସହାୟତା



**କଟକ,୭।୯/ଏନ୍‌ଏନ୍‌ଏସ୍:** ଓଡ଼ିଶାର ସର୍ବପ୍ରାଚୀନ ସାରସ୍ୱତ ପ୍ରତିଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଅଭାବଗ୍ରସ୍ତ ଲେଖକ ଲେଖିକାମାନଙ୍କୁ ଚିକିତ୍ସା ପାଇଁ ଯତ କିଞ୍ଚିତ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ଲେଖକ କଲ୍ୟାଣ ପାଣ୍ଠିର ଶୁଭାରମ୍ଭ କରାଯାଇଛି । ଅନୁଷ୍ଠାନର ପୂର୍ବତନ ଉପସଭାପତି ତଥା ସାଧାରଣ ସମ୍ପାଦକ ଓ ବରିଷ୍ଠ ସାମ୍ବାଦିକ ଡକ୍ଟର ସତ୍ୟ ରାୟ ଏବଂ ଅନୁଷ୍ଠାନର ଆଜୀବନ ସଦସ୍ୟା ଓ ପାକ୍ଷିକ ସମ୍ବାଦପତ୍ର 'ବିଶ୍ୱାସ'ର ସମ୍ପାଦିକା କସ୍ତୁରୀ ରାୟ ଏହି ଯୋଜନାକୁ ସଫଳ କରିବା ପାଇଁ ନିଜର ସଂଚିତ ଅର୍ଥରୁ ୫୦ ହଜାର ୫୫୦ ଟଙ୍କା ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଉପ ସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଓ କୋଷାଧ୍ୟକ୍ଷ ଦିଲୀପ କୁମାର ଦାସଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି । ଏହାକୁ ବ୍ୟାଙ୍କରେ ସ୍ଥାୟୀ ଜମା ରୂପେ ରଖାଯାଇ ଏହାର ବାର୍ଷିକ ସୁଧ କଲ୍ୟାଣ ପାଣ୍ଠି ମାଧ୍ୟମରେ ସହାୟତା ପ୍ରଦାନ କରାଯିବ ।

## ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ

# ଦେଢ଼ ଲକ୍ଷ ନଳକୂପ ପାଇଁ ୮୬୫୩.୦୪ କୋଟି

### ୨୦୨୬-୨୭ରୁ ୨୦୩୦-୩୧ ମଧ୍ୟରେ ରାଜ୍ୟର ନିଜସ୍ୱ ସମ୍ବଳରୁ ୨୬ ଜିଲ୍ଲାର ୨୫୬ ବ୍ଲକ୍‌ରେ ହେବ କାର୍ଯ୍ୟକାରୀ

**ଭୁବନେଶ୍ୱର,୭।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାର 'ସୌର ଅଣ-ସୌର ପଟିଂ ବ୍ୟବସ୍ଥା ସହିତ ଗଭୀର ନଳକୂପ ମାଧ୍ୟମରେ ଜଳସେଚନ କ୍ଷମତା ସୃଷ୍ଟି' ପାଇଁ ନୂତନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟରେ ୨୬ଟି ଜିଲ୍ଲା ଅନ୍ତର୍ଗତ ୨୫୬ ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହେବ । ମୋଟ୍ ୧.୫୦ ଲକ୍ଷ ଗଭୀର ନଳକୂପ ପ୍ରକଳ୍ପ ସ୍ଥାପନ ହେବ । ଏଥିଯୋଗୁଁ ୭.୫୦ଲକ୍ଷ ହେକ୍ଟର ଜମି ଜଳସେଚିତ ହୋଇପାରିବ । ଆସନ୍ତା ୫ ବର୍ଷ ପାଇଁ ଅର୍ଥାତ ଆର୍ଥିକ ବର୍ଷ ୨୦୨୬-୨୭ରୁ ୨୦୩୦-୩୧ ମଧ୍ୟରେ ରାଜ୍ୟର ନିଜସ୍ୱ ସମ୍ବଳରୁ ୮,୬୫୩.୦୪ କୋଟି ବ୍ୟୟବରାଦ ହୋଇଛି । ଏନେଇ ଜଳସମ୍ପଦ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି ।

ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ରାଜ୍ୟର ଉଚ୍ଚଭୂମି, ପାହାଡ଼ିଆ ଅଞ୍ଚଳ, ପଶ୍ଚିମ ଓଡ଼ିଶା, କେବିକେ ଜିଲ୍ଲାଗୁଡ଼ିକ ଏବଂ ଅନ୍ୟାନ୍ୟ କଠିନ ଶିଳା ଅଞ୍ଚଳରେ ପ୍ରବାହ ଜଳସେଚନର ସୁବିଧା ସୀମିତ ଥିବାରୁ କୃଷି ଉତ୍ପାଦନ କମ୍ ଏବଂ ରବି ଚାଷର ପରିସର ମଧ୍ୟ ସୀମିତ ରହିଛି । ଏହି ଜଳ-ଅଭାବଗ୍ରସ୍ତ ଅଞ୍ଚଳଗୁଡ଼ିକରେ କୃଷକମାନଙ୍କୁ ନିଶ୍ଚିତ ଜଳସେଚନ ସୁବିଧା ଯୋଗାଇବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଜଳସେଚନ ଓ ଫସଲ ସମ୍ବଳର ସଠିକ୍ ବ୍ୟବହାର, ଉନ୍ନତ ତୀବ୍ରତା ବୃଦ୍ଧି ପାଇବ, ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କୃଷି ଉତ୍ପାଦକତ ଲତା ବୃଦ୍ଧି ପାଇବ । ଏହା ସହିତ ଫସଲ ବିବିଧୀକରଣ ଓ ବାଣିଜ୍ୟିକ କୃଷିର ସମ୍ପ୍ରସାରଣ, ଶ୍ରମ ନିଯୁକ୍ତି, କୃଷକ ପରିବାରଙ୍କ କଲ୍ୟାଣ, କୃଷି ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହନ ମିଳିବ ଏବଂ ବର୍ଷା ନିର୍ଭର କୃଷି ଓ ରାଜ୍ୟର ଋତୁକାଳୀନ ପ୍ରବାସ ଉପରେ ନିର୍ଭରଶୀଳତା ବି ହ୍ରାସ ପାଇବ ବୋଲି ସେ ପ୍ରକାଶ କରିଛନ୍ତି ।



## ନୂଆ ଯୋଜନା 'ବୋଇତ'

## ୬୫୦ କୋଟି ବ୍ୟୟବରାଦ

**ଭୁବନେଶ୍ୱର,୭।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାର 'ଜଳସେଚନ ପ୍ରକଳ୍ପଗୁଡ଼ିକରେ ପର୍ଯ୍ୟଟନ ସୁବିଧାର ବିକାଶ' ବା 'ବୋଇତ' ନାମରେ ଏକ ନୂଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ମୋଟ୍ ୬୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ୫ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରାଜ୍ୟର ନିଜସ୍ୱ ସମ୍ବଳରୁ ତାହା କାର୍ଯ୍ୟକାରୀ କରାଯିବ । ଏଥିସମ୍ପର୍କୀତ ଜଳ ସମ୍ପଦ ବିଭାଗର ଏକ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି ।

ସୋମବାର କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ସୂଚନା ଦେଇଛନ୍ତି । ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଓଡ଼ିଶା ଐତିହାସିକ, ସାଂସ୍କୃତିକ ଏବଂ ଇଞ୍ଜିନିୟରିଂ ଐତିହ୍ୟରେ ସମୃଦ୍ଧ ଜଳ ସମ୍ପ ଓ ସାମୁଦ୍ରିକ ଭିଭିଭୁ ଭିଭୂମିର ଏକ ଗୌରବମୟ ପରମ୍ପରାର ଅଧିକାରୀ । ପ୍ରାଚୀନ କଳିଙ୍ଗର ସମୁଦ୍ର ଯାତ୍ରା, ବାଣିଜ୍ୟ ଓ ସାଂସ୍କୃତିକ ଆଦାନ- ପ୍ରଦାନର ଗୌରବମୟ ପରମ୍ପରାଠାରୁ ଆରମ୍ଭ କରି ବ୍ରିଟିଶ ଶାସନ କାଳ ଏବଂ ସ୍ୱାଧୀନତା ପରବର୍ତ୍ତୀ ପ୍ରାରମ୍ଭିକ ସମୟରେ ନିର୍ମିତ ଐତିହାସିକ ଜଳ ଲସେଚନ ସଂରଚନା ପର୍ଯ୍ୟନ୍ତ, ଏହି ସମ୍ପଦଗୁଡ଼ିକ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶରେ ଅତୁଳନୀୟ ଅବଦାନ ରଖିଆସିଛି । ଏହି ଐତିହ୍ୟର ସଂରକ୍ଷଣ ଓ ପୁନରୁଦ୍ଧାର ଦ୍ୱାରା ପାରମ୍ପରି ରିକ ଜଳ ପରିଚାଳନା ପ୍ରଣାଳୀ ଳୀର ସୁରକ୍ଷା, ସାଧାରଣ ଜନସଚେତନତାର ବୃଦ୍ଧି ଓଡ଼ିଶାର ସ୍ୱତନ୍ତ୍ର ଐତିହାସିକ ପରିଚୟର ସଂରକ୍ଷଣ ସମ୍ଭବ ହେବ । ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଐତିହାସିକ କୋଠାବାଡ଼ି ଓ ସଂରଚନାଗୁଡ଼ିକର ପୁନଃବ୍ୟବହାରକୁ ମଧ୍ୟ ପ୍ରୋତ୍ସାହନ ମିଳିବ । ବିଶେଷକରି ଐତିହ୍ୟବାହୀ ଜଳସେଚନ ସଂରଚନାଗୁଡ଼ିକର ମୂଳ ଜଳ ପ୍ରଣାଳୀକୁ ସ୍ଥିରୀକରଣ ଓ ପୁନର୍ଜୀବିତ କରି ସେଗୁଡ଼ିକର ସଂରକ୍ଷଣ ଏବଂ ଉପଯୁକ୍ତ ଭିତ୍ତିଭୂମି ବିକାଶ ମାଧ୍ୟମରେ ଐତିହ୍ୟ ସମ୍ପଦର ସ୍ଥାୟୀ ଉପଯୋଗର ସୁନିଶ୍ଚିତତା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ଶ୍ରୀମତୀ ଗର୍ଗ ସ୍ପଷ୍ଟ କରିଛନ୍ତି ।

## ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ପାଞ୍ଚ ଦିନିଆ ୟୁଏଇ ଗସ୍ତ



**ପୁଞ୍ଜି ଆକର୍ଷଣ ପାଇଁ ବୃହତ୍ ନିବେଶକ ଓ ଶିଳ୍ପପତିଙ୍କ ସହିତ କରିବେ ଆଲୋଚନା**

**ଭୁବନେଶ୍ବର,୭।୯/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ଠାରୁ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍ସକୁ ପାଞ୍ଚ ଦିନିଆ ଗସ୍ତରେ ଯାଉଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ନିବେଶକ ଓ ଶିଳ୍ପପତିଙ୍କ ସହିତ ଆଲୋଚନା କରିବେ। ଏହାସହିତ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ମଙ୍ଗଳବାର ମୁଖ୍ୟମନ୍ତ୍ରୀ ପ୍ରଥମେ ନୂଆଦିଲ୍ଲୀ ଯାଇ ସେଠାରୁ ଆବୁଧାବି ଯିବେ। ୯ ତାରିଖ ଦିନ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ (ଆଇଏଚ୍ସି), ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ ଗ୍ରୁପ୍, ପେଟ୍ରୋ କେମିକାଲ କ୍ଷେତ୍ରର ବୋରଗ୍ କମ୍ପାନୀ ଆଦି ବିଶ୍ୱସ୍ତରୀୟ କମ୍ପାନୀର ପ୍ରମୁଖ ନେତୃତ୍ୱ ଏବଂ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ। ସେଦିନ ସନ୍ଧ୍ୟାରେ ଦୁବାଇରେ 'ୱାନ୍ ଡିଷ୍ଟ୍ରିକ୍ଟ ୱାନ୍ ପ୍ରଡକ୍ଟ' କାର୍ଯ୍ୟକ୍ରମ ଅଧୀନରେ ଉତ୍ପାଦିତ ଓଡ଼ିଶାର ବିଭିନ୍ନ ଦ୍ରବ୍ୟର ଏକ ପ୍ରଦର୍ଶନୀ ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି। ୧୦ ତାରିଖ ଦିନ ୟୁଏଇର ଅର୍ଥନୀତି ତଥା ପର୍ଯ୍ୟଟନ ମନ୍ତ୍ରୀ ଏବଂ କାଉନ୍ସିଲ ଅଫ୍ ଇଣ୍ଟରନ୍ୟାସନାଲ ଇନ୍‌ଭେଷ୍ଟମେଣ୍ଟସ'ର ଅଧ୍ୟକ୍ଷ ଅବଦୁଲ୍ଲା ବିନ୍ ତକ୍ ଅଲ୍ ମାରିଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ଇଣ୍ଡିଆନ ବିଜନେସ ଆଣ୍ଡ ପ୍ରଫେସନାଲ କାଉନସିଲ, ଏମିରେଟ୍ସ ଗ୍ଲୋବାଲ ଆଲୁମିନିଅମ୍‌ର ପ୍ରମୁଖ ନେତୃତ୍ୱମାନଙ୍କ ସହିତ ଆଲୋଚନା କରିବେ। ମିଡିଲ ଇଷ୍ଟ ରିସାଇକ୍ଲିଂ ଆସୋସିଏସନ୍ ସହିତ ରାଉଣ୍ଡ ଟେବୁଲ ବୈଠକ, ଓଡ଼ିଶା ବିଜନେସ ଡେଲିଗେସନ୍ ସହିତ ଆଲୋଚନା ଆଦି କାର୍ଯ୍ୟକ୍ରମ ମଧ୍ୟ ରହିଛି । ୧୧ ତାରିଖ ଦିନ ଦୁବାଇରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍'ରେ ଉଦ୍ୟୋଗପତି ଓ ଶିଳ୍ପପତିମାନଙ୍କୁ ଭେଟି ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ସୁଯୋଗ ସମ୍ପର୍କରେ ଆଲୋଚନା କରିବେ। ଏହାସହିତ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ମତବିନିମୟ କରିବେ। ୧୨ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରି ଆସିବେ।

**ରାଜସ୍ୱ ମନ୍ତ୍ରୀଙ୍କ ମାରାଥନ୍ ସମୀକ୍ଷା**

# ଭୂଦାନ ଜମି ଜାଲିଆତିର ହେବ ତଦନ୍ତ



**ରାଜ୍ୟର ସମସ୍ତ ଭୂଦାନ ଜମିର ହେବ କମ୍ପ୍ୟୁଟରାଇଜେସନ୍**

**ଭୁବନେଶ୍ବର,୭।୯/ଏନ୍ଏନ୍ଏସ୍:** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଭାଗର ବିଭିନ୍ନ ପ୍ରମୁଖ ଯୋଜନା ଏବଂ ନାଗରିକ କୈନ୍ଦ୍ରିକ ସେବାଗୁଡ଼ିକର କାର୍ଯ୍ୟକାରିତା ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଜନସାଧାରଣଙ୍କୁ ସ୍ୱଚ୍ଛ, ଦ୍ରୁତ ଓ ସୁଗମ ରାଜସ୍ୱ ସେବା ଯୋଗାଇଦେବା ସହ ଜମିଜମା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍କାରମୂଳକ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। ବୈଠକର ଆଲୋଚନା ଅନୁଯାୟୀ, ରାଜ୍ୟରେ ଥିବା ପ୍ରାୟ ସମସ୍ତ ଭୂଦାନ ଜମିର ପୁରାତନ ରେକର୍ଡଗୁଡ଼ିକର ସ୍କାନିଂ, ଡିଜିଟାଲାଇଜେସନ୍ ଏବଂ ' ଭୂଦାନ ଏଲଆର୍ଏମ୍ଏସ୍ ପୋର୍ଟାଲ ମାଧ୍ୟମରେ ଭୂଲେଖ ସହ ଯୋଡ଼ାଯିବାର ବ୍ୟବସ୍ଥା କରାଯିବ। ଡିଜିଟାଲ୍ ରେକର୍ଡ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଭୂଦାନ ଜମିର ଅବୈଧ ହସ୍ତାନ୍ତର ଓ ମ୍ୟୁଟେସନ୍ ଉପରେ କଟକଣା ଲଗାଯିବ। ଭୂଦାନ ଜମି ସମ୍ପର୍କିତ ଜାଲିଆତିର ଦୃଢ଼ ତଦନ୍ତ ହେବା ସହ ବେଆଇନ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ। ଆଚାର୍ଯ୍ୟ ବିନୋବା ଭାବେଙ୍କ ମହତ ଉଦ୍ଦେଶ୍ୟକୁ ଅଗ୍ରାଧିକାର ଦେଇ କେବଳ ପ୍ରକୃତ ବାସହୀନଙ୍କ ସପକ୍ଷରେ ହିଁ ଭୂଦାନ ଜମି ଆବଣ୍ଟନ କରାଯିବ।

ବୈଠକର ସୂଚନା ଅନୁଯାୟୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷାକୁ ପ୍ରାଥମିକତା ଦେଇ ରାଜ୍ୟର ପ୍ରାଥମିକ ପର୍ଯ୍ୟାୟରେ ୧୭ଟି ଜିଲ୍ଲାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ମୋଟ ୩୧,୯୦୬.୫୨ ଏକର (ଖୋର୍ଦ୍ଧା ଜିଲ୍ଲାରେ ୨୦,୫୦୭.୩୬ ଏକର) ଜମି ହାଲ୍ ରେକର୍ଡ ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଏସ୍‌ଜେଟିଏ ଜମିରୁ ବେଆଇନ ଜବରଦଖଲ ଉଚ୍ଛେଦ ଏବଂ ରାଜସ୍ୱ ମାମଲାର ଦ୍ରୁତ ସମାଧାନ ପାଇଁ କଡ଼ା ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଜିଲ୍ଲା ତଥା ଅନ୍ୟ ରାଜ୍ୟମାନଙ୍କରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷା ଏବଂ ପୁନରୁଦ୍ଧାରକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟରାଜ୍ୟମାନଙ୍କୁ ପର୍ଯ୍ୟାୟକ୍ରମେ ଚିଠି ଲେଖାଯାଇ ସେସବୁ ରାଜ୍ୟରେ ଥିବା ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ ସହ ସେସବୁର ପୁନରୁଦ୍ଧାର କରାଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ, ମାର୍ଫତ୍ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସପକ୍ଷରେ ସମ୍ପୂର୍ଣ୍ଣ ପଞ୍ଜୀକରଣ ନିମନ୍ତେ ପଦକ୍ଷେପ ନିଆଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏଥିସହିତ ବସୁନ୍ଧରା ଯୋଜନାରେ ସର୍ଭେ କରାଯାଇ ଗତ ଦୁଇ ବର୍ଷରେ ୩୪,୨୫୧ ଯୋଗ୍ୟ ଭୂମିହୀନ ପରିବାରଙ୍କୁ ଘରଡ଼ିହ ଆବଣ୍ଟନ କରାଯାଇଥିବା ବେଳେ ଯୋଜନାର ସଫଳ ରୂପାୟନ ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରାଥମିକତା ଦେଇ ବିଭିନ୍ନ ସମସ୍ୟାର ସୁବ୍ୟବସ୍ଥିତ ସମାଧାନ ନିମନ୍ତେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେହିପରି ରାଜ୍ୟର ମୋଟ ୫୨,୦୫୬ଟି ଶିକ୍ଷାନୁଷ୍ଠାନ (ଡିଗ୍ରୀ କଲେଜ, ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟ) ମଧ୍ୟରୁ ୨୭,୫୫୬ଟି ଅନୁଷ୍ଠାନ ସପକ୍ଷରେ ଜମିପଟ୍ଟା ସଂଶୋଧନ ସରିଛି। ଲିଜ୍ ଯୋଗ୍ୟ ଜମିରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ୩୧ ଡିସେମ୍ବର ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ଜକ୍କଜ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ରାଜସ୍ୱ ପର୍ଷଦର ସଚିବ, ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

**ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ରାଜ୍ୟପାଳ**

## 'ସୁଯୋଗକୁ ଅପେକ୍ଷା ନକରି ନିଜେ ସୁଯୋଗ ସୃଷ୍ଟି କର'

**ଭୁବନେଶ୍ବର,୭।୯/ଏନ୍ଏନ୍ଏସ୍:** ଚାକିରି ଓ ସୁଯୋଗକୁ ଅପେକ୍ଷା ନକରି ନିଜେ ସୁଯୋଗ ସୃଷ୍ଟି କରିବା ସହ ସମସ୍ୟା ସମାଧାନକାରୀ, ନବସୃଜନକାରୀ ଓ ଉଦ୍ୟୋଗୀ ହେବାକୁ ସ୍ନାତକମାନଙ୍କୁ ଓଡ଼ିଶାରରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ସୋମବାର ବୁର୍ଲାସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ସମାରୋହରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ସ୍ନାତକମାନେ ନିଜେ ସୁଯୋଗ ସୃଷ୍ଟି କରିବା ପାଇଁ ସାହସ ଓ ଦକ୍ଷତା ବିକଶିତ କରନ୍ତୁ। ସ୍ନାତକମାନଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ଭାରତ ଆତ୍ମବିଶ୍ୱାସର ସହ ଆଗକୁ ବଢୁଥିବା ସମୟରେ ଯୁବପିଢ଼ି ବୃତ୍ତିଗତ ଜୀବନରେ ପ୍ରବେଶ କରୁଛନ୍ତି। କୃତ୍ରିମ ବୁଦ୍ଧିମତ୍ତା, ଉନ୍ନତ ଉତ୍ପାଦନ, ବାୟୋଟେକ୍ନୋଲୋଜି, ମହାକାଶ ଓ ସ୍ୱଚ୍ଛ ଶକ୍ତି ଭଳି କ୍ଷେତ୍ର ଯୁବ ପେସାଦାର ଓ ଉଦ୍ୟୋଗୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛି। ଜାତୀୟ ଶିକ୍ଷା ନୀତି ୨୦୨୦ରେ ବହୁବିଷୟକ ଶିକ୍ଷା, ସୂକ୍ଷ୍ମ ଚିନ୍ତନ, ଦକ୍ଷତା, ଗବେଷଣା ଓ ଉଦ୍ୟମିତା ଉପରେ ଗୁରୁତ୍ୱ ଦିଆଯାଇଥିବା ରାଜ୍ୟପାଳ କହିଥିଲେ। କେବଳ ନମ୍ବର ଓ ଡିଗ୍ରୀ ନୁହେଁ, ସମାଜ ଓ ଅର୍ଥନୀତିରେ ଅର୍ଥପୂର୍ଣ୍ଣ ଯୋଗଦାନ କରିପାରିବା ଭଳି ଦକ୍ଷତା ବିକଶିତ କରିବା ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ଏହି ଅବସରରେ ଏନଇପି ୨୦୨୦ର ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ସମାଜ ପ୍ରତି ଶିକ୍ଷାନୁଷ୍ଠାନମାନଙ୍କର ଦାୟିତ୍ୱ ଉପରେ ଗୁରୁତ୍ୱ ଦେଇ ରାଜ୍ୟପାଳ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମ ଗ୍ରହଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପରିବେଶ ସୁରକ୍ଷାରେ ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କର ଭୂମିକାକୁ ମଧ୍ୟ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ଲୋକ ଭବନକୁ ଇଣ୍ଡିଆନ୍ ଗ୍ରୀନ୍ ବିଲ୍ଡିଂ କାଉନସିଲର ଗ୍ରୀନ୍ କ୍ୟାମ୍ପସ ରେଟିଂ ସିଷ୍ଟମରେ ପ୍ଲାଟିନମ୍ ପ୍ରମାଣପତ୍ର ମିଳିଥିବା ପ୍ରସଙ୍ଗ ଉଲ୍ଲେଖ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଅକ୍ଷୟ ଶକ୍ତି, ଜଳ ସଂରକ୍ଷଣ, ବର୍ଜ୍ୟ ପରିଚାଳନା, ଗ୍ରୀନ୍ ବିଲ୍ଡିଂ ଓ ସ୍ଥାୟୀ କ୍ୟାମ୍ପସ ବ୍ୟବସ୍ଥା ଦିଗରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶକୁ ଉଲ୍ଲେଖ କରି ସେ 'କର୍ପୋରେଟ୍ ସୋସିଆଲ୍ ରେସପନ୍ସିବିଲିଟି' ସହ 'ସିଟିଜେନ୍ ସୋସିଆଲ୍ ରେସପନ୍ସିବିଲିଟି'ର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଏହି ସମାବର୍ତ୍ତନ ସମାରୋହରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉଦବୋଧନ ଦେଇଥିଲେ। କୁଳପତି ବିଧୁ ଭୂଷଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟପାଳ କୃତୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଡିଗ୍ରୀ ପ୍ରଦାନ କରିଥିଲେ।

**ଆଇଏଏସ୍‌ସ୍ତରରେ ଅଦଳବଦଳ**

## ଏସ୍ଏସ୍ଇପିଡିର ନୂଆ ସଚିବ ବୃନ୍ଦା ଡି

**ଓଏମ୍‌ସି ନୂଆ ଏମ୍‌ଡି ସୁଧାଂଶୁ ସାମଲ**

**ଭୁବନେଶ୍ବର,୭।୯/ଏନ୍ଏନ୍ଏସ୍:** ସୋମବାର ରାଜ୍ୟ ସରକାର ଆଇଏଏସ୍‌ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ତଦନୁଯାୟୀ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ(ଏସ୍ଏସ୍ଇପିଡି)ର ନୂଆ ଶାସନ ସଚିବ ଡା. ବୃନ୍ଦା ଡି. ହୋଇଥିଲାବେଳେ ଓଡ଼ିଶା ଖଣି ନିଗମ(ଓଏମସି) ଲିମିଟେଡ୍‌ର ନୂଆ ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ହୋଇଛନ୍ତି।ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବଦଳିଛନ୍ତି। ସେ ଏବେ ସ୍ଥାୟୀ ଭାବେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ କାର୍ଯ୍ୟସମ୍ପାଦନ କରିବେ। ପୂର୍ବରୁ ଏହି ପଦବୀରେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ସେହିପରି ଶ୍ରୀ ବଶିଷ୍ଠ ସଂସଦୀୟ ବ୍ୟାପାର ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ସମ୍ଭାଳିବେ।

ମିଶନ୍ ଶକ୍ତି ନିର୍ଦ୍ଦେଶିକା ତଥା ଅତିରିକ୍ତ ଦାୟିତ୍ୱରେ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ବୃନ୍ଦା ଡିଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଭାବେ ନୂଆ ନିଯୁକ୍ତି କରାଯାଇଛି। ସେହିପରି ବରିଷ୍ଠ ଆଇଏଏସ୍ ସୁଧାଂଶୁ ମୋହନ ସାମଲ ଓଡ଼ିଶା ଖଣି ନିଗମ ଲିମିଟେଡ୍‌ର ନୂଆ ପରିଚାଳନା ନିର୍ଦ୍ଦେଶକ ହୋଇଛନ୍ତି। ଓଡିଶା ଖଣି ନିଗମ ଲିମିଟେଡ୍‌ର ଅଧ୍ୟକ୍ଷ ଭାବରେ ଥିବା ଗିରିଶ ଏସ୍ ଏନ୍‌ଙ୍କ ଅତିରିକ୍ତ ଦାୟିତ୍ୱ ସମାପ୍ତ ହୋଇଛି। ତେବେ, ଶ୍ରୀ ସାମଲଙ୍କୁ ରାଜସ୍ୱ ମଣ୍ଡଳ ଆୟୁକ୍ତ(କେନ୍ଦ୍ରାଞ୍ଚଳ), କଟକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

**RITES LIMITED**
(A Govt. Of India Enterprise)
Shikhar, Plot No.1, Sector-29, Gurgaon – 122001

**Requires hard working professionals on Regular Basis for the following post(s) through Written Test/Interview**

| VC Nos. | Posts | No. of Positions | Important Dates |
|---|---|---|---|
| RG/16/26 | GM (Team Leader/Metro works) | 01 | Last Date of Application 30.09.2026 |
| RG/17/26 | JGM (Geotechnical Expert/Metro works) | 01 | |
| RG/18/26 | DGM (Architect/Metro works) | 01 | |
| RG/19/26 | DGM (Structural Engineer / Buildings) | 01 | |
| RG/20/26 | Assistant Manager (Structural Engineer/Buildings) | 01 | Last Date of Application 30.09.2026 & Written Test 11.10.2026 |
| RG/21/26 | Assistant Manager (BIM Expert/Public Health Engineering) | 01 | |
| RG/22/26 | Assistant Manager/Architect (Healthcare / Hospital Expert) | 01 | |
| RG/23/26 | Assistant Manager (Architect/Building Expert) | 07 | |
| RG/24/26 | Assistant Manager (Architect/Metro Rail Expert) | 01 | |

For complete details, candidates may see the detailed advertisement posted on RITES website www.rites.com under Career Section.

## ହସ୍ତଶିଳ୍ପୀଙ୍କୁ ଉପକରଣ କିଟ୍ ବଣ୍ଟନ



**ଭୁବନେଶ୍ବର,୭।୯/ଏନ୍ଏନ୍ଏସ୍:** ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପକୁ ଆଧୁନିକ ବଜାର ସହିତ ଯୋଡ଼ିବା ଏବଂ ହସ୍ତଶିଳ୍ପୀଙ୍କ ଉତ୍ପାଦନକ୍ଷମତା ଓ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ଉନ୍ନତ ଉପକରଣ କିଟ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିମିଟେଡ୍ ୧୯୫୯ ମସିହାଠାରୁ ରାଜ୍ୟର ହସ୍ତଶିଳ୍ପୀମାନଙ୍କ କଲ୍ୟାଣ ଓ ବିକାଶ ପାଇଁ କାର୍ଯ୍ୟ କରିଆସୁଛି। ହସ୍ତଶିଳ୍ପୀଙ୍କୁ ବଜାର ସୁବିଧା, ବିକ୍ରୟ ବ୍ୟବସ୍ଥା, କଞ୍ଚାମାଲ ଯୋଗାଣ ଏବଂ ଆଗୁଆ-ପଛୁଆ ସଂଯୋଗ ପ୍ରଦାନ କରିବା ସହିତ ଓଡ଼ିଶାର କଳା ଓ ହସ୍ତଶିଳ୍ପର ଗୌରବକୁ ଅକ୍ଷୁଣ୍ଣ ରଖିବା ଦିଗରେ ନିଗମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଉଦ୍ଦେଶ୍ୟରେ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ବିକାଶ ଆୟୁକ୍ତ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀଙ୍କ ଠାରୁ ଓଡ଼ିଶାର ୧୨ଟି ଜିଲ୍ଲାରେ ୭ଟି ଭିନ୍ନ ଭିନ୍ନ ହସ୍ତଶିଳ୍ପ ପାଇଁ ୧,୨୦୦ଟି ଉନ୍ନତ ଉପକରଣ କିଟ୍ ବଣ୍ଟନ ପାଇଁ ଅନୁମୋଦନ ମିଳିଛି। ଏହି ଯୋଜନାରେ ଚାନ୍ଦୁଆ, କାଠ, ପଥର, ଶିଙ୍ଗ, ଲୌହ, ମୃତ୍ତିକା ଓ ପିତଳ ଧାତୁ ଶିଳ୍ପ ସମେତ ୭ଟି ହସ୍ତଶିଳ୍ପ କ୍ଷେତ୍ରର ଶିଳ୍ପୀମାନେ ଉପକୃତ ହେବେ। ଆଜିର ସମାରୋହରେ ୧୫୦ ଜଣ ଆପ୍ଲିକ୍ କ୍ରାଫ୍ଟ ହସ୍ତଶିଳ୍ପୀଙ୍କୁ ଉନ୍ନତ ଉପକରଣ କିଟ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଦେବସ୍ମିତା ସାହୁ, ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର , ଅତିରିକ୍ତ ସଚିବ ଚିନ୍ମୟୀ ବିଶ୍ୱାଳ, ଉପନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି, ଉପ ଶାସନସଚିବ ଶେଷଦେବ ଖଟୁଆ, ସହକାରୀ ନିର୍ଦ୍ଦେଶକ ଭୁବନ ଭାସ୍କର ଆଦି ଉପସ୍ଥିତ ଥିଲେ।

# ସ୍ୱାଧ୍ୱୀ ଋତୁମ୍ଭରାଙ୍କ ଭାଗବତ କଥାରେ ମୁଖ୍ୟମନ୍ତ୍ରୀ



**ବୌଦ୍ଧିକ ବିକାଶ ପାଇଁ ଆହ୍ୱାନ**

**ପୁରୀ,୭।୯/ଏନ୍ଏନ୍ଏସ୍:** ପୁରୀରେ ଆୟୋଜିତ ସ୍ୱାଧ୍ୱୀ ଋତୁମ୍ଭରାଙ୍କ ସାତଦିନିଆ ଭାଗବତ କଥା ଆଲୋଚନାରେ ଯୋଗଦେଇ ଆଶୀର୍ବଚନ ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସ୍ୱାଧ୍ୱୀଙ୍କ ମୁଖରୁ ଭାଗବତ କଥା ଶୁଣି ନିଜର ବୌଦ୍ଧିକ ବିକାଶ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପୁରୀକୁ ଆଧ୍ୟାତ୍ମିକ ରାଜଧାନୀ ଭାବେ ବିକଶିତ କରିବାକୁ ସରକାର ଯେଉଁ ପ୍ରୟାସ କରୁଛନ୍ତି, ସେଥିମଧ୍ୟରେ ଏଭଳି ଭାଗବତ କଥାର ଆୟୋଜନ ବେଶ୍ ଗୁରୁତ୍ୱ ବହନ କରେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶାରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତକୁ ଦୀର୍ଘଦିନ ଧରି ବିଶେଷ ଗୁରୁତ୍ୱ ଦିଆଯାଇଆସୁଛି। ଭାଗବତରେ ଥିବା ଆଧ୍ୟାତ୍ମିକ ଓ ନୈତିକ ବାର୍ତ୍ତାକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ସରକାର ପ୍ରୟାସ କରୁଥିବା ବେଳେ ଏଭଳି ଆୟୋଜନ ଏକ ସଠିକ୍ ମାର୍ଗ ଦେଖାଇବ ବୋଲି ସେ କହିଥିଲେ। ଓଡ଼ିଆ ଅସ୍ମିତାର ପ୍ରତୀକ ଓଡ଼ିଆ ଭାଗବତ ଏବଂ ଭାଗବତ ଟୁଙ୍ଗିର ସୁରକ୍ଷା ଓ ସଂରକ୍ଷଣ ରାଜ୍ୟ ସରକାରଙ୍କ ପ୍ରାଥମିକତା ମଧ୍ୟରେ ରହିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଏଥିସହ ରାମ ଜନ୍ମଭୂମି ଆନ୍ଦୋଳନରେ ସ୍ୱାଧ୍ୱୀ ଋତୁମ୍ଭରାଙ୍କ ଭୂମିକା ଓ ତାଙ୍କ ସଂଘର୍ଷ ଅନେକଙ୍କୁ ପ୍ରେରଣା ଯୋଗାଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ପରମଶକ୍ତି ପୀଠ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ରଖାଯାଇଥିବା ଦାବିଗୁଡ଼ିକୁ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କ୍ରମରେ ଓଡ଼ିଶାର ବିଭିନ୍ନ ଅନଗ୍ରସର ଅଞ୍ଚଳରେ ସେବାକାର୍ଯ୍ୟ କରାଯିବ। ବାତ୍ସଲ୍ୟ ଗ୍ରାମ, ଗୁରୁକୁଳମ ଓ ସୈନିକ ସ୍କୁଲ ଭଳି ପ୍ରକଳ୍ପକୁ ପରମଶକ୍ତି ପୀଠ ପକ୍ଷରୁ ରୂପରେଖ ଦିଆଯିବ ବୋଲି ଜଣାପଡ଼ିଛି। ସାତଦିନିଆ ସ୍ୱାଧ୍ୱୀ ଋତୁମ୍ଭରାଙ୍କ ଭାଗବତ କଥା କାର୍ଯ୍ୟକ୍ରମର ସୋମବାର ଥିଲା ଶେଷ ଦିନ। ଶେଷ ଦିନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାଧ୍ୱୀଙ୍କ ଭାଗବତ କଥା ଶ୍ରବଣ କରିଥିଲେ।

**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୫ମ ସମାବର୍ତ୍ତନ ସମାରୋହ**

# ଜିଏମ୍‌ୟୁ 'ସମାବେଶୀ ସମାଜଦର୍ଶନର ଅନନ୍ୟ ପ୍ରୟୋଗଶାଳା': ଧର୍ମେନ୍ଦ୍ର

**ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଯୁବପିଢ଼ି ଗୁରୁ ଦାୟିତ୍ୱ ନିଅନ୍ତୁ**




**ସମ୍ବଲପୁର,୭।୯/ଏନ୍ଏନ୍ଏସ୍:** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) 'ସମାବେଶୀ ସମାଜଦର୍ଶନର ଅନନ୍ୟ ପ୍ରୟୋଗଶାଳା'। ଏହି ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ଦେଉଥିବା ଏକ ଶିକ୍ଷାନୁଷ୍ଠାନ ନୁହେଁ; ଏହା ଏପରି ଏକ କେନ୍ଦ୍ର ଯେଉଁଠାରେ ଶିକ୍ଷା ଗ୍ରହଣ କରି ବିଦ୍ୟାର୍ଥୀମାନେ ସମାଜର ସବୁ ବର୍ଗର ଲୋକଙ୍କୁ ସାଙ୍ଗରେ ନେଇ ଚାଲିବା ଏବଂ ସମାଜର ସେବା କରିବାର ସଂସ୍କାର ଓ ଦକ୍ଷତା ଶିଖିଥାନ୍ତି। ସୋମବାର ଜିଏମ୍‌ୟୁର ୫ମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ଗଙ୍ଗାଧର ମେହେର କଲେଜରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏହି ଅନୁଷ୍ଠାନର ଯାତ୍ରା ବହୁତ ଗୌରବମୟ। ଏହି ବିଶ୍ୱବିଦ୍ୟାଳୟ ଅନେକ ସୁନାମଧନ୍ୟ ବ୍ୟକ୍ତିମାନଙ୍କୁ ତିଆରି କରିଛି। ସମାବର୍ତ୍ତନ ଉତ୍ସବର ମୂଳ ଉଦ୍ଦେଶ୍ୟ କେବଳ ନିଜ ପରିବାର ମଧ୍ୟରେ ସୀମିତ ରହିବା ନୁହେଁ, ବରଂ ସମାଜର ଦାୟିତ୍ୱ ନେଇ ଦେଶ ଓ ଜାତି ପାଇଁ ଗୌରବ ଆଣିବା। ସମୟାନୁସାରେ ପୁରୁଣାର ରୂପାନ୍ତର ହୁଏ ଏବଂ ଜିଏମ୍‌ୟୁ ନିଜର ସମାବେଶୀ ସମାଜଦର୍ଶନ ବଳରେ ବିଶ୍ୱବିଦ୍ୟାଳୟ ଭାବେ ଆଗକୁ ବଢ଼ିବା ଏହାର ନିୟତିରେ ଲିଖିତ। ସେ ଆହୁରି କହିଛନ୍ତି ଯେ, ଗୋଟିଏ ସମୟରେ ଆମେ ଗୁରୁଙ୍କଠାରୁ ଜ୍ଞାନ ପାଉଥିଲେ, କିନ୍ତୁ ଆଜିର ବଦଳୁଥିବା ଯୁଗରେ ଇଣ୍ଟରନେଟ୍, ଏଆଇ ଓ ଚାଟଜିପିଟି ଜ୍ଞାନ ଦେଉଛି। ଏପରି ସମୟରେ କେବଳ ଡିଗ୍ରୀ ଯଥେଷ୍ଟ ନୁହେଁ; ଜ୍ଞାନ ସହ କୌଶଳ ମିଶିଲେ ହିଁ ପ୍ରକୃତ ଦକ୍ଷତା ବାହାରିଥାଏ। ଜିଏମ୍‌ୟୁରେ ପ୍ରତିଷ୍ଠା ହେଉଥିବା 'ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ ପବ୍ଲିକ୍ ପଲିସି' ଆଗାମୀ ଦିନରେ ଆମ ଅଞ୍ଚଳ, ରାଜ୍ୟ, ଦେଶ ଓ ମାନବସମାଜର ଭବିଷ୍ୟତ ଆବଶ୍ୟକତାକୁ ନେଇ ନୀତିଗତ ଗବେଷଣା କରିବ।

ଶ୍ରୀ ପ୍ରଧାନ କହିଛନ୍ତି, ଆଜି ବିଶ୍ୱବ୍ୟାପୀ ମାନସିକ ସ୍ୱାସ୍ଥ୍ୟ, ରୋଜଗାର ଓ ମୂଲ୍ୟବୋଧ ଏକ ମୁଖ୍ୟ ପ୍ରସଙ୍ଗ ହୋଇଛି। ସମାଜର ଗରିବ ଓ କଷ୍ଟରେ ଥିବା ଲୋକଙ୍କ କଥା ଭାବିବା ହିଁ ପ୍ରକୃତ ବିଦ୍ୟାର୍ଥୀର ଲକ୍ଷ୍ୟ। ଆଜି ଡିଗ୍ରୀ ଓ ପଦକ ନେଉଥିବା ଛାତ୍ରଛାତ୍ରୀମାନେ ନିଜର ଦାୟିତ୍ୱବୋଧ ବଳରେ ଏହି ଅଞ୍ଚଳକୁ ଅର୍ଥନୈତିକ, ସାମାଜିକ, ବୈଷୟିକ ଓ ମାନସିକ ବିକାଶର ନୂଆ ଉଚ୍ଚତାକୁ ନେବେ ବୋଲି ଶ୍ରୀ ପ୍ରଧାନ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି।

ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସମାରୋହରେ ଯୋଗଦେଇଥିଲେ। ଏହି ଅବସରରେ ସ୍ନାତକ, ସ୍ନାତକୋତ୍ତର ଓ ଅନ୍ୟ ଡିଗ୍ରୀ ଓ ସ୍ୱର୍ଣ୍ଣପଦକ ହାସଲ କରିଥିବା ସମସ୍ତ ଯୁବ ପ୍ରତିଭାଙ୍କୁ ସେ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ନୂତନ ଜୀବନର ଅଭିଯାତ୍ରା ପାଇଁ ଶୁଭେଚ୍ଛା ପ୍ରକାଶ କରିଛନ୍ତି।

## ଜେଇଙ୍କ ୧୨୩% ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି

**ଭୁବନେଶ୍ବର,୭।୯/ଏନ୍ଏନ୍ଏସ୍:** ଚଳିତ ବର୍ଷ ଜାନୁଆରୀ ମାସରେ ଲାଞ୍ଚ ନେଇ ଧରାପଡ଼ିଥିବା ବାଲେଶ୍ୱର ଉଠାଜଳସେଚନ ବିଭାଗ (ଓଏଲ୍‌ଆଇସି ଡିଭିଜନ୍)ର କନିଷ୍ଠ ଯନ୍ତ୍ରୀ (ଜେଇ) ସୁବ୍ରତ ମହାନ୍ତିଙ୍କ ଠାରେ ୧୨୩ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ହୋଇଥିବା ଯାଞ୍ଚରୁ ଜଣାପଡ଼ିଛି। ଏହାପରେ ଭିଜିଲାନ୍ସ ବିଭାଗ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ଆଉ ଏକ ମାମଲା ରୁଜୁ କରିଛି। ଭିଜିଲାନ୍ସ ଠାରୁ ମିଳିଥିବା ସୂଚନାନୁସାରେ, ସମ୍ପୃକ୍ତ ଜେଇଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହାପରେ ଶ୍ରୀ ମହାନ୍ତିଙ୍କୁ ଗିରଫ କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଛି। ସୂଚନାଯୋଗ୍ୟ, ଏହାପୂର୍ବରୁ ପୁରୁଣା ବିଲ୍‌ର ଅର୍ଥ ପୈଠ କରିବା ନିମନ୍ତେ ୬୦ହଜାର ଟଙ୍କା ଲାଞ୍ଚନେବା ଘଟଣାରେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରି ଏକ ମାମଲା ରୁଜୁ କରିଥିଲା।

## ଛେଳି ଚୋରି ସନ୍ଦେହ

# ୪ ଯୁବକଙ୍କୁ ମାଡ଼, ଭିଡିଓ ଭାଇରାଲ୍

**ହିଞ୍ଜିଳିକାଟୁ,୭।୯/ଏନ୍ଏନ୍ଏସ୍:** ଛେଳି ଚୋରି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ୪ ଜଣ ଯୁବକଙ୍କୁ ଗ୍ରାମବାସୀ କାବୁ କରି ପୁଲିସରେ ଜିମା ଦେଇଛନ୍ତି। ତେବେ କାବୁ କରାଯାଇଥିବା ଯୁବକମାନଙ୍କୁ ଗାଁ ଦାଣ୍ଡରେ ମାଡ଼ ମାରାଯାଇଥିବା ଘଟଣାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଶନିବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ଅନ୍ତର୍ଗତ ଖଇରବେଠି ଗ୍ରାମରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବ୍ରହ୍ମପୁର ଅଞ୍ଚଳର ୪ ଜଣ ଯୁବକ ରାତିରେ ଖଇରବେଠି ଗ୍ରାମରେ ପହଞ୍ଚିଥିଲେ। ସେମାନେ ଜଣେ ଗ୍ରାମବାସୀଙ୍କ ଛେଳି ଗୁହାଳରେ ପଶି ଛେଳି ଚୋରି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏହି ସମୟରେ ଗ୍ରାମର ଜଣେ ଯୁବକ ଘର ବାହାରକୁ ଆସି ଗୁହାଳ ଭିତରେ



୪ ଜଣଙ୍କୁ ଦେଖିଥିଲେ। ସେ ଚିତ୍କାର କରିବାରୁ ଗ୍ରାମବାସୀ ଏକତ୍ରିତ ହୋଇ ସମସ୍ତଙ୍କୁ କାବୁ କରିଥିଲେ। ପରେ ଗାଁ ଦାଣ୍ଡରେ କେତେକ ଲୋକେ ସେମାନଙ୍କୁ ଠେଙ୍ଗା ବାଡ଼ିରେ ମାଡ଼ ମାରିଥିବା ଭିଡିଓରେ ଦେଖାଯାଇଛି। ଖବର ପାଇ ହିଞ୍ଜିଳି ପୁଲିସ ଘଟଣାସ୍ଥଳରେ ପହଞ୍ଚି ୪ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଗିରଫ ଯୁବକମାନେ ହେଲେ ବ୍ରହ୍ମପୁର ଟାଉନ୍ ଥାନା ଅଞ୍ଚଳର ଏସ୍. କାହ୍ନା ରାଓ (୩୦), ଦିଗପହଣ୍ଡି ଥାନା ନରସିଂହପୁର ଗ୍ରାମର କାହ୍ନୁ ଚରଣ ମହାରଣା(୨୪), ନିମଖଣ୍ଡି ଥାନା ଲୋଚାପଡ଼ା ଗ୍ରାମର ରାଜେନ୍ଦ୍ର ସାହୁ ଓରଫ ବବୁଲ(୨୧) ଏବଂ ହିଞ୍ଜିଳି ଥାନା ତହଁର ଗ୍ରାମର ବିଭୁତି ଭୁଷଣ ମହାରଣା(୩୨)। ଏ ସମ୍ପର୍କରେ ହିଞ୍ଜିଳି ଥାନାରେ କେସ୍ ନଂ ୬୩୧/୨୬ରେ ମାମଲା ରୁଜୁ ହୋଇଛି। ରବିବାର ସମସ୍ତଙ୍କୁ ଶେରଗଡ଼ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠୀଙ୍କ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ଯୁବକମାନଙ୍କୁ ମାଡ଼ ମାରିବା ଘଟଣାରେ ମଧ୍ୟ ପୁଲିସ ତଦନ୍ତ ଚଳାଇଛି।

# ବିକ୍ରମ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




**ଆସିକା,୭।୯/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଜମିନ୍‌ରେ ଜେଲ୍‌ରୁ ବାହାରିବା ପରେ ସପରିବାର ଭଞ୍ଜନଗର କୁଲାଡ ସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ବ୍ୟାଘ୍ରଦେବୀଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା ଓ ଦର୍ଶନ କରିଥିଲେ। ସେଠାରୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସାରି ଫେରିବା ବେଳେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆସିକାର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଏବଂ ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ପରାମର୍ଶକ୍ରମେ ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଜୁ ମହିଳା ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଦସ୍ୟା ଅନିମା ପରିଡା, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା, ଆସିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଜେଡି ନେତା ସୂର୍ଯ୍ୟକାନ୍ତ ପରିଡା, ବିଜେଡି ନେତା ଅଜୟ କୁମାର ମହାରଣା, ଦିଲୀପ କୁମାର ପାଣିଗ୍ରାହୀ, ଅନିଲ୍ କୁମାର ନାୟକ, ଅଜିତ୍ କୁମାର ଚୌଧୁରୀ, ସନ୍ତୋଷ କୁମାର ନାୟକ, ଜିତେନ୍ଦ୍ର କୁମାର ବିଷୋୟୀ, ରଂଜନ କୁମାର ବିଷୋୟୀ, ଜୟସେନ ସ୍ୱାଇଁ, ମାନସ ରଂଜନ ଗୌଡ, ଜିତେନ୍ଦ୍ର କୁମାର ମହାରଣା, ବିମଳ ପ୍ରଧାନ, ସାଇରାଜ ଦଳେଇ, ପ୍ରଣବ କୁମାର ପାଢୀ, ଟୁକୁନା ନାହାକ, ବାପିନା ଜେନା, ଭଗବାନ ବିଶ୍ୱାଳଙ୍କ ସମେତ ବହୁ ଦଳୀୟ ନେତା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପୂର୍ବତନ ବିଧାୟକ ଶ୍ରୀ ପଣ୍ଡା ଦଳୀୟ ନେତାମାନଙ୍କ ସହ ଆଲୋଚନା କରିଥିଲେ। ଦଳର ସାଙ୍ଗଠନିକ ସ୍ଥିତିକୁ ଆହୁରି ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ପଞ୍ଚାୟତ, ପୌର ଓ ସମବାୟ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତ ହୋଇ ରହିବା ସହ ଲୋକଙ୍କ ସେବା ଜାରି ରଖିବାକୁ ପରାମର୍ଶ ଦେଇଥିଲେ।

# ବଡ଼ ଡାକ୍ତରଖାନା ଚକ୍ଷୁ ବିଭାଗ ପକ୍ଷରୁ ୪୧ତମ ଚକ୍ଷୁଦାନ ପକ୍ଷ

**ବ୍ରହ୍ମପୁର,୭।୯/ଏନ୍ଏନ୍ଏସ୍:** ମହାରାଜ କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ଚକ୍ଷୁ ବିଭାଗ ପକ୍ଷରୁ ୪୧ ତମ ଚକ୍ଷୁଦାନ ପକ୍ଷ ପାଳିତ ହୋଇଯାଇଛି । ଚକ୍ଷୁ ବିଭାଗର ମୁଖ୍ୟ ପ୍ରଫେସର ପ୍ରଜ୍ଞା ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ଚକ୍ଷୁ ବିଭାଗ ତରଫରୁ ନିଆଯାଇଥିବା ବିଭିନ୍ନ ସଚେତନତା ଓ ଅନ୍ୟାନ୍ୟ କାଯ୍ୟକ୍ରମ ସମ୍ପର୍କରେ ପ୍ରଫେସର ପଣ୍ଡା ସୂଚନା ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ମେଡ଼ିକାଲ କଲେଜ ଅଧକ୍ଷ ଓ ଡିନ୍ ଡ଼ା. ହରେକୃଷ୍ଣ ଦଳାଇ ଯୋଗଦେଇ ଚକ୍ଷୁ ଦାନର ମହତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବରିଷ୍ଠ ପ୍ରଫେସର ଡ଼ା. ବି. ନାଗେଶ୍ୱର ରାଓ ସୁବୁଦ୍ଧି, ଡ଼ା ସରିତା ପଣ୍ଡା, ଡ଼ା ସବିତା ଦେବୀ, ଡା. ନୀରୁବାଳା ପଟ୍ଟନାୟକ, ଡା. କାଶୀନାଥ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ବଡ଼ ଡାକ୍ତରଖାନା ଅଧିକ୍ଷକ ଡ଼ା. ସୁଦୀପା ଦାସ ଏପରି କାର୍ଯ୍ୟକ୍ରମ ପାଇଁ ଚକ୍ଷୁ ବିଭାଗ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ । ମୃତବ୍ୟକ୍ତି ଠାରୁ ସଂଗ୍ରହ କରାଯାଇଥିବା କରିନିଆ ପ୍ରତିରୋପଣ ଫଳରେ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ଦୁନିଆ ଦେଖିପାରିବ ବୋଲି ଏଠାରେ ଡାକ୍ତରମାନେ କହିଥିଲେ। ଭାରତରେ ୨୦୨୫ ମସିହାରେ କେବଳ ୫୩୭୯୭ କରିନିଆ ସଂଗ୍ରହ କରାଯାଇଥିବା ବେଳେ ଏହାକୁ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ଏହି ପକ୍ଷ ପାଳନ କରାଯାଉଛି।

# ନବରାତ୍ରୀ ପୂଜା ପାଇଁ ଚଳଚଞ୍ଚଳ ହେଲାଣି ମା' ଶ୍ୟାମାକାଳୀଙ୍କ ପୀଠ

## ମନ୍ଦିର ପରିଚାଳନା ଓ ଶାରଦୀୟ ପୂଜା କମିଟିର ପ୍ରସ୍ତୁତି ବୈଠକ

**ଆସିକା,୭।୯/ଏନ୍ଏନ୍ଏସ୍:** ଆସନ୍ତା ଅକ୍ଟୋବର ମାସ ୧୧ ତାରିଖ ଠାରୁ ଆସିକା ପୌର ପରିଷଦ ଅଧିନସ୍ଥ ୧୩ ନମ୍ବର ୱାର୍ଡର ହାଟପଦା କାଳୀମୁଖୀ ସାହି ସ୍ଥିତ ଆସିକାର ଅଧିଷ୍ଠାତ୍ରୀ ଦେବୀ ମା' ଶ୍ୟାମାକାଳୀ (କାଳୀମୁଖୀ)ଙ୍କ ପୀଠରେ ନବରାତ୍ରୀ ପୂଜା ଅନୁଷ୍ଠିତ ହେବ। ଏଥିଲାଗି ଚଳଚଞ୍ଚଳ ହେଲାଣି ସମଗ୍ର ପରିବେଶ । ଆସିକା ସହରର ହଟପଦା ନିକଟରେ କେଉଁ ଆବାହମାନ କାଳରୁ ପୂଜା ପାଇଆସୁଥିବା ମା' ଶ୍ୟାମାକାଳୀଙ୍କ ପୀଠ ଅନ୍ୟତମ । ଦକ୍ଷିଣ ଓଡିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ରୂପେ ପରିଚିତ ଆସିକାର ଅଧିଷ୍ଠାତ୍ରୀ ଦେବୀ ମା' ଶ୍ୟାମାକାଳୀ ପ୍ରସନ୍ନ ହେଲେ ପ୍ରତ୍ୟେକ କାର୍ଯ୍ୟ ସିଦ୍ଧ ହୁଏ ବୋଲି ବିଶ୍ୱାସ ରହିଛି । ଏଣୁ କୌଣସି ଶୁଭକାର୍ଯ୍ୟ



ଆରମ୍ଭ କରିବା ପୂର୍ବରୁ ଜିଲ୍ଲା ତଥା ଜିଲ୍ଲା ବାହାରର ଶ୍ରଦ୍ଧାଳୁ ଭକ୍ତ ମା' ଶ୍ୟାମାକାଳୀଙ୍କ କରୁଣା ଲାଭ କରିବା ଉଦ୍ଦେଶ୍ୟରେ ଏହି ପୀଠକୁ ଆସିଥାନ୍ତି । ମା'ଶ୍ୟାମାକାଳୀଙ୍କ ନବରାତ୍ରୀ ପୂଜାକୁ ସୁପରିଚାଳନା କରିବା ଲାଗି ରୂପରେଖ ପ୍ରସ୍ତୁତ କରିବା ସକାଶେ ଶ୍ରୀ ମା' କାଳୀମୁଖୀ ମନ୍ଦିର ପରିଚାଳନା କମିଟି ଓ ଶାରଦୀୟ ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମା କାଳୀମୁଖୀ ମନ୍ଦିର ପରିଚାଳନା କମିଟି ସଭାପତି ଡାକ୍ତର ଶ୍ୟାମଘନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମନ୍ଦିର ପରିଚାଳନା କମିଟିର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ରଥ, ସଂପାଦକ ଦେବହରି ମହାନ୍ତି, ସହସଂପାଦକ ସନ୍ତୋଷ କୁମାର ପୋଲାଇ, କୋଷାଧକ୍ଷ ତରୁଣ କୁମାର ପଟ୍ଟନାୟକ, ପରିଚାଳନା କମିଟି ସଦସ୍ୟ ନିରଞ୍ଜନ ମହାନ୍ତି, ଦୀପକ କୁମାର ପାତ୍ର, ଆଧାତ୍ମିକପ୍ରେମୀ ସରୋଜ କୁମାର ଦାଶ, କେ.ମନମୋହନ ସେନାପତି, ଭଜରାମ ସ୍ୱାଇଁ, ଜି.ସୂର୍ଯ୍ୟପ୍ରକାଶ ରାଓ, ରାମଚନ୍ଦ୍ର ରା, ବିପିନ୍ ବିହାରୀ ବିଶ୍ୱାଳ, ନିରଞ୍ଜନ ପାଢୀ, ଏ.ଯୁଧିଷ୍ଠିର ଦୋରା, କୈଳାଶ ଚନ୍ଦ୍ର ପୋଲାଇ, ସୀତା ପ୍ରସାଦ ପଟ୍ଟନାୟକ, ସୁନିଲ୍ କୁମାର ମିଶ୍ର, ସିମାଞ୍ଚଳ ମୁନି, ସନତ୍ ପଟ୍ଟନାୟକ, ରାଜେଶ୍ ପରିଡା, ଅଂଶୁମାନ୍ ସ୍ୱାଇଁ, ରାହୁଲ କୁମାର ଜେନା, ପି.ବାଲାଜୀ ପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ନବରାତ୍ରୀ ପୂଜା ପାଇଁ କର୍ତ୍ତା ଚୟନ, ମନ୍ଦିରର ସୁପରିଚାଳନା ଓ ଉନ୍ନତିକରଣ ଏବଂ ପରିଷ୍କାର ପରିଚ୍ଛନ୍ନତା, ନବରାତ୍ର ସମୟରେ ବ୍ରାହ୍ମଣ ବରଣ, ନୀତିକାନ୍ତି ତଥା ବିଧିବିଧାନ ଅନୁଯାୟୀ ଶୃଙ୍ଖଳିତ ଭାବେ କାର୍ଯ୍ୟ ସଂପାଦନ, ଉଜ୍ଜଳ ଆଲୋକସଜ୍ଜା, ମନ୍ଦିରର ଭିତ୍ତିଭୂମୀ ସୁଦୃଢିକରଣ ସମେତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ନବରାତ୍ରୀ ପୂଜାରେ ପୋଲସରା ନିକଟସ୍ଥ ଜେମାଦେଇପୁର ଶାସନର ଅଭିଜ୍ଞ ପଣ୍ଡିତ କାଳୁ ଚରଣ ମହାପାତ୍ର ଓ ସହଯୋଗୀ କାହ୍ନୁଚରଣ ତ୍ରିପାଠୀ, ପଣ୍ଡିତ ଦିଲୀପ କୁମାର ଦେବତା ପ୍ରମୁଖ ପୂଜାର୍ଚ୍ଚନା ଏବଂ ଚଣ୍ଡିପାଠ କରିବେ ବୋଲି ଜଣାପଡିଛି ।

## ବ୍ରହ୍ମପୁର ଉପଜିଲ୍ଲାପାଳଙ୍କୁ ମାନବ ଅଧିକାର ସୁରକ୍ଷା ମଞ୍ଚର ଦାବିପତ୍ର

# ପିଲିଅନ୍ ହେଲ୍‌ମେଟ୍ ଜୋରିମାନା ବାତିଲ୍ ସହ ଜନସଚେତନତା ଦାବି

**ବ୍ରହ୍ମପୁର,୭।୯/ଏନ୍ଏନ୍ଏସ୍:** ସଡ଼କ ସୁରକ୍ଷାକୁ ସମର୍ଥନ କରିବା ସହ ପିଲିଅନ୍ ହେଲ୍‌ମେଟ୍ ନ ପିନ୍ଧିବା ପାଇଁ ଆଇଇଏମ୍ଏସ୍ କ୍ୟାମେରା ମାଧ୍ୟମରେ ଆଦାୟ ହେଉଥିବା ୧୦୦୦ ଟଙ୍କା ଜୋରିମାନା ବାତିଲ ଦାବି କରିଛି ମାନବ ଅଧିକାର ସୁରକ୍ଷା ମଞ୍ଚ । ଏନେଇ ମଞ୍ଚ ପକ୍ଷରୁ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ, ଓଡ଼ିଶା ଓ ପରିବହନ କମିଶନରଙ୍କ ଉଦ୍ଦେଶ୍ୟରେ

**ଲୋକଙ୍କ ଉପରେ ଜୋରିମାନା ବୋଝ ବନ୍ଦ ହେଉ**

ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ହେଲମେଟ୍ ଜୀବନ ସୁରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ ଏବଂ ଏହାର ବ୍ୟବହାରକୁ ସମସ୍ତେ ସମର୍ଥନ କରୁଛନ୍ତି । କିନ୍ତୁ ଓଡ଼ିଶାର ଅଧିକାଂଶ ଗରିବ, କୃଷକ, ଦିନମଜୁରିଆ ଓ ଛାତ୍ରଛାତ୍ରୀଙ୍କ ପାଇଁ ୧୦୦୦ ଟଙ୍କା ଜୋରିମାନା ଅତ୍ୟଧିକ ଆର୍ଥିକ ବୋଝ ସୃଷ୍ଟି କରୁଛି। ରାଜ୍ୟ ସରକାରଙ୍କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଆଗୁଆ କୌଣସି ସୂଚନା ନ ଜଣାଇ ଏକ ପାଖିଆ ଭାବେ ଓଡ଼ିଶାବାସୀଙ୍କ ଉପରେ ଏଭଳି ଜୋରିମାନା ବୋଝ୍ ଲଦିବା ଆଦୌ ଗ୍ରହଣୀୟ ନୁହଁ। ଏହା ଏକ ଅଗଣତାନ୍ତ୍ରିକ ପଦକ୍ଷେପ ଅଟେ। ପ୍ରକାଶ ଯେ, ଓଡ଼ିଶାର ଭୁବନେଶ୍ୱର, କଟକ




ଭଳି ସହରରେ ପିଲିଅନ୍ ଜୋରିମାନା ଆଦାୟ ଭଳି ସମଗ୍ର ରାଜ୍ୟରେ ଏହା କୌଣସି ପୂର୍ବ ସୂଚନା ନଦେଇ ପ୍ରୟୋଗ କରିବା ତୁରନ୍ତ ବାତିଲ ହେବା ଆବଶ୍ୟକ । ଛାତ୍ର, ଯୁବକ ଯେଉଁମାନଙ୍କ କୌଣସି ନିଯୁକ୍ତି ନାହିଁ, ଚାଷୀ, ମୁଲିଆ, ଦିନ ମଜୁରିଆ ଶ୍ରେଣୀର ଜନଗଣ ଗଭୀର ଭାବେ ଏଥି ଦ୍ୱାରା ପ୍ରଭାବିତ ହେବେ । ଗାଡ଼ି ଚାଳକ ହେଲମେଟ୍ ପିନ୍ଧିଥିଲେ ମଧ୍ୟ ପଛରେ ବସିଥିବା ବ୍ୟକ୍ତି ହେଲମେଟ୍ ନ ପିନ୍ଧିବା କାରଣରୁ ଆଇଇଏମ୍ଏସ୍ ଚାଲାଣ ମାଧ୍ୟମରେ ଜୋରିମାନା ହେଉଛି। ଏଭଳି କ୍ଷେତ୍ରରେ ଜୋରିମାନା ପୂର୍ବରୁ ଅଧିକ ଜନସଚେତନତା ଆବଶ୍ୟକ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ସମସ୍ତ ପ୍ରକାର ପରିବହନ ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ ପାଇଁ ଜୋରିମାନା ହ୍ରାସ କରାଯାଇ ସର୍ବନିମ୍ନ ୧୦୦ ଟଙ୍କା ଧାର୍ଯ୍ୟ କରିବା, ସର୍ବପ୍ରଥମେ ଗାଡ଼ି ମାଲିକଙ୍କୁ ଏଥି ସମ୍ବନ୍ଧରେ ଚେତାବନୀ ଦେବା, ଗ୍ରାମାଞ୍ଚଳ ସମେତ ସମଗ୍ର ରାଜ୍ୟରେ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ କରିବା, ଭୁଲ୍ ଇ-ଚାଲାଣ ଓ ଫଟୋ ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ଅଭିଯୋଗ ସେଲ୍ ଗଠନ କରିବାକୁ ଦାବି କରାଯାଇଛି। ବିକ୍ଷୋଭରେ ଆବାହକ ଆଇନଜୀବୀ ଅବନୀ ଗୟା, ସଭାପତି ଗଗନ ଚାନ୍ଦ ମଲ୍ଲିକ, ସମାଜସେବୀ ମନୋଜ କୁମାର ତରାଇ, ବରିଷ୍ଠ ସାମ୍ବାଦିକ ଜ୍ୟୋତି ରଞ୍ଜନ ଦାସ, ସଂଗଠକ ଗଗନ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ନାଥ ପଣ୍ଡା, ଯୁବ ନେତା କାହ୍ନୁ ଚରଣ ପାତ୍ର, ଆର୍. ସତ୍ୟ ନାରାୟଣ ରାଓ, ବିଜୟ କୁମାର ପାଢୀ, ଗୁଣନିଧି ବେହେରା, ମହେଶ୍ୱର ବାଡତ୍ୟା, ଶିକ୍ଷକ ସଙ୍ଗଠନ ନେତା ଶ୍ୟାମ ସୁନ୍ଦର ଖାଡଙ୍ଗା, ଅଶୋକ କୁମାର ଦଳାଇ, ଆପ୍ ନେତା ଆଦିତ୍ୟ ନାରାୟଣ ରଥ, ସାମ୍ବାଦିକ ଜୟରାମ ମହାରଣା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଦୁଇ କ୍ୱିଣ୍ଟାଲ୍ ଗଞ୍ଜେଇ ସହ ୨ ଗାଡ଼ି ଜବତ, ଜଣେ ଗିରଫ

**ଫୁଲବାଣୀ,୭।୯/ଏନ୍ଏନ୍ଏସ୍:** ଅବକାରୀ ବିଭାଗ ଦ୍ୱାରା ପୃଥକ ସ୍ଥାନରୁ ଦୁଇଟି ଗାଡି ଜବତ କରାଯାଇଥିବା ବେଳେ ଦୁଇ କ୍ୱିଣ୍ଟାଲ ତିରିଶ କେଜି ଗଞ୍ଜେଇ ଜବତ ସହ ଘଟଣା ସ୍ଥଳରୁ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଗାଡି ଛାଡି ଫେରାର ହୋଇଥିବା ସୂଚନା ମିଳିଛି। ତେବେ ସୂଚନା ଅନୁସାରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ରାଣୀପଥର ଘାଟିରେ ପାଟ୍ରୋଲିଙ୍ଗ କରୁଥିବା ବେଳେ ଏକ ଡାଲା ବୋଲେରୋ ପିକଅପକୁ ଅଟକାଇଥିଲେ। ଡାଲା ବୋଲେରୋରୁ ଦୁଇ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣ କାରୀ ବୋଲେରୋ ଡ୍ରାଇଭର ଗୋଚ୍ଛାପଡା ଥାନା କୁଦାଲି ଗାଁର ଅଶୋକ କହଁରକୁ ଘଟଣା ସ୍ଥଳରୁ ଗିରଫ କରିବା ସହ ଡାଲା ଗାଡିକୁ ଜବତ କରିଥିଲେ। ଅନୁରୂପ ଭାବରେ ଅବକାରୀ



ବିଭାଗ ସୁଡ୍ରୁକୁମ୍ପା ପଞ୍ଚାୟତର କ୍ରାଣ୍ଡିମାସ୍କା ନିକଟ ରାସ୍ତାରୁ ଏକ ଗାଡିର ଡ୍ରାଇଭର ଅବକାରୀ ବିଭାଗର ପୁଲିସକୁ ଦେଖି ରାସ୍ତା ଉପରେ ଗାଡି ଛାଡି ଫେରାର ମାରିଥିବା ବେଳେ କ୍ରେଟା ଗାଡିରୁ ତିରିଶ କେଜି ଗଞ୍ଜେଇ ସହ ଗାଡି ଜବତ କରିଥିଲେ । ସଦର ଅବକାରୀ ଏବଂ ଆଦର୍ଶ ଅବକାରୀ ଥାନାରେ ଦୁଇଟି ପୃଥକ ଗଞ୍ଜେଇ ଚାଲାଣ ସମ୍ପର୍କିତ ମାମଲା ରୁଜୁକରି ଗିରଫ ଗଞ୍ଜେଇ ଚାଲାଣକାରୀକୁ କୋର୍ଟ ଚାଲାଣ କରାଯାଇଛି । ଅନ୍ୟପଟେ ଗଞ୍ଜେଇ ଚାଲାଣ ଘଟଣାକୁ ନେଇ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀ ଏକ ପ୍ରେସ ମିଟ ଜରିଆରେ ସୂଚନା ଦେଇଛନ୍ତି । ଏହି ପ୍ରେସ ମିଟରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପବିତ୍ର ମୋହନ ମାଝୀ, ଅବକାରୀ ଇନ୍ସପେକ୍ଟର ବିନୋଦ ବାସ୍କେ, ଅବକାରୀ ଏସ ଆଇ ଭକ୍ତ ଚରଣ ସ୍ୱାଇଁ ଉପସ୍ଥିତ ଥିଲେ।

## ବୁଗୁଡ଼ା ଏନ୍ଏସି

# ଅନିୟମିତତା ଦର୍ଶାଇ ବୈଠକକୁ କାଉନସିଲରଙ୍କ ବର୍ଜନ



**ବୁଗୁଡା,୭।୯/ଏନ୍ଏନ୍ଏସ୍:** ବୁଗୁଡ଼ାରେ ବିକାଶ ବାଟବଣା ହୋଇଥିବା ନେଇ ଅଭିଯୋଗ ହେଉଥିବା ବେଳେ ଆଜି ୧୩ଟି ୱାର୍ଡକୁ ନେଇ ଗଠିତ ବୁଗୁଡା ଏନ୍ଏସିର ବୈଠକକୁ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀଙ୍କ ସମେତ ସମସ୍ତ କାଉନସିଲର ବର୍ଜନ କରିଥିବା ଜଣାପଡିଛି। ଏନ୍ଏସିରେ ହୋଇଥିବା ବ୍ୟାପକ ଅନିୟମିତତା ସମ୍ପର୍କେ ସ୍ପଷ୍ଟୀକରଣ ଆହ୍ୱାନ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କୁ ଦାବିପତ୍ର ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନଏସି ଅନ୍ତର୍ଗତ ୱାର୍ଡ ନଂ-୮ ବ୍ୟତୀତ ଅନ୍ୟ ୧୨ଟି ୱାର୍ଡର କାଉନସିଲରଙ୍କ ଦସ୍ତଖତ ସମ୍ବଳିତ ସ୍ପଷ୍ଟୀକରଣ ଆହ୍ୱାନ

**ସ୍ପଷ୍ଟୀକରଣ ଆହ୍ୱାନ ସହ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ**

ଯୋଗ୍ୟ ଦାବିପତ୍ରରେ ନିମ୍ନଲିଖିତ ୧୦ଟି ପ୍ରଶ୍ନ ସ୍ଥାନ ପାଇଥିବା ଜଣାଯାଇଛି। କେଉଁ କାରଣରୁ ପରିଷଦର ନିୟମିତ ସାଧାରଣ ବୈଠକ ଡକାଯାଉନାହିଁ ? ପରିଷଦକୁ ଅନୁମୋଦିତ ହୋଇ ଆସୁଥିବା ସରକାରୀ ପାଣ୍ଠି ସମ୍ବନ୍ଧରେ ନିର୍ବାଚିତ ସଭ୍ୟସଭ୍ୟାଙ୍କୁ ଅବଗତ କରାଯାଉନଥିବା, ସରକାରଙ୍କ ତରଫରୁ ଚୟନ ହୋଇଥିବା ଭତ୍ତା ଏବଂ ଆବାସ ଗୃହ ହିତାଧିକାରୀମାନଙ୍କୁ ଆବଣ୍ଟନ ନ କରିବା, ବର୍ତ୍ତମାନ ଏନ୍ଏସି କାର୍ଯ୍ୟାଳୟରେ କେତେ ଜଣ ନିୟମିତ ଏବଂ କେତେ ଜଣ ଆଉଟ୍ ସୋର୍ସିଂ ସଫେଇ କର୍ମଚାରୀ ଅଛନ୍ତି ସେ ସମ୍ବନ୍ଧୀୟ ତଥ୍ୟ କାଉନସିଲରଙ୍କୁ ନ ଦେବା, ପରିଷଦର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧିତ ଟେଣ୍ଡର ପ୍ରକ୍ରିୟାରେ ସଭ୍ୟସଭ୍ୟାମାନଙ୍କ ବିନା ଅବଗତିରେ ଟେଣ୍ଡର କରିବା, କେବଳ ନିର୍ଦ୍ଦିଷ୍ଟ ଦୁଇ ତିନି ଜଣ ବ୍ୟକ୍ତି ବିଶେଷଙ୍କୁ ଟେଣ୍ଡର ପ୍ରକ୍ରିୟାରେ ଅହେତୁକ ସୁଯୋଗ ଦେବା, ପରିଷଦ ଦ୍ୱାରା ପରିଚାଳିତ ଆହାର କେନ୍ଦ୍ରର ଦାୟିତ୍ୱରେ ଥିବା ଅଭିଜ୍ଞ ମହିଳା ଗୋଷ୍ଠୀକୁ ନିର୍ଦ୍ଦିଷ୍ଟ କାରଣ ନ ଥାଇ କାର୍ଯ୍ୟରୁ ଅନ୍ତର କରିବା, ଏପ୍ରିଲ୍ ମାସ ସୁଦ୍ଧା ପରିଷଦର ସାଧାରଣ ବଜେଟ୍ ପାରିତ ହେବାର ବିଧିବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନ କରିବା, ନିକଟ ଅତୀତରେ ହୋଇଥିବା ପରିଷଦ ଅଧିବେଶନରେ ପରିଷଦ ଉପରେ ନ୍ୟସ୍ତ ଥିବା ଅତ୍ୟାବଶ୍ୟକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନ କରିବା, ନିର୍ବାଚିତ ସଭ୍ୟସଭ୍ୟାଙ୍କ ଅଗୋଚରରେ ଅନ୍ୟାନ୍ୟ କାର୍ଯ୍ୟ ସମ୍ବନ୍ଧରେ ଏକ ତରଫା ନିଷ୍ପତ୍ତି ଗ୍ରହଣ କରିବା, ଅସମ୍ପୂର୍ଣ୍ଣ ଧର୍ମଶାଳା ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା, ପରିଷଦର ନିର୍ବାଚିତ ସଭ୍ୟସଭ୍ୟାମାନଙ୍କୁ ଉପେକ୍ଷା କରି ସମସ୍ତ କାର୍ଯ୍ୟରେ ଅନିୟମିତତା କାହା ପ୍ରରୋଚନାରେ ହେଉଛି ବୋଲି ଜନ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ କାଉନସିଲରମାନଙ୍କ ଦାବିପତ୍ରକୁ ଗ୍ରହଣ କରି ଯଥାଶୀଘ୍ର ଏହାର ସ୍ପଷ୍ଟୀକରଣ ପ୍ରଦାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି। ନିର୍ବାଚିତ କାଉନସିଲରମାନଙ୍କ ଏଭଳି ବହୁ ବିଳମ୍ବିତ ପଦକ୍ଷେପକୁ ନେଇ ମଧ୍ୟ ସାଧାରଣରେ ନାନା ଆଲୋଚନା ଜୋର ଧରିଥିବା ଜଣାଯାଇଛି।

# ହତ୍ୟା ଉଦ୍ୟମ ମାମଲା: ଫେରାର୍ ଦୁଇ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୭।୯/ଏନ୍ଏନ୍ଏସ୍:** ବ୍ରହ୍ମପୁର ସଦର ଥାନା ପୁଲିସ୍ ଏକ ହତ୍ୟା ଉଦ୍ୟମ ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦକ୍ଷିଣପୁର ଅଞ୍ଚଳର ରାମକୃଷ୍ଣ ନାହାକ ଓରଫ୍ ବୁଲୁ(୩୯) ଏବଂ ଦିଗପହଣ୍ଡି ଥାନା ଚାଞ୍ଚଡାପଲ୍ଲୀ ଅଞ୍ଚଳର ପରେଶ ଲେଙ୍କା ଓରଫ୍ ପପୁ(୨୫) ବୋଲି ଜଣାପଡିଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଖଣ୍ଡା, ପିସ୍ତଲ ଓ ଦୁଇଟି ଜୀବନ୍ତ ଗୁଳି ଜବତ ହୋଇଛି। ମିଳିଥିବା ସୂଚନା ପ୍ରକାରେ ଗତ ମାର୍ଚ୍ଚ ୧୭ ତାରିଖ ଦିନ ପ୍ରାୟ ସାଢେ ଗୋଟାଏ ବେଳେ ନୀଳମାଧବ ସାହୁ(ଭବାନୀ) ନାମକ ଜଣେ ବ୍ୟକ୍ତି ତାଙ୍କ ସାଙ୍ଗ ଅମିର କୁଣ୍ଡଙ୍କ ସହ ବାଇକ୍‌ରେ ଯାଉଥିଲେ। ଦକ୍ଷିଣପୁର ନିକଟସ୍ଥ ରାସ୍ତାରେ ସେମାନଙ୍କୁ ଗିରଫ ଅଭିଯୁକ୍ତମାନେ ଅଟକାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତମାନେ ନୀଳମାଧବ ଏବଂ ତାଙ୍କ ସାଙ୍ଗକୁ ଖଣ୍ଡାରେ ଆକ୍ରମଣ କରିବା ସହ ସେମାନଙ୍କ ବାଇକ୍ ଉପରକୁ କାର୍ ଚଢାଇ ଦେଇଥିଲେ। ଅଭିଯୁକ୍ତଙ୍କ କାର୍ ଅନ୍ୟ ଏକ ବାଇକ୍‌କୁ ମଧ୍ୟ ଧକ୍କା ଦେବା କାରଣରୁ ବାଇକ୍ ଆରୋହୀ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଆହତଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଘଟଣା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ସଦର ଥାନାରେ ନୀଳମାଧବ ଅଭିଯୋଗ କରିବା ପରେ ପୁଲିସ୍ ୧୪୧/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ୍ ଅଭିଯୁକ୍ତ ରାମକୃଷ୍ଣ ନାହାକ ଏବଂ ଅନ୍ୟ ଅଭିଯୁକ୍ତକୁ ଗିରଫ କରିଥିଲା। ଅଭିଯୁକ୍ତ ନିକଟରୁ ଖଣ୍ଡା, ସହ ଗୋଟିଏ ପିସ୍ତଲ ଏବଂ ଦୁଇଟି ଜୀବନ୍ତ ଗୁଳି ଜବତ ହୋଇଥିଲା। ଜେରା ବେଳେ ରାମକୃଷ୍ଣ ନାୟକ ଜଣେ କୁଖ୍ୟାତ ଅପରାଧୀ। ତା ନାମରେ ପୂର୍ବରୁ ଦୁଇଟି ହତ୍ୟା ମାମଲା ରହିଛି। ସେ ଏକ ଅପରାଧି ଗ୍ୟାଙ୍ଗ ଗଢିଥିବା ନେଇ ପୁଲିସ୍ ଜାଣିବାକୁ ପାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।

# ଛତ୍ରପୁର ପୁଲିସ ପକ୍ଷରୁ 'ଶୂନ ମୃତ୍ୟୁ ସପ୍ତାହ' ପାଳନ

**ଛତ୍ରପୁର,୭।୯/ଏନ୍ଏନ୍ଏସ୍:** ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିସିଙ୍କ ନିର୍ଦ୍ଦେଶ କ୍ରମେ ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ପ୍ରତି ମାସର ପ୍ରଥମ ସପ୍ତାହରେ ଜିଲ୍ଲାରେ ଶୂନ ମୃତ୍ୟୁ ସପ୍ତାହ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ଦିନ ଛତ୍ରପୁର ପୁଲିସ ଓ ଗଞ୍ଜାମ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଛତ୍ରପୁରଠାରେ ଶୂନ ମୃତ୍ୟୁ ସପ୍ତାହ ପାଳନ ଅବସରରେ ବାଇକ୍ ଚାଳକଙ୍କୁ ସଚେତନ କରିବା ସହ ହେଲ୍‌ମେଟ ପରିଧାନ ଓ ନିଶା ସେବନ କରି ଗାଡ଼ି ନ ଚଳାଇବା ପାଇଁ ପରାମର୍ଶ ଦେଇଥିଲେ। ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ହେଲିମେଟ ପରିଧାନ କରିଥିବା ବାଇକ୍ ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ଅଭିନନ୍ଦନ ଜଣାଇଥିଲେ। ଗଞ୍ଜାମ ଜିଲ୍ଲାର ଗାଡ଼ି ଦୁର୍ଘଟଣାରେ ଅଧିକ ମାତ୍ରାରେ ମୃତ୍ୟୁ ଘଟୁଛି। ଏହାର ନିରାକରଣ ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଏସ୍‌ଡିପିଓ, ଚନ୍ଦନ ଘଡେଇ, ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଏଆରଟିଓ ତାରାକାନ୍ତ ନନ୍ଦଙ୍କ ସମେତ ଥାନାର ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଆଗକୁ ପ୍ରାଥମିକ କୃଷି ସମବାୟ ସମିତି ନିର୍ବାଚନ

# ଏବେଠୁ ପ୍ରସ୍ତୁତ ହେଲେଣି ବିଜେଡିର ନେତା ଓ କର୍ମୀ

**ଆସିକା,୭।୯/ଏନ୍ଏନ୍ଏସ୍:** ଆଗାମୀ କିଛି ମାସ ପରେ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରାଥମିକ କୃଷି ସମବାୟ ସମିତି ଗୁଡିକର ନିର୍ଦ୍ଦେଶକ ପଦବୀ ଲାଗି ହେବାକୁ ଥିବା ନିର୍ବାଚନ ନେଇ ବର୍ତ୍ତମାନ ଠାରୁ ଆସିକା ବ୍ଲକ ପରିସରଭୁକ୍ତ କେତେକ ଗ୍ରାମାଞ୍ଚଳର ରାଜନୀତି ଉଷ୍ମ ହେବାରେ ଲାଗିଛି । ଆସନ୍ତା ପ୍ରାଥମିକ କୃଷି ସେବା ସମବାୟ ସମିତି ନିର୍ବାଚନ କେବେ ହେବ ସେ ସଂକ୍ରାନ୍ତରେ ସ୍ପଷ୍ଟ ଭାବେ କୌଣସି ସୂଚନା ମିଳିପାରିନଥିଲେ ମଧ୍ୟ ଆସିକା ବ୍ଲକ ପରିସରଭୁକ୍ତ ନଳବଣ୍ଟା, ଧନିଜା, ହରିଡାପଦର, କାଳଷଣ୍ଡପୁର, ବରଗାଁ, ନିମିନା, ଗୁଣ୍ଡପଡା, ଜଗଦଳପୁର, ପାଣ୍ଡିଆପଥର, ଦେବଭୂମୀ, ବାଲିସିରା, ବେଣାପାଟ, ରାମେଶ୍ୱର, ମଙ୍ଗଳପୁର, ମୁନିଗାଡି, ଆସିକା, ଗହଙ୍ଗୁ, ବଡଖୋଲି, ଘଟକୁରୀ, ନୂଆଗାଁ ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ହତେଇବା ପାଇଁ ଏବେଠୁ ବିଜେଡି ତାର ସମରସଜ୍ଜା ତଥା ରଣକୌଶଳ ଆରମ୍ଭ କରିଥିବା ଆଲୋଚନା ହେଉଛି । ବିଜେଡି ପାଇଁ ଆସନ୍ତା ସମବାୟ ନିର୍ବାଚନ ସମ୍ମାନ ଓ ସ୍ୱାଭିମାନର ପ୍ରଶ୍ନ ଥିବାରୁ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଆହୁରି ସୁଦୃଢ କରିବା ଲାଗି ଦଳର ହେବିୱେଟ୍ ମାନେ ବିଚାରବିମର୍ଶ ଜାରି ରଖିଛନ୍ତି। ଗତ ୨୦୨୨ ମସିହାରେ ଅନୁଷ୍ଠିତ ହୋଇଥିବା ସମବାୟ ନିର୍ବାଚନରେ ବିଜୁ ଜନତା ଦଳ ସମର୍ଥିତ ସର୍ବାଧିକ ପ୍ରାର୍ଥୀମାନେ ବିଭିନ୍ନ ସମବାୟ ସଂସ୍ଥାର ପରିଚାଳନା ପରିଷଦର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ। ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃ ଏବଂ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ ଓ ଆସିକା ସମବାୟ ଚିନିଶିଳ୍ପ ଲିଃର ସମ୍ମାନଜନକ ସଭାପତି ପଦକୁ ଦଖଲ କରିବାରେ ସକ୍ଷମ ହୋଇଥିଲେ। ଦଳୀୟ ନେତା ଓ କର୍ମୀ ଏକାଠି ହୋଇ କାର୍ଯ୍ୟକଲେ ଆସନ୍ତା ସମବାୟ ନିର୍ବାଚନରେ ବିଜେଡି ପୁଣି ବିଜୟର ଟିକା ନିଶ୍ଚିତ ପିନ୍ଧିବ ବୋଲି ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ତଥା ବରିଷ୍ଠ ବିଜେଡି ନେତା ନଚିକେତା ସ୍ୱାଇଁ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସମବାୟବିତ୍ ସୂର୍ଯ୍ୟକାନ୍ତ ପରିଡା ଓ ବିଜୁ ମହିଳା ଜନତା ଦଳର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଦସ୍ୟା ଅନିମା ପରିଡା ଏବଂ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା ସୂଚନା ଦେଇଛନ୍ତି । ଆଗାମୀ ସମବାୟ ନିର୍ବାଚନରେ ବିଜେଡ କ୍ଷମତା ଦଖଲ ପାଇଁ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ପରାମର୍ଶ ଏବଂ ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ନଚିକେତା ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସମବାୟବିତ୍ ସୂର୍ଯ୍ୟକାନ୍ତ ପରିଡା, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ମଲିକ, ଆସିକା ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚି, ଆସିକା ନଗର ବିଜେଡି ସଭାପତି ଏମ୍.ତାରିଣୀ ସେନାପତି, ଆସିକା ନଗର ବିଜେଡିର ମହିଳା ସଭାନେତ୍ରୀ ଏମ୍.ରଶ୍ମିତା ସେନାପତି, ବରିଷ୍ଠ ବିଜେଡି ନେତା ଦିଲୀପ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ନାୟକ, ଇଂ ସଚ୍ଚିଦାନନ୍ଦ ରାଉତ, କାର୍ତ୍ତିକେଶ୍ୱର ପରିଡା, ଜୟସେନ ସ୍ୱାଇଁ, ମାନସ ରଂଜନ ଗୌଡ, ପ୍ରସନ୍ନ କୁମାର ତ୍ରିପାଠୀ, ରଂଜନ କୁମାର ବିଷୋୟୀ, ରାଘବ କୁମାର ନାହାକ, ନନ୍ଦ କୁମାର ବିଷୋୟୀ, ଜିତେନ୍ଦ୍ର କୁମାର ବିଷୋୟୀ, ପ୍ରମୋଦ କୁମାର ସ୍ୱାଇଁ, ଅନିଲ୍ କୁମାର ନାୟକ, ନିଗମାନନ୍ଦ ରାଉତ, ଜିତେନ୍ଦ୍ର କୁମାର ମହାରଣା, କୈଳାଶ ଚନ୍ଦ୍ର ପ୍ରଧାନ, ଶିବ ପ୍ରସାଦ ଶତପଥୀ, ଅଶ୍ୱିନୀ କୁମାର ବିଷୋୟୀ, ନିରଞ୍ଜନ ଜେନା, ବିନୋଦ ପାତ୍ର, କେଶବ ଦାଶ, ଆକାଶ ସ୍ୱାଇଁ, ସାଇରାଜ ଦଳେଇ, ବିମଳ ପ୍ରଧାନ, ଟୁକୁନା ନାହାକ, ବାପିନା ଜେନା, ଭଗବାନ ବିଶ୍ୱାଳଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଏବେଠୁ ଲାଗି ପଡିଥିବା ଜଣାପଡିଛି।

## ପୌରପରିଷଦରେ ୭ ପ୍ରକଳ୍ପର ଶିଳାନ୍ୟାସ ଘଟଣା

# ନାମ ଫଳକରେ ସ୍ଥାନୀୟ ନେତାଙ୍କୁ ଉପେକ୍ଷା

**କେନ୍ଦ୍ରାପଡ଼ା,୭।୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ପୌରପରିଷଦ ପକ୍ଷରୁ ଚଳିତ ସ୍ୱାୟତ୍ତ ଶାସନ ଦିବସ ଅବସରରେ କେନ୍ଦ୍ରାପଡା ପୌରପରିଷଦ ପାଇଁ ୨ଟି ପ୍ରକଳ୍ପକୁ ଲୋକାର୍ପଣ କରାଯାଇଥିବାବେଳେ ୭ଟି ପ୍ରକଳ୍ପ ଶିଳାନ୍ୟାସ କରାଯାଇଛି। ପୌରପରିଷଦ ଦ୍ୱାରା ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ଗୁଡିକୁ ଶିଳାନ୍ୟାସ କରିଥିଲେ। ନୂତନ ପୌର କାର୍ଯ୍ୟାଳୟ ପାଇଁ ମଞ୍ଜୁର ହୋଇଥିବା ୭କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ଖୁବ୍‌ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯିବା ସହିତ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ପୁରୁଣା ବସଷ୍ଟାଣ୍ଡରେ ୮୦ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ଫେଜ-୧ ଓ ଫେଜ-୨ ମାର୍କେଟ କମ୍ପ୍ଲେକ୍ସ ଏବଂ ୭ ନମ୍ବର ୱାର୍ଡର ଗୌଡ଼ଗୋପରେ ୮୨.୯୧ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ପୌରସଂସ୍ଥା ପ୍ରଶାସନିକ ସଂପ୍ରସାରଣ ଗୃହ, ବିକ୍ରୟ କାଉଁଟର ଏବଂ ଖତ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହାବ୍ୟତିତ ୬୫.୪୩ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ଗୋପବନ୍ଧୁ ପାଠାଗାରାର ଉପର ମହଲା ନିର୍ମାଣ, ୫୦ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନୂଆ ବସଷ୍ଟାଣ୍ଡରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଉର୍ଦ୍ଦୁ ପାଠାଗାର ଗୃହର ଉପର ମହଲାରେ ୬୫.୨୭ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ବହୁମୁଖୀ ସଂସ୍କୃତି ହଲ ନିର୍ମାଣ,୨କୋଟି ୫୮ଲକ୍ଷ ୮୮ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ୨୧ନମ୍ବର ୱାର୍ଡର ଉଦୟନଗର ଠାରେ ଥିବା ପୁରୁଣା କଲ୍ୟାଣ ମଣ୍ଡପର ନବୀକରଣ ଓ ବହୁମୁଖୀ ହଲ ନିର୍ମାଣ, ଏକକୋଟି ୪୯ଲକ୍ଷ ୮୦ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ ତିନିମୁହାଣି ଠାରୁ ନୂଆ ବସଷ୍ଟାଣ୍ଡ ଆଡକୁ ଥିବା ମୁଖ୍ୟ ରାସ୍ତାର ଉନ୍ନତିକରଣ, ୫୨ଲକ୍ଷ ୧୮ହଜାର ଟଙ୍କାରେ ତୁଳସୀ ମହାବିଦ୍ୟାଳୟର ଦୁଇଟି ଶ୍ରେଣୀକକ୍ଷର ନିର୍ମାଣ, ୫୦ଲକ୍ଷ ୩୫ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ ୫ନମ୍ବର ୱାର୍ଡରେ ଶ୍ରୀବଳଦେବଜିଉ ପାଠାଗାର ଗୃହ ନିର୍ମାଣ ପ୍ରଭୃତି ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ମଧ୍ୟ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡରେ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏ ଯେଉଁ ୭ଟି ପ୍ରକଳ୍ପର ଶିଳାନ୍ୟାସ କରାଗଲା ଏବଂ ୨ଟି ପ୍ରକଳ୍ପ ଲୋକାର୍ପଣ କରାଗଲା ସେହି ଫଳକରେ କେବଳ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନାମ ସହିତ ୱାର୍ଡର ନାମ ଓ ତାରିଖ ଉଲ୍ଲେଖ ରହିଥିବାବେଳେ ସ୍ଥାନୀୟ ନେତା ଯଥା ପୌରପରିଷଦର ଅଧ୍ୟକ୍ଷ କିମ୍ବା ସ୍ଥାନୀୟ ବିଧାୟକ କିମ୍ବା ପୌରନିର୍ବାହୀଧିକାରୀଙ୍କ ନାମ ଉଲ୍ଲେଖ କରାଯାଇନଥିଲା। ଫଳରେ ସ୍ଥାନୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୌଜନ୍ୟତା ଦୃଷ୍ଟିରୁ ଯେଉଁ ୱାର୍ଡରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ସେହି ୱାର୍ଡର କାଉନସିଲରଙ୍କ ସହିତ ପୌରପରିଷଦର ଅଧ୍ୟକ୍ଷଙ୍କ ନାମ ରହିବାର ବିଧି ପରମ୍ପରା ଥିବାବେଳେ ଏହାକୁ ଉପେକ୍ଷା କରାଯାଇଛି। ବିଗତ ବର୍ଷ ଗୁଡିକରେ ପୌରପରିଷଦ ଦ୍ୱାରା ଯେଉଁ ଯେଉଁ ପ୍ରକଳ୍ପଗୁଡିକ ଲୋକାର୍ପିତ କିମ୍ବା ଶିଳାନ୍ୟାସ କରାଯାଇଛି ସେହି ଫଳକ ଗୁଡିକରେ ସାଂସଦଙ୍କ ଠାରୁ ଆରମ୍ଭ କରି ବିଧାୟକ, ଜିଲ୍ଲାପାଳ, ପ୍ରଶାସନିକ ଅଧିକାରୀ, ପୌରାଧ୍ୟକ୍ଷ, ପୌରନିର୍ବାହୀ ଅଧିକାରୀ, କାଉନ୍‌ସିଲରମାନଙ୍କର ନାମ ଫଳକରେ ଉଲ୍ଲେଖ କରାଯାଇଥିବାବେଳେ ଚଳିତ ଥର ପ୍ରଥମ କରି ନାମ ଫଳକରେ ବିଧାୟକ, ପୌରାଧ୍ୟକ୍ଷ ଏବଂ କାଉନ୍‌ସିଲରଙ୍କ ନାମ ଉଲ୍ଲେଖ ନଥିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନର ପରମ୍ପରାକୁ ଚଳିତ ଥର ଭଙ୍ଗାଯାଇଛି ବୋଲି ସହରରେ ସଚେତନ ନାଗରିକ ମହଲରେ ଆଲୋଚନା ହେଉଥିବାର ଶୁଣିବାକୁ ମିଳିଛି।




## ପୌରପାଳିକାର ସଫଳତା

# 'ସ୍ୱଚ୍ଛ ବାୟୁ ସର୍ବେକ୍ଷଣ'ରେ ଜାତୀୟସ୍ତରରେ ପୁରସ୍କୃତ



**ଅନୁଗୋଳ,୭।୯/ଏନ୍ଏନ୍ଏସ୍:** ଅନୁଗୋଳ ଜିଲ୍ଲା ତଥା ପୌରପାଳିକା ପାଇଁ ଏକ ସ୍ମରଣୀୟ ଓ ଗୌରବମୟ ମୁହୂର୍ତ୍ତ। ଦେଶର ୧୩୦ଟି ସହରକୁ ନେଇ ଆୟୋଜିତ ଜାତୀୟସ୍ତରର 'ସ୍ୱଚ୍ଛ ବାୟୁ ସର୍ବେକ୍ଷଣ'ର କାଟେଗୋରୀ-୩ରେ ଅନୁଗୋଳ ପୌରପାଳିକା ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଆଜି ନୂଆଦିଲ୍ଲୀଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତର ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଏହି ସମ୍ମାନଜନକ ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି। ଏହା ଅନୁଗୋଳ ପୌରପାଳିକା ପାଇଁ କ୍ରମାଗତ ତୃତୀୟ ଜାତୀୟ ସଫଳତା। ପୂର୍ବରୁ ଅନୁଗୋଳ ଦୁଇଥର ତୃତୀୟ ପୁରସ୍କାର ପାଇଥିବା ବେଳେ ଏଥର ଜିଲ୍ଲା ପ୍ରଶାସନର ସୁଦୃଢ଼ ନେତୃତ୍ୱ ଓ ଦୂରଦୃଷ୍ଟି ଯୋଗୁଁ ଗୋଟିଏ ପାହାଚ ଉପରକୁ ଉଠି ଦ୍ୱିତୀୟ ସ୍ଥାନ ଦଖଲ କରିପାରିଛି। ଅନୁଗୋଳ ଭଳି ଏକ ଶିଳ୍ପବହୁଳ ଅଞ୍ଚଳରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ଏବଂ ବାୟୁର ଗୁଣବତ୍ତା ବୃଦ୍ଧି କରିବା ଏକ ବଡ଼ ଆହ୍ୱାନ ଥିଲା। ମାତ୍ର ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜିଲ୍ଲା ପ୍ରଶାସନର ପ୍ରଶଂସନୀୟ କାର୍ଯ୍ୟଶୈଳୀ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଧୂଳି ନିୟନ୍ତ୍ରଣ,ବୃକ୍ଷରୋପଣ,ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସବୁଜିମା ସୃଷ୍ଟି ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ସ୍ୱତନ୍ତ୍ର ପଦକ୍ଷେପ ଆଜି ସାରା ଦେଶରେ ଅନୁଗୋଳକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଜିଲ୍ଲାପାଳ ଓ ପୌର ନିର୍ବାହୀ ଅଧିକାରୀଙ୍କ ସହ ପୌରପାଳିକାର ସମସ୍ତ ଅଧିକାରୀ,କର୍ମଚାରୀ, ସଫେଇ କର୍ମଚାରୀ (ସ୍ୱଚ୍ଛସାଥୀ) ଏବଂ ଅନୁଗୋଳବାସୀଙ୍କ ମିଳିତ ସହଯୋଗ ଯୋଗୁଁ ଏହି ପ୍ରଶଂସନୀୟ ମାଇଲଖୁଣ୍ଟ ହାସଲ ହୋଇଛି। ଅନୁଗୋଳକୁ ଆହୁରି ସ୍ୱଚ୍ଛ,ସବୁଜ ଓ ସୁସ୍ଥ ରଖିବା ପାଇଁ ଏହି ସଫଳତା ପ୍ରଶାସନ ଓ ନାଗରିକଙ୍କୁ ଆଗାମୀ ଦିନରେ ଅଧିକ ପ୍ରେରଣା ଯୋଗାଇବ ବୋଲି କୁହାଯାଇଛି।

## ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ

# ଭସାଣିରେ ଭାଗନେବେ ୩୪ ମେଢ଼



**ତାଳଚେର,୭।୯/ଏନ୍ଏନ୍ଏସ୍:** ତାଳଚେରର ପ୍ରସିଦ୍ଧ ଗଣେଶପୂଜା ଆଉ ମାତ୍ର ୭ଦିନ ବାକି ରହିଛି। ଏହି ଅବସରରେ ଆଜି ସ୍ଥାନୀୟ ଦେଉଳବେଡ଼ା କୋଲିୟରୀ ଡିସିଆଇ କ୍ଲବରେ କେନ୍ଦ୍ରୀୟ ଗଣେପୂଜା କମିଟିର ସଭାପତି ତଥା ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏହାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ବ୍ରଜକିଶୋର ପ୍ରଧାନ, ଏସ୍‌ଡିପିଓ ଭରତଚନ୍ଦ୍ର ସାହୁ, କେନ୍ଦ୍ରୀୟ ଗଣେଶପୂଜା କମିଟି ସାଧାରଣ ସମ୍ପାଦକ ଜିତେନ୍ଦ୍ର ଦାସ ଯୋଗଦେଇ ପୂଜା ଓ ଭସାଣିରେ କିପରି ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇପାରିବ ତା'ଉପରେ ଗୁରୁତ୍ୱାରୋପ କରିଥିଲେ ଓ ବିଭିନ୍ନ ସବ୍‌କମିଟି କରାଯାଇ ତାର ଘୋଷଣା କରାଯାଇଥିଲା। ଭସାଣି ପୂର୍ବଦିନ ୨୫ତାରିଖ ଅପରାହ୍ଣରେ ୪ଟନ ଓଜନ ବିଶିଷ୍ଟ ଆଞ୍ଚାଲଡ୍ଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସ୍ଥିରିକୃତ ହୋଇଥିଲା। ଭସାଣୀ ଶୋଭାଯାତ୍ରା ଦିନ ମେଢ଼ ଗୁଡ଼ିକ ବଡ଼ଦାଣ୍ଡସାହିରେ ଏକତ୍ରିତ ହେବାପରେ ଶାନ୍ତିଶୃଙ୍ଖଳାର ସହ କ୍ରମାନ୍ୱୟରେ ଯିବେ ବୋଲି ନିଷ୍ପତି ହୋଇଥିଲା। ୫୦ରୁ ଉର୍ଦ୍ଧ୍ୱ ମେଢ଼ ପ୍ରତିଦ୍ୱିତା ମୂଳକ କେନ୍ଦ୍ରୀୟ କମିଟି ପାଖରେ ନିଜର ପୂଜାମଣ୍ଡପର ନାମକୁ ପଞ୍ଜିକୃତ କରିଥିବା ବେଳେ ଏଥର 'କ' ବିଭାଗର ୯ଟି ମେଢ଼ ଓ ବାକି 'ଖ' ବିଭାଗର ମେଢ଼ ଗୁଡ଼ିକ ଭସାଣୀ ଉତ୍ସବରେ ସମୁଦାୟ ୩୪ଟି ମେଢ଼ ସାମିଲ ହେବେ। ଭସାଣୀରେ ଡ଼ିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ବେଳେ ସାଉଣ୍ଡ ସିଷ୍ଟମ ଛାଡ଼ି ସର୍ବାଧିକ ୫ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇ ପାରିବ। ପୂଜାକମିଟିର ସାଧାରଣ ସମ୍ପାଦକ ଶ୍ରୀ ଦାସ ମଂଚ ପରିଚାଳନା କରିଥିବା ବେଳେ ଉପସଭାପତି କେଶବ ଭୁତିଆ, ପ୍ରଭାତ ପଟ୍ଟନାୟକ, କୋଷାଧ୍ୟକ୍ଷ ରଷିକେଶ ସାହୁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଅନେକ ସୂଚନା ପ୍ରଦାନ କରିଥିଲା।

## ଜିପିଡିଆ ପୋଲ ନିର୍ମାଣ ପ୍ରସଙ୍ଗରେ ବିଜେପିର ଟାର୍ଗେଟ୍

# 'କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବିରୋଧୀ'




ରାଜକନିକା,୭।୯/ଏନ୍ଏନ୍ଏସ୍: ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତର ଜିପିଡିଆ ପୋଲ ନିର୍ମାଣ ପ୍ରସଙ୍ଗକୁ ନେଇ ରାଜନୀତି ତେଜିବାରେ ଲାଗିଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳ ଲୋକଙ୍କୁ ଭ୍ରମିତ କରିବା ସହ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିଜେପି ଅଭିଯୋଗ କରିଛି। ଏନେଇ ବିଜେପି ପକ୍ଷରୁ ରାଜକନିକା ସ୍ଥିତ ଜୟଶ୍ରୀ ମାର୍କେଟ କମ୍ପ୍ଲେକ୍ସରେ ଆଜି ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇ ବିରୋଧୀ ଦଳର ନେତାଙ୍କ ଭୂମିକାକୁ ନେଇ ଦଳ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ସ୍ୱାଇଁ ଅଭିଯୋଗ କରି କହିଛନ୍ତି ଯେ, ଦୁଇଟି ପରିବାର ଭିନ୍ନ ଭିନ୍ନ ରାଜନୈତିକ ଦଳରୁ ଦୀର୍ଘ ୭୦ ବର୍ଷ ଧରି ଏହି ଅଞ୍ଚଳକୁ ପ୍ରତିନିଧିତ୍ୱ କରିଆସୁଛନ୍ତି। କିନ୍ତୁ ଏତେ ଦୀର୍ଘ ସମୟ ଧରି ଶାସନ ଓ ପ୍ରତିନିଧିତ୍ୱର ସୁଯୋଗ ପାଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ କରିବାରେ ସେମାନେ ବିଫଳ ହୋଇଛନ୍ତି। ଦଶନ୍ଧି ଦଶନ୍ଧି ଧରି କ୍ଷମତା ଓ ପ୍ରତିନିଧିତ୍ୱରେ ରହିଥିବା ଏହି ଦୁଇ ପରିବାର ଯଦି ଲୋକଙ୍କ ମୌଳିକ ସମସ୍ୟା ଦୂର କରିପାରିଲେ ନାହିଁ, ତେବେ ଆଜି ଜିପିଡିଆ ପୋଲ ପ୍ରସଙ୍ଗରେ ଲୋକଙ୍କ ସମ୍ମୁଖରେ ଆସି କୁମ୍ଭୀର କାନ୍ଦଣା କାହିଁକି କାନ୍ଦୁଛନ୍ତି ? ଏହା କେବଳ ରାଜନୈତିକ ଫାଇଦା ହାସଲ ପାଇଁ ଲୋକଙ୍କ ଭାବନା ସହ ଖେଳିବାର ଉଦ୍ୟମ ବୋଲି ବିଜେପି ପକ୍ଷରୁ କୁହାଯାଇଛି। ପୂର୍ବ କନିକା ମଣ୍ଡଳ ସାଧାରଣ ସମ୍ପାଦକ ଅଞ୍ଜଳ ନାୟକ କହିଛନ୍ତି, ଆମର ପ୍ରିୟ ନେତା କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପ୍ରୟାସରେ ପୋଲ ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ ହୋଇ ସାରିଛି। ଖୁବ୍‌ଶୀଘ୍ର ଟେଣ୍ଡର ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। କିନ୍ତୁ ବିରୋଧୀ ଦଳର କୁଚକ୍ରୀ ନେତାମାନେ ଲୋକଙ୍କ ସମସ୍ୟାକୁ ନେଇ ମିଥ୍ୟା ରାଜନୀତି କରୁଛନ୍ତି। ଯେଉଁ ନାରୀନେତ୍ରୀ ଆଜି ଆନ୍ଦୋଳନରେ ସାମିଲ ହୋଇଛନ୍ତି ତାଙ୍କ ପିତା ଓ ଜେଜେ ଦୁଇଜଣ ଆମ ଅଞ୍ଚଳରୁ ବିଧାୟକ ହୋଇଛନ୍ତି। ହେଲେ କେତେଥର ବିଧାନସଭାରେ ସମସ୍ୟାକୁ ନେଇ କଥା ରଖିଛନ୍ତି। ଦୀର୍ଘ ୧୦ ବର୍ଷର ପ୍ରତିନିଧିତ୍ୱର ହିସାବ ଲୋକଙ୍କ ଆଗରେ ରଖିବାକୁ ବିଜେପି ନେତାମାନେ ବିରୋଧୀଙ୍କୁ ଆହ୍ୱାନ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତାମାନେ କହିଥିଲେ ଯେ, ଜିପିଡିଆ ପୋଲ ନିର୍ମାଣ ପ୍ରସଙ୍ଗରେ ବିରୋଧୀ ଦଳ ନିଜର ଅପାରଗତା ଲୁଚାଇବାକୁ ଯାଇ ଏବେ ଯେଉଁଭଳି ଭାବେ ଲୋକଙ୍କ ସମ୍ମୁଖରେ ମିଛ ନାଟକ କରୁଛନ୍ତି, ତାହା ରାଜନୈତିକ ଫାଇଦା ନେବାର ଏକ ପ୍ରୟାସ। ଲୋକଙ୍କ ହିତ ସହ ଜଡ଼ିତ ଏହି ପ୍ରସଙ୍ଗରେ ରାଜନୀତି ନକରି ବାସ୍ତବତାକୁ ସାମ୍ନାକୁ ଆଣିବାକୁ ସେମାନେ ବିରୋଧୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ପ୍ରସଙ୍ଗରେ ଲୋକଙ୍କୁ ସତ୍ୟ ତଥ୍ୟ ଅବଗତ କରାଯିବା ଆବଶ୍ୟକ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଯୁବନେତା ଦୀପକ କୁମାର ମଲ୍ଲିକ, ସଦର ମଣ୍ଡଳ ଉପସଭାପତି ପ୍ରୀତିରଞ୍ଜନ ନାୟକ, ସଦର ମଣ୍ଡଳ ସାଧାରଣ ସମ୍ପାଦକ ଶୁଭ୍ରଜିତ୍ ବିଶ୍ୱାଳ ଓ ଯୁବନେତା ଦେବଜ୍ୟୋତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଦମ୍ପତିଙ୍କ ହାତ ଗୋଡ଼ ବାନ୍ଧି ସୁନା ଓ ଟଙ୍କା ଲୁଟ୍

**ମାର୍ଶାଘାଇ,୭।୯/ଏନ୍ଏନ୍ଏସ୍:** ରବିବାର ରାତି ପ୍ରାୟ ୯ ଟା ସମୟରେ ମାର୍ଶାଘାଇ ଥାନା ଅନ୍ତର୍ଗତ ଗରଜଙ୍ଗା ଗ୍ରାମରେ ଏକ ବଡ଼ ଧରଣର ଲୁଟ ଘଟଣା ଘଟିଯାଇଛି। ପ୍ରକାଶ, ଗରଜଙ୍ଗା ଗ୍ରାମର ରାଜକୁମାର କାମିଲା ନିଜ ଘରେ ରାତି ପ୍ରାୟ ୯ ଟା ବେଳେ ବସି ମୋବାଇଲ ଦେଖୁଥିବା ବେଳେ ପତ୍ନୀ ରୋଷେଇରେ ବ୍ୟସ୍ତ ଥିଲେ। ଏହି ସମୟରେ ଘରର ମୁଖ୍ୟ ଦରଜା ଖୋଲା ଥିଲା। ହଠାତ ଏହି ସମୟରେ ଚାରି ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଘର ଭିତରକୁ ପଶିଯାଇଥିଲେ। ଏମାନଙ୍କୁ ଦେଖି ଗୃହକର୍ତ୍ତା ଉଠିପଡିବାରୁ ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ମୁଣ୍ଡରେ ବନ୍ଧୁକ ରଖି ହାତକୁ ପଛ ପଟକୁ କରି ବାନ୍ଧି ଦେଇଥିଲେ ଓ ଫୋନ ଛଡାଇ ନେଇଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ ଆସିଯିବାରୁ ତାଙ୍କୁ କାବୁ କରି ବାନ୍ଧି ପକାଇଥିଲେ। ଘରକୁ ଲାଗି ଅନ୍ୟ ବଖରାରେ ଥିବା ସୁନା ଦୋକାନର ଚାବି ମାଗିଥିଲେ ମାତ୍ର ଗୃହକର୍ତ୍ତା। ମନା କରିବାରୁ ତାଙ୍କୁ ଲୁହା ରଡ୍‌ରେ ବାଡ଼େଇ ଥିଲେ। ଭୟରେ ସେ ଚାବି ଦେଇଦେଇ ଥିଲେ। ଦୁଇଜଣ ସେମାନଙ୍କୁ ଜଗିଥିବା ବେଳେ ଅନ୍ୟ ଦୁଇଜଣ ଚାବି ନେଇ ଦୋକାନ ସଟର ଖୋଲି ପଚାଶ ଗ୍ରାମ ସୁନା ଓ ଦୁଇ କେଜି ରୂପା ଏବଂ ନଗଦ ୬୦ ହଜାର ଟଙ୍କା ଲୁଟି ନେଇଯାଇଥିଲେ। ଗଲାବେଳେ ଯଦି ପୁଲିସରେ କହିବ ତେବେ ତୁମକୁ ଜୀବନରେ ମାରିଦିଆଯିବ ବୋଲି କହିଥିବା ଗୃହକର୍ତ୍ତା ରାଜକୁମାର କାମିଲା ଏ ସମ୍ପର୍କରେ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ଆଇଆଇସି ତପନ ନାୟକ ପ୍ରକାଶ କରିଛନ୍ତି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣି



**ଆଳି,୭।୯/ଏନ୍ଏନ୍ଏସ୍:** ଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ମୋଟ୍ ୧୭୧ଟି ଅଭିଯୋଗ ହୋଇଥିବା ଜଣାପଡିଛି । ସେଥି ମଧ୍ୟରୁ ୨୫ଟି ସାମୂହିକ ଅଭିଯୋଗ ହୋଇଥିବା ବେଳେ ୧୪୬ ଟି ବ୍ୟକ୍ତିଗତ ଅଭିଯୋଗ ଥିବା ସୂଚନା ମିଳିଛି। ଏହି ଶିବିରରେ ୧୩ ଟି ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରା ଯାଇଥିବା ବେଳେ ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦଶ ହଜାର ଟଙ୍କାର ଆର୍ଥୀକ ସହାୟତା ଯୋଗାଇ ଦିଆଯାଇଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ଶିବିରରେ ସିଙ୍ଗିରି, ଚଣ୍ଡିଆଗଡି, ମାଣିକପାଟଣା ଓ ଅରେହିକଣା ପଞ୍ଚାୟତର ଶତାଧିକ ଚାଷୀ ବ୍ଲକକୁ ଆସି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ସେମାନେ ଚଳିତ ଥର ଖରିଫ ଧାନ ଚାଷ କରିଥିବା ବେଳେ ତାହା ଗତ ଜୁନ ମାସରୁ ଏବେ ପର୍ଯ୍ୟନ୍ତ ସେମାନଙ୍କ ଚାଷ ଜମି ସମ୍ପୂର୍ଣ୍ଣ ଭାବେ ବୁଡି ରହିଛି। ଫସଲ ନଷ୍ଟ ହୋଇ ଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ଏହାର ସରଜମିନ ତଦନ୍ତ କରାଯାଇ କ୍ଷୟକ୍ଷତି ଦେବାକୁ ଦାବି କରାଯାଇଛି। ସେହିପରି ମେଣ୍ଟପୁର ପଞ୍ଚାୟତର ୪ଟି ୱାର୍ଡର ପ୍ରାୟ ୨୫ଶହ ଭୋଟରଙ୍କ ନାମକୁ (ଫର୍ମ -୭)କୁ ବ୍ୟବହାର କରି କିଛି କୁଚକ୍ରି କାଟିଦେବା ନିମନ୍ତେ ମସୁଧା କରିଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଭୋଟର୍‌ମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେହିପରି ବିଭିନ୍ନ ସମସ୍ୟା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଆଡିସ୍‌ନାଲ ଏସ୍‌ପି ସୁଧାକର ସାହୁ,ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରା, ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ସୁମନ ଘୋଷଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଂସ୍କୃତ ମହାବିଦ୍ୟାଳୟରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ରାଜନଗର,୭।୯/ଏନ୍ଏନ୍ଏସ୍:** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସଂସ୍କୃତ ମହାବିଦ୍ୟାଳୟ ଓ ରାଜଭୂମି ମିଡିଆ ମିଳିତ ଆନୁକୂଲ୍ୟରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ ଅଧ୍ୟାପିକା ତନୁଶ୍ରୀ ମିଶ୍ର ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ଆଶିଷ କୁମାର ଜେନା, ମୁଖ୍ୟ ବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତଚନ୍ଦ୍ର ମହାପାତ୍ର, ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟକୁମାର ମିଶ୍ର ଓ ଡଃ ବିକ୍ରମାଦିତ୍ୟ ଦାସ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ରାଜଭୂମି ମିଡିଆର ଅଧ୍ୟକ୍ଷ ପବିତ୍ର ବ୍ରହ୍ମପୁତ୍ର ନାୟକ ଯୋଗଦେଇ ସଂସ୍କୃତ ଭାଷାର ମହନୀୟତା ଉପରେ ଆଲୋକପାତ କରିଥିଲେ। ଏହି ବ୍ଲକରେ ଥିବା ସମସ୍ତ ହାଇସ୍କୁଲର ସଂସ୍କୃତରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ ରାଜନଗର ଅଞ୍ଚଳର ବିଶିଷ୍ଟ ଆୟୁର୍ବେଦିକ ଚିକିତ୍ସକ ଡାକ୍ତର ବଟକୃଷ୍ଣ ମିଶ୍ର ସ୍ମୃତି ମେଧାବୃତି ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜଭୂମି ମିଡିଆର ଅଧ୍ୟକ୍ଷ ଶ୍ରୀ ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ମଧ୍ୟ ପାଳନ କରାଯାଇଥିଲା। ଅଧ୍ୟାପକ ଆଦିତ୍ୟ ତ୍ରିପାଠି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ନିହାର ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଅଭୟ ରାଉତ, ପୁରାତନ ଛାତ୍ର ତଥା ସଂସ୍କୃତ ଶିକ୍ଷକ ଶରତକୁମାର ରାଉତ ଓ ବରଦାକାନ୍ତ ଜେନା ସଂସ୍କୃତ ଶିକ୍ଷା ଉପରେ ନିଜର ମତାମତ ପ୍ରଦାନ କରିଥିଲେ।

# ସରକାର ଗଢ଼ିବେ ବନ୍ୟା ନିୟନ୍ତ୍ରଣ ନକ୍ସା

**ଧର୍ମଶାଳା,୭।୯/ଏନ୍ଏନ୍ଏସ୍:** ଧର୍ମଶାଳା ନିର୍ବାଚନମଣ୍ଡଳୀକୁ କିଭଳି ବନ୍ୟା କ୍ଷୟକ୍ଷତିରୁ ରୋକାଯାଇ ପାରିବ ସେ ନେଇ ଆଜି ବ୍ଲକ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ୟା ସମୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ନେଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଜସ୍ୱ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରିନ୍‌ସିପାଲ ସେକ୍ରେଟାରୀ ୱାଟର ରିସୋର୍ଶର ଆପାର୍ଟମେଣ୍ଟ, ଯାଜପୁର ଜିଲ୍ଲାପାଳ,ମୁଖ୍ୟଯନ୍ତ୍ରୀ ଏବଂ ସୁପରିଟେଣ୍ଡେଣ୍ଟ ଜଳସମ୍ପଦ ବିଭାଗ ପାଣି କୋଇଲିକୁ ଚିଠି କରି ଜଣାଇଥିଲେ। ଏହା ଉପରେ ବିସ୍ତୃତ ଆଲୋଚନା କରି ଧର୍ମଶାଳା ଅଞ୍ଚଳରେ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ ଗୁଡିକୁ ସ୍ଥିର କରି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇବା ଲାଗି ଜିଲ୍ଲାପାଳ ଜଣାଇଥିଲେ। ଏହାକୁ ନେଇ ଆଜି ବ୍ଲକ ପରିସରରେ ବିଧାୟକଙ୍କ ପ୍ରତିନିଧି ଅଭିଷେକ ରାଉତ, ଜିତେନ୍ଦ୍ର ରାଉତ ଧର୍ମଶାଳା ତହସିଲଦାର, ବିଡିଓଙ୍କ ସମେତ ଏସି ଆର୍‌ଡବ୍ଲ୍ୟୁଏସ୍‌ଏସ୍, ଏସି ପୂର୍ତ୍ତ ବିଭାଗ,ଏସି ଜଳସମ୍ପଦ ବିଭାଗ, ଏସି ଡ୍ରେନେଜ ଡିଭିଜନ, ଏସି ଆରଡି, ବ୍ଲକ କୃଷି ଓ ଉଦ୍ୟାନ ଅଧିକାରୀ ଅଧିକାରୀମାନେ ଯାଜପୁର ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ଏଥିରେ ସମସ୍ତ ବିଭାଗକୁ ନିଜ ନିଜର ଆବଶ୍ୟକତା ସମ୍ପର୍କରେ ପଚରାଯାଇ ଯଥାଶୀଘ୍ର ରିପୋର୍ଟ ପ୍ରଦାନ ପାଇଁ କୁହାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ଏବଂ ପୂର୍ଣ୍ଣ ସହଯୋଗର ହାତ ବଢ଼ାଇବାକୁ ବିଧାୟକ ଶ୍ରୀ ସାହୁଙ୍କ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିଲେ। ଆଜି ଆଲୋଚନାର ଏକ କିତା ନକଲ ବିଧାୟକ ଧର୍ମଶାଳା ଓ ଯଜପୁର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

# ଘରୁ ଲକ୍ଷାଧିକ ଟଙ୍କାର ସୁନା ଓ ଟଙ୍କା ଲୁଟ୍

**କାମାକ୍ଷାନଗର,୭।୯/ଏନ୍ଏନ୍ଏସ୍:** କାମାକ୍ଷାନଗର କଲେଜ ନିକଟରେ ଥିବା ଏକ ଘରର କବାଟ ଭାଙ୍ଗି ଲୁଟ୍। ଘରେ କେହି ନଥିବାର ସୁଯୋଗ ନେଇ କବାଟ ଭାଙ୍ଗି ଆଲମିରା ଓ ଗଡ୍‌ରେଜ୍‌ରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ। ଥାନାରେ ଅଭିଯୋଗ ପରେ ପୁଲିସର ତଦନ୍ତ ଆରମ୍ଭ। କାମାକ୍ଷାନଗର କଲେଜ ନିକଟରେ ଶିବରାମ ମହାକୁଡଙ୍କ ଘରୁ ଲୁଟ୍ ଅଭିଯୋଗ। ଗତକାଲି ପତ୍ନୀ ଭାନୁପ୍ରିୟା ମହାକୁଡଙ୍କ ଦେହ ଖରାପ ଥିବାରୁ ଶିବରାମ ତାଙ୍କୁ ନେଇ ଭୁବନେଶ୍ୱର ମେଡିକାଲ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଘରର କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଘର ଭିତରେ ଥିବା ଗଡ୍‌ରେଜ୍ ଓ ଆଲମିରା ଭାଙ୍ଗି ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ପରିବାର ଲୋକଙ୍କ କହିବା ଅନୁସାରେ, ୮୫ ହଜାର ଟଙ୍କା ନଗଦ ସହ ୭୪ ଗ୍ରାମ ସୁନା ଲୁଟ୍ ହୋଇଛି। ସୁନା ହାର, ରାଣୀହାର, ବ୍ରେସଲେଟ୍, ୨ଟି ମୁଦି ଓ ୨ଟି ଚୁଡ଼ି ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ପତ୍ନୀଙ୍କ ଦେହ ଖରାପ ଥିବାରୁ ତାଙ୍କୁ ନେଇ ଭୁବନେଶ୍ୱର ମେଡିକାଲ ଯାଇଥିଲି। ଆଜି ରାତି ପ୍ରାୟ ୮ଟା ୩୫ରେ ଘରକୁ ଫେରିବା ପରେ ଦେଖିଲି ଘରର କବାଟ ଭଙ୍ଗାଯାଇଛି। ଆଲମିରା ଓ ଗଡ଼ରେଜ୍ ଭାଙ୍ଗି ଟଙ୍କା ଓ ସୁନା ଗହଣା ନେଇଯାଇଛନ୍ତି। ଘଟଣା ନେଇ ଶିବରାମ ମହାକୁଡ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଢେଙ୍କାନାଳରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ କରିବା ସହ ଲୁଟେରାଙ୍କୁ ଧରିବା ସହ ଲୁଟ୍ ସାମଗ୍ରୀ ଉଦ୍ଧାର ପାଇଁ ପୁଲିସ ତଦନ୍ତ ଚଳାଇଛି।

# ମଧ୍ୟାହ୍ନ ଭୋଜନ ଚାଉଳ ଆତ୍ମସାତ ଅଭିଯୋଗରେ ପ୍ରଧାନଶିକ୍ଷକ ନିଲମ୍ବିତ

**ନାଉଗାଁ,୭।୯/ଏନ୍ଏନ୍ଏସ୍:** ନାଉଗାଁ ବ୍ଲକ୍ ଅନ୍ତର୍ଗତ ଗୋପାଳଜିଉ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନରେ ଥିବା ଗୋପାଳଜିଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପିଲାମାନଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳକୁ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ପ୍ରଧାନ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ଗତ ୪ତାରିଖରେ ଜନ୍ମାଷ୍ଟମୀ ପାଇଁ ସମସ୍ତ ବିଦ୍ୟାଳୟ ଛୁଟି ଥିବା ବେଳେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ପ୍ରଧାନ ବିଦ୍ୟାଳୟ ଖୋଲି ଛାତ୍ରଛାତ୍ରୀମାନଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳରୁ ଦୁଇବସ୍ତା ଚାଉଳ ନିଜ ଗାଡ଼ିରେ ଲଦି ନେଉଥିବା ସମୟରେ ଗୋଟିଏ ବସ୍ତା ଖସି ପଡ଼ିବାରୁ ସେଥିରେ ଥିବା ଚାଉଳ ତଳେ ବିଞ୍ଚି ଯାଇଥିଲା। ଫଳରେ ସେ ସେହି ବସ୍ତାକୁ ପୁନର୍ବାର ଗାଡ଼ିରେ ଲଦିବା ସହିତ ତଳେ ପଡ଼ିଯାଇଥିବା ଚାଉଳକୁ ତରବରିଆ ଭାବରେ ଗୋଟାଇ ପାଖରେ ଥିବା ସ୍କୁଲ ନାଳିକୁ ଫୋପାଡ଼ି ଦେଇଥିଲେ। ଯାହାକୁ ପାଖରେ ଥିବା ପଞ୍ଚାୟତ କାର୍ଯ୍ୟାଳୟର ପିଅନ ଭାସ୍କର ସାମଲ ଦେଖି ତାଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସମ୍ପୃକ୍ତ ଶିକ୍ଷକ ତାଙ୍କ କଥା ନ ଶୁଣି ଚାଉଳ ଲଦା ହୋଇଥିବା ଗାଡ଼ିନେଇ ସେଠାରୁ ପଳାଇଥିଲେ। ଏମିତିକି ବିଦ୍ୟାଳୟ ମୁଖ୍ୟ ଫାଟକରେ ଆଉ ତାଲା ପକାଇ ପାରିନଥିଲେ। ଅନ୍ୟପଟେ ଭାସ୍କର ଏ ସମ୍ପର୍କରେ ସ୍ଥାନୀୟ ଲୋକମାନଙ୍କୁ ଡାକି କହିବା ପରେ ସ୍ଥାନୀୟ ଲୋକମାନେ ଆସି ଘଟଣାସ୍ଥଳରେ ଚାଉଳ ବିଞ୍ଚିଯାଇଥିବା ଦେଖି ସେଠାରେ ହୋହାଲ୍ଲା କରିଥିଲେ। ଏମିତିକି ସମ୍ପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଏହି ବିଦ୍ୟାଳୟରେ ଶିକ୍ଷାଦାନ କରିବା ସମୟରେ



ପୂର୍ବରୁ ଏକାଧିକ ଅଭିଯୋଗ ବିଇଓଙ୍କ ନିକଟରେ ପହଞ୍ଚି ଥିବା ବେଳେ ଏହି ଘଟଣାରେ ମଧ୍ୟ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସଂପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେଲେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବାପାଇଁ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଯାହାକୁ ଦୃଷ୍ଟିରେ ରଖି ନାଉଗାଁ ବ୍ଲକ୍ ଶିକ୍ଷାଅଧିକାରୀ ଦିଲ୍ଲୀପ କୁମାର ବଡ଼ପଣ୍ଡା ଉକ୍ତ ଘଟଣାର ପ୍ରାଥମିକ ତଦନ୍ତ ଆଧାରରେ ଆଜି ସମ୍ପୃକ୍ତ ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ପ୍ରଧାନଙ୍କୁ ତାଙ୍କ କାର୍ଯ୍ୟରୁ ନିଲମ୍ବିତ କରିଥିବା ବେଳେ ସମ୍ପୂର୍ଣ୍ଣ ତଦନ୍ତ ପରେ ତାଙ୍କ ବିରୁଦ୍ଧରେ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ବଡ଼ପଣ୍ଡା ସୂଚନା ଦେଇଛନ୍ତି।


# ୧୨ ବୁଲେଟ୍ ଜବତ

**ତାଳଚେର,୭।୯/ଏନ୍ଏନ୍ଏସ୍:** ଆଗକୁ ବାବା ଗଣପତିଙ୍କର ପୂଜାଉତ୍ସବ ଥିବାରୁ ଏହାକୁ ଦୃଷ୍ଟିରେ ରଖି ବିକଟାଳ ଶବ୍ଦ କରୁଥିବା ବାଇକ ଗୁଡ଼ିକ ଟାର୍ଗେଟ କରି ଆଜି ତାଳଚେର ପୋଲିସ୍ ପକ୍ଷରୁ ଛକ, ମାର୍କେଟ, ରାଜପଥ ଓ ବିଭିନ୍ନ ରାସ୍ତା ଯୋରଦାର ଚଢ଼ାଉ କରିବା କରିବା ସହ ୧୨ଟି ବୁଲେଟ୍ ଜବତ କରିଥିବା ଜଣାପଡ଼ିଛି। ଏହି ବୁଲେଟ ଗୁଡ଼ିକ ପ୍ରଚଣ୍ଡ ଶବ୍ଦ ସହ ବସଭଳି ହର୍ଣ୍ଣ ବଜାଇ ମାର୍କେଟ ଗୁଡ଼ିକରେ ଚଳପ୍ରଚଳ କରୁଥିବାରୁ ବୃଦ୍ଧ, ବୃଦ୍ଧା, ଛୋଟପିଲା, ହୃଦରୋଗୀ ଆଦି ଚମକି କାନରେ ହାତ ଦେଇଥାନ୍ତି। ବାରମ୍ବାର ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇ ଉକ୍ତ ବୁଲେଟ ଗୁଡ଼ିକୁ ଜବତ କରିଥିବା ଘଟଣା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ।

**ନିତି ଭାରତୀ** | ଜଣେ ନିଜେ ଠିକ୍ ଥିଲେ ତାଙ୍କୁ ନିନ୍ଦା କି ପ୍ରଶଂସା, କିଛିହେଲେ ବିଚଳିତ କରି ପାରିବ ନାହିଁ, କାରଣ ସେ କ'ଣ, ତାହା ସେ ଜାଣିଥିବେ । - ମଦର ଟେରେସା

NITIDIN
ନିତିଦିନ
ମଙ୍ଗଳବାର, ୮ ସେପ୍ଟେମ୍ବର ୨୦୨୬

# ରାଷ୍ଟ୍ରଭକ୍ତି ଓ ରାଷ୍ଟ୍ରଗୀତ



ପ୍ରଫୁଲ୍ଲ କୁମାର ସାହୁ

ମାଟିକୁ ମା' କହିବାର ସଂସ୍କାର ଆମର ବହୁ ପ୍ରାଚୀନ । ସେହି ପରିପ୍ରେକ୍ଷୀରେ ଭାରତ ଆମ ପାଇଁ ମାଟିର ଦେଶ ନୁହେଁ, ମାତୃଭୂମି । ମାତ୍ର ମାତୃଭୂମି ଭାରତମାତାଙ୍କୁ ଦେବୀ ରୂପରେ ବର୍ଣ୍ଣନା କରିବାର ପ୍ରଥମ ଗ୍ରନ୍ଥ ହେଉଛି ବଙ୍ଗ ସାହିତ୍ୟର ବିଶିଷ୍ଟ କବି, ଔପନ୍ୟାସିକ, ପ୍ରାବନ୍ଧିକ ତଥା ରାଷ୍ଟ୍ରଋଷି ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ (୧୮୩୮- ୧୮୯୪) ପ୍ରଖ୍ୟାତ ଐତିହାସିକ ଉପନ୍ୟାସ 'ଆନନ୍ଦ ମଠ' । ସନ୍ନ୍ୟାସୀ ଆନ୍ଦୋଳନ ଉପରେ ଆଧାରିତ ଏହି ପ୍ରଖ୍ୟାତ ଉପନ୍ୟାସର ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ହେଉଛି ସେଥିରେ ସଂଯୋଜିତ ଜାତୀୟତାବାଦୀ ସଙ୍ଗୀତ 'ବନ୍ଦେ ମାତରମ୍', ଯାହା ଆନନ୍ଦ ମଠକୁ ଆଣି ଦେଇଛି ଏକ ଯୁଗାନ୍ତକାରୀ ଉପନ୍ୟାସର ମାନ୍ୟତା । ରାଷ୍ଟ୍ରର ଆତ୍ମାରୁ ଉତୁରି ଆସିଥିବା ଏହି ଗୀତ 'ଆନନ୍ଦ ମଠ' ଆତ୍ମପ୍ରକାଶ କରିବାର (୧୮୮୨) ସାତ ବର୍ଷ ପୂର୍ବରୁ ପ୍ରଥମ କରି ପ୍ରକାଶ ପାଇଥିଲା (ତା ୦୭.୧୧.୧୮୭୫ ରିଖ) 'ବଙ୍ଗ ଦର୍ଶନ' ପତ୍ରିକାରେ । ତା'ର ଚାରି ବର୍ଷ ପରେ ଜାତୀୟ କଂଗ୍ରେସର କଲିକତା ଅଧିବେଶନ (୧୯୮୬)ରେ ଏହାକୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଗାନ କରିଥିଲେ, ଯାହାକୁ ଶାସ୍ତ୍ରୀୟ ସ୍ୱରରେ ସଜେଇ ଥିଲେ ସଙ୍ଗୀତ ଶିଳ୍ପୀ ଯଦୁନାଥ ଭଟ୍ଟାଚାର୍ଯ୍ୟ । ସେବେଠାରୁ ଆରମ୍ଭ ହେଲା କଂଗ୍ରେସ ଅଧିବେଶନରେ ବନ୍ଦେ ମାତରମ୍ ଗାନ କରିବାର ପରମ୍ପରା ।

ଭାରତୀୟ ମୁକ୍ତି ସଂଗ୍ରାମର ମହାମନ୍ତ୍ର ବନ୍ଦେ ମାତରମ୍ । ପରାଧୀନ ଭାରତର ପ୍ରଥମ ବୈପ୍ଳବିକ ସ୍ଲୋଗାନ୍ । ବଙ୍ଗଭଙ୍ଗ ଆନ୍ଦୋଳନ ବେଳେ (୧୯୦୫) ଏହି ସଙ୍ଗୀତର ପ୍ରଥମ ଦୁଇଟି ଶବ୍ଦ ସ୍ଲୋଗାନ୍‌ରେ ପରିଣତ ହେଲା ଏବଂ ଭାରତବର୍ଷର ଏହି ପ୍ରଥମ ବୈପ୍ଳବିକ ସ୍ଲୋଗାନ୍‌ର ଶକ୍ତିଶାଳୀ ନିନାଦରେ ଥରି ଉଠିଲା ଇଂରେଜ ସରକାରଙ୍କ ଛାତି । ନିଜ ସାମ୍ରାଜ୍ୟ ପାଇଁ ବିପଦ ଆଶଙ୍କା କରି ବନ୍ଦେ ମାତରମ୍ ସଙ୍ଗୀତ ଓ ସ୍ଲୋଗାନ୍ ଉପରେ ସରକାର ଜାରି କଲେ (୧୯୦୫) ନିଷେଧାଜ୍ଞା । ଏହାକୁ ବେଖାତିର୍ କରି ଉତ୍ତର କଲିକତାରେ ପ୍ରତିଷ୍ଠା କରାଗଲା (ଅକ୍ଟୋବର ୧୯୦୫) ବନ୍ଦେ ମାତରମ୍ ସମ୍ପ୍ରଦାୟ । ସେଠାରେ ପ୍ରତି ରବିବାର ପ୍ରଭାତଫେରି ବେଳେ ଗାନ କରାଗଲା ବନ୍ଦେ ମାତରମ୍ ।

'ବନ୍ଦେ ମାତରମ୍' ଉଚ୍ଚାରଣ କରି ଆତ୍ମବଳି ଦେବାକୁ ଆଗେଇ ଆସିଲେ ଶହଶହ କ୍ରାନ୍ତିକାରୀ । କେବଳ କ୍ରାନ୍ତିକାରୀ ନୁହନ୍ତି, କୃଷକ, ଶ୍ରମିକ, ଏପରିକି ବିଦ୍ୟାର୍ଥୀମାନେ ମଧ ବନ୍ଦେ ମାତରମ୍ ଗାଇଲେ ଅତି ଶ୍ରଦ୍ଧା ଓ ଭକ୍ତିରେ । ସରକାରଙ୍କ ନିଷେଧାଜ୍ଞା ପ୍ରତିବାଦରେ ବରିଶାଲରେ (ବର୍ତ୍ତମାନ ବଙ୍ଗଳାଦେଶରେ ଅବସ୍ଥିତ) ଏକ ବିରାଟ ବନ୍ଦେ ମାତରମ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା (ତା ୨୦.୦୫.୧୯୦୬ ରିଖ), ଯେଉଁଠି ବନ୍ଦେ ମାତରମ୍ ପତାକା ଧରି ସହର ପରିକ୍ରମା କରିଥିଲେ ଉଭୟ ହିନ୍ଦୁ ଓ ମୁସଲିମ୍ ସମ୍ପ୍ରଦାୟର ଦଶ ହଜାର ଲୋକ । ଏଥିରେ ପ୍ରଭାବିତ ହୋଇ ବିପିନ୍ ଚନ୍ଦ୍ର ପାଲ ତାଙ୍କ ପତ୍ରିକାର ନାମ ରଖିଲେ (ଅଗଷ୍ଟ ୧୯୦୬) 'ବନ୍ଦେ ମାତରମ୍', ଯାହାର ମୁଖ୍ୟ ସମ୍ପାଦକ ଥିଲେ ଶ୍ରୀ ଅରବିନ୍ଦ । ଭିକାଜି କାମା ଭାରତର ପ୍ରଥମ ତ୍ରିରଙ୍ଗା ପତାକା ତିଆରି କରି ତା' ମଝିରେ ଲେଖିଲେ ବନ୍ଦେ ମାତରମ୍ ।

ବିଡ଼ମ୍ବନାର ବିଷୟ, ଏହି ସଙ୍ଗୀତରେ ଭାରତମାତାଙ୍କୁ ଦୁର୍ଗା ଭାବରେ ଅଭିହିତ କରି ରିପୁଦଳଓ୍ୱାରିଣୀ ବୋଲି କୁହାଯାଇଥିବାରୁ ତାହାକୁ ଇସଲାମ୍ ବିରୋଧୀ କହି ଅମୃତସରେ ମୁସଲିମ୍ ଲିଗ୍ (୧୯୦୮) ସମ୍ମିଳନୀରେ ପ୍ରସଙ୍ଗ କଲେ ମୁସଲିମ୍ ଲିଗ୍‌ର ନେତା ସୟଦ ଅଲ୍ଲି




ଇମାମ୍ । ସେବେଠାରୁ ପାଉଁଶ ତଳେ ନିଆଁ ପରି କୁହୁଳୁଥିବା ସେ ଅସନ୍ତୋଷ ଉଗ୍ରରୂପ ନେବାରୁ କଂଗ୍ରେସ ଏହି ଗୀତକୁ ପରିତ୍ୟାଗ କରୁ ବୋଲି ଦାବି କଲେ ମହମ୍ମଦ ଅଲ୍ଲି ଜିନ୍ନା । ମାତ୍ର କଂଗ୍ରେସ ପାଇଁ ବନ୍ଦେ ମାତରମ୍ କିଛି ସାଧାରଣ ସଙ୍ଗୀତ ନଥିଲା; ଏହା ଥିଲା ସ୍ୱାଧୀନତା ଆନ୍ଦୋଳନର ଆତ୍ମା । ଗାନ୍ଧିଜୀଙ୍କ ମତରେ, ପବିତ୍ରତମ ଆତ୍ମାରୁ ଆସିଥିବା ଏହି ସଙ୍ଗୀତ ଓ ସ୍ୱାଧୀନତା ଆନ୍ଦୋଳନ ପରସ୍ପର ପରିପୂରକ ଓ ଅବିଚ୍ଛେଦ୍ୟ । ସେଥିପାଇଁ ସେ ବିଭିନ୍ନ ସଭା ମଞ୍ଚରେ ଏହାକୁ ଉଚ୍ଚାରଣ କରିବା ସହିତ ପ୍ରତ୍ୟେକ ଚିଠି ଶେଷରେ ଲେଖୁଥିଲେ ବନ୍ଦେ ମାତରମ୍ । ପଣ୍ଡିତ ନେହରୁ କହୁଥିଲେ, ବନ୍ଦେ ମାତରମ୍ ଅହିଂସାର ନୂଆ ଶବ୍ଦ, ଯାହା ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତି ଯୋଗାଇବା ସହିତ ସୃଷ୍ଟି କରି ସାରିଛି ତ୍ୟାଗ ଓ ବଳିଦାନର ଅଦ୍ଭୁତ ଇତିହାସ । ଗୋଟିଏ ପଟରେ ବନ୍ଦେ ମାତରମ୍ ସଙ୍ଗୀତର ଅଦ୍ଭୁତ ଦେଶାତ୍ମବୋଧକ ଶକ୍ତି ଓ ଅନ୍ୟ ପଟରେ ସାମ୍ପ୍ରଦାୟିକ ସଦ୍‌ଭାବନାର ଆବଶ୍ୟକତା- ଉଭୟକୁ ଦୃଷ୍ଟିରେ ରଖି ସମସ୍ୟାର ସମାଧାନ ପାଇଁ ବସିଲା କଂଗ୍ରେସ କାର୍ଯ୍ୟକାରିଣୀ । ଜବାହାରଲାଲ ନେହରୁ, ମୌଲାନା ଅବୁଲ କଲାମ୍ ଆଜାଦ୍, ସୁଭାଷ ଚନ୍ଦ୍ର ବୋଷ ଓ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କୁ ନେଇ (୧୯୩୭) ଗଠନ ହେଲା ସବ୍‌କମିଟି । ଶେଷରେ, କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ପରାମର୍ଶ ଲୋଡ଼ାଗଲା ଓ ସେ ବିବାଦୀୟ ପ୍ରସଙ୍ଗ ଉପରେ ତର୍ଜମା କରି କହିଲେ- 'ଏହି ଗୀତର ପ୍ରଥମ ଦୁଇ ପଦକୁ ମୁଁ ସର୍ବାନ୍ତକରଣରେ ସ୍ୱୀକାର କରୁଛି, ଯାହା ଯୁବ କ୍ରାନ୍ତିକାରୀଙ୍କ ବଳିଦାନ ସହିତ ଯୋଡ଼ିହୋଇ ରାଷ୍ଟ୍ରୀୟ ଗାନରେ ପରିଣତ ହୋଇ ସାରିଛି ।' କବିଙ୍କ ପରାମର୍ଶ ଆଧାରରେ ସଙ୍ଗୀତର ଛଅ ପଦ ମଧ୍ୟରୁ ପ୍ରଥମ ଦୁଇ ପଦକୁ ଗ୍ରହଣ କରିବା ପାଇଁ ହରିପୁରା (୧୯୩୮) ଅଧିବେଶନରେ ନିଷ୍ପତ୍ତି ନେଲା କଂଗ୍ରେସ କାର୍ଯ୍ୟକାରିଣୀ ।

ମାତୃଭୂମି ଆରାଧନାର ମହାମନ୍ତ୍ର ବନ୍ଦେ ମାତରମ୍ । ଭାରତର ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ମହାପାଠ । ଜନ୍ମଭୂମିର ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି- ସେହି ମା'ର ମୁଁ ବନ୍ଦନା କରୁଛି, ଯିଏ ମଧୁର ଜଳ ଓ ଫଳରେ ଭରା । ଯା'ର ଭୂମି ଶସ୍ୟଶ୍ୟାମଳା ଓ ପ୍ରାଣକୁ ଉଲ୍ଲସିତ କରେ ତା'ର ମଳୟ ପବନ । ଯା'ର ଶୁଭ୍ର ଜ୍ୟୋତ୍ସ୍ନାଲୋକରେ ରାତ୍ରି ପୁଲକିତ, ପୁଷ୍ପରେ ବୃକ୍ଷରାଜି ସୁଶୋଭିତ, ସେହି ସୁଖ ପ୍ରଦାୟିନୀ, ବର ପ୍ରଦାୟିନୀ ମା'କୁ ମୋର ପ୍ରଣାମ । ଏଥିରେ କବି ଯେଉଁ ଯାଦୁକରୀ ଶବ୍ଦ ପ୍ରୟୋଗ କରିଛନ୍ତି, ତାହା ଅନନ୍ୟ ଓ ଅସାଧାରଣ । ତା'ର ଶୁଦ୍ଧ ସଂସ୍କୃତ ଶବ୍ଦ ଓ ବଙ୍ଗ ଭାଷାର ଛନ୍ଦ ଲାଳିତ୍ୟ ପ୍ରାଣରେ ସୃଷ୍ଟି କରିପାରେ ଅଦ୍ଭୁତ ଉନ୍ମାଦନା । ବଙ୍ଗଳା ଭାଷାରେ ଲେଖା ଯାଇଥିଲେ ବି ସଂସ୍କୃତ ଭାଷାର ପ୍ରାଧାନ୍ୟ ଯୋଗୁଁ ତାହା ଡେଇଁ ଯାଇଛି ଭାଷାଗତ ସୀମା । ଅନ୍ୟ ପକ୍ଷରେ, ବଙ୍ଗଳା ଓ ସଂସ୍କୃତ ଭାଷାରେ ଲେଖା ଯାଇଥିବାରୁ ସାଧାରଣ ଲୋକଙ୍କ ପକ୍ଷରେ ଏହାର ଉଚ୍ଚାରଣ ଥିଲା କଷ୍ଟକର । ଏହି କାରଣରୁ ସ୍ୱାଧୀନତା ପରେ ବନ୍ଦେ ମାତରମ୍ ପରିବର୍ତ୍ତେ ରବୀନ୍ଦ୍ରନାଥ ଟାଗୋରଙ୍କ ରଚିତ 'ଜନଗଣ ମନ ଅଧିନାୟକ' (୧୯୧୧)କୁ ଜାତୀୟ ସଙ୍ଗୀତ ଭାବରେ ଚୟନ କଲା ସମ୍ବିଧାନ ସଭା । ବିଶେଷଜ୍ଞଙ୍କ ମତରେ, ଜନଗଣ ମନ ଅଧିନାୟକ ଥିଲା ଅପେକ୍ଷାକୃତ ସହଜ, ସୁଲଳିତ ଏବଂ ବ୍ୟାଣ୍ଡ୍ ଅନୁବନ୍ଧିତ । ବିଦେଶୀ ବାଦ୍ୟକାରମାନଙ୍କ ପାଇଁ ମଧ ଏହା ଥିଲା ସହଜ ।

ଅନ୍ୟ ପକ୍ଷରେ, ବନ୍ଦେ ମାତରମ୍ ଥିଲା ଭାରତର ଜାତୀୟ ସ୍ତୋତ୍ର । ନାନା ବୈଷୟିକ କାରଣରୁ ତାହା ଜାତୀୟ ସଙ୍ଗୀତ ଭାବରେ ଚୟନ ନ ହେବାରୁ ଚିନ୍ତାରେ ପଡ଼ିଲା ସମ୍ବିଧାନ ସଭା । ବହୁ ବିଚାର ବିମର୍ଶ ପରେ ଜାତୀୟ ସଙ୍ଗୀତର ସମାନ ମାନ୍ୟତାରେ ତାକୁ ଦିଆଗଲା (ତା ୨୪.୦୧.୧୯୫୦ ରିଖ) ରାଷ୍ଟ୍ରୀୟ ଗୀତର ଦର୍ଜା ।

ରାଷ୍ଟ୍ର କେବଳ ଏକ ଭୌଗୋଳିକ ଭୂଖଣ୍ଡ ନୁହେଁ, ବରଂ ସାମୂହିକ ଏକତାର ଜୀବନ୍ତ ପ୍ରତୀକ । ସହାବସ୍ଥାନ ହିଁ ତା'ର ଆତ୍ମା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ବିଚାରଧାରା ହେଉଛି ରାଷ୍ଟ୍ରର ପରିଭାଷା । ଏହି ଆଧାରରେ ମୁକ୍ତି ସଂଗ୍ରାମ ସମୟରେ ବନ୍ଦେ ମାତରମ୍ ବିବାଦ ତୁଟିଥିଲା, ଯାହାକୁ ନେଇ ଏବେ ତେଜୁଛି ରାଜନୀତି । ଯିଏ ଯେତେ ରାଜନୀତି କରୁ ନା କାହିଁକି, ଲୋକଙ୍କ ମନରୁ କେବେ ଊଣା ପଡ଼ିନି କି ପଡ଼ିବନି ବନ୍ଦେ ମାତରମ୍ ପ୍ରତି ଆଦର ଓ ସମ୍ମାନ । କାରଣ ଏହି ମାତୃବନ୍ଦନା ସହିତ ଯୋଡ଼ିହୋଇ ରହିଛି ଦେଶର ସଂସ୍କୃତି ଓ ସାର୍ବଭୌମତ୍ୱର ସୁରକ୍ଷା ବା ସାଂସ୍କୃତିକ ରାଷ୍ଟ୍ରବାଦ । ଭାରତରେ ବୈଦିକ କାଳରୁ 'ମାତା ଭୂମିଃ ପୁତ୍ରୋହମ୍ ପୃଥିବ୍ୟାଃ' ଆଦି ମନ୍ତ୍ର ଆଧାରରେ ଏହି ବିଚାରଧାରା ଆମ ରକ୍ତରେ ପ୍ରବାହିତ ।

ଅନ୍ୟ ପକ୍ଷରେ, ରାଜନୈତିକ ପତିଆରା ପାଇଁ ଯେତେ ଆଇନ୍ ପ୍ରଣୟନ କରନ୍ତୁ ନା କାହିଁକି, ସରକାରୀ ସ୍ତରରେ କ୍ରମାଗତ ବଢୁଛି ରାଷ୍ଟ୍ରୀୟ ଗୀତ ପ୍ରତି ଅବହେଳା ଓ ଅବମାନନା । କେଇ ଦଶନ୍ଧି ପୂର୍ବରୁ ସକାଳ ହେଲେ 'ବନ୍ଦେ ମାତରମ୍'ରୁ ଆରମ୍ଭ ହେଉଥିଲା ଆକାଶବାଣୀ କାର୍ଯ୍ୟକ୍ରମ । ଏବେ ରେଡ଼ିଓର ସ୍ଥାନ ନେଇଛି ଦୂରଦର୍ଶନ । କିନ୍ତୁ ସକାଳ ହେଲେ ସେଥିରୁ ଭାସି ଆସୁନାହିଁ ବନ୍ଦେ ମାତରମ୍ ସଙ୍ଗୀତର ମଧୁର ଲହରୀ । ଅଗଷ୍ଟ ପନ୍ଦର ଓ ଜାନୁଆରୀ ଛବିଶ ଭଳି ଜାତୀୟ ଦିବସ ବ୍ୟତୀତ ପ୍ରାୟ ବନ୍ଦ ହୋଇଗଲାଣି ଦେଶ ବନ୍ଦନାର ଧାରାବାହିକ ପ୍ରସାରଣ । ଏହା ହିଁ ରାଷ୍ଟ୍ରୀୟ ଗୀତ ପ୍ରତି ଅବମାନନାର ନମୁନା, ଯାହାକୁ କୁହାଯାଏ ନକଲି ରାଷ୍ଟ୍ରବାଦ ।

ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର
ଭଦ୍ରକ, ମୋ: ୬୩୭୧୬୪୨୪୬୪

# ସୁଯୋଗର ଅପଚୟ

ତିନି ଚାରି ମାସ ହେବ ଭାରତରେ ଗୋଟିଏ ସ୍ୱର ପ୍ରାୟ ସମସ୍ତଙ୍କ କଣ୍ଠରେ ଉଚ୍ଚାରିତ ହେଉଛି, ଯାହାର ନାମ ଜେନ୍-ଜେଡ୍ ବା ଅଧିକାଂଶ ଯାହାକୁ ଜେନ୍-ଜି କହୁଛନ୍ତି । ଏହା ସେହି ପିଢ଼ିର ନାମ, ଯାହାଙ୍କ ଉପରେ ଦେଶର ଭବିଷ୍ୟତ ନିର୍ଭର କରୁଛି ଏବଂ ଏହା ବର୍ତ୍ତମାନ କେନ୍ଦ୍ର ସରକାରଙ୍କଠୁ ଆରମ୍ଭ କରି ରାଜ୍ୟ ସରକାରମାନଙ୍କ ପାଇଁ ଏକ ମୁଣ୍ଡବିନ୍ଧାର କାରଣ ପାଲଟିଛି । ସେମାନେ ନିକଟ ଅତୀତରେ ସେମାନଙ୍କର ସଫଳତାକୁ ମଧ ପ୍ରଦର୍ଶନ କରି ସାରିଛନ୍ତି କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଆଦାୟ କରି । ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଳମ୍ବରେ ହେଲେ ସୁଦ୍ଧା ଏହି ପିଢ଼ିକୁ ନିଜ ଆଡ଼କୁ ଆକର୍ଷିତ କରି ସେମାନଙ୍କ ଉପରେ ବିଜୟ ଲାଭ କରିବାର ଉଦ୍ୟମ କରିଛନ୍ତି ଏକ ସଚେତନ ଶୈଳୀରେ ଯାହାକି ତାଙ୍କ ନେତୃତ୍ୱାଧୀନ ସରକାରର ନୀତି ଏବଂ କାର୍ଯ୍ୟଗୁଡ଼ିକ ବିରୁଦ୍ଧରେ ସଡ଼କରେ ପ୍ରତିବାଦ କରି ଚାଲିଛି । ତେବେ ଏହି କଠିନ କାର୍ଯ୍ୟକୁ ଶେଷ କରିବାର ପ୍ରତ୍ୟେକଟି ଉଦ୍ୟମରେ ସେ ପଛରେ ପଡ଼ି ଯାଉଥିବା ମନେ ହେଉଛି । ନିକଟରେ ଦିଲ୍ଲୀର ଏକ କଲେଜରେ ବିଦ୍ୟାର୍ଥୀମାନଙ୍କ ସହିତ ଜଡ଼ିତ ହେବା ପାଇଁ ତାଙ୍କର ଉଦ୍ୟମ ଆଉ ଏକ ସୁଯୋଗ ହରାଇବାର ଉଦାହରଣ ସମ୍ମୁଖକୁ ଆଣିଛି । ସେ ଏହି କଲେଜରେ ପଦାର୍ପଣ କରିବାର ଦୀର୍ଘ ୧୩ ବର୍ଷ ପରେ ପୁଣି ଥରେ ଏବେ ସେହି କ୍ୟାମ୍ପସ୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ତାଙ୍କର ଗତ ଥରର ଗସ୍ତ ଏବଂ ଚଳିତ ଥରର ଗସ୍ତ ଭିତରେ ଯମୁନା ନଈରେ ଅନେକ ପାଣି ବହି ଗଲାଣି ଏବଂ ଶ୍ରୀଯୁକ୍ତ ମୋଦୀଙ୍କ ସମେତ କୋଟି କୋଟି ଭାରତୀୟଙ୍କ ଜୀବନରେ ଅନେକ କିଛି ଘଟଣା ଘଟି ସାରିଲାଣି । ଇତି ମଧ୍ୟରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ଲଗାତର ତିନି ଥର ଲୋକସଭା ନିର୍ବାଚନରେ ବିଜୟ ଲାଭ କରି ସାରିଛନ୍ତି; ପ୍ରଥମ ଥର ତାଙ୍କ ପ୍ରତିଶ୍ରୁତିର ଶକ୍ତି ବଳରେ ଯେ ସେ ସବୁ ଭାରତୀୟଙ୍କ ପାଇଁ 'ଅଚ୍ଛେ ଦିନ୍' ବା ସୁଦିନ ନେଇ ଆସିବେ; ଏବଂ ତିନି ଥରଯାକ ସେ ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ସେ ବିଜେପିର ନେତୃତ୍ୱ ନେଉଛନ୍ତି, ଯାହା ଏକ ଭିନ୍ନ ରାଜନୀତିକ ଦଳ ବୋଲି ଦାବି କରି ଆସୁଛି ଏବଂ ପ୍ରଥମ ଦୁଇ ପାଳିରେ ସେ ଲୋକସଭାରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ, ଯାହା ତାଙ୍କୁ ନିଜ ପ୍ରତିଶ୍ରୁତି ପୂରଣ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିଥିଲା ।

ତେବେ ଦୀର୍ଘ ୧୩ ବର୍ଷର ବ୍ୟବଧାନ ପରେ ଏବେ ଯେତେବେଳେ ଶ୍ରୀଯୁକ୍ତ ମୋଦୀ ସେହି କଲେଜର ପରିସରରେ ପାଦ ଥାପିଲେ, ସେ ଦେଶର ସଦ୍ୟତମ ମୋଟ ଘରୋଇ ଉତ୍ପାଦ (ଜିଡିପି) ପରିସଂଖ୍ୟାନ ବିଷୟରେ ତୂରୀ ବଜେଇବା ଆରମ୍ଭ କରିଦେଲେ, ଯାହାକୁ ତାଙ୍କ ସରକାର ଅତି ବିଶାଳ ସଫଳତା ବୋଲି ଦାବି କରୁଛି, ପରନ୍ତୁ ଗୋଟିଏ ବର୍ଗର ଅର୍ଥନୀତିଜ୍ଞମାନଙ୍କ ଦ୍ୱାରା ଏହା କେବଳ ଗୋଲାପି ସ୍ୱପ୍ନ ବୋଲି କୁହାଯାଉଛି । ତାଙ୍କର ବିରୋଧୀମାନଙ୍କ ମତରେ, ଯଦି ସେହି ପରିସଂଖ୍ୟାନ ସତ ଏବଂ ସରକାର ଯାହା କହୁଛନ୍ତି, ଠିକ୍ କହୁଛନ୍ତି, ତା'ହେଲେ ଏହା କାହିଁକି ଚାକିରି ସୃଷ୍ଟି କରି ପାରୁନାହିଁ ? ସେମାନଙ୍କର ଏହି ପ୍ରଶ୍ନ ଜେନ୍-ଜିଙ୍କ ମନରେ ଗୁଞ୍ଜରିତ ହେଉଛି, କାରଣ ଏହା ଏହି ପିଢ଼ିର ଜୀବନ ଜୀବିକାକୁ ସ୍ପର୍ଶ କରୁଛି । ଶ୍ରୀଯୁକ୍ତ ମୋଦୀ କେବଳ ସେଇ ଗୋଟିଏ ପୁରୁଣା ରେକର୍ଡ- ବିରୋଧୀମାନେ ସବୁବେଳେ ନକାରାତ୍ମକ କଥାରେ ବ୍ୟାପୃତ ରହୁଛନ୍ତି- ବଜାଇବା ବ୍ୟତୀତ ତାଙ୍କଦ୍ୱାରା କଥିତ ଜିଡିପି ଅଭିବୃଦ୍ଧି କାହାଣୀ ଠିକ୍ ବୋଲି ପ୍ରମାଣିତ କରିବାକୁ କୌଣସି ପ୍ରକାରର ଉଦ୍ୟମ କରି ନଥିଲେ । ବିଶ୍ୱରେ ବିଭିନ୍ନ ଭାଗରେ ଯୁଦ୍ଧ ଲାଗି ରହିଥିବା ଓ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ରହିଥିବା ସତ୍ତ୍ୱେ ଭାରତ କର୍ମନିଯୁକ୍ତିର ସୁଯୋଗମାନ ସୃଷ୍ଟି କରି ଚାଲିଛି ବୋଲି ସେ ଦେଶର ସାମର୍ଥ୍ୟ ପ୍ରଦର୍ଶନ କରିବାକୁ ଚାହୁଁଥିବା ବେଳେ ଏ ବାବଦରେ ସମସ୍ତଙ୍କର ହୃଦ୍‌ବୋଧ ହେବା ଭଳି ତଥ୍ୟମାନ ଏହା ସହିତ ଯୋଡ଼ିବାର ଥିଲା; କେବଳ 'ଯେଉଁମାନେ ଅସ୍ଥିର ପାଞ୍ଚ ଭିତରକୁ ଅର୍ଥନୀତିକୁ ଠେଲି ଦେବା ପାଇଁ ଦାୟୀ (ହଜମ କରି ପାରୁ ନାହାନ୍ତି)' ବୋଲି କହି ବିରୋଧୀମାନଙ୍କ ଉଦ୍ଦେଶ୍ୟରେ କଟାକ୍ଷ କରିବା ଏ କ୍ଷେତ୍ରରେ କ୍ୱଚିତ୍ କାହାକୁ ସନ୍ତୁଷ୍ଟ କରି ପାରିବ ।

ଏମିତିକି ବିଜେପିର ବିରୋଧୀମାନେ ମଧ ଏକଥା ସ୍ୱୀକାର କରିବେ ଯେ ଶ୍ରୀଯୁକ୍ତ ମୋଦୀଙ୍କ ଅଧୀନରେ ସରକାରମାନେ ସ୍ୱପ୍ନକୁ ସାକାର କରିବା ପାଇଁ ବଡ଼ ବଡ଼ ଭିତ୍ତିଭୂମି ପ୍ରକଳ୍ପମାନ ସୃଷ୍ଟି କରିବାର କାରଣ ହୋଇ ଦେଶର ଯୁବ ପିଢ଼ି ଆଗକୁ ବଢ଼ିବା ପାଇଁ ମଞ୍ଚମାନ ପ୍ରସ୍ତୁତ କରିଛନ୍ତି । ସେହି ଅବସରରେ ଶ୍ରୀଯୁକ୍ତ ମୋଦୀ ଏକ ପ୍ୟାକେଜ୍ ସହିତ ତାହା ଉପସ୍ଥାପନ କରି ପାରିଥାନ୍ତେ, ଯାହା ସରକାରଙ୍କ ତରଫରୁ ଜେନ୍-ଜିଙ୍କ ପାଇଁ ଏକ ଅବସର ଭାବରେ ଉପସ୍ଥାପିତ ହେବା ସହିତ ସେଥିରେ ସେମାନଙ୍କର ଅବଦାନ ରହିବା କଥା କହି ପାରିଥାନ୍ତେ । ସେ ହୁଏତ ସେମାନଙ୍କ ପାଇଁ କ'ଣ କରିବାକୁ ସକ୍ଷମ ହୋଇ ପାରିବେ, ସେକଥା କହିବା ପରେ ସେମାନଙ୍କୁ ସେହିସବୁ ପ୍ରକଳ୍ପ ସଫଳ ହେବା ନିମନ୍ତେ କଠିନ ପରିଶ୍ରମ କରିବାକୁ ଆହ୍ୱାନ ଦେଇ ପାରିଥାନ୍ତେ, ଯାହାକି ଶୂନ୍ୟ ନିବେଶ ଏବଂ ସମ୍ବଳର ଅଧିକାରୀ ସବୁ ପ୍ରୋତ୍ସାହନ ପ୍ରଦାନକାରୀ ବକ୍ତା କହିଥାନ୍ତି । ଏଣୁ, ଏସବୁରୁ କିଛି ନ କରି କେବଳ ବିରୋଧୀ ଦଳରେ ଯେଉଁମାନେ ଗତ ବାର ବର୍ଷ ଧରି ତାଙ୍କର ସମାଲୋଚନା କରି ଆସୁଛନ୍ତି, ସେହିମାନଙ୍କ କଥା କହି ସେ ନିଜର ଶକ୍ତି ଏବଂ ସୁଯୋଗର ଅପଚୟ କଲେ ବୋଲି କହିବା ଅଯଥାର୍ଥ ହେବନାହିଁ । ଶ୍ରୀଯୁକ୍ତ ମୋଦୀ ହୁଏତ ନିଜକୁ ଓଜି (ମୂଳ ଦଳପତି) ଭାବରେ ଉପସ୍ଥାପନ କରିବାକୁ ଚାହାନ୍ତି, କିନ୍ତୁ ଜେନ୍-ଜିଙ୍କୁ ସେ ତାହା ହୋଇ ପାରିବାର ସାମର୍ଥ୍ୟ ବହନ କରନ୍ତି ବୋଲି ବୁଝାଇବା ନିମନ୍ତେ ତାଙ୍କୁ ଯଥେଷ୍ଟ ଘରକାମ ବା ହୋମ୍‌ଓ୍ୱାର୍କ୍ କରିବାକୁ ପଡ଼ିବ ବୋଲି ମନେହୁଏ । ଏହି ପିଢ଼ି ଶୈଳୀ ଅପେକ୍ଷା ତଥ୍ୟରେ ଅଧିକ ଆସ୍ଥା ରଖନ୍ତି, ଆଉ ଚିରାଚରିତ ଯୋଜନା, ରଣନୀତି ଏବଂ ସାଧନଗୁଡ଼ିକ ନେଇ, ଯେଉଁଗୁଡ଼ିକ ସେମାନଙ୍କର ପିତାମାତାଙ୍କ ମନ ଜିଣିବା ପାଇଁ ବ୍ୟବହାର କରାଯାଉଥିଲା, ସେଗୁଡ଼ିକୁ ନେଇ ସେମାନଙ୍କ ନଜରରେ ଭଲ ମଣିଷ ହେବା ବହୁତ କଷ୍ଟକର । ଯୁବ ପିଢ଼ି ଯାହା ଆବଶ୍ୟକ କରୁଛି, ତାହା କେବଳ ନବୋନ୍ମେଷ ନୁହେଁ, ତା'ଠୁ ଆହୁରି ଅଧିକ କିଛି ବୋଲି ଶ୍ରୀଯୁକ୍ତ ମୋଦୀ ବୁଝିଯିବା ଉଚିତ ।

# ପ୍ରଶ୍ନ ପଚାରିବାର ଭୟ ଏବଂ ଏଆଇ ଯୁଗର ଆହ୍ୱାନ



ରୁଦ୍ର ପ୍ରସନ୍ନ ରଥ


ଭାରତୀୟ ସମାଜରେ ପିଲାଦିନୁ ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରା ଆମ ମୁଣ୍ଡରେ ପୂରାଇ ଦିଆଯାଏ । ତାହା ହେଲା- ବଡ଼ମାନଙ୍କ କଥାରେ ବେଶୀ ପ୍ରଶ୍ନ ପଚାର ନାହିଁ । ଆମର ପାରିବାରିକ ତଥା ସାମାଜିକ ଢାଞ୍ଚା ଏପରି ଭାବରେ ଗଠିତ ଯେ ନିଜ ପିତାମାତା, ଶିକ୍ଷକ, ବୟସ୍କ ଗୁରୁଜନ କିମ୍ବା କର୍ମକ୍ଷେତ୍ରରେ ନିଜ ଉଚ୍ଚାଧିକାରୀଙ୍କୁ କୌଣସି ବିଷୟରେ ଯୁକ୍ତିଯୁକ୍ତ କାରଣ ପଚାରିବାର ଅର୍ଥ ହେଉଛି, ସେମାନଙ୍କୁ ଅବମାନନା କରିବା । ଏହି ମାନସିକତା ଯୋଗୁଁ ଯିଏ ଅଧିକ ପ୍ରଶ୍ନ କରେ କିମ୍ବା ଜାଣିବାକୁ ଚେଷ୍ଟା କରେ, ତାକୁ ସମାଜରେ ଜଣେ 'ବିଦ୍ରୋହୀ', 'ବେଆଦବ' କିମ୍ବା 'ସମସ୍ୟା ସୃଷ୍ଟିକାରୀ' ବୋଲି ଆଖ୍ୟା ଦିଆଯାଏ । ଏହି ପ୍ରକ୍ରିୟାରେ ଅନେକ ଉଜ୍ଜ୍ୱଳ ଏବଂ ଜିଜ୍ଞାସୁ ମନକୁ ସେମାନଙ୍କର ଶୈଶବରୁ ହିଁ ଚୁପ୍ କରାଇ ଦିଆଯାଏ । ଫଳ ସ୍ୱରୂପ, ସମାଜରେ ଏକ ଅଦୃଶ୍ୟ ଭୟର ବାତାବରଣ ସୃଷ୍ଟି ହୁଏ, ଯେଉଁଠାରେ ଲୋକମାନେ ନିଜର ସନ୍ଦେହ ଦୂର କରିବାକୁ କିମ୍ବା କିଛି ନୂଆ ଶିଖିବାକୁ ପ୍ରଶ୍ନ କରିବା ପାଇଁ ଭୟ କରନ୍ତି ।

ବିନା ପ୍ରଶ୍ନରେ ମଣିଷର ତାର୍କିକତା ବା ଯୁକ୍ତିଯୁକ୍ତ ଚିନ୍ତାଧାରା (ର୍ୟାସନାଲିଟି) କେବେହେଲେ ପ୍ରମାଣିତ ହୋଇ ପାରିବ ନାହିଁ । ମଣିଷ ନିଜର ବୌଦ୍ଧିକ କ୍ଷମତା ଯୋଗୁଁ ଅନ୍ୟ ପ୍ରାଣୀମାନଙ୍କଠାରୁ ଭିନ୍ନ । ତା'ର ଭାବିବାର ଓ ବିଶ୍ଳେଷଣ କରିବାର କ୍ଷମତା ହିଁ ତାକୁ ଶ୍ରେଷ୍ଠ କରିଛି । ଆଉ ଏହି ବିଶ୍ଳେଷଣର ପ୍ରଥମ ପାହାଚ ହେଉଛି 'ପ୍ରଶ୍ନ' । ପ୍ରଶ୍ନ ହିଁ ମଣିଷକୁ ଅନ୍ଧବିଶ୍ୱାସର ଗଣ୍ଡିରୁ ବାହାର କରି ଏକ ଯୁକ୍ତିସଙ୍ଗତ ମାର୍ଗରେ ପରିଚାଳିତ କରିଥାଏ । ଯଦି ଜଣେ ବ୍ୟକ୍ତି ପ୍ରଶ୍ନ ପଚାରିବାକୁ ଭୟ କରେ, ତେବେ ସେ କେବଳ ପୁରୁଣା ପରମ୍ପରାକୁ ଆଖି ବୁଜି ଗ୍ରହଣ କରିବାକୁ ବାଧ୍ୟହୁଏ । ଏହାଦ୍ୱାରା ତା'ର ବୌଦ୍ଧିକ ବିକାଶ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୁଏ ଏବଂ ସେ ନିଜ ଜୀବନରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଶିଖିବାରୁ ବଞ୍ଚିତ ହୋଇ ରହିଯାଏ ।

କିନ୍ତୁ ଆଜି ସମୟ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି । ଆମେ ବର୍ତ୍ତମାନ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ଏକ ଅତ୍ୟାଧୁନିକ ଯୁଗରେ ପ୍ରବେଶ କରିଛୁ । ଏହି ନୂତନ ଜ୍ଞାନକୌଶଳର ସବୁଠାରୁ ବଡ଼ ସର୍ତ୍ତ ହେଉଛି- ଆପଣ କେତେ ଭଲ ପ୍ରଶ୍ନ (ପ୍ରମ୍ପଟ) ପଚାରି ପାରୁଛନ୍ତି । ଏଆଇ ପାଖରେ ବିଶ୍ୱର ସମସ୍ତ ତଥ୍ୟ ମହଜୁଦ ଅଛି, କିନ୍ତୁ ସେହି ତଥ୍ୟକୁ ଠିକ୍ ଭାବରେ ଉଦ୍ଧାର କରି ବ୍ୟବହାର କରିବା ପାଇଁ ମଣିଷକୁ ଉପଯୁକ୍ତ ପ୍ରଶ୍ନ ପଚାରିବାକୁ ପଡ଼ିବ । ଯିଏ ଯେତେ ନିର୍ଦ୍ଦିଷ୍ଟ, ଗଭୀର ଏବଂ ସୃଜନଶୀଳ ପ୍ରଶ୍ନ ପଚାରିବ, ଏଆଇ ତାକୁ ସେତେ ଉନ୍ନତ, ସଠିକ୍ ଏବଂ ବ୍ୟବହାରଯୋଗ୍ୟ ଉତ୍ତର ଦେବ । ଆଗାମୀ ଦିନରେ କେବଳ ସେହି ବ୍ୟକ୍ତି ହିଁ ନିଜ କର୍ମକ୍ଷେତ୍ରରେ ସଫଳ ହେବେ, ଯାହାଙ୍କ ପାଖରେ ପ୍ରଶ୍ନ କରିବାର ଶକ୍ତିବର୍ଦ୍ଧକ କ୍ଷମତା ଥିବ ।

ଏହି ପରିପ୍ରେକ୍ଷୀରେ ଆଜି ସମାଜ ସାମ୍ନାରେ ଏକ ବିରାଟ ବିରୋଧାଭାସ (ପାରାଡକ୍ସ) ଉଭା ହୋଇଛି । ଯେଉଁ ପିଢ଼ିକୁ ଆଜୀବନ କୌଣସି ପ୍ରଶ୍ନ ନ ପଚାରିବା ପାଇଁ, ନିଜର କୌତୂହଳକୁ ଚାପି ରଖିବା ପାଇଁ ଏବଂ କେବଳ ଦିଆ ଯାଇଥିବା ଆଦେଶ ପାଳନ କରିବା ପାଇଁ ଦବାଇ ରଖାଯାଇଛି, ସେମାନେ ହଠାତ୍ ଏହି ନୂଆ ଏଆଇ ଯୁଗରେ କିପରି ଉନ୍ନତ ତଥା ଯୁକ୍ତିଯୁକ୍ତ ପ୍ରଶ୍ନ ପଚାରିବା ଆରମ୍ଭ କରିବେ ? ଗୋଟିଏ ପଟେ ଆମ ସାମାଜିକ ବ୍ୟବସ୍ଥା ପ୍ରଶ୍ନକୁ ବିରୋଧ କରୁଛି, ଅନ୍ୟ ପଟେ ଆଧୁନିକ ପ୍ରଯୁକ୍ତିବିଦ୍ୟା ବିନା ପ୍ରଶ୍ନରେ ସମ୍ପୂର୍ଣ୍ଣ ଅଚଳ ହୋଇ ପଡୁଛି ! ଏହି ଦ୍ୱନ୍ଦ୍ୱରୁ ବାହାରିବାକୁ ହେଲେ ଆମକୁ ଏକ ବ୍ୟାପକ ସାମାଜିକ ଏବଂ ମାନସିକ ପରିବର୍ତ୍ତନ ଆଣିବାକୁ ପଡ଼ିବ । ଆମକୁ ହୃଦୟଙ୍ଗମ କରିବାକୁ ହେବ ଯେ ପ୍ରଶ୍ନ ପଚାରିବାର ଅର୍ଥ, କାହାର ଅବଜ୍ଞା କିମ୍ବା ଅସମ୍ମାନ ନୁହେଁ; ବରଂ ଏହା ହେଉଛି ଅଜ୍ଞାତକୁ ଜାଣିବାର ଏକ ସକାରାତ୍ମକ ଉତ୍କଣ୍ଠା । ଏଥିପାଇଁ ବିଦ୍ୟାଳୟ ଏବଂ ଘରର ପରିବେଶରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ ।

ବିଦ୍ୟାଳୟ ଏବଂ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ: ଶ୍ରେଣୀଗୃହକୁ ଏକ ନିର୍ଭୟ ଏବଂ ଜିଜ୍ଞାସାପୂର୍ଣ୍ଣ ପରିବେଶରେ ପରିଣତ କରିବା ଦ୍ୱାରା ହିଁ ପିଲାମାନେ ପ୍ରଶ୍ନ କରିବାକୁ ଆଗେଇ ଆସିବେ । ଘୋଷା ବିଦ୍ୟା (ରୋଟ୍ ଲର୍ଣ୍ଣିଂ) ପରିବର୍ତ୍ତେ କାରଣ ଖୋଜିବା ଉପରେ ଶିକ୍ଷା ବ୍ୟବସ୍ଥା ପର୍ଯ୍ୟବସିତ ହେବା ଆବଶ୍ୟକ । ୧) ସ୍ୱତନ୍ତ୍ର ପ୍ରଶ୍ନୋତ୍ତର ସମୟ: ପ୍ରତ୍ୟେକ କ୍ଲାସ୍‌ରେ ପାଠ ପଢ଼ାଇବା ପରେ କେବଳ ପ୍ରଶ୍ନ ପଚାରିବା ପାଇଁ ୧୦ରୁ ୧୫ ମିନିଟ୍‌ର ଏକ ସ୍ୱତନ୍ତ୍ର ସମୟ ରଖାଯିବା ଉଚିତ୍ । ଏହି ସମୟରେ ପିଲାମାନଙ୍କୁ କେବଳ ସେମାନଙ୍କର ସନ୍ଦେହ ବା ନୂଆ ଚିନ୍ତାଧାରା ଉପସ୍ଥାପନ କରିବାକୁ ସମ୍ପୂର୍ଣ୍ଣ ସୁଯୋଗ ଦିଆଯିବ । ୨) 'ବୋକା ପ୍ରଶ୍ନ'ର ଭୟ ଦୂରୀକରଣ: ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଏହି ବିଶ୍ୱାସ ଦେବା ଦରକାର ଯେ କୌଣସି ପ୍ରଶ୍ନ ଅର୍ଥହୀନ କିମ୍ବା ବୋକାମି ନୁହେଁ । ଯଦି ଜଣେ ପିଲା ସାଧାରଣ ବା ଭୁଲ୍ ପ୍ରଶ୍ନ ବି ପଚାରେ, ତେବେ ତାକୁ ପରିହାସ ନକରି ସକାରାତ୍ମକ ଭାବେ ଉତ୍ତର ଦେଲେ ଅନ୍ୟ ପିଲାମାନଙ୍କର ମଧ ଭୟ ଛାଡ଼ିବ । ୩) ପୁରସ୍କାର ଓ ଗୁରୁତ୍ୱ: ଯେଉଁ ଛାତ୍ରଛାତ୍ରୀମାନେ ନୂଆ, ଭିନ୍ନ ଧରଣର କିମ୍ବା ବିଶ୍ଳେଷଣାତ୍ମକ ପ୍ରଶ୍ନ ପଚାରନ୍ତି, ସେମାନଙ୍କୁ ପ୍ରଶଂସା କରିବା ଉଚିତ୍ । ପାଠ୍ୟକ୍ରମ କେବଳ ତଥ୍ୟ ବା 'କ'ଣ' (ହ୍ୱାଟ୍) ଉପରେ ସୀମିତ ନରହି, ଘଟଣାଟି 'କାହିଁକି' (ହ୍ୱାଇ) ଏବଂ 'କିପରି' (ହାଓ) ଘଟିଲା, ସେଥି ପ୍ରତି ଧ୍ୟାନ ଦେବା ଉଚିତ୍ । ଏହା ପିଲାଙ୍କର ତାର୍କିକ ଚିନ୍ତାଧାରା (କ୍ରିଟିକାଲ ଥିଙ୍କିଙ୍ଗ୍) ବୃଦ୍ଧି କରେ । ୪) ଅନୁସନ୍ଧାନମୂଳକ ଶିକ୍ଷା: ପିଲାମାନଙ୍କୁ ସିଧାସଳଖ ଉତ୍ତର ଦେଇଦେବା ପରିବର୍ତ୍ତେ ସେମାନଙ୍କୁ ସମସ୍ୟା ଦେଇ ତା'ର ସମାଧାନ ଖୋଜିବାକୁ କହିବା ତଥା ଓଲଟା ପ୍ରଶ୍ନ ପଚାରି ସେମାନଙ୍କୁ ନିଜେ ଚିନ୍ତା କରି ଶିଖିବାକୁ ବାଟ କଢ଼ାଇ ନେବା ଆବଶ୍ୟକ ।



ପରିବାର ଏବଂ ପିତାମାତାଙ୍କ ଭୂମିକା: ଘରେ ପିଲାଙ୍କ ମନରେ ପ୍ରଶ୍ନ ପଚାରିବାର ଆଗ୍ରହ ସୃଷ୍ଟି କରିବା ପାଇଁ ପିତାମାତାଙ୍କର ଆଚରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏକ ସୁସ୍ଥ ଓ ସକାରାତ୍ମକ ପରିବେଶ ହିଁ ସେମାନଙ୍କୁ ନିର୍ଭୟରେ ନିଜର ସନ୍ଦେହ ପ୍ରକାଶ କରିବାକୁ ସାହସ ଦେଇଥାଏ । ୧) ଧୈର୍ଯ୍ୟର ସହ ଶୁଣିବା: ପିଲାମାନେ ଅନେକ ସମୟରେ ଅଦ୍ଭୁତ କିମ୍ବା ବାରମ୍ବାର ଗୋଟିଏ ପ୍ରଶ୍ନ ପଚାରିଥାନ୍ତି । 'ବେଶୀ ବକବକ ହୁଅନାହିଁ' କହି ସେମାନଙ୍କୁ ଚୁପ୍ ନ କରାଇ, ଧୈର୍ଯ୍ୟର ସହ ଶୁଣି ଉତ୍ତର ଦେବା ଉଚିତ୍ । ୨) ମୁକ୍ତ ପ୍ରଶ୍ନ (ଓପନ୍-ଏଣ୍ଡେଡ୍ କ୍ୱେଶ୍ଚିନସ୍): ପିଲାମାନଙ୍କୁ କେବଳ 'ହଁ' କିମ୍ବା 'ନା'ରେ ସୀମିତ ନରଖି 'ତୁମେ ଏ ବିଷୟରେ କ'ଣ ଭାବୁଛ ?' କିମ୍ବା 'ଆମେ ଏହାକୁ ଅଲଗା ଉପାୟରେ କିପରି କରି ପାରିବା ?' ଭଳି ପ୍ରଶ୍ନ କରି ସେମାନଙ୍କୁ ଗଭୀର ଭାବେ ଚିନ୍ତା କରିବାକୁ ବାଧ କରନ୍ତୁ । ୩) ଅଜ୍ଞାନତାକୁ ସ୍ୱୀକାର କରିବା: ଯଦି ପିଲାର କୌଣସି ପ୍ରଶ୍ନର ଉତ୍ତର ଆପଣଙ୍କୁ ଜଣାନାହିଁ, ତେବେ ତାହା ଲୁଚାନ୍ତୁ ନାହିଁ । ବରଂ କୁହନ୍ତୁ, 'ମୋତେ ଏହା ଜଣାନାହିଁ, ଆସ ଆମେ ମିଶି ବହିରୁ କିମ୍ବା ଇଣ୍ଟରନେଟ୍‌ରୁ ଏହାର ଉତ୍ତର ଖୋଜିବା ।' ୪) ଦୈନନ୍ଦିନ ଘଟଣାରେ ଜିଜ୍ଞାସା ଏବଂ ମତର ସମ୍ମାନ: ବିଭିନ୍ନ ପ୍ରାକୃତିକ ଘଟଣା ଉପରେ ଆଲୋଚନା କରିବା ସହ ଯଦି ପିଲା ଆପଣଙ୍କର କୌଣସି ନିଷ୍ପତ୍ତି ସହ ଏକମତ ନହୋଇ ପ୍ରଶ୍ନ ଉଠାଉଛି, ତେବେ ତାହାକୁ ଅହଙ୍କାରରେ ନନେଇ ତା'ର ଯୁକ୍ତିକୁ ସମ୍ମାନ ଦେବା ଆବଶ୍ୟକ ।

ପ୍ରଶ୍ନ କେତେଥର ପଚାରିବା ଉଚିତ୍ ? ଏହାର କୌଣସି ସୀମା ନାହିଁ । ଯେ ପର୍ଯ୍ୟନ୍ତ ମନରେ ସନ୍ଦେହ ଅଛି, ଯେ ପର୍ଯ୍ୟନ୍ତ ଏକ ବିଷୟର ମୂଳ ତତ୍ତ୍ୱ ବୁଝା ପଡିନାହିଁ, ସେତେ ଥର ପ୍ରଶ୍ନ କରାଯିବା ଉଚିତ୍ । ଏକବିଂଶ ଶତାବ୍ଦୀରେ ନୀରବତା ଆଉ ଏକ ଗୁଣ ହୋଇ ରହିନାହିଁ । ଆମକୁ ଏପରି ଏକ ସମାଜ ଗଠନ କରିବାକୁ ପଡ଼ିବ, ଯେଉଁଠାରେ ମୁକ୍ତ ଚିନ୍ତାଧାରା ଏବଂ ପ୍ରଶ୍ନ କରିବାର ସ୍ୱାଧୀନତା ଥିବ । ଯଦି ଆମେ ଆମର ଭବିଷ୍ୟତ ପିଢ଼ିକୁ ଏହି ବିଶ୍ୱସ୍ତରୀୟ ପରିବର୍ତ୍ତନ ସହ ତାଳ ଦେଇ ଆଗକୁ ବଢ଼ିବାକୁ ପ୍ରସ୍ତୁତ କରିବାକୁ ଚାହୁଁ, ତେବେ ସର୍ବପ୍ରଥମେ ସେମାନଙ୍କୁ ନିର୍ଭୟରେ ପ୍ରଶ୍ନ ପଚାରିବାର ଅଧିକାର ଦେବାକୁ ପଡ଼ିବ । କାରଣ, ପ୍ରଶ୍ନ ନଥିଲେ ଉତ୍ତର ମିଳିବ ନାହିଁ ଏବଂ ଉତ୍ତର ନଥିଲେ ଆମର ବୌଦ୍ଧିକ ପ୍ରଗତି ଅସମ୍ଭବ ।

ଧବଳଗିରି, ଯାଜପୁର ରୋଡ୍
ମୋ: ୭୯୭୮୬୭୧୭୭୬

# ଅର୍ଜିଛ ଯାହା, ଭୁଞ୍ଜିବ ତାହା

ସଞ୍ଚୟ କରିଥିବା ଧନକୁ ହିଁ ଖର୍ଚ୍ଚ କରିବାକୁ ହୁଏ । ଅନ୍ୟଠାରୁ କରଜ କଲେ ତାକୁ ଶୁଝିବାକୁ ପଡ଼ିବ । କାହାଠୁ ଚୋରି କଲେ ଦଣ୍ଡ ପାଇବା ସହିତ ସେ ଧନକୁ ଫେରାଇବାକୁ ହେବ । କିନ୍ତୁ କିଛି ଲୋକ କର୍ମ ଫଳକୁ ବିଶ୍ୱାସ ନକରି କ୍ଷଣିକ ଆନନ୍ଦ ପାଇଁ କିଛି ନା କିଛି କରି ବସନ୍ତି । ଯାହା କରିଥିବା, ତା'ର ଫଳ ହିଁ ପାଇବା । ବେଳେବେଳେ ଲୋକେ କୁହନ୍ତି- 'ଅମୁକ ଲୋକ ମାଛିକୁ ମର କହେନା । ସେ କାହିଁକି ଏମିତି ଦଣ୍ଡ ଭୋଗୁଛି ? ଏ ଭଗବାନଙ୍କର ଅନ୍ୟାୟ ବିଚାର ।' ଆମେ ଯେତେ ପ୍ରକାରରେ ଭଗବାନ ଓ ଭାଗ୍ୟର ଦୋଷ ଦେଇ ଚାଲିଲେ ବି କର୍ମ ଫଳ ଆମକୁ ଭୋଗିବାକୁ ହେବ ହିଁ ହେବ । ଏହାର ଏକ ଉଦାହରଣ ।

ଗାନ୍ଧାର ଦେଶର ରାଜା ସୁବଳଙ୍କର କନ୍ୟା କୁରୁବଂଶର ରାଜା ଧୃତରାଷ୍ଟ୍ରଙ୍କର ପାଟରାଣୀ ଗାନ୍ଧାରୀ । ଗାନ୍ଧାର ଦେଶର କନ୍ୟା ବୋଲି ତାଙ୍କ ନାଁ ଥିଲା ଗାନ୍ଧାରୀ । ଭୀଷ୍ମଙ୍କ ପୁତୁରା- ଅନ୍ଧ ଧୃତରାଷ୍ଟ୍ର । ରାଜା ସୁବଳ ଭୀଷ୍ମଙ୍କ ବାର୍ତ୍ତାକୁ ସମ୍ମାନ ଜଣାଇ ଗାନ୍ଧାରୀଙ୍କ ବିବାହ ଅନ୍ଧ ଧୃତରାଷ୍ଟ୍ରଙ୍କ ସହ କରିବାକୁ ରାଜି ହୋଇଥିଲେ । ଗାନ୍ଧାରୀ ସୁନ୍ଦରୀ ଓ ଶିକ୍ଷିତା ଥିଲେ । ତଥାପି ପିତାମାତାଙ୍କ ଇଚ୍ଛା ବିରୁଦ୍ଧରେ ଆପତ୍ତି ନକରି ଚକ୍ଷୁହୀନ ଧୃତରାଷ୍ଟ୍ରଙ୍କୁ ବିବାହ କରିଥିଲେ । ଗାନ୍ଧାରୀଙ୍କର ଦୁର୍ଯ୍ୟୋଧନ, ଦୁଃଶାସନ, ଦୁଃସହ ପ୍ରଭୃତି ଶହେ ପୁଅ ଓ ଦୁଃଶୀଳା ନାମକ ଏକ କନ୍ୟା ଜାତ ହୋଇଥିଲେ । ବଡ଼ ପୁଅ ଦୁର୍ଯ୍ୟୋଧନ । କପଟ ଆଚରଣ କରି ପାଣ୍ଡବଙ୍କ ସହିତ ପଶା ଖେଳରେ ସେମାନଙ୍କୁ ହରାଇ ଥିଲେ । ଶେଷରେ ଦୁଇଟି ପରିବାର ପାଣ୍ଡବ ଓ କୌରବଙ୍କ ଭିତରେ ଯୁଦ୍ଧ ଲାଗିଲା । କୌରବ ଶହେ ପୁଅଙ୍କର ମୃତ୍ୟୁ ହେଲା । ଦୁଃଖରେ ଭାଙ୍ଗି ପଡ଼ିଥିଲେ ଗାନ୍ଧାରୀ । ଧର୍ମରାଜ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ କହିଲେ- 'ଗାନ୍ଧାରୀ ଏବେ ବହୁ ଦୁଃଖିତ । ତୁମେ ତାଙ୍କ ନିକଟକୁ ଯାଅ । ମନସ୍ତାପ ନ କରିବାକୁ କିଛି ବାର୍ତ୍ତା ଦେଇ ଆସ । ସେ ଆଶ୍ୱାସନା ପାଇବେ ।' ମାଆ ଗାନ୍ଧାରୀଙ୍କ ଲୁହ ଶୁଖୁ ନଥିଲା । ଶ୍ରୀକୃଷ୍ଣ ତାଙ୍କୁ 'ପୁଣ୍ୟବତୀ' ବୋଲି ସମ୍ବୋଧନ କଲେ । ଶହେ ପୁଅକୁ ହରାଇ ଥିବା ଗାନ୍ଧାରୀ 'ପୁଣ୍ୟବତୀ' ଶବ୍ଦ ଶୁଣି ଯନ୍ତ୍ରଣାରେ ଜଳିଗଲେ । କୃଷ୍ଣଙ୍କୁ କ୍ରୋଧ ଓ ଅଭିମାନରେ କହିଲେ- 'ଜଣେ ଶତପୁତ୍ର ହରା ଜନନୀକୁ ପୁଣ୍ୟବତୀ କହି କାହିଁକି ପରିହାସ କରୁଛ ? ମୁଁ ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ଆଖିରେ ପଟି ବାନ୍ଧିଛି । ସନ୍ତାନମାନଙ୍କ ସହ ବଢ଼ିଛି, ଅଥଚ ସେମାନଙ୍କ ମୁହଁ ଚାହିଁ ପାରିନି ।' ଗାନ୍ଧାରୀ ଅନେକ ବେଦନା ବାଢ଼ି ସାରିଲା ପରେ ପୁଣି କହିଲେ- 'ହେ କୃଷ୍ଣ ! ଆଖିରେ ପଟି ବାନ୍ଧିଛି ସତ । ମୁଁ ବାହ୍ୟ ଜଗତକୁ ଦେଖି ପାରୁନି । ମାତ୍ର ଅନ୍ତର୍ଦୃଷ୍ଟି ବଳରେ ମୋର ପୂର୍ବ ସାତ ଜନ୍ମକୁ ଦେଖି ପାରୁଛି । କୌଣସି ସମୟରେ ମୁଁ ସ୍ୱପ୍ନରେ ସୁଦ୍ଧା କାହାର କ୍ଷତି କରିନି । ତଥାପି କାହିଁକି ମୋତେ ପୁତ୍ର ବିରହରେ ଦଗ୍ଧୀଭୂତ ହେବାକୁ ପଡୁଛି ?' ଭଗବାନ କୃଷ୍ଣ ଉତ୍ତର ଦେଲେ- 'ମାଆ ! ସଂସାରରେ ସମସ୍ତଙ୍କୁ ନିଜ କର୍ମ ଫଳ ଭୋଗିବାକୁ ହୁଏ । ଆଜି ନହେଲେ କାଲିକୁ ଭୋଗିବା । ସୃଷ୍ଟିର ଏ ଅକାଟ୍ୟ ସତ୍ୟକୁ କେହି ଉଲ୍ଲଘଂନ କରିପାରି ନାହାନ୍ତି । ଆପଣ ନିଜର ସାତ ଜନ୍ମ ପର୍ଯ୍ୟନ୍ତ ଦେଖି ପାରୁଛନ୍ତି । ତା' ପରକୁ ଦେଖି ପାରୁ ନାହାନ୍ତି । ସାତ ଜନ୍ମ ପୂର୍ବରେ ଆପଣ ଥିଲେ ଜଣେ ରାଜକନ୍ୟା । ସମୁଦ୍ର କୂଳରେ ବୁଲିବା ବେଳେ କଇଁଛମାନଙ୍କର ଅଣ୍ଡାକୁ ଖେଳି ଖେଳି ଗୋଡ଼ରେ ଫଟେଇ ଦେଇଥିଲେ । ନିରୀହ କଇଁଛମାନେ ସମୁଦ୍ର ଭିତରେ ସେମାନଙ୍କ ଭାବି ସନ୍ତାନଙ୍କୁ ହରାଉ ଥିବାର ଦୃଶ୍ୟ ଲୁହଭିଜା ଆଖିରେ ଦେଖୁଥିଲେ ସିନା ମଣିଷ ବୋଲି ତୁମକୁ ପ୍ରତ୍ୟୁତ୍ତର ଦେଇପାରୁ ନଥିଲେ । ସେହି କଇଁଛମାନଙ୍କ ଲୁହର ପ୍ରଭାବ ଏ ପର୍ଯ୍ୟନ୍ତ ଗଡ଼ି ଆସିଛି । କ୍ଷମାକର ମାଆ । କାହାକୁ ଦୋଷ ଦେବା ଅପେକ୍ଷା ନିଜ କର୍ମ ଫଳକୁ ଦୋଷ ଦେଲେ ଭୁଲ୍‌କୁ ସ୍ୱୀକାର କରିବା ସହଜ ହୋଇଯାଏ ।'

## ସମ୍ପାଦକଙ୍କୁ ପତ୍ର

### ବୁଲା କୁକୁରଙ୍କର ଦୌରାତ୍ମ୍ୟ

ଆମ ରାଜ୍ୟ ତଥା ଦେଶରେ ବୁଲା କୁକୁରଙ୍କର ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଛି । ଏହି ପରିପ୍ରେକ୍ଷୀରେ ସ୍ୱୀକୃତିପ୍ରାପ୍ତ ସଂସ୍ଥାମାନେ ବୁଲା କୁକୁରଙ୍କ ପାଇଁ ବନ୍ଧ୍ୟାକରଣ ଅପରେସନ୍, ରାବିସ୍ ରୋଗ ନିରାକରଣ ପାଇଁ ଟିକାକରଣ, ଡି-ଓ୍ୱାର୍ମିଂ ଔଷଧ ଇତ୍ୟାଦି ନିଶ୍ଚିତ କରି ନିୟମିତ ବ୍ୟବଧାନରେ ଏହାକୁ ତଦାରଖ କରି ପ୍ରାଥମିକତା ଆଧାରରେ ଏକ ସଠିକ୍ ଗାଇଡ୍ ଲାଇନ୍ ସହିତ ପୋଷାଜୀବ ନିୟମକୁ ତୁରନ୍ତ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି । ଏହାଛଡ଼ା ସର୍ବସାଧାରଣରେ ଖାଦ୍ୟପଦାର୍ଥର ଅବଶିଷ୍ଟାଂଶ ଏବଂ ବର୍ଜ୍ୟବସ୍ତୁକୁ ରାସ୍ତା, ନାଳ-ନର୍ଦ୍ଦମା, ସମୁଦ୍ର ବେଳାଭୂମି, ଜଳ ନିଷ୍କାସନ ହେଉଥିବା ସ୍ଥାନରେ ନ ପକାଇ ଉପଯୁକ୍ତ ସଂସ୍ଥାକୁ ହସ୍ତାନ୍ତର କଲେ ବୁଲା କୁକୁରଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବ ।

ନବନୀତ୍ ପାଣିଗ୍ରାହୀ, ରାୟଗଡ଼ା

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ବୁଲା ଗାଈଗୋରୁଙ୍କ କବ୍‌ଜାରେ ସହରାଞ୍ଚଳ

## ତିନିମୁହାଣି ଛକକୁ ଛାଡ଼ିଲେ ଅନ୍ୟ କେଉଁଠି ନାହିଁ ଟ୍ରାଫିକ୍ ବ୍ୟବସ୍ଥା



**କେନ୍ଦ୍ରାପଡ଼ା,୭।୯/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡାରେ ଗାଈଗାରୁଙ୍କ ଉପଦ୍ରବ। ସହରାଞ୍ଚଳରେ ଅଧିକାଂଶ ବ୍ୟସ୍ତ ବହୁଳ ରାସ୍ତାଘାଟରେ ବୁଲା ଗାଈଗୋରୁ ଷଣ୍ଢ ଆଦି ରାସ୍ତାରେ ବୁଲୁଥିବାରୁ ଟ୍ରାଫିକ୍ ସମସ୍ୟା ଜଟିଳ ହୋଇଯାଇଛି। କେବଳ ମୁଖ୍ୟ ରାସ୍ତା ବା ଛକ ଯାଗା ଗୁଡିକ ନୁହେଁ ଖୋଦ ଜିଲ୍ଲାପାଳଙ୍କ ମୁଖ୍ୟ ଫାଟକ, ପୁରୁଣା ବସଷ୍ଟାଣ୍ଡ ପୁଲିସ ଫାଣ୍ଡି ସମ୍ମୁଖ ରାସ୍ତାରେ ଏମାନେ ଦିନ ସାରା ବୁଲୁଛନ୍ତି। ଏହା ସହିତ ପୌର କାର୍ଯ୍ୟାଳୟ, ତିନିମୁହାଣି ଛକ, କଲେଜ ଛକ, ସାନ୍ତସାହି ବଜାର, ବଳଦେବଜିଉ ମନ୍ଦିର, ନୂଆବସଷ୍ଟାଣ୍ଡ, ବାଇପାସ ଆଦି ବ୍ୟସ୍ତ ବହୁଳ ଛକ ଯାଗା ମାନଙ୍କରେ ୨୪ ଘଣ୍ଟିଆ ପହରା ଦେଉଛନ୍ତି। ପ୍ରତିଦିନ ଏହି ସବୁ ଯାଗା ମାନଙ୍କରେ ଦୁର୍ଘଟଣା ଘଟିଥାଏ। ସମଗ୍ର ସହରରେ ପଶୁଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସଚେତନତା ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଅଭାବ ଯୋଗୁ ଲୋକେ ପଶୁମାନଙ୍କୁ ରାସ୍ତାକୁ ଛାଡି ଦେଉଥାନ୍ତି। ଫଳରେ ଜରୁରୀ ସେବା ପାଇଁ ଯାଉଥିବା ଆମ୍ବୁଲାନ୍ସ, ଦମକଳ ଗାଡି ଆଦି ବୁଲା ଗାଈଗୋରୁମାନଙ୍କ ଦ୍ୱାରା ରାସ୍ତାରେ ଅଟକି ରହିଥାନ୍ତି। ପୌରାଞ୍ଚଳ ରାସ୍ତାକୁ ସ୍ଥାନୀୟ ବ୍ୟବସାୟୀମାନେ ଜବର ଦଖଲ କରି ସଂକୁଚିତ କରୁଥିବା ବେଳେ ଏହି ବୁଲା ଗାଈଗୋରୁମାନଙ୍କ ଯୋଗୁ ଜନସାଧାରଣ ଅତିଷ୍ଠ ହୋଇପଡିଲେଣି। ଗୃହ ପାଳିତ ପଶୁମାନଙ୍କୁ ରାସ୍ତାକୁ ନ ଛାଡିବା ପାଇଁ ସୂଚନା ଦିଆଯାଉଥିଲେ ମଧ ଏହାକୁ କେହି ଖାତିର କରୁନାହାଁନ୍ତି। ଏଥି ସହିତ ପୌରାଞ୍ଚଳ ପକ୍ଷରୁ ସ୍ଥାନୀୟ ହଜାରି ବଗିଚ୍ଚ ଠାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ତିଆରି କରାଯାଇଥିବା କାଞ୍ଜିଆବୁଦା ବନ୍ଦ ହୋଇଯିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି। ଟ୍ରାଫିକ ଦାୟିତ୍ୱରେ ଥିବା ପୁଲିସ କର୍ମଚ୍ଚାରୀମାନେ ଏସବୁକୁ ଦେଖି ନଦେଖିଲା ପରି କାର୍ଯ୍ୟକରୁଛନ୍ତି। ନରସିଂହ ଭୋଳ ଏବଂ ସାର୍ଥକ ଷଡଙ୍ଗି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଥିବା ବେଳେ କେନ୍ଦ୍ରାପଡାର ବିଭିନ୍ନ ଛକ ସ୍ଥାନ ମାନଙ୍କରେ ଟ୍ରାଫିକ ପୁଲିସର ବ୍ୟବସ୍ଥା କରାଇଥିଲେ। ବର୍ତ୍ତମାନ ସହରର ତିନିମୁହାଣିକୁ ଛାଡି ଦେଲେ ଅନ୍ୟ କୌଣସି ଯାଗାରେ ଟ୍ରାଫିକ ପୁଲିସର ବ୍ୟବସ୍ଥା ନାହିଁ। ହୁଏତ ଗାଈଗୋରୁମାନେ ବ୍ୟସ୍ତ ବହୁଳ ଛକ ଯାଗା ମାନଙ୍କରେ ଜମା ହୋଇ ରାସ୍ତା ଜାମ ସହିତ ଟ୍ରାଫିକ ନିୟନ୍ତ୍ରଣ କରୁଥିବାରୁ ଜିଲ୍ଲା ପୁଲିସକୁ ଏ ସବୁ କାର୍ଯ୍ୟରୁ ବିରତ ରହିବାକୁ ପଡୁଛି । ପୁଲିସ କର୍ମଚ୍ଚାରୀ ଅଭାବ ଥିବାରୁ ଗାଈଗୋରୁମାନେ ଟ୍ରାଫିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି ବୋଲି ସହରବାସୀ ଅନୁମାନ କଲେଣି। ଆଗେ ପାରା ପୁଲିସ ବିଭାଗରେ ଦୃଢ ଭାବେ କାର୍ଯ୍ୟକରି ଆସୁଥିଲା। ମାତ୍ର ବର୍ତ୍ତମାନ ଟ୍ରାଫିକ ପରିଚ୍ଚାଳନାରେ ବୁଲା ଗାଈଗୋରୁମାନେ କେନ୍ଦ୍ରାପଡ଼ା ପୁଲିସକୁ ସହଯୋଗ କରୁଥିବାର ଦେଖିବାକୁ ମିଳୁଛି। ମୋଟାମୋଟି ଭାବେ ବୁଲା ଗାଈଗୋରୁଙ୍କ କବଜାରେ ସମଗ୍ର ସହରାଞ୍ଚଳ ତତ୍କାଳୀନ ଆରକ୍ଷୀ ଅଧିକ୍ଷକ ନରସିଂହ ଭୋଳ ଏବଂ ସାର୍ଥକ ଷଡ଼ଙ୍ଗି ଏଠାରୁ ଯିବା ପରେ ଟ୍ରାଫିକ ପୁଲିସ ନିୟୋଜିତ ହେବା ବନ୍ଦ ହୋଇଯାଇଛି। ଏବେ ନୂତନ ଭାବେ ଯୋଗ ଦେଇଥିବା ଏସ୍‌ପି ମହୋଦୟ ଏହି ବୁଲା ଗାଇ ଗୋରୁମାନଙ୍କ ପ୍ରତି ସହଯୋଗର ହାତ ବଢାଇବା ସହିତ ସହରର ବ୍ୟସ୍ତ ବହୁଳ ଯାଗାରେ ଟ୍ରାଫିକ ପୁଲିସ ନିୟୋଜିତ କରାଇ ସାଧାରଣ ଲୋକଙ୍କ ଯିବା ଆସିବାରେ ସହଯୋଗ କରାଇବାକୁ ଦାବି ହେଉଛି। ଗତ ଦୁଇ ଦିନ ତଳେ କେନ୍ଦ୍ରାପଡା ପୁରୁଣା ବସଷ୍ଟାଣ୍ଡରେ ରାତି ୮ ଟା ସମୟରେ ଶତାଧିକ ଗାଈ ବୁଲୁଥିବା ଏବଂ ଶୋଇଥିବାର ଦେଖିବାକୁ ମିଳିଥିଲା। ଏହି ସ୍ଥାନରେ ଗୋଟିଏ କଡରେ ଉଠା ଦୋକାନୀ, ଗ୍ଚଟ ଦୋକାନୀ ଦୋକାନ ଦେଉଥିବା ବେଳେ ମଝି ସ୍ଥାନରେ ଗାଈଗୋରୁମାନେ ଆଡା ଜମାଇଥାନ୍ତି। ଏପରିକି ଜିଲ୍ଲା ପୁଲିସର ଜଣେ ବରିଷ୍ଠ ଅଧିକାରୀଙ୍କୁ ଗାଈଗୋରୁମାନେ ଟ୍ରାଫିକ ନିୟନ୍ତ୍ରଣ କରାଇ ରାସ୍ତା ପାରି କରାଇ ଦେଉଥିବାର ଦେଖିବାକୁ ମିଳିଥିଲା। ତେଣୁ କେନ୍ଦ୍ରାପଡା ଭଳି ଜନଗହଳି ପୂର୍ଣ୍ଣ ଛକ ଜାଗା ମାନଙ୍କରେ ତୁରନ୍ତ ଟ୍ରାଫିକ ପୋଲିସ ଦେବାକୁ ସାଧାରଣରେ ଦାବି ହେଉଛି।

# କୃଷ୍ଣଚନ୍ଦ୍ର ହେମଲତା ସେବା ଫାଉଣ୍ଡେସନ ପକ୍ଷରୁ ଗୁରୁପୂଜନ



**ଯାଜପୁର,୭।୯/ଏନ୍‌ଏନ୍‌ଏସ୍:** ପବିତ୍ର ଗୁରୁଦିବସ ଅବସରରେ ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କୃଷ୍ଣଚନ୍ଦ୍ର ହେମଲତା ସେବା ଫାଉଣ୍ଡେସନ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।ଫାଉଣ୍ଡେସନର ସଭାପତି ଅଭିମନ୍ୟୁ ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ସଦସ୍ୟାମାନେ ଏକତ୍ରିତ ହୋଇ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ବାସଭବନ ଠାରେ ପହଞ୍ଚି ଚନ୍ଦନ, ସିନ୍ଦୁର ପିନ୍ଧାଇ ଦୀପ ବନ୍ଦାଇ ଉପଢ଼ୌକନ ପୁଷ୍ପମାଲ୍ୟ ପ୍ରଦାନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରକାଶ ଥାଉକି ଫାଉଣ୍ଡେସନ ପକ୍ଷରୁ ପ୍ରତ୍ୟେକ ବର୍ଷ ଗୁରୁପୁଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ଶକୁନ୍ତଳା ବେହେରା, ରବିନାରାୟଣ ରାଉତ, ସୁଜାତା ମିଶ୍ର,ଶକ୍ତିପ୍ରଶନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୩୦ କେଜି ଗଞ୍ଜେଇ ଜବତ, ୩ ଗିରଫ



**ଅନୁଗୋଳ,୭।୯/ଏନ୍‌ଏନ୍‌ଏସ୍:** ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଆଜି ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ମଦ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ବଡ଼ ସଫଳତା ମିଳିଛି। ସନାହରା ଅଞ୍ଚଳରେ ଅନୁଗୁଳ ନଂ-୧ ଓ ନଂ-୨ ଅବକାରୀ ଷ୍ଟେସନ୍, ଜିଲ୍ଲା ମୋବାଇଲ୍ ସ୍କ୍ୱାଡ୍ ଏବଂ ତାଳଚେର ଅବକାରୀ ଷ୍ଟେସନ୍‌ର ମିଳିତ ଚଢ଼ାଉରେ ବିପୁଳ ପରିମାଣର ବେଆଇନ ମଦ ପ୍ରସ୍ତୁତି ସାମଗ୍ରୀ ନଷ୍ଟ କରାଯାଇଛି। ଚଢ଼ାଉ ବେଳେ ୬୩୫ ଲିଟର ଆଇଡିଏଲ୍, ୩ ହଜାର କେଜି ୱାଶ୍, ୧୧ଟି ଡ୍ରମ୍, ୯ଟି ଷ୍ଟିଲ୍ ହାଣ୍ଡି ନଷ୍ଟ କରାଯାଇଥିବା ବେଳେ ଗୋଟିଏ ସ୍କୁଟି ଜବତ ହୋଇଛି ଏବଂ ୪ଟି ବେଆଇନ ମଦ ତିଆରି ଘର ଧ୍ୱଂସ କରାଯାଇଛି। ଏହା ସହିତ ଅନ୍ୟାନ୍ୟ ଉପକରଣ ଓ ସାମଗ୍ରୀ ମଧ ନଷ୍ଟ କରାଯାଇଛି। ଜବତ ଓ ନଷ୍ଟ ସାମଗ୍ରୀର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ସେହିପରି ଆଠମଲ୍ଲିକ ଅବକାରୀ ଟିମ୍ ପକ୍ଷରୁ କିଆକଟା ଛକ ନିକଟରେ ଚଢ଼ାଉ କରାଯାଇ ୩୦ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା। ଗଞ୍ଜେଇ ପରିବହନରେ ବ୍ୟବହୃତ ଏକ ରେନୋଲ୍ଟ କ୍ୱିଡ୍ କାର୍ ମଧ ଜବତ ହୋଇଛି। ଏହି ଘଟଣାରେ କନ୍ଧମାଳ ଜିଲ୍ଲାର ତିନି ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମନୋଜ ରଣା (୨୬), ଆକୁରା ଦିଗାଲ (୨୬) ଏବଂ ଆଦିତ୍ୟ କୁମାର ବେହେରା (୨୪)। ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଗୋଟିଏ ଦିନରେ ଅବକାରୀ ବିଭାଗର ଏହି ଦୁଇଟି ଚଢ଼ାଉରେ ମୋଟ ୭ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ନିଶାଦ୍ରବ୍ୟ ଓ ବେଆଇନ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିବା ସହ ନଷ୍ଟ କରାଯାଇଥିବା ଜଣାପଡ଼ିଛି।

# ପାର୍ବଣରେ ଡିଜେ ଉପରେ ଲାଗିଲା କଟକଣା

**ଯାଜପୁର,୭।୯/ଏନ୍‌ଏନ୍‌ଏସ୍:** ଯାଜପୁର ପୌରାଞ୍ଚଳରେ ପାର୍ବଣ ଋତୁ ଆସିଲେ ବୟସ୍କ, ବୃଦ୍ଧ, ରୋଗୀ ଓ ଶିଶୁମାନଙ୍କ ପାଇଁ ଦୁଶ୍ଚିନ୍ତା ବଢିଯାଏ। ଯାଜପୁର ସହରରେ ଗଣେଷ ମେଢ଼ ଭସାଣି ଠାରୁ ଆରମ୍ଭକରି କାଳୀମେଢ଼ ଭସାଣି ପର୍ଯ୍ୟନ୍ତ ବଡ଼ ଧୁମଧାମ୍‌ରେ ପାଳିତ ହେଇଆସୁଛି। ଏହି ସବୁ ପୂଜା ଅନ୍ତେ ମେଢ଼ ଗୁଡିକ ଭସାଣି କରିଥାନ୍ତି। ଭସାଣି ପାଇଁ ଯାଜପୁର ଜିଲ୍ଲାପାଳଙ୍କ ଅଫିସରୁ ଶବ୍ଦ ପ୍ରଦୂଷଣ ଓ ଆଇନ୍‌ଶୃଙ୍ଖଳା ମଧ୍ୟରେ ଭସାଣି କରିବା ପାଇଁ ଅନୁମତି ପତ୍ର ପ୍ରତ୍ୟେକ ପୂଜା କମିଟି ହସ୍ତଗତ କରିଥାନ୍ତି। ତାହାକୁ ଯାଜପୁର ପୁଲିସ ଥାନାରେ ଭସାଣି ସମୟ ନିର୍ଘଣ୍ଟ କରିଥାନ୍ତି ଥାନାର ଅଧିକାରୀ। ସେହି ନିର୍ଘଣ୍ଟ ସମୟ ଅନୁସାରେ ପ୍ରତେକ ପୂଜା କମିଟି ସେମାନଙ୍କର ମେଢ଼ ଭସାଣି କରିଥାନ୍ତି। କିନ୍ତୁ ଭସାଣି ବେଳେ ଡିଜେ ସାଉଣ୍ଡର ବିକଟାଳ ଶବ୍ଦ ପ୍ରଦୂଷଣରେ ସହରବାସୀ ଡହଳ ବିକଳ ହୋଇଥାନ୍ତି। ବୃଦ୍ଧ, ବୟସ୍କ, ରୋଗୀ ଓ ଛୋଟ ପିଲାମାନେ ଅଣନିଶ୍ୱାସୀ ହୋଇପଡନ୍ତି। ପ୍ରଶାସନ ଅନୁମତି ଦେଇ ଶାନ୍ତି କମିଟି ହାତକୁ ଟେକିଦେଇ ନୀରବତା ଅବଲମ୍ବନ କରିଥାଏ। ଯାହାର ଦୁର୍ଦ୍ଦଶା ଅନ୍ତେବାସୀ ଭୋଗିଥାନ୍ତି। ଚଳିତ ବର୍ଷ ପାର୍ବଣର ପ୍ରଥମ ଗଣେଶ ପୂଜାର କମିଟିମାନଙ୍କୁ ନେଇ ଯାଜପୁର ଥାନାରେ ମିଟିଂ ହୋଇଯାଇଛି। ଥାନାଅଧିକାରୀ ଶରତ କୁମାର ନାୟକ ଉଚ୍ଚ ଶବ୍ଦ ପ୍ରଦୂଷଣ ଉପରେ ରୋକ ଲଗାଇଛନ୍ତି। ଭସାଣିରେ ଡିଜେକୁ ପୁରା ବାରଣ କରିଛନ୍ତି। ତାହାଛଡା ୬୦ଡିଶିବିଲିରୁ ଅଧିକ ଯେଉଁ ପୂଜା କମିଟି ଭସାଣି ବେଳେ ବ୍ୟବହାର କରିବେ ସେମାନଙ୍କ ବିରୁଦ୍ଧରେ ଆଇନ ସମ୍ମତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପସ୍ଥିତ ପୂଜା କମିଟିମାନଙ୍କୁ ରୋକ୍‌ଠୋକ୍ ଜଣାଇ ଦେଇଛନ୍ତି। ଥାନାଅଧିକାରୀ ଶରତ ନାୟକଙ୍କ ଏଭଳି ନିଷ୍ପତ୍ତିରେ ସହରରେ ବୁଦ୍ଧିଜୀବୀ ଓ ଅନ୍ତେବାସୀ ପ୍ରଶଂସା କରିଛନ୍ତି। ତେବେ ବିଭିନ୍ନ ପୂଜା ସମୟରେ ଶବ୍ଦ ପ୍ରଦୂଷଣ ରୋକିବା କାର୍ଯ୍ୟରେ ଥାନାଅଧିକାରୀ ଶରତ କୁମାର ନାୟକ କେତେଦୂର ସଫଳତା ଅର୍ଜନ କରୁଛନ୍ତି ତାହା ଦେଖିବାକୁ ପୌରାଞ୍ଚଳବାସି ଅପେକ୍ଷା କରିଛନ୍ତି। ଏବଂ ସର୍ବସାଧାରଣରେ ଆଲୋଚନାର ବିଷୟ ଚର୍ଚ୍ଚା ଜୋର ଧରିଛି।

# ହଳଧର ସେଠୀଙ୍କୁ ପିସିସି ସାଧାରଣ ସମ୍ପାଦକ ଦାୟିତ୍ୱ



**କେନ୍ଦ୍ରାପଡ଼ା,୭।୯/ଏନ୍‌ଏନ୍‌ଏସ୍:** ଦୀଘଦିନର ରାଜନୈତିକ ଅଭିଜ୍ଞତା ହାସଲ କରିଥିବା କେନ୍ଦ୍ରାପଡାର ବରିଷ୍ଠ କଂଗ୍ରେସ ନେତା ହଳଧର ସେଠୀ ଭକ୍ତଚରଣ ଦାସଙ୍କର ନୂତନ କାର୍ଯ୍ୟକର୍ତ୍ତା କମିଟିରେ ସାଧାରଣ ସମ୍ପାଦକ ଭାବେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତି ପାଇଛନ୍ତି। ଛାତ୍ର ଜୀବନରୁ କଂଗ୍ରେସ ପ୍ରତି ନିଜର ସାଂଗଠନିକ ଦୁର୍ବଳତା ଏବଂ ନିଜ ପରିବାରର କଂଗ୍ରେସ ଦଳ ପ୍ରତି ଆତ୍ମୀୟତା ପ୍ରକାଶ କରିଆସି ଥିବା ଶ୍ରୀ ସେଠୀ ଭୁବନେଶ୍ୱରସ୍ଥିତ ବକ୍ସିଜଗବନ୍ଧୁ ମହାବିଦ୍ୟାଳୟରୁ ପ୍ରଥମେ ସ୍ନାତକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରୁ ସ୍ନାତକୋତ୍ତର ଏବଂ ଉତ୍କଳ ୟୁନିଭରସିଟି ଆଇନ ମହାବିଦ୍ୟାଳୟରୁ ଏଲ୍‌ଏଲ୍‌ବି ପାସ କରି ମଧ କଂଗ୍ରେସ ଦଳ ପ୍ରତି ଛାତ୍ର ଜୀବନରୁ ରହିଥିବା ତାଙ୍କର ଅଦମ୍ୟ ସମର୍ଥନ ପାଇଁ ଶେଷରେ କଂଗ୍ରେସ ରାଜନୀତିକୁ ସେ ନିଜର ସମାଜ ସେବାର ମାଧମ ଭାବେ ଗ୍ରହଣ କରିନେଇଛନ୍ତି। ଛାତ୍ର କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରଥମେ ସେ ବିଜେବି ମହାବିଦ୍ୟାଳୟର ଛାତ୍ର ସଂସଦ ସମ୍ପାଦକରୁ ନିଜର କ୍ୟାରିୟର ଆରମ୍ଭ କରି ପରବର୍ତ୍ତି ଅବସ୍ଥାରେ ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ, ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆବାହାକ, ଉପାଧକ୍ଷ ଏବଂ ପ୍ରଦେଶ ମତ୍ସ୍ୟଜୀବି କଂଗ୍ରେସ ଅଧକ୍ଷ, କେନ୍ଦ୍ରାପଡାରୁ ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ଓ ଅଖିଳ ଭାରତ ମତ୍ସ୍ୟଜୀବୀ କଂଗ୍ରେସର ସମ୍ପାଦକ ଭାବେ ନିଯୁକ୍ତି ପାଇଥିଲେ। ଦୀର୍ଘଦିନର ଏହି ରାଜନୈତିକ ଅଭିଜ୍ଞତା ଏବଂ କଂଗ୍ରେସ ପ୍ରତି ରହିଥିବା ତାଙ୍କର ଅନାବିଳ ସାଂଗଠନିକ କାର୍ଯ୍ୟ, ନିର୍ବାଚନ ପରିଚାଳନା ଓ ନିଜର ସରଳ ତଥା ଭାତୃତ୍ୱପୂର୍ଣ୍ଣ କାର୍ଯ୍ୟନିପୁଣତା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଦାସ ଶ୍ରୀ ସେଠୀଙ୍କୁ ତାଙ୍କ କମିଟିରେ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଁ କରିଥିବା ସୁପାରିଶକୁ ଅଖିଳ ଭାରତ କଂଗ୍ରେସ କମିଟି ଶେଷରେ ମୋହର ମାରିଛନ୍ତି। କେନ୍ଦ୍ରାପଡାର କଂଗ୍ରେସ ପ୍ରେମୀ, କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ସାଧାରଣ ସମର୍ଥକମାନେ ଶ୍ରୀ ସେଠୀଙ୍କ ଏହି ନିଯୁକ୍ତିରେ ବେଶ ଉତ୍ସାହିତ ଥିବା ଅନୁଭବ ହେଉଛି। କେନ୍ଦ୍ରାପଡାରେ ଦୀର୍ଘଦିନ ଧରି ଗତ ୨୦୦୯ ମସିହାରୁ ଆଜି ଯାଏଁ ଦଳର ସମସ୍ତ ସାଂଗଠନିକ କାର୍ଯ୍ୟରେ ନିଜର ଦକ୍ଷତା ମୁତାବକ କାର୍ଯ୍ୟ ସମ୍ପାଦନ କରିଥିବା ଶ୍ରୀ ସେଠୀ ସାଧାରଣ ନିର୍ବାଚନରେ ମଧ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଅତି ଉଚ୍ଚକୋଟିର ତଥା ପ୍ରଭାବି ପ୍ରଚାର ଦାୟିତ୍ୱ ନିଭାଉଥିବା ଅଞ୍ଚଳବାସୀ ମଧ ଅନୁଭବ କରିଛନ୍ତି। ଶ୍ରୀ ସେଠୀଙ୍କ ଏହି ନିଯୁକ୍ତି ପାଇଁ କେନ୍ଦ୍ରାପଡା କଂଗ୍ରେସରେ ନିଶ୍ଚିତ ଭାବେ ପ୍ରଭାବ ପଡିବ ଏବଂ କଂଗ୍ରେସ ଦଳ ସାଂଗଠନିକ ଦୃଷ୍ଟିରୁ ବେଶ୍ ଆଗକୁ ବଢ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ନିଯୁକ୍ତି ନେଇ ଶ୍ରୀ ସେଠୀ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜ୍ଜୁନ ଖାଡଗେ ଓ ପିସିସି ସଭାପତି ଭକ୍ତଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




**ଯାଜପୁର,୭।୯/ଏନ୍‌ଏନ୍‌ଏସ୍:** ଜିଲ୍ଲାରେ ଚାଲିଥିବା 'ଜିରୋ ଫାଟାଲିଟି ୱିକ୍' (ଶୂନ୍ୟ ମୃତ୍ୟୁ ସପ୍ତାହ) ପାଳନ ଅବସରରେ ଯାଜପୁର ରୋଡ୍ ସ୍ଥିତ ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ କୋରେଇ ଥାନା ସହଯୋଗରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ସଚେତନ କରାଯାଇଥିଲା। ବିଶେଷ କରି ଟ୍ରାଫିକ୍ ନିୟମ ପାଳନ, ସୁରକ୍ଷିତ ଯାତାୟାତ ଏବଂ ଗାଡ଼ି ଚାଳନା ନିୟମ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ହେଲମେଟ୍ ଓ ସିଟ୍‌ବେଲ୍ଟର ବ୍ୟବହାର ଦୁଇଚକିଆ ଯାନ ଚଳାଇବା ବେଳେ ହେଲମେଟ୍ ଏବଂ ଚାରିଚକିଆ ଯାନରେ ସିଟ୍-ବେଲ୍ଟ ପିନ୍ଧିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦାୟିତ୍ୱବାନ୍ ଗାଡ଼ି ଚାଳନା ସଡ଼କ ଦୁର୍ଘଟଣା ରୋକିବା ପାଇଁ ଦାୟିତ୍ୱବାନ୍ ନାଗରିକ ଭାବେ ଗାଡ଼ି ଚଳାଇବାକୁ ଆହ୍ୱାନ ଦିଆଯାଇଥିଲା। ସଡ଼କ ଦୁର୍ଘଟଣାକୁ ଶୂନ୍ୟକୁ ଆଣିବା ଏବଂ ଅମୂଲ୍ୟ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ସଚେତନ ହେବା ଜରୁରୀ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ ଏହି ସଡ଼କ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଏସ୍‌ବିଡି ଇଣ୍ଟର୍‌ନ୍ୟାସନାଲ ସ୍କୁଲ୍‌ର ପ୍ରିନ୍ସିପାଲ,ରାକେଶ ତ୍ରିପାଠୀ, ଆଇଆଇସି ପ୍ରଦୀପ୍ତ କିଶୋର ବେହେରା, ସହକାରୀ ମୋଟର ଯାନ ନିରୀକ୍ଷକ, ସବ୍‌ଇନ୍ସପେକ୍ଟର, ହାବିଲଦାର ଓ କନଷ୍ଟେବଳ କୋରେଇ ଥାନା କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପରିବେଶ ସଚେତନତା




**ଅନୁଗୋଳ,୭।୯/ଏନ୍‌ଏନ୍‌ଏସ୍:** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଶାଖା ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସାଇକେଲ୍ ରାଲି, ଆବର୍ଜନା ସଫେଇ କାର୍ଯ୍ୟ ସହିତ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଏହି ସାଇକେଲ ରାଲିକୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପତାକା ପ୍ରଦର୍ଶନ କରି ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ବୋର୍ଡ ଶିଳ୍ପାଞ୍ଚଳଠାରୁ ଅନୁଗୋଳ ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ପରିବେଶଧର୍ମୀ ପ୍ଲାଇକାର୍ଡ ପ୍ରଦର୍ଶନୀ ଏବଂ ଡାକବାଜି ଯନ୍ତ୍ର ମାଧମରେ ପରିବେଶ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ଜଗନ୍ନାଥ ମନ୍ଦିର ଠାରୁ ଟାଉନହଲ ପର୍ଯ୍ୟନ୍ତ ଏକ ଆବର୍ଜନା ସଫେଇ କାର୍ଯ୍ୟକ୍ରମ କରି କଠିନ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ସାଧାରଣ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ପରିବେଶ ସୁରକ୍ଷା ବାର୍ତ୍ତା ଦେଇ ସଚେତନ କରିଥିଲେ। ଅନୁଗୋଳ ଟାଉନ ହଲଠାରେ ରାଜ୍ୟ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ ଇଂ ରମେଶ ଚନ୍ଦ୍ର ଏକ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡା. ସଞ୍ଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ପଲିଥିନର ବ୍ୟାପକ ବ୍ୟବହାର ଯୋଗୁଁ ମୃତ୍ତିକା,ଜଳାଶୟ, ନଦୀ,ନାଳ ଏବଂ ସମୁଦ୍ର ପ୍ରଦୂଷିତ ହୋଇ ପ୍ରତିକୂଳ ପ୍ରଭାବ ପଡୁଥିବା ଡା. ସ୍ୱାଇଁ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜ୍ଞାନ ପରିଚାଳକ ଅମ୍ବୁଜ ଗଡ଼ନାୟକ ଏବଂ ପ୍ରକୃତି ପରିବେଶ ଓ ବନ୍ୟଜୀବ ସମିତି ସମ୍ପାଦକ ପ୍ରସନ୍ନ କୁମାର ବେହେରା ସମ୍ମାନିତ ଅତିଥି ଭାବରେ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରିଥିଲେ। ପରିବେଶ ସୁରକ୍ଷା ନେଇ ସମସ୍ତ ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅତିଥିମାନେ ଶପଥ ପାଠ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ୨ଶହ ପିଜୁଳି, ଆତ ପ୍ରଭୃତି ଫଳଚାରା ବିତରଣ କରାଯାଇଥିଲା।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



**ଯାଜପୁର,୭।୯/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ। ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ୍ ୨୩୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୭ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୮୭ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୯୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ନଗେନ୍ଦ୍ର ନାଥ ମହାପାତ୍ର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଡେପୁଟି କଲେକ୍ଟର, ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା,ତହସିଲଦାର ରବିନାରାୟଣ ପାଢ଼ୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଯାଜପୁର ସଦର ହରିପୁର ଗ୍ରାମର ସନାତନ ବେହେରାଙ୍କୁ ଶ୍ରବଣ ସହାୟକ ଯନ୍ତ୍ର ପ୍ରଦାନ କରାଯାଇଛି। ଏହି ଶ୍ରବଣ ଯନ୍ତ୍ର ତାଙ୍କର ଶ୍ରବଣ ସମସ୍ୟା ଦୂର କରିବା ସହ ଦୈନନ୍ଦିନ ଜୀବନରେ ଯୋଗାଯୋଗକୁ ସହଜ କରିବାରେ ସହାୟକ ହେବ। ଶ୍ରବଣ ଯନ୍ତ୍ର ପାଇ ସନାତନ ବେହେରା ଆନନ୍ଦ ପ୍ରକାଶ କରିବା ସହ ଏଥିପାଇଁ କୃତଜ୍ଞତା ଜଣାଇଛନ୍ତି।

# ଅବହେଳିତ କଳାହୀରା ସହର: ବିକାଶର ମନ୍ତ୍ର ଦେଉନି କାମ




**ତାଳଚେର,୭।୯/ଏନ୍‌ଏନ୍‌ଏସ୍:** ତାଳଚେର ମାଟି ତାର ପୂର୍ବ ପୁରୁଷର କି ଧର୍ମ କରିଥିଲା। ଯାହା ତାଳଚେର ମାଟିକୁ ଏକ ସୁନାର ମାଟିଭାବେ ମା'ଲକ୍ଷ୍ମୀଙ୍କର ବରଦାନ ମିଳିଛି। ଯାହା ଆଜି ତାଳଚେର ମାଟି ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସାରା ଭାରତକୁ ଆଲୋକିତ କରୁଛି। ମାଟି ଆଜି ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି କିନ୍ତୁ ସମୟ ଆଗରେ ହାରମାନିନି ତାଳଚେର। ନିଜ ଗର୍ଭରେ ପୋତି ରଖିଥିବା ଖଣିଜ ସମ୍ପଦ ଯୋଗୁଁ ଆଜିର ଇତିହାସରେ ଏକ ମାନଚିତ୍ର ଭାବେ ନିଜକୁ ଉଭା କରିପାରିଛି। ଅନୁମାନ କରାଯାଏ କି, ତାଳଚେର ଏହି ଖଣିଜ ସମ୍ପଦରେ ଆଜି ସାରା ଭାରତକୁ ଆଲୋକିତ କରୁଥିବା ବେଳେ ନିଜେ ଅସହାୟ ଓ ଅନ୍ଧାରମୟ ଜୀବନ ଅତିବାହିତ କରୁଛି। ଏଠି ଯେଉଁ ନେତାମାନେ ନିର୍ବାଚିତ ହୋଇଛନ୍ତି କିଛି ନା କିଛି ମାଟି ପାଇଁ ଆଶା ଦେଇଛନ୍ତି କିନ୍ତୁ ତାହା ପରବର୍ତ୍ତି ମୁହୂର୍ତ୍ତରେ 'ଆଶା' ଆଶାରେ ହିଁ ରହି ଯାଇଛି। ଯେଉଁ ନେତାମାନେ ନିର୍ବାଚିତ ହୋଇଛନ୍ତି ପ୍ରାୟ ସେମାନେ ପ୍ରାୟ ୧୦ରୁ ୨୦ବର୍ଷ ପର୍ଯ୍ୟନ୍ତ ନିଜର ଗାଦିମାଡ଼ି ବସିବା ସହ ତାଙ୍କର କାର୍ଯ୍ୟ ମାଟି ପାଇଁ ହେଲ୍ପଲେସ୍ ଭଳି ମନେହୁଏ। ତିନି ତିନିଟି ଦଳର ନେତା ଓଡ଼ିଶା ଗାଦିରେ ବସିଲେଣି, ଯିଏ ଯେଉଁ ପ୍ରକାର ଆଶ୍ୱସନା ପ୍ରଦାନ କରିଛି, ତାହା ଅସଫଳ ସାବ୍ୟସ୍ତ ହୋଇଛି। ତାଳଚେର ଆଜି ଅବହେଳିତ, ଶୋଷିତ, ନିରୂପାୟ ଓ ଯନ୍ତ୍ରଣାରେ କଳାହୀରା ସହରର ମାଟି। ନିର୍ବାଚନ ସମୟରେ ବିକାଶର କଥା ଆସିଲେ ଦଳଦଳ ହୋଇ ଭାଷଣବାଜି, ପଥପ୍ରାନ୍ତସଭା, ବାଇକରାଲି, ପଦଯାତ୍ରା ଆଦି ହୀନରାଜନୀତି ଯୋଗୁଁ ତାଳଚେର ମାଟି ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି। ଏଠି କଥା ଆସେ, ତାଳଚେର ରାଣୀପାର୍କ ଜଙ୍ଗଲ ଓ ଡିଅରପାର୍କ, ତାଳଚେର ବସଷ୍ଟାଣ୍ଡ, ରାଜୁଡ଼ା ଅମଳରୁ ନିର୍ମାଣ କରାଯାଇଥିବା ପୋଖରୀ, କଲ୍ୟାଣୀମଣ୍ଡପ, ରାଜାବାଟୀ ସମ୍ମୁଖରେ ଆଇଲଭୟୁ ତାଳଚେରର ସୌନ୍ଦର୍ଯ୍ୟ କରଣ, ଗଳିକନ୍ଦି ରାସ୍ତା ସହ ମୁଖ୍ୟରାସ୍ତା ଏପରିକି ରାଣୀପାର୍କ ବସ୍‌ଷ୍ଟାଣ୍ଡ ଏବଂ ପଛପାର୍ଶ୍ୱରେ ନିର୍ମାଣ କରାଯାଉଥିବା କୋଲମ୍ୟୁଜିୟମ ଆଦି ପ୍ରତ୍ୟେକ ବିକାଶକ୍ଷେତ୍ରରେ ସବୁ ଅଧାପନ୍ତରିଆ ହୋଇ କାର୍ଯ୍ୟ କଚ୍ଛପ ଓ ମନ୍ଥର ଗତିରେ। ଅନୁଗୋଳ କୋଲମ୍ୟୁଜିଅମ ନିର୍ମାଣ ସରି ସହରବାସୀ ଏହାର ଫାଇଦା ଉଠାଉଥିବା ବେଳେ ତାଳଚେରରେ ୫ବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ହେଁ ଏହି କୋଲମ୍ୟୁଜିଅମଟି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଏଗୁଡ଼ି କେବେ ସମ୍ପୂର୍ଣ୍ଣ ହେବ ଓ ସର୍ବସାଧାରଣଙ୍କ କାର୍ଯ୍ୟରେ କେବେ ଆସିବ ତାକୁ ନେଇ ବୁଦ୍ଧିଜୀବୀ ମହଲରେ ବିଭିନ୍ନ ଛକ ଓ ସ୍ଥାନ ଗୁଡ଼ିକରେ ଚର୍ଚ୍ଚା ହେଉଥିବା ପରିଲକ୍ଷିତ ହେବାସହ ଅନ୍ୟ ଜିଲ୍ଲାର ଅଧିବାସୀମାନେ ମଧ ଅପେକ୍ଷ କରି କହୁଛନ୍ତି କି, ଦୀପତଳ ଅନ୍ଧାର। ଏତିକି ନୁହେଁ ତାଳଚେରର ଆହୁରି ଅନେକ ବିକାଶମୂଳକ କାର୍ଯ୍ୟ ଯାହା ନେତା କିମ୍ବା ପ୍ରଶାସନ ଦୃଷ୍ଟିରେ ଆସୁନାହିଁ ଏହାର ଅର୍ଥ ପ୍ରାୟ ସମୟରେ ସର୍ବସାଧାରଣ ଖୋଜିବାରେ ଲାଗିଛନ୍ତି। ତାଳଚେରର ଏପରି ଦୁର୍ଦ୍ଦଶା କିପରି ନେତା, ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟିକୁ ଆସୁନାହିଁ ତାହା ଏକ ଦୁର୍ଭାଗ୍ୟଜନକ ବିଷୟ। ଯେକୌଣସି ସ୍ଥାନରେ କୌଣସି ନା କୌଣସି କାର୍ଯ୍ୟକ୍ରମ ଚାଲେ ସେଠି ଛତ୍ରଛାୟା ତଳେ ରହୁଥିବା କୁଜି ନେତାମାନେ ନେତାଙ୍କ ପୂର୍ବରୁ ପହଞ୍ଚି ଯାଇଥାନ୍ତି, ଯେପରି ନେତାଙ୍କର ଅସୁବିଧା ନହୁଏ, ଏଠି ତାଳଚେର ପ୍ରତ୍ୟେକ ଦିନ ଅସୁବିଧାର ସମ୍ମୁଖୀନ ହେଉଥାଉ କାହିଁକି ନା ମାଟି ନୁହେଁ ପାଟିର ଆବଶ୍ୟକତା ରହିଛି ବୋଲି ଦଳର ବୈଠକ ଚାରିକାନ୍ଥ ଭିତରେ ଶୁଣାଯାଏ। ଯଦି ଏପରି ମନୋଭାବରେ ଚାଲେ ତେବେ ତାଳଚେର ଆଗାମୀ ଦିନରେ ପରବର୍ତ୍ତି ପୀଢ଼ିପାଇଁ କେବଳ ଅନ୍ଧାର ଛଡ଼ା ଆଉକିଛି ନୁହେଁ ବୋଲି ଚର୍ଚ୍ଚା ଚାଲିଛି। ତେଣୁ ତାଳଚେରରୁ କୋଟି କୋଟି ଟଙ୍କା ରାଜସ୍ୱ ଉଭୟ ସରକାର ନେଉଥିବା ବେଳେ ତାଳଚେରର ବିକାଶ ଦିଗରେ ଧ୍ୟାନଦେବା ସହ ପ୍ରତ୍ୟେକ ଜରୁରୀ କାର୍ଯ୍ୟକୁ ପୂରଣ କରାଯିବା ନେଇ ବିଭିନ୍ନ ମହଲରେ ଦାବି ହେଉଛି।

# ୧୦ ଫୁଟିଆ ଅଜଗର ଉଦ୍ଧାର

**ରାଜନଗର,୭।୯/ଏନ୍‌ଏନ୍‌ଏସ୍:** ଭିତରକନିକା ଜାତୀୟ ଉଦ୍ୟାନ ନିକଟସ୍ଥ ଖୋଲା ପୋଲ ନିକଟରୁ ଏକ ୧୦ ଫୁଟ ଲମ୍ବର ଅଜଗର ସାପ ବନବିଭାଗ ଦ୍ୱାରା ଉଦ୍ଧାର କରାଯାଇଛି। ଏହି ଅଜଗରକୁ ଭିତରକନିକା ଜାତୀୟ ଉଦ୍ୟାନ ସ୍ଥିତ କନିକା ରେଞ୍ଜ ପରିସରରେ ଥିବା ଉଦ୍ଧାର କେନ୍ଦ୍ରରେ ରଖାଯାଇ ତାର ସ୍ୱାସ୍ଥ୍ୟ ଗତ ନିରୀକ୍ଷଣ କରାଯାଉଛି। ଏହି ଉଦ୍ଧାର କାର୍ଯ୍ୟରେ ବନ ବିଭାଗର ଫରେଷ୍ଟର ପ୍ରଶାନ୍ତ କୁମାର ସିଂ ଓ ସଞ୍ଜୀବ ଦାସ, ବନରକ୍ଷୀ ବବୁଲ ପରିଡା, ସନ୍ଧ୍ୟାରାଣୀ ମଲ୍ଲିକ୍, କଳ୍ପତରୁ ସେଠୀ, ଅଲେଖ ପରିଡା, ମହେଶ୍ୱର ସ୍ୱାଇଁ, ଯଶୋବନ୍ତ ବେହେରା ପ୍ରମୁଖ ପହଞ୍ଚି ସାପକୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ।

# କେନାଲ୍‌ରେ ବୁଡ଼ି ଜଣେ ମୃତ

**କାମାକ୍ଷାନଗର,୭।୯/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ଥାନା ଖୋକସା ଗ୍ରାମରେ ଅଭାବନୀୟ ଘଟଣା। ଶୌଚ ନିମନ୍ତେ କେନାଲ୍‌କୁ ଯାଇଥିବା ବେଳେ କେନାଲ୍‌ରେ ବୁଡି ଜଣେ ମୃତ। ମୃତକ ଜଣକ ସେହି ଗ୍ରାମର ଅରୁଣ ସାମଲ। ସୂଚନା ଅନୁସାରେ ଅରୁଣ ଗତକାଲି ସନ୍ଧ୍ୟା ସମୟରେ ଶୌଚ ନିମନ୍ତେ ଘରୁ ଆସିଥିଲେ। ମାତ୍ର ଫେରିବା ବିଳମ୍ବ ହେବାରୁ ପରିବାର ଲୋକ ବହୁ ଖୋଜାଖୋଜି କରିବାପରେ ଆଜି ସକାଳୁ କେନାଲରେ ଅରୁଣଙ୍କ ମୃତଦେହ ଭାସୁଥିବା ଦେଖିଥିଲେ।

## ଦେଶୀମଦ ଜବତ, ଜଣେ ଗିରଫ

**ସୋର,୭।୯/ଏନ୍ଏନ୍ଏସ୍:** ସୋର ପୁଲିସ୍ ପାଟ୍ରୋଲିଂ କରୁଥିବା ସମୟରେ ଏକ ଅଟୋରୁ ୧୫୦ ଲିଟର୍ ଦେଶୀ ମହୁଲି ମଦ ସହିତ ଚାଳକକୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଖନ୍ତାପଡ଼ାର ରାହୁଲ ଦାସ। ସୋମବାର ସନ୍ଧ୍ୟାରେ କୌଣସି ସୂତ୍ରରୁ ଖବରପାଇ ସୋର କଲେଜ ଛକରେ ଥିବା ଏଚ୍‌ପି ପେଟ୍ରୋଲ୍ ପମ୍ପ୍ ନିକଟରେ ପୁଲିସ୍ ପକ୍ଷରୁ ଚଢ଼ଉ କରାଯାଉଥିଲା। ଏହି ସମୟରେ ଖନ୍ତାପଡ଼ାରୁ ସରଶଙ୍ଖ ଅଭିମୁଖେ ଯାଉଥିବା ଏକ ଅଟୋକୁ ଅଟକାଇ ଯାଞ୍ଚ କରବାରୁ ଚାଳକ ଜଣକ ଚତୁରତାର ସହ ସିଟ୍ ତଳେ ରଖିଥିବା ୧୫୦ ଲିଟର୍ ଦେଶୀ ମହୁଲି ମଦ ଦେଖିବାକୁ ମିଳିଥିଲା। ପରେ ଉକ୍ତ ଗାଡ଼ି ଓ ମଦକୁ ଜବତ କରିବା ସହିତ ସୋର ଥାନାକୁ ନେଇ ଅଧିକ ତଦନ୍ତ କରାଯାଇଥିଲା। ପରେ ଏକ ମାମଲା ରୁଜୁ କରି ରାହୁଲଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

### କୁଡୁମୀ ସେନା ପକ୍ଷରୁ କଳା ଦିବସ

# କୁଡୁମୀ ଜାତିକୁ ପୁନଃ ଏସ୍‌ଟି ମାନ୍ୟତା ଦାବି



**ବାରିପଦା,୭।୯/ଏନ୍ଏନ୍ଏସ୍:** ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖ କୁଡୁମୀ ଜାତିକୁ ଆଦିବାସୀ(ଏସ୍‌ଟି) ବର୍ଗରୁ ବାଦ୍ ଦିଆଯାଇଥିଲା। କୁଡୁମୀ ଜାତି ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟ ପ୍ରତିବାଦରେ ପ୍ରତି ବର୍ଷ ସେପ୍ଟେମ୍ବର ୬ ଦିନଟିକୁ କୁଡୁମୀ ସେନା କଳା ଦିବସ ଭାବେ ପାଳନ କରିଆସୁଛି। ଏହି ଅବସରରେ କୁଡୁମୀ ସେନାର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ମୟୂରଭଞ୍ଜ ସମେତ ଓଡ଼ିଶାରେ ବସବାସ କରୁଥିବା ୧୦ଟି ଜିଲ୍ଲାରେ ଏହି କଳା ଦିବସ ପାଳନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ଏହି କଳା ଦିବସ ପାଳନ ଉପଲକ୍ଷେ କୁଡୁମୀ ସମ୍ପ୍ରଦାୟର ଲୋକେ କଳା ପତାକା ଧରି ସ୍ଥାନୀୟ ମଧୁବନ ପଡ଼ିଆରୁ ପାରମ୍ପରିକ ବାଦ୍ୟ ସହ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୁଡୁମୀ ସେନା ପକ୍ଷରୁ ରାଜ୍ୟ ସଭାପତି ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ ୬୦ ପୃଷ୍ଠା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଜରିଆରେ ଜିଲ୍ଲାପାଳ ହେମକାନ୍ତ ସାଏଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର କୁଡୁମୀ ଜାତିର

**ଦାବିପୂରଣ ନହେବା ପର୍ଯ୍ୟନ୍ତ ପଲ୍ଲୀରୁ ଦିଲ୍ଲୀ ଚାଲିବ ଆନ୍ଦୋଳନ**

ମହିଳା ଓ ଯୁବ ଛାତ୍ରମାନେ କଳା ଫିତା ପିନ୍ଧି ସାମିଲ୍ ହୋଇଥିଲେ। କୁଡୁମୀ ଜାତିକୁ ପୁନଃ ଏସ୍‌ଟି ମାନ୍ୟତା ଦାବିପୂରଣ ନହେବା ପର୍ଯ୍ୟନ୍ତ ପଲ୍ଲୀରୁ ଦିଲ୍ଲୀ ଯାଏ ଜୋରଦାର୍ ଆନ୍ଦୋଳନ ଚାଲିବ ବୋଲି କୁଡୁମୀ ସେନାର ପ୍ରତିଷ୍ଠାତା ଜୈମୁନି ମହାନ୍ତ କହିଛନ୍ତି।

## ବୈଶିଙ୍ଗା ଉଚ୍ଚ ପ୍ରାଥମିକ ସ୍କୁଲ୍‌ରୁ ଚୋରି

**ବୈଶିଙ୍ଗା,୭।୯/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନାରୁ ମାତ୍ର ୫୦୦ ମିଟର୍ ଦୂରରେ ଏବଂ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଅଫିସ୍ ଗୃହ, କମନ୍ ରୁମ୍ ଓ ଏହା ସଂଲଗ୍ନ ଅନ୍ୟ ଏକ ରୁମ୍ ତାଲାରେ ଏସିଡ୍ ପକାଇ ତାଲା ଭାଙ୍ଗିଥିଲେ ଏବଂ ସେଠାରେ ରଖାଯାଇଥିବା ୧୦ ବ୍ୟାଗ୍ ସିମେଣ୍ଟ ଓ ଲୁହା ରଡ୍ ଚୋରି କରି ନେଇଯାଇଛନ୍ତି। ସୋମବାର ସକାଳେ ପ୍ରଧାନଶିକ୍ଷୟିତ୍ରୀ ମିତାଲି ନାୟକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲ୍‌ରେ ପହଞ୍ଚିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଅଭିଯୋଗ ପାଇବା ପରେ ଥାନାଧିକାରୀ ବାବାଶଙ୍କର ସରାଫ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବରୁ ମଧ୍ୟ ଏହି ସ୍କୁଲ୍‌ରୁ ୫ଥର ପିଲାଙ୍କ ଖେଳକୁଦ ସାମଗ୍ରୀ ଏବଂ ସିଲିଂ ଫ୍ୟାନ୍ ଚୋରି ହୋଇଥିବା ଖବର ଜଣାପଡ଼ିଛି। ଏନେଇ ପୂର୍ବରୁ ଥାନାରେ ମାମଲା ହୋଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୁରାକ୍ ମିଳିପାରି ନଥିଲା । ଏବେ ପୁଣି ଲଗାତାର ଚୋରି ଘଟଣା ପରେ ସ୍କୁଲ୍‌ର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ବୈଶିଙ୍ଗା ଥାନାରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି ପୂର୍ବରୁ ଜଣେ ରାତ୍ରୀ ଜଗୁଆଳୀ ଭାବେ ଭାଗିରଥୀ ବେହେରା କାର୍ଯ୍ୟ କରୁଥିଲେ। ତାଙ୍କୁ ସ୍କୁଲ୍‌ର ନିଜସ୍ୱ ପାଣ୍ଠିରୁ କିଛି ଦିଆଯାଉଥିଲା। ଏବେ ସେ ଅଧିକ ଟଙ୍କା ଦାବି କରିବାରୁ ତାଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ତେଣୁ ସ୍କୁଲ୍‌ରେ ରାତ୍ରୀ ଜଗୁଆଳି ବ୍ୟବସ୍ଥା କରିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି।


13001/1776/2627

**WATCO**

**OFFICE OF THE GENERAL MANAGER, WATCO DIVISION-I, BHUBANESWAR**

Vanivihar Sauare, Bhubaneswar-751022, Odisha, India

Telefax : -+91-674-2452821, Email : gmdivonewatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

Invitation For Bids (IFB)

GMWATCO-I/43/2026-27 Dt. 28.08.2026

| | | |
|---|---|---|
| 01. | Name of the work | : 05 Nos. of Work |
| 02. | Estimated cost | : Rs.30.59 Lakh to 80.93 Lakhs |
| 03. | Period of completion | : 24 Months |
| 04. | Class of contractor | : "C & B" Class |
| 05. | Date & time of availability of bid document in the portal | : From 11.00 AM of dt.05.09.2026 to 5.00 PM of 21.09.2026 |
| 06. | Last date/time of receipt of bids in the portal | : 5.00 PM of 21.09.2026 |
| 07. | Date & time of opening of bids | : At 12.30 PM of 22.09.2026 |
| 08. | Name and address of the officer inviting bid | : General Manager, WATCO Division-I BBSR |

Further details can be seen from the e-Procurement portal "https://www.tendersorissa.gov.in"

Sd/- General Manager,
WATCO Division-I, Bhubaneswar

OIPR-13001/13257/1/26-27/0006


## 'କୃତଜ୍ଞତାର ମହାପର୍ବ: ନନ୍ଦିତ ନନ୍ଦକିଶୋର' କାର୍ଯ୍ୟକ୍ରମ




**ସୋର,୭।୯/ଏନ୍ଏନ୍ଏସ୍:** ସ୍ୱାଧୀନ ଓଡ଼ିଶାର ପ୍ରଥମ ବାଚସ୍ପତି ନନ୍ଦକିଶୋର ଦାସଙ୍କ ଜୟନ୍ତୀ ଅବସରରେ ନନ୍ଦକିଶୋର ଦାସ ମେମୋରିଆଲ୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ 'କୃତଜ୍ଞତାର ମହାପର୍ବ: ନନ୍ଦିତ ନନ୍ଦକିଶୋର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ପ୍ରଥମ ଅଧିବେଶନରେ ବରେଣ୍ୟ ଅତିଥିଭାବେ ପ୍ରଖ୍ୟାତ ପରିବେଶବିତ୍ ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀଙ୍କ ସହ ପରିବେଶ ଓ ନେପାଳ ବୀଭିଷିକା ସମ୍ବନ୍ଧରେ ଯୁବ ସ୍ତମ୍ଭକାର ସରୋଜ ବିଶ୍ୱାଳ ଆଲୋଚନା କରିଥିଲେ। ଫାଉଣ୍ଡେସନ୍‌ର ସଭାପତି ଜଗନ୍ନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ କହିଥିଲେ ଯେ ନନ୍ଦକିଶୋରଙ୍କ ଭଳି ରାଜନୈତିକ ବ୍ୟକ୍ତି ଆଜିର ଦୁନିଆରେ ବିରଳ। ଥରେ ଓଡ଼ିଶା ବିଧାସଭାର ବାଚସ୍ପତି ହେବାପରେ ସେ ପ୍ରତ୍ୟକ୍ଷ ରାଜନୀତି ଓ ଦଳୀୟ ରାଜନୀତିରୁ ନିଜକୁ ଦୂରେଇ ରଖିଥିଲେ ବୋଲି କହିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ପ୍ରଖ୍ୟାତ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ଆଜିର ପରିବେଶ ସଙ୍କଟ ଓ ଏହାର ସମାଧାନ ଉପରେ ଏକ ବିସ୍ତୃତ ଆଲୋଚନା କରି ବେଳୁ ସଚେତନ ନହେଲେ ନେପାଳ ଭଳି ଘଟଣାମାନ ବାରମ୍ବାର ଘଟିବ ଓ ସେଥିଲାଗି ଆମେମାନେ ହିଁ ଦାୟୀ ରହିବା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ନନ୍ଦକିଶୋର ଦାସଙ୍କ ପରିବାର ସଦସ୍ୟଭାବେ ପରମାନନ୍ଦ ଦାସ ଉପସ୍ଥିତ ରହି ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ସୁମତୀ ମହାନ୍ତି ମଞ୍ଚ ଆହ୍ୱାନ କରିଥିବାବେଳେ ସୁଶ୍ରୀ ଲାବଣ୍ୟବତୀ କାହାଳୀ ଅତିଥି ପରିଚୟ ପ୍ରଦାନ କରିଥଲେ। ଏହି ଅବସରରେ ନନ୍ଦକିଶୋର ସ୍ମାରକୀ ଅନ୍ତଃବିଦ୍ୟାଳୟ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୁରୀମାନଙ୍କ ପସନ୍ଦ ପୁରସ୍କାର ଗାନ୍ଧୀ ସେବା ସଂଘ ହାଇସ୍କୁଲ୍‌କୁ ପ୍ରଦାନ କରାଯାଇଥିଲା। ଏଥିରେ ଉପସ୍ଥିତ ନନ୍ଦକିଶୋର ଦାସଙ୍କ ପୁଅ ନୟନାନନ୍ଦ ଦାସ ଓ ଜୀବନାନନ୍ଦ ଦାସଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ତୁଷାର ଧଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଚିତ୍ତରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ ଓ ଅମରେନ୍ଦ୍ର ନନ୍ଦ ଧନ୍ୟବାଦ ଦେଇଥିଲେ।

## ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ସମ୍ବର୍ଦ୍ଧନା



**ବାରିପଦା,୭।୯/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଜିଲ୍ଲାର ଦୁଇ ଉଦୀୟମାନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କ ମଧ୍ୟରୁ ବାରିପଦା ଷ୍ଟେସନ୍ ବଜାର ଅଞ୍ଚଳର ସଂଗ୍ରାମ ଦାସଙ୍କ ଝିଅ ଆକାଂକ୍ଷା ଦାସ ଓ ବାରିପଦା ବ୍ଲକ୍ ଅନ୍ତର୍ଗତ ରାଧିକାଶୋଳ ଗ୍ରାମର ଅତି ସାଧାରଣ ଚାଷୀ ଲକ୍ଷ୍ମୀଧର ଟୁଡୁଙ୍କ ଝିଅ ସନ୍ଧ୍ୟାରାଣୀ ଟୁଡୁ ସାମିଲ୍ ରହିଛନ୍ତି। ଆକାଂକ୍ଷା ନିଜ ଉଦ୍ୟମ ବଳରେ ବ୍ରିଟେନ୍‌ର ପ୍ରତିଷ୍ଠିତ 'କୋମନୱେଲଥ୍ ସ୍କଲାରସିପ୍' ପାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ଇଂଲଣ୍ଡର ପ୍ରସିଦ୍ଧ ନଟିଂହାମ୍ ବିଶ୍ୱବିଦ୍ୟାଳୟରେ ମାଷ୍ଟର୍ସ ଡିଗ୍ରୀ ଅଧ୍ୟୟନ କରିବେ। ତାଙ୍କର ଏହି ଉଚ୍ଚଶିକ୍ଷା ଓ ଗବେଷଣା ଦେଶ ପାଇଁ ସଫଳତା ଆଣିଦେବ ବୋଲି ସେ ପ୍ରକାଶ କରିଥିଲେ। ସେହିପରି ସନ୍ଧ୍ୟାରାଣୀ ନିଜର ଦୃଢ଼ ଇଚ୍ଛାଶକ୍ତି ଓ କଠୋର ପରିଶ୍ରମ ବଳରେ ନିକଟ ଅତୀତରେ ଦେଶ ପାଇଁ ଚୀନରେ ଅନୁଷ୍ଠିତ ରଗ୍‌ବି ଚାମ୍ପିଅନସିପ୍‌ରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଏହି ପରିପ୍ରେକ୍ଷୀରେ ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ସହ-ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ବରିଷ୍ଠ ସଦସ୍ୟ ରତିକାନ୍ତ ବେହେରା, ଉମେଶ ସାହୁ, ଆକାଂକ୍ଷାଙ୍କ ପିତା ସଂଗ୍ରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁଇ ପ୍ରତିଭାଙ୍କ ସମେତ ଭାରତୀୟ ରଗ୍‌ବି ଦଳର ପୂର୍ବତନ ଅଧିନାୟକ ପାର୍ବତୀ ହାଁସଦା ଉପସ୍ଥିତ ଛାତ୍ରଛାତ୍ରୀ, ଯୁବ ଖେଳାଳି ଓ ଅଭିଭାବକଙ୍କୁ ନିଜ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ।


**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ.:e-TenderCENKUR-143-2026,ତା.26.08.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ (CTC)-ତାଳଚେର (TLHR) ଲାଇନ୍‌ରେ ସଦାଶିବପୁର ଏବଂ ହିନ୍ଦୋଳ ରୋଡ୍ ଷ୍ଟେସନ ମଧ୍ୟରେ ରେଳୱେ କି.ମି.459.9-11 ଠାରେ ବର୍ତ୍ତମାନ ଥିବା ଜଗୁଆଳୀ ବିଶିଷ୍ଟ ଲେଭେଲ କ୍ରସିଙ୍ଗ୍ (LC) ନଂ.CT-52 ପରିବର୍ତ୍ତେ ଷ୍ଟିଲ୍ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ (ଏୟାର ପୁସିଙ୍ଗ୍ ପ୍ରଣାଳୀ ଦ୍ୱାରା)।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 731.35 ଲକ୍ଷ,

EMD (ଟଙ୍କାରେ) : 14,62,700.00।

(2) ଟେଣ୍ଡର ସଂ.:eTenderSouthKUR-142-2026,ତା.18.08.2026ରିଖ

ବିବରଣୀ : ଜଖିକୋଟ୍ ଡିପୋ ଠାରେ ମେସିନ୍ ଦ୍ୱାରା ଭଙ୍ଗା ଯାଇଥିବା 50MM ଆକାରର 10,700 ଘନମିଟର ବିଶିଷ୍ଟ ଅବଶିଷ୍ଟ କଠିନ ପଥର ବାଲାଷ୍ଟର ଯୋଗାଣ ଏବଂ ତାହାକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯେକୌଣସି ପ୍ରକାର ରେଳୱେ ୱାଗନରେ ଲୋଡେଇ କରିବା କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 142.09 ଲକ୍ଷ,

EMD (ଟଙ୍କାରେ) : 2,84,200.00।

(3) ଟେଣ୍ଡର ସଂ.:etenderEastkur-145-2026,ତା.20.08.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ (ADEN)/II/କଟକ (CTC) ପରିସୀମା ଅଧୀନସ୍ଥ କଟକ (CTC)-ପାରାଦ୍ୱୀପ (PRDP) ସେକ୍ସନରେ ବାଲାଷ୍ଟ ରିଟେନିଙ୍ଗ୍ ୱାଲ, ପାରାପେଟ୍ ୱାଲ, ଯାଞ୍ଚ ସିଡ଼ି, ବ୍ରିକ୍ ଟାବ୍‌ଲେଟ୍‌ଗୁଡ଼ିକ ଭଳି ପୋଲ (ଛୋଟ ଏବଂ ବଡ଼) ଏବଂ ଏହାର ପ୍ରବେଶ ପଥଗୁଡ଼ିକର ପ୍ରସ୍ତାବିତ ମରାମତି, ପୋଲ ପ୍ରବେଶ ପଥରେ ସେସ୍‌ର ପ୍ରଶସ୍ତୀକରଣ, ରେନ୍‌ଫୋର୍ସମେଣ୍ଟ ଏକ୍ସପୋଜ୍‌ଡ ସ୍ଥାନଗୁଡ଼ିକର ଦେଖାଶୁଣା, ଷ୍ଟୋନ୍ ପିଚିଙ୍ଗ୍ ଇତ୍ୟାଦି।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 348.76 ଲକ୍ଷ,

EMD (ଟଙ୍କାରେ) : 6,97,500.00।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 348.76 ଲକ୍ଷ,

EMD (ଟଙ୍କାରେ) : 6,97,500.00।

ଶେଷ ହେବା ଅବଧି : 12(ବାର) ମାସ (ସମସ୍ତ କ୍ରମ ସଂ. 1 ଏବଂ 3 ପାଇଁ) ଏବଂ 08(ଆଠ) ମାସ (ସମସ୍ତ କ୍ରମ ସଂ. 2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.09.2026 ରିଖ 1500 ଘଣ୍ଟିକା (ସମସ୍ତ କ୍ରମ ସଂ. ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ କାଉଣ୍ଟେରିୟଲ୍ ଫାଇଲ୍ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ),
ଖୋର୍ଦ୍ଧା ରୋଡ୍

PR-422/R/26-27



GOVERNMENT OF ODISHA 8001/296/2627

**OFFICE OF THE DIVISIONAL FOREST OFFICER, GHUMSUR NORTH DIVISION**

Bhejiput, Bhanjanagar, Ganjam, Odisha, Pin-761126

Tele/Fax - 06821-240164, E-mail : dfo.ghumsurnorth@odisha.gov.in

Letter No. 4898 / Dated : 05.09.2026

**TENDER CALL NOTICE**

INVITATION FOR BIDS (IFB)

E-Procurement Bid Identification No. GH(N)-BNJ-F.E & C.C-02 / 2026-27

| | | |
|---|---|---|
| 1. | Name of work | : Construction of Buildings |
| 2. | No. of works | : 02 Nos. |
| 3. | No. of covers | : Single Cover |
| 4. | Estimated cost | : Rs.12,76,000/- |
| 5. | Period of completion | : Three Calendar Months |
| 6. | Date & time of availability of bid documents in portal | : From 11.00 AM of dtd. 09.09.2026 to 05.00 PM of dtd. 20.09.2026 |
| 7. | Last date/time for receipt of bids in the portal | : Up to 5.00 PM of 20.09.2026 |
| 8. | Date of opening of bid documents | : At 11.30 AM of 21.09.2026 |
| 9. | Class of contractor | : "C" & "D" Class Contractor |
| 10. | Name and address of officer inviting bid | : Divisional Forest Officer, Ghumsur North Forest Division, Bhejiput, Bhanjanagar |

Further, details can be seen from the e-procurement portal www.tenderodisha.gov.in. The addendum / corrigendum if any will be hosted in the website only.

Sd/- Divisional Forest Officer,
Ghumsur North Forest Division

OIPR-8001/8033/1/26-27/0004


### ଭୋଟର୍ ତାଲିକା ସଂଶୋଧନକୁ ନେଇ ବିବାଦ

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେଡି



**ଧାମନଗର,୭।୯/ଏନ୍ଏନ୍ଏସ୍:** ଧାମନଗର ଏନ୍ଏସିରେ ଭୋଟର୍ ତାଲିକା ସଂଶୋଧନକୁ ନେଇ ବିବାଦ ତୀବ୍ର ହୋଇଛି। ଫର୍ମ-୭ ମାଧ୍ୟମରେ ଭୋଟର୍‌ଙ୍କ ନାମ ବାଦ୍ ଦେବାରେ ଅନିୟମିତତା ଓ ନିୟମ ଉଲ୍ଲଂଘନ ହେଉଥିବା ଅଭିଯୋଗ ଆଣି ଧାମନଗର ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ୍ ହୋଇଛି। ଧାମନଗର ଏନ୍ଏସି ଇଓ ତଥା ଏଆର୍‌ଓ ସନ୍ତୋଷ କୁମାର ନାୟକ ବିଏଲ୍‌ଓଙ୍କ ଉପରେ ଚାପ ପକାଇ ଫର୍ମ-୭ ଜରିଆରେ ଭୋଟର୍‌ଙ୍କ ନାମ ବାଦ୍ ଦେବାକୁ ଉଦ୍ୟମ କରୁଥିବା ବିଜେଡି ଅଭିଯୋଗ କରିଛି। ବିଏଲ୍‌ଓମାନଙ୍କଠାରୁ ଓଟିପି ନେଇ ଆବେଦନ ପ୍ରକ୍ରିୟା ଚଳାଇବା ଏବଂ ନିର୍ଦ୍ଦେଶ ପାଳନ ନକଲେ ଶୋ-କଜ୍ ନୋଟିସ୍ ଓ ଦଣ୍ଡବିଧାନର ଧମକ ଦିଆଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିବା ଦଳ କହିଛି। ବିଏଲ୍‌ଓମାନଙ୍କ ଥାନାରେ ଦାଖଲ ଅଭିଯୋଗ ଉକ୍ତ ଘଟଣାକୁ ଆହୁରି ଗୁରୁତର କରିଛି। ତେବେ ଅଭିଯୋଗଗୁଡ଼ିକର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ। ଏନେଇ ଧାମନଗରରେ ଭୋଟର୍ ତାଲିକାର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ଉଠିଛି। ତେବେ ଘଟଣାର ନିରପେକ୍ଷ ଓ ସମୟସୀମା ବଦ୍ଧ ତଦନ୍ତ କରିବା ସହ ତଦନ୍ତ ଶେଷ ପର୍ଯ୍ୟନ୍ତ ସମ୍ପୃକ୍ତ ଏଆର୍‌ଓଙ୍କୁ ଏସ୍ଆଇଆର୍-୨୦୨୬ ଦାୟିତ୍ୱରୁ ଅବ୍ୟାହତି ଦେବାକୁ ବିଜେଡି ଦାବି କରିଛି। ଏଥିସହ ଏନ୍ଏସିର ସମସ୍ତ ଫର୍ମ-୭ ଆବେଦନ, ଓଟିପି ରେକର୍ଡ ଓ ଡିଜିଟାଲ୍ ଲଗ୍ ଯାଞ୍ଚ କରିବା, ବାଦ୍ ପଡ଼ିଥିବା ଭୋଟର୍‌ଙ୍କ ନାମ ପୁନଃ ଯାଞ୍ଚ ଓ ଅଭିଯୋଗକାରୀ ବିଏଲ୍‌ଓଙ୍କୁ ସୁରକ୍ଷା ଦେବାକୁ ଦଳ ଦାବି କରିଛି। ସେପ୍ଟେମ୍ବର ୧୭ରେ ନୋଟିସ୍ ନିଷ୍କାସନର ଶେଷ ତାରିଖ ଏବଂ ୨୧ରେ ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶ ପାଇବାକୁ ଥିବାରୁ ଏହାପୂର୍ବରୁ ଅଭିଯୋଗର ତ୍ୱରିତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ବିଜେଡି ଦାବି ଜଣାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବିଜେଡି ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ସାଧାରଣ ସମ୍ପାଦକ ବିଜୟ ନାୟକ, ମୁଖପାତ୍ର ଲେନିନ ମହାନ୍ତି, ଧାମନଗର ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସୀମ କାଦ୍ରୀ, ନଗର ସଭାପତି ବିଜୟ କେତନ ସାହୁ, ପୂର୍ବତନ ନଗର ସଭାପତି ସୁଶାନ୍ତ ରାଉତ ଓ ଯୁବନେତା ଏମ୍‌ଡି ଫକିରୁଦ୍ଦିନଙ୍କ ସମେତ ଦଳର ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।


ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ବିଭାଜନ, କରଞ୍ଜିଆ
ଠିକଣା: ଅଙ୍କୁରା, ପୋ: କରଞ୍ଜିଆ, ମୟୂରଭଞ୍ଜ, ପିନ୍-୭୫୭୦୩୭

25001/1098/2627

**OFFICE OF THE SUPERINTENDING ENGINEER RURAL WORKS DIVISION, KARANJIA**

At : Ankura, Po: Karanjia, Mayurbhanj, Pin-757037

Email : eerwkaranjia@yahoo.com

Letter No. 6356 / WE // Date : 05.09.2026

**"E" Procurement Notice for Periodical Renewal Coat of 5 year completed PMGSY road for the year 2025-26.**

**Bid Identification No. RWDKNJ-15/2026-27**

1. Name of the work : Road Works (As per Annexure)
2. Estimated Cost : Rs. 59.59 Lakhs Approximately (As per Annexure)
3. Class of Contractor : 'B' Class, (As per Annexure)

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date & opening of tender in O/o S.E., R.W.Division Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | RWDKNJ-15/ 26-27 (Road) | 11.09.2026 At 11.00 AM | 27.09.2026 up to 5.00 PM | Dt.26.09.2026 up to 5.00 PM | Dt.12.09.26 at 11.00 AM | Will be intimated later on |

4. Period of completion : 3 calendar Months
5. Tender Paper cost : Rs.10000/- (Online) towards cost of bid

Further details can be seen from the website www.tendersodisha.gov.in

Sd/- Superintending Engineer
R.W. Division, Karanjia

OIPR-25001/25086/1/26-27/0015



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର 13001/1785/2627

Housing & Urban Development Department, Govt. of Odisha

ଜଟଣୀପୌରପରିଷଦ, ଜଟଣୀ

**OFFICE OF THE MUNICIPAL COUNCIL: JATANI**

ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦

At/Ps- Jatani, Dist-Khordha (Odisha), Pin-752050

E-mail – municipalityjatni@gmail.com, Phone. No. 0674- 2490826

No.7258/Jatni Dt. 03.09.2026

**QUOTATION CALL NOTICE**

Sealed quotations are invited from registered Contractors/ Reputed Firms/ manufactures/ Suppliers having valid Income Tax and GST Registration Certificates for **Supplying & Spreading of Quarry Rubbish (Crusher Stone Dust) in various places for convenient to public on the eve of Ganesh Puja under Jatni Municipality** in single bid system. The rate should be inclusive of all taxes, conveyance etc. complete in all respect. The Quotation paper will be available in Jatni Municipality Office during Office hours from dt. 04.09.2026 to dt. 10.09.2026 on payment of Rs.2000/- (Rupees Two Thousand) only. All the bidder/ participants have to furnish EMD of Rs.5,000/- (Rupees Five Thousand) in shape of Municipality MR/ Bank Draft in favour of Executive Officer, Jatni Municipality. The Quotation will be received on or before dt.**10.09.2026** upto **1:00 pm** and the Quotations will be opened on same date at **3:30 pm** in the presence of the bidders or their authorized representative. The detailed Quotation Call Notice is also available in in www.khordha.nic.in (District Portal) and www.jatnimunicipality.in (Office Portal). The undersigned reserves rights to accept / reject any or all quotations without assigning any reason thereof.

Sd/- Executive Officer
Jatni Municipality

OIPR-13001/13041/1/26-27/0023


## ଆଦର୍ଶ ଯୁବ ପରିଷଦ ପକ୍ଷରୁ ନୂତନ ଥାନାଧିକାରୀଙ୍କୁ ସ୍ୱାଗତ



**ସୋର,୭।୯/ଏନ୍ଏନ୍ଏସ୍:** ସୋରରେ ନୂତନ ଭାବେ ଯୋଗ ଦେଇଥିବା ଥାନାଧିକାରୀ ଅନୁରାଗ ମହାନ୍ତିଙ୍କୁ ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି। ଶ୍ରୀ ମହାନ୍ତିଙ୍କୁ ପରିଷଦ ପକ୍ଷରୁ ଏକ ଗଛ ସହ ଶ୍ରୀମଦ୍ ଭଗବତ୍ ଗୀତା ପ୍ରଦାନ କରାଯାଇଥିଲା। ଏହାସହ ଶ୍ରୀ ମହାନ୍ତିଙ୍କ ହାତରେ ମହିଳା ସଦସ୍ୟମାନେ ରାଖି ବାନ୍ଧି ପ୍ରତ୍ୟେକ ମହିଳାଙ୍କ ସହ ସାରା ସୋରର ସୁରକ୍ଷା ପାଇଁ ନିବେଦନ କରିଥିଲେ। ଆଗାମୀ ଦିନରେ ସୋରରେ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ବୃଦ୍ଧି ପାଉଥିବା ଚୋରାମଦ କାରବାର, ଛିନ୍‌ତାଇ, ଡକାୟତି, ଚୋରି ଓ ନିଶାଦ୍ରବ୍ୟ ପାଇଁ ପଥଭ୍ରଷ୍ଟ ଯୁବ ସମାଜକୁ ସଠିକ୍ ରାସ୍ତାରେ ଆଣିବା ପାଇଁ ଅନୁରୋଧ କରିଥିଲେ। ନୂତନ ଆଇଆଇସି ଶ୍ରୀ ମହାନ୍ତି ଆଗାମୀ ଦିନରେ ସୋରରେ ପରିଷଦର କାର୍ଯ୍ୟକ୍ରମକୁ ଆହୁରି ପରିବ୍ୟାପ୍ତ କରିବା ସହ ସମସ୍ତ ଲୋକ ନିଜର କିଛି ସମୟ ସମାଜସେବା କରିବାକୁ ବାର୍ତ୍ତା ଦେଇଥିଲେ। ଏହାସହ ପରିଷଦର ସାମାଜିକ କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇ ଖୁସିବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ତଥା ଯୁବ ଆଇନଜୀବୀ ପୃଥିବୀ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


**OFFICE OF THE PARADEEP MUNICIPALITY, PARADEEP**

**Quotation Call Notice no. 4698/ dt.03.09.2026**

Sealed quotations in prescribe format are invited from eligible manufacturers, authorized dealers, distributors, suppliers, firms, agencies, contractor or individuals having valid Electrical Licenses, Civil Licenses, GST, PAN and etc. as per notice for the work **"Development of Conference Hall interior works along with Acoustic audio video system in Paradeep Municipality"**. Quotation documents along with detailed specifications (available separately in office) can be obtained from the Office of the Executive Officer, Paradeep Municipality during office hours from dated 08.09.2026 at 10.00 AM to dated.25.09.2026 at at 5.00 PM on payment of ₹10,000/- (Rupees ten thousand) only which is non-refundable in the shape of Cash/DD from the office of the undersigned/demand draft in favour of the Executive Officer, Paradeep Municipality payable at Paradeep from any nationalized bank. The quotation documents will be received through Tender Box/ Speed Post/ Courier addressed to the Executive Officer, Paradeep dt.28.09.2026 at 1.00 P.M and will be opened (Technical Municipality on or before dt.28.09.2026 at 4.00 PM in presence of the Bid: Part-A) on the same day i.e. dt. quotationer or their authorized representatives if any. After scrutiny of Technical Bids, those are eligible will be intimated for opening of Financial Bid: Part-B. The undersigned will be no responsible for any delay in receipt of the quotation paper. The quotation received beyond the schedule date and time will not be considered at all. All the terms and conditions may be seen in the quotation schedule.

The Executive Officer, Paradeep Municipality reserves the right to accept or reject any or all quotations without assigning any reason thereof.

Sd/-Executive Officer
Paradeep Municipality

OIPR-13001/13120/1/26-27/0014 13001/1784/2627



**Government of Odisha** 4001/303/2627

**Office of the Superintending Engineer-Cum-Deputy Electrical Inspector, Kendujhar, Baniapat, D.D College Road, Kendujhar, Pin-758001**

E-mail Id: delkeonjhar-od@gov.in

No.01 Dt. 19.08.2026

**QUOTATION / TENDER CALL NOTICE FOR HIRING OF VEHICLE**

Sealed tenders are invited from interested reputed Travel Agencies / Tour Operators / Private Individuals for providing 1 (One) No. of vehicle (BS-VI compliant EV driven AC 4-wheeler vehicle) including driver, which shall confirm to the terms and conditions (Annexure-1) for official used by SE cum DEI, Kendujhar on monthly rent basis for contract period of 3 years. The quotation completed in all respect should reach the undersigned by Regd. Post / Speed Post or by person with proper acknowledgment on or before 19.09.2026 by 1.00 PM and will be opened on the 21.09.2026 at 11.00 AM by the tender opening committee in the O/o SE-Cum-Deputy Electrical Inspector, Kendujhar in the presence of the bidders or their authorized representatives.

The application form of quotation / Tender containing General bid information & terms and conditions for hiring of vehicle etc. will be available in the office of SE-Cum-Deputy Electrical Inspector, Kendujhar from 19.08.2026 to 19.09.2026 up to 11 AM and also downloaded from website www.eicelectricityodisha.nic.in

**Complete Address for submission of Tender**

Office of the SE-Cum-Deputy Electrical Inspector, Kendujhar, DD College Road, Baniapat, Kendujhar - 758001

Sd/- S.E-Cum-D.E.I,
Kendujhar

OIPR-4001/4073/1/26-27/0002

## ବଟି ନେଇ ୩ ଅଭିଯୁକ୍ତ ଗିରଫ

**ଭବାନୀପାଟଣା,୭।୯/ଏନ୍‌ଏନ୍‌ଏସ୍‌:** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଏଫ୍‌ସିଆଇ ମ୍ୟାନେଜରଙ୍କ ଠାରୁ ୫୦ ହଜାର ଟଙ୍କା ବଟି ନେଇ ଭବାନୀପାଟଣା ଟାଉନ ଥାନା ପୁଲିସ ଦ୍ୱାରା ଗିରଫ ହୋଇ କୋର୍ଟଚାଲାଣ ହେଲେ ୩ ଅଭିଯୁକ୍ତ। ସୂଚନା ଅନୁଯାୟୀ, ଜୁନାଗଡ଼ ସହରର ଦୁଷ୍ମନ୍ତ ପଣ୍ଡା, ଅନିଲ ପଣ୍ଡା ଓ ନିରଞ୍ଜନ ଶତପଥି, ଜୁନାଗଡ଼ ଏଫ୍‌ସିଆଇ ମ୍ୟାନେଜର ସରୋଜ ଖୁଣ୍ଟିଆଙ୍କୁ ଫସେଇ ଦେବା, ଭିଜିଲାନ୍ସ ଟ୍ରେପ କରେଇଦେବା ଧମକ ଦେଇ ୫୦ ହଜାର ଟଙ୍କା ବଟି ନେଇଥିଲେ। ତେବେ ଏନେଇ ଶ୍ରୀ ଖୁଣ୍ଟିଆ ଭବାନୀପାଟଣା ଟାଉନ ଥାନାରେ ଅଭିଯୁକ୍ତମାନଙ୍କ ବିରୋଧ ରେ ଏତଲା ଦେଇଥିଲେ। ଫଳରେ ଏତଲା ଆଧାରରେ ଟାଉନ ଥାନା ପୁଲିସ ଅଭିଯୁକ୍ତମାନଙ୍କୁ ଗତକାଲି ଜୁନାଗଡ଼ର ବିଭିନ୍ନ ସ୍ଥାନରୁ ଉଠେଇ ଆଣିଥିଲା। ଏବଂ କେସ ନଂ ୩୭୯/୨୬ ବିଏନ୍‌ଏସ୍ ଧାରା ୧୨୬(୨)୩୦୮(୪)୩୫୧(୩) ଅନୁଯାୟୀ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ

### ବିଜୁଳି ଭିତ୍ତିଭୂମି ...

ହୋଇଛି। ଟ୍ରାନ୍ସମିଶନ ଭିତ୍ତିଭୂମି ନିବେଶ ଅନୁମୋଦନ ହୋଇଛି। ରାଜ୍ୟ ସରକାର ପ୍ରଥମ ଥର ପାଇଁ ୭୬୫ କେଭି ଟ୍ରାନ୍ସମିଶନ ନେଟୱର୍କ ସ୍ଥାପନ କରୁଛନ୍ତି। ଶିଳ୍ପ ଅଭିବୃଦ୍ଧି, ଘରୋଇ ଚାହିଦା ଏବଂ ଅକ୍ଷୟ ଶକ୍ତିର ସମନ୍ୱୟ ପାଇଁ ଖୁଟୁଣୀ, ଡୁବୁରି ଏବଂ କୋଲାବିରା ଠାରେ ତିନୋଟି ନୂତନ ୭୬୫ କେଭି ଗ୍ରୀଡ଼ ସବ୍‌-ଷ୍ଟେସନ ସ୍ଥାପନ କରାଯିବ। ସେହିପରି ବର୍ତ୍ତମାନ ଓଡ଼ିଶାରେ ୫ଟି ୪୦୦ କେଭି ଗ୍ରୀଡ୍ ସବ୍‌-ଷ୍ଟେସନ କାର୍ଯ୍ୟକ୍ଷମ ଥିବା ବେଳେ ୬ଟି ୪୦୦ କେଭି ଗ୍ରୀଡ୍ ସବ୍‌-ଷ୍ଟେସନ ନିର୍ମାଣାଧୀନ ରହିଛି। କାଂସବାହାଲ ଓ ଟିଟିଲାଗଡ ଠାରେ ଆଉ ଦୁଇଟି ଗ୍ରୀଡ୍ ସବ୍‌-ଷ୍ଟେସନ ଅନୁମୋଦନ ହେବା ଫଳରେ ଓଡ଼ିଶାରେ ମୋଟ ୪୦୦ କେଭି ଗ୍ରୀଡ୍ ସବ୍ -ଷ୍ଟେସନ ସଂଖ୍ୟା ୫ ରୁ ବୃଦ୍ଧି ପାଇ ୧୩ରେ ପହଞ୍ଚିବ। ଏହାଦ୍ୱାରା ଓପିଟିସିଏଲ୍‌ର ୪୦୦ କେଭି ନେଟୱାର୍କ ଝାରସୁଗୁଡ଼ାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ୨୦୨୪ ସୁଦ୍ଧା ଓଡ଼ିଶାରେ ୪୮ଟି ୨୨୦ କେଭି ଗ୍ରୀଡ୍ ସବ୍‌-ଷ୍ଟେସନ ଥିବା ବେଳେ ବିଗତ ୨ ବର୍ଷ ମଧ୍ୟରେ ୬ଟି ନୂତନ ୨୨୦ କେଭି ଗ୍ରୀଡ଼ ସବ୍‌-ଷ୍ଟେସନ କାର୍ଯ୍ୟକ୍ଷମ ହୋଇଛି ଏବଂ ଆଉ ୧୧ଟି ନିର୍ମାଣାଧୀନ ରହିଛି। ଆଜି କ୍ୟାବିନେଟରେ ଆଉ ୧୦ଟି ଗ୍ରୀଡ଼ ସବ୍‌-ଷ୍ଟେସନ ଅନୁମୋଦନ ହେବା ଫଳରେ, ୨୨୦ କେଭି ଗ୍ରୀଡ୍ ସବ୍ -ଷ୍ଟେସନ ସଂଖ୍ୟା ୪୮ରୁ ୭୫କୁ ବୃଦ୍ଧି ପାଇବ। ଏହା ଫଳରେ ରାଉରକେଲା, ସମ୍ବଲପୁର ଓ ବରଗଡ଼ରେ ୨୨୦ କେଭି ରିଙ୍ଗ୍ ନେଟୱର୍କ କାର୍ଯ୍ୟକ୍ଷମ ହୋଇପାରିବ। ଭୁବନେଶ୍ୱରରେ ଏହିଭଳି ୨୨୦ କେଭି ରିଙ୍ଗ୍ ନେଟୱର୍କ ମାର୍ଚ୍ଚ ୨୦୨୬ରେ ସମ୍ପୂର୍ଣ୍ଣ ହୋଇସାରିଛି। ଅନ୍ୟପକ୍ଷରେ ହୀରାକୁଦ ଓ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଭାସମାନ ସୌର ପ୍ରକଳ୍ପ (ଫ୍ଲୋଟିଂ ସୋଲାର) ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଭୂମି-ଭିତ୍ତିକ ସୌର ପ୍ରକଳ୍ପଗୁଡ଼ିକରୁ ବିଦ୍ୟୁତ ନିଷ୍କାସନ ପାଇଁ ଉପଯୁକ୍ତ ନେଟୱର୍କ ସୃଷ୍ଟି ହୋଇପାରିବ। କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କରାଯାଇ ଟ୍ରାନ୍ସମିଶନ ଲାଇନଗୁଡ଼ିକର ଉନ୍ନତ ଯାଞ୍ଚ ଏବଂ ପୂର୍ବାନୁମାନ ଭିତ୍ତିକ ରକ୍ଷଣାବେକ୍ଷଣ କରାଯିବ। ବର୍ଦ୍ଧିତ ବିଦ୍ୟୁତ ଚାହିଦା ପୂରଣ ପାଇଁ ୭୯ଟି ସବ୍‌-ଷ୍ଟେସନର ଆଧୁନିକୀକରଣ ଓ ଉନ୍ନତୀକରଣ କରାଯିବ। ଓପିଟିସିଏଲ୍ ନିଜର ଟ୍ରାନ୍ସଫର୍ମେସନ କ୍ଷମତାକୁ ୨୯,୮୮୯ ଏମଭିଏରୁ ୬୩,୩୬୪ ଏମଭିଏକୁ ବୃଦ୍ଧି କରି ଦ୍ୱିଗୁଣିତ କରିବ। ଉକ୍ତ ନେଟୱର୍କକୁ ରିମୋଟ୍ ପରିଚାଳନା ମାଧ୍ୟମରେ ନିୟନ୍ତ୍ରଣ କରାଯିବ। ଏହା ଭୁବନେଶ୍ୱର, ବ୍ରହ୍ମପୁର, ଝାରସୁଗୁଡ଼ା ଏବଂ ବାଲେଶ୍ୱରସ୍ଥିତ ଚାରୋଟି ନିୟନ୍ତ୍ରଣ କେନ୍ଦ୍ରରୁ ଓଡ଼ିଶାର ନେଟୱର୍କକୁ ରିମୋଟ୍ ନିରୀକ୍ଷଣ ତଥା ପରିଚାଳନା କରିବ ବୋଲି ଶ୍ରୀମତୀ ଗର୍ଗ ସ୍ପଷ୍ଟ କରିଛନ୍ତି।

### ପୁଣି ଘୁଞ୍ଚିଲା ଡିଜିପି ...

ପୂର୍ବତନ ଓଡ଼ିଶା ଡିଜିପି ୱାଇ. ବି. ଖୁରାନିଆ ଅଗଷ୍ଟ ୧୬ ତାରିଖରେ ଅବସର ନେବା ପରେ ଏହି ମାମଲା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବର୍ତ୍ତମାନ ବରିଷ୍ଠ ଆଇପିଏସ ଅଫିସର ବିନୟତୋଷ ମିଶ୍ର ରାଜ୍ୟର କାର୍ଯ୍ୟକାରୀ/ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ତୁଲାଉଛନ୍ତି। ଅଦାଲତ ଏହି ନିଯୁକ୍ତି ପ୍ରକ୍ରିୟାର ଆଇନଗତ ଦିଗକୁ ପରୀକ୍ଷା ନକରିବା ପର୍ଯ୍ୟନ୍ତ ଡିଜିପି ପଦବୀ ପାଇଁ ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା ଚୂଡ଼ାନ୍ତ ନକରିବାକୁ ସୁପ୍ରିମକୋର୍ଟ ୟୁପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୬ ତାରିଖରେ ହେବ।

### ଭିଜିଲାନ୍ସ ଜାଲରେ ...

ପରିବର୍ତ୍ତନ କରିବା ପାଇଁ ଆବେଦନ କରିଥିଲେ। ଆବେଦନକାରୀ ଆର.ଆଇ. କାର୍ଯ୍ୟାଳୟକୁ ଯାଇ ମାମଲାର ସ୍ଥିତି ବିଷୟରେ ପଚାରିବାରୁ, ଆର.ଆଇ. ଶ୍ରୀମତୀ ଜେନା ଏବଂ ଏ.ଆର.ଆଇ. ଶ୍ରୀ ବେହେରା ମାମଲାର ପ୍ରକ୍ରିୟାକରଣ ପାଇଁ ୩୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଆବେଦନକାରୀ ବାରମ୍ବାର ନିବେଦନ କରିଥିଲେ ବି ଉଭୟ ଅଭିଯୁକ୍ତ ଲାଞ୍ଚ ଟଙ୍କା ନେବା ପାଇଁ ଜିଦ୍ ଧରିଥିଲେ। ନିରୁପାୟ ହୋଇ ଆବେଦନକାରୀ (ଅଭିଯୋଗକାରୀ) ଏ ନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଅଭିଯୋଗ ଆଧାରରେ ଭିଜିଲାନ୍ସ ପକ୍ଷରୁ ସୋମବାର ଟ୍ରାପ୍ କରାଯାଇଥିଲା। ଆର.ଆଇ. କଲ୍ୟାଣୀ ଜେନା ଓ ଏ.ଆର.ଆଇ. ପୂର୍ଣ୍ଣ ଚନ୍ଦ୍ର ବେହେରା ନିଜ କାର୍ଯ୍ୟାଳୟ କକ୍ଷରେ ଆବେଦନକାରୀଙ୍କଠାରୁ ୩୫,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ କାବୁ କରିଥିଲା। ପରେ ଶ୍ରୀମତୀ ଜେନାଙ୍କ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଆବାସିକ ଭବନ, ବ୍ରହ୍ମକୁମୁଦି (ଚାରିଛକ) ସ୍ଥିତ ଶାଶୂଘର, ଏ.ଆର.ଆଇ. ଶ୍ରୀ ବେହେରାଙ୍କ ପୁରୀ ଜିଲ୍ଲା ଚନ୍ଦନପୁର ଅନ୍ତର୍ଗତ ଅଚ୍ୟୁତପୁରସ୍ଥିତ ପୈତୃକ ଘର ଏବଂ ସେମାନଙ୍କ କାର୍ଯ୍ୟାଳୟ କକ୍ଷରେ ଏକାସାଙ୍ଗରେ ଚଢ଼ଉ ଜାରି ରହିଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ. ୨୦ (ତାରିଖ ୦୫.୦୯.୨୦୨୬) ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

### ପଞ୍ଚାୟତ ଭୋଟ୍ ...

ଏପ୍ରିଲ ଶେଷ ବା ମେ' ପ୍ରଥମରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ସୀମା ପୁନଃ ନିର୍ଦ୍ଧାରଣ ଓ ସଂରକ୍ଷଣ ସରକାରଙ୍କ କାର୍ଯ୍ୟ, ଅକ୍ଟୋବର ୩୧ ସୁଦ୍ଧା ଶେଷ ହେବ। ଭୋଟର ଲିଷ୍ଟ ଫେବ୍ରୁଆରୀ ୧୦ ସୁଦ୍ଧା ଶେଷ ହୋଇ ଡିଜିଟାଇଜେସନ ହେବ ବୋଲି କମିଶନର କହିଛନ୍ତି।

### ସ୍ତ୍ରୀକୁ ଗୁଳି କରି ...

ଅମ୍ବିକାଙ୍କ ଛାତି ଓ ହାତରେ ଗୁଳି ବାଜିଥିଲା। ଘଟଣାସ୍ଥଳରେ ଅମ୍ବିକାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଚରଣଙ୍କୁ ଗିରଫ କରିଛି।

### ଘରୋଇ ଏଲ୍‌ପିଜି ...

ଏନେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଛି। ମନ୍ତ୍ରଣାଳୟ ପକ୍ଷରୁ ସରକାରୀ ତୈଳ କମ୍ପାନୀ-ଇଣ୍ଡିଆନ ଅଏଲ କର୍ପୋରେସନ ଲିଃ(ଆଇଓସିଏଲ), ଭାରତ ପେଟ୍ରୋଲିୟମ କର୍ପୋରେସନ ଲିଃ(ବିପିସିଏଲ) ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିଃ (ଏଚପିସିଏଲ)କୁ ୨୫ ଦିନିକିଆ ବୁକିଂ ଅବଧି ଲାଗୁ କରିବାକୁ କୁହାଯାଇଛି। ମନ୍ତ୍ରଣାଳୟ କହିଛି ଯେ ରିଫିଲ୍ ବୁକିଂ ପାଇଁ ପଡ଼ି ରହିଥିବା ଚାହିଦାରେ ଯଥେଷ୍ଟ ହ୍ରାସ ଘଟିଛି। ଚାହିଦା ପରିଚାଳନା ପାଇଁ ପ୍ରଥମେ ନିୟମ ଲାଗୁ କରାଯାଇଥିବା ପରିସ୍ଥିତି ତୁଳନାରେ ଏବେ ସ୍ଥିତିରେ ଉନ୍ନତି ହୋଇଛି। ତେଣୁ ବୁକିଂ ଅବଧିକୁ ହ୍ରାସ କରାଯାଇଛି। ପଶ୍ଚିମ ଏସିଆରେ ଫେବୃଆରୀ ମାସରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିଯୋଗୁ ଗ୍ୟାସ ଯୋଗାଣରେ ସମସ୍ୟା ଉପୁଜିବାରୁ ସରକାର ବୁକିଂ ଅବଧିରେ ସଂଶୋଧନ କରିଥିଲେ।

### କେହି ନିଜ ଦାୟିତ୍ୱରୁ ...

ଅବସ୍ଥା ଅତ୍ୟନ୍ତ ଦୟନୀୟ ଏବଂ ଖରାପ। ଖାମଖିଆଲି ମନୋଭାବ ଯୋଗୁ ପିଲାମାନଙ୍କ ଜୀବନକୁ ବିପଦ ମୁହଁକୁ ଠେଲିଦିଆଯାଉଛି। ଏହିକ୍ରମେ ହାଇକୋର୍ଟ ଦିଲ୍ଲୀ ନଗର ନିଗମ, ରାଜ୍ୟ ସରକାର, କେନ୍ଦ୍ର ସରକାର, ଏନ୍‌ଏଚ୍‌ଆର୍‌ସି ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ୧୦ ଦିନ ମଧ୍ୟରେ ନିଜ ନିଜ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ରେ ହେବ ବୋଲି ହାଇକୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି। ଏସବୁ ମଧ୍ୟରେ ସୋମବାର ସୁଦ୍ଧା ପୁଲିସ୍ ଭୁଶୁଡିଥିବା ଏକ ୫ମହଲା ବିଶିଷ୍ଟ ହଷ୍ଟେଲ ବିଲ୍ଡିଂର ମାଲିକ ହରିରାମ ଗୁପ୍ତା, ତାଙ୍କ ପତ୍ନୀ ଉର୍ମିଳା ଗୁପ୍ତା ଏବଂ ସେମାନଙ୍କ ପୁଅ ମହେଶ ଗୁପ୍ତାଙ୍କୁ ରାଜସ୍ଥାନର ଭିୱାଡ଼ିରୁ ଗିରଫ କରିଛି। ଦିନକ ପୂର୍ବେ ପୁଲିସ୍ ଏମାନଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍ ଜାରି କରିଥିଲା। ତେବେ ସୋମବାର ଅପରାହ୍ନ ୪.୩୦ ସୁଦ୍ଧା ଅର୍ଥାତ୍ ଗତ ୨୭ ଘଣ୍ଟା ଧରି ଚାଲିଥିବା ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି। ପ୍ରକାଶ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଉଥ୍ କ୍ୟାମ୍ପସ ନିକଟସ୍ଥ ସତ୍ୟ ନିକେତନରେ ରବିବାର ଅପରାହ୍ନ ପ୍ରାୟ ୧:୩୦ ଟା ସମୟରେ ଏହି ହଷ୍ଟେଲ ଦୁର୍ଘଟଣା ଘଟିଥିଲା। କୁହାଯାଉଛି ଯେ ଏହି ବିଲ୍ଡିଂଟି ପ୍ରାୟ ୪୦ରୁ ୫୦ ବର୍ଷ ପୁରୁଣା ଥିଲା। ଫରେନସିକ୍ ଟିମ୍‌ର ତଦନ୍ତ ଜାରି ରହିଛି। ଆଗକୁ ଆହୁରି କିଛି ରହସ୍ୟ ଉନ୍ମୋଚନ ହେବ ବୋଲି ଅନୁମାନ କରାଯାଉଛି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସତ୍ୟ ନିକେତନ ଘଟଣା ପରେ କଠୋର ଏବଂ ବ୍ୟାପକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତତ୍କାଳ ଭିତ୍ତିରେ ଏମ୍‌ସିଡି ଦକ୍ଷିଣ ଜୋନ୍‌ର ଡେପୁଟି କମିସନର ରାକେଶ କୁମାରଙ୍କ ସମେତ ୫ ଇଞ୍ଜିନିୟରଙ୍କୁ ନିଲମ୍ବିତ କରିଛନ୍ତି। ଅନ୍ୟପଟେ ଦିଲ୍ଲୀ ନଗର ନିଗମ (ଏମ୍‌ସିଡି) କମିସନର ସଞ୍ଜୀବ ଖିରୱାରଙ୍କୁ ନେଇ ବିବାଦ ତୀବ୍ର ହୋଇଛି। ଛାତ୍ର ସଂଗଠନଗୁଡ଼ିକ ତାଙ୍କ ଇସ୍ତଫା ଦାବି କରିବା ସହ ଏହି ଦୁର୍ଘଟଣା ପାଇଁ ନଗର ପ୍ରଶାସନର ଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ମାଜିଷ୍ଟ୍ରେଟ୍ ତଦନ୍ତ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଅବହେଳା କିମ୍ବା ତଦାରଖରେ ତ୍ରୁଟି ଥିବା ଜଣାପଡ଼ିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଭାଦ୍ରବରେ ଗ୍ରୀଷ୍ମର ତାତି, ଅସ୍ତବ୍ୟସ୍ତ ଜନଜୀବନ

# 'ବା' ଫାଟକୁ ନେଇ ଚିନ୍ତାରେ ଚାଷୀ

**ରାୟଗଡ଼ା,୭।୯/ଏନ୍‌ଏନ୍‌ଏସ୍‌:** ବଦଳୁଛି ପାଣିପାଗ। ଭାଦ୍ରବ ମାସରେ ଗ୍ରୀଷ୍ମର ଅନୁଭୂତି ଲୋକଙ୍କୁ ଅତିଷ୍ଠ କରିଦେଇଛି। ଗତ କିଛିଦିନ ଧରି ରାୟଗଡ଼ା ଜିଲ୍ଲାରେ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଜାରି ରହିଥିବାରୁ ସହରଠାରୁ ଗାଁ ପର୍ଯ୍ୟନ୍ତ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏପଟେ ଜମିରେ ଆବଶ୍ୟକ ଆର୍ଦ୍ରତା ରହିଥିଲେ ମଧ୍ୟ ଆଗାମୀ ଦିନରେ ବର୍ଷା ନ ହେଲେ ଧାନ ଫସଲରେ ପାଣି ଅଭାବ ଓ 'ବା' ଫାଟ ଦେଖାଦେବା ଆଶଙ୍କାରେ ଚାଷୀ ଚିନ୍ତାରେ ପଡ଼ିଛି। କୃଷି ବିଭାଗର ସୂଚନା ଅନୁଯାୟୀ, ଚଳିତ କୃଷି ବର୍ଷରେ ବର୍ତ୍ତମାନ ସୁଦ୍ଧା ଆବଶ୍ୟକତାଠାରୁ ପ୍ରାୟ ୬ ପ୍ରତିଶତ ଅଧିକ ବର୍ଷା ହୋଇଛି। ଜୁଲାଇ ମାସରେ ୩୦୪.୯ ମିମି ବର୍ଷା ଆବଶ୍ୟକ ଥିବାବେଳେ ୩୪୪.୦ ମିମି ବର୍ଷା ହୋଇଥିଲା। ଏହାଦ୍ୱାରା ଚାଷକାମ ପ୍ରାୟ ସୁରୁଖୁରୁରେ ଆଗେଇଥିଲା। ସେହିପରି ଅଗଷ୍ଟ ମାସରେ ୩୦୨.୯ ମିମି ବର୍ଷା ଆବଶ୍ୟକ ଥିବାବେଳେ ୩୨୨.୪ ମିମି ବର୍ଷା ହୋଇଥିଲା। ଭଲ ବର୍ଷା ଯୋଗୁଁ ଚାଷୀମାନେ ଧାନ ତଳି ରୋଇବା କାମ ପ୍ରାୟ ଶେଷ କରିପାରିଛନ୍ତି। ତେବେ ଭାଦ୍ରବ ମାସର ପ୍ରଥମାର୍ଦ୍ଧରେ ଚିତ୍ର ବଦଳିଯାଇଛି। ବର୍ଷାର ପରିମାଣ କମିଥିବାବେଳେ ତାତି ବଢ଼ିଛି। ଦିନରେ ପ୍ରଚଣ୍ଡ ଖରା ଓ ରାତିରେ ବର୍ଷା ହେଲେ ଏହା ଧାନ ଚାଷ ପାଇଁ ଅନୁକୂଳ ବୋଲି ଚାଷୀମାନେ କହିଛନ୍ତି। ଚାଷୀ ରଶ୍ମି ରଞ୍ଜନ ଦୋରାଙ୍କ କହିବା ଅନୁଯାୟୀ, ଭାଦ୍ରବ ମାସରେ ଦିନରେ ଖରା ଓ ରାତିରେ ବର୍ଷା ଚାଷ ପାଇଁ ଉପଯୋଗୀ। ଏହି ସମୟରେ ଜମିରେ ରୁଆ ହୋଇଥିବା କଅଁଳିଆ ଧାନ ଗଛର ପତ୍ର ମିଠା ହୋଇଥିବାରୁ ବିଭିନ୍ନ ପ୍ରକାର ପୋକ ଲାଗିବା ଆରମ୍ଭ କରନ୍ତି। ଦିନର ତାତି ଯୋଗୁଁ ଅନେକ ପୋକ ମରିଯାଆନ୍ତି। ପରେ ରାତିରେ ବର୍ଷା ହେଲେ ଗଛରୁ ମୃତ ପୋକଗୁଡ଼ିକ ଝଡ଼ି ପାଣି ସହ ଭାସିଯାଆନ୍ତି। ତେଣୁ ଭାଦ୍ରବରେ ଖରା ସାଙ୍ଗକୁ ବର୍ଷା ଚାଷୀଙ୍କ ପାଇଁ ନିହାତି ଉପକାରୀ ବୋଲି ସେ କହିଛନ୍ତି।

ଚାଷୀ ସୂର୍ଯ୍ୟ କୁମାର ଗୁଲା ମଧ୍ୟ ଭାଦ୍ରବରେ ଖରା ଓ ବର୍ଷାର ସମନ୍ୱୟ ଚାଷ ପାଇଁ ଜରୁରୀ ବୋଲି ପ୍ରକାଶ କରିଛନ୍ତି। ତେବେ ଗତ ତିନିଦିନ ଧରି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଖରା ଜାରି ରହିଥିବାରୁ ଚାଷୀ ଏବେ ବର୍ଷାକୁ ଅପେକ୍ଷା କରି ବସିଛି। ବର୍ତ୍ତମାନ କିଛି ଜମିରେ ପାଣି ଜମି ରହିଥିବାବେଳେ ଅନେକ ଜମିରେ ମଧ୍ୟ ଆର୍ଦ୍ରତା ରହିଛି। ଆଉ ୩ରୁ ୪ ଦିନ ପର୍ଯ୍ୟନ୍ତ ଧାନ ଗଛ ପାଇଁ ପାଣିର ବିଶେଷ ଆବଶ୍ୟକତା ନଥିବା କୁହାଯାଉଛି। ହେଲେ ଖରା ଏଭଳି ଜାରି ରହିଲେ ପୋକ ଲାଗିବା ସହ ଜମିରେ ପାଣି ଅଭାବ ଦେଖାଦେବା ନେଇ ଚାଷୀ ଚିନ୍ତାରେ ରହିଛି। କୃଷି ବିଭାଗର ସୂଚନା ଅନୁସାରେ, ଚଳିତ ବର୍ଷ ଜିଲ୍ଲାରେ ୪୬,୮୦୦ ହେକ୍ଟର ଚାଷଜମିରେ ଧାନ ଫସଲ କରିବାକୁ ଲକ୍ଷ୍ୟ ରହିଛି। ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୧,୧୦୮ ହେକ୍ଟର ଜମିରେ ଧାନ ତଳି ରୁଆ କାମ ସରିଛି। ଅର୍ଥାତ୍ ପ୍ରାୟ ୯୬.୪୧ ପ୍ରତିଶତ ଜମିରେ ଧାନ ଚାଷ କାର୍ଯ୍ୟ ଶେଷ ହୋଇଛି। ଧାନ ବୁଣା କାର୍ଯ୍ୟ



ମଧ୍ୟ ପ୍ରାୟ ଶତପ୍ରତିଶତ ହୋଇଥିବା ଜଣାପଡ଼ିଛି।

ତେବେ ଚଳିତ ଭାଦ୍ରବ ମାସର ତାତି ଯୋଗୁଁ ଧାନ ବିଲରେ ପାଣି ଅଭାବ ଦେଖାଦେଲେ ବିହୁଡ଼ା କାମ ବାଧାପ୍ରାପ୍ତ ହୋଇପାରେ ବୋଲି ଚାଷୀ ଆଶଙ୍କା କରୁଛି। ଏଥିପାଇଁ ଭଲ ବର୍ଷାକୁ ଅପେକ୍ଷା କରିଛି ଚାଷୀ। କୃଷି ବିଭାଗର ସୂଚନା ଅନୁଯାୟୀ, ଆଉ ପ୍ରାୟ ୭ ଦିନ ଯଦି ଏଭଳି ଖରା ଜାରି ରହେ, ତେବେ ଜମିର ଆର୍ଦ୍ରତା ଶୁଖିଯିବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଜମିକୁ ପାଣି ଯୋଗାଇବା ପାଇଁ କ୍ଷୁଦ୍ର ଓ ବୃହତ୍ ? ଜଳସେଚନ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିବ। ଅନ୍ୟପକ୍ଷରେ, ରାୟଗଡ଼ା ଜିଲ୍ଲାର କ୍ଷୁଦ୍ର ଓ ବୃହତ୍ ଜଳସେଚନ ବିଭାଗ ଚଳିତ ବର୍ଷ ୮୩,୪୩୨ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ପ୍ରସ୍ତୁତ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଜଳସେଚିତ ଜମିରେ ବା' ଫାଟିବାର ଭୟ ତୁଳନାତ୍ମକ ଭାବେ କମ୍‌ଥିବାବେଳେ ଅଣଜଳସେଚିତ ଜମିର ଚାଷୀ ଏହି ସମସ୍ୟାକୁ ନେଇ ଅଧିକ ଚିନ୍ତିତ। ଫଳରେ ବର୍ଷାକୁ ଅନାଇ

### ଜଙ୍ଗଲ ଧ୍ୱଂସ ଓ ଶିଳ୍ପ ପ୍ରଦୂଷଣକୁ ନେଇ ଚିନ୍ତା

ବସିଛି ଚାଷୀ। ଭାଦ୍ରବ ମାସରେ ଅସ୍ୱାଭାବିକ ଗ୍ରୀଷ୍ମ ତାତିକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଥିବାବେଳେ ଏହାର ପଛରେ ପରିବେଶୀୟ ପରିବର୍ତ୍ତନର ଭୂମିକା ନେଇ ମଧ୍ୟ ଆଲୋଚନା ହେଉଛି। ରାୟଗଡ଼ା ଜିଲ୍ଲାରେ ୩ଟି ବଡ଼ ଶିଳ୍ପାନୁଷ୍ଠାନ ସମେତ ଅନେକ ଛୋଟ ଛୋଟ ଶିଳ୍ପ ଗଢ଼ିଉଠିଛି। ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ ହୋଇଥିବା ଅଭିଯୋଗ ରହିଛି। ଯେଉଁ ଅଞ୍ଚଳରେ ପୂର୍ବରୁ ଘଞ୍ଚ ଜଙ୍ଗଲ ରହିଥିଲା, ସେଠାରେ ଏବେ ଶିଳ୍ପାନୁଷ୍ଠାନ ଗଢ଼ିଉଠିଛି। ବଣଜଙ୍ଗଲ ଘେରା ରାୟଗଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜଙ୍ଗଲ ଧ୍ୱଂସ ଜାରି ରହିଥିବାବେଳେ ସଦର ଉପଖଣ୍ଡର ଜଙ୍ଗଲ ଘେରା ଅଞ୍ଚଳରେ ମଧ୍ୟ ଅବାଧ ଗଛକଟା ଚାଲିଥିବା ଅଭିଯୋଗ ହେଉଛି। ଜଙ୍ଗଲ ମାଫିଆଙ୍କ ଉପରେ ଅଙ୍କୁଶ ଲଗାଇବାରେ ବନ ବିଭାଗ ବିଫଳ ହୋଇଥିବା ଅଭିଯୋଗ ମଧ୍ୟ ରହିଛି। ଅନ୍ୟପକ୍ଷରେ ଶିଳ୍ପାନୁଷ୍ଠାନଗୁଡ଼ିକ ମଧ୍ୟ ସବୁଜ ବଳୟ ସୃଷ୍ଟି କରିବାରେ ଆବଶ୍ୟକ ଆନ୍ତରିକତା ଦେଖାଉନଥିବା ଅଭିଯୋଗ ହୋଇଆସୁଛି। ଶିଳ୍ପ ପ୍ରତିଷ୍ଠା ପାଇଁ ନଷ୍ଟ ହୋଇଥିବା ଜଙ୍ଗଲର ଭରଣା ନିମନ୍ତେ କ୍ଷତିପୂରକ ବନୀକରଣ ଯୋଜନାରେ କାଗଜପତ୍ରରେ ଯେତିକି ବୃକ୍ଷରୋପଣ ନେଇ ତଥ୍ୟ ଦିଆଯାଉଛି, ବାସ୍ତବ କ୍ଷେତ୍ରରେ ସେହି ଅନୁପାତରେ ବୃକ୍ଷରୋପଣ ହେଉନଥିବା ଅଭିଯୋଗ ରହିଛି। ଏହା ସହ ଶିଳ୍ପ ପ୍ରଦୂଷଣ ମଧ୍ୟ ଦିନକୁ ଦିନ ବଢୁଥିବା ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକାଶ କରୁଛନ୍ତି। ଜଙ୍ଗଲ ହ୍ରାସ, ବଢୁଥିବା ଶିଳ୍ପ ପ୍ରଦୂଷଣ ଓ ପାଣିପାଗରେ ପରିବର୍ତ୍ତନ ଭବିଷ୍ୟତରେ ଅଞ୍ଚଳର ଜଳବାୟୁ ଉପରେ ପ୍ରଭାବ ପକାଇପାରେ ବୋଲି ମତ ପ୍ରକାଶ ପାଉଛି। ଏଭଳି ସ୍ଥିତିରେ ଜଙ୍ଗଲ ସୁରକ୍ଷା, ବ୍ୟାପକ ବୃକ୍ଷରୋପଣ ଓ ଶିଳ୍ପ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି।

## ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ କୀଟନାଶକ ଧରି ପହଞ୍ଚିଲେ ଅସହାୟ ପରିବାର

# ନ୍ୟାୟ ନମିଳିଲେ ସପରିବାର ଆତ୍ମହତ୍ୟା ଧମକ



**ରାୟଗଡ଼ା,୭।୯/ଏନ୍‌ଏନ୍‌ଏସ୍‌:** ବର୍ଷ ବର୍ଷ ଧରି ଅଭିଯୋଗ କରି ମଧ୍ୟ ନ୍ୟାୟ ନମିଳିବା ଏବଂ ନିଜ ପରିବାରର ସୁରକ୍ଷା ନେଇ ଆଶଙ୍କା ଦିନକୁ ଦିନ ବଢ଼ିବା ପରେ ଜଣେ ଅଭିଯୋଗକାରୀ ଚରମ ପଦକ୍ଷେପର ଧମକ ଦେବା ଘଟଣା ରାୟଗଡ଼ାରେ ଚର୍ଚ୍ଚାର ବିଷୟ ହୋଇଛି। ନ୍ୟାୟ ନମିଳିଲେ ସପରିବାର କୀଟନାଶକ ପିଇ ଜୀବନ ହାରିବେ ବୋଲି କହି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ କୀଟନାଶକ ବୋତଲ ଧରି ପହଞ୍ଚି ଥିଲେ ରାୟଗଡ଼ା ବ୍ଲକ ଜମାଦେଇପେଣ୍ଟ ଗ୍ରାମର ୱାଇ. ଗଙ୍ଗୁଲୁ। ସୂଚନା ଅନୁଯାୟୀ, ଗଙ୍ଗୁଲୁଙ୍କ ପରିବାର ପ୍ରାୟ ୪୦ ବର୍ଷ ଧରି ସରକାରୀ ଜମିରେ ଚାଷବାସ କରି ଜୀବିକା ନିର୍ବାହ କରିଆସୁଥିବା ଅଭିଯୋଗ ହୋଇଛି। ଏହି ଜମି ଉପରେ ତାଙ୍କ ପାଞ୍ଚ ଜଣିଆ ପରିବାରର ଜୀବନଜୀବିକା ନିର୍ଭର କରୁଥିବା ବେଳେ ଗତ କିଛି ବର୍ଷ ହେଲା କେତେକ ବ୍ୟକ୍ତି ଜୋରଜବରଦସ୍ତି ଜମି ଦଖଲ କରିବାକୁ ଉଦ୍ୟମ କରୁଥିବା ସେ ଅଭିଯୋଗ କରିଛନ୍ତି। ଜମିକୁ ନେଇ ବିବାଦ ତୀବ୍ର ହେବା ସହ ତାଙ୍କ ଓ ତାଙ୍କ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ମଧ୍ୟ ଅଭିଯୋଗ ରହିଛି। ଗୋଙ୍ଗୁଲୁଙ୍କ ସ୍ତ୍ରୀ ଏଡଲା ଲକ୍ଷ୍ମୀ ଏନେଇ ଶେଷଖାଲ ଥାନାରେ ଲିଖିତ ଅଭିଯୋଗ କରିଥିବା କୁହାଯାଇଛି। ତେବେ ଅଭିଯୋଗ ପରେ ମଧ୍ୟ ଆଶାନୁରୂପ ପୁଲିସ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଗୋଙ୍ଗୁଲୁଙ୍କ ଅଭିଯୋଗ। ଏହାପରେ ପରିବାରର ମହିଳା ଓ ଝିଅମାନଙ୍କୁ ଦୁଷ୍କର୍ମ ଏବଂ ହତ୍ୟାର ଧମକ ଦିଆଯାଉଥିବା ନେଇ ସେ ଗୁରୁତର ଅଭିଯୋଗ ଆଣିଛନ୍ତି। ଫଳରେ ନିଜ ଗାଁରେ ମଧ୍ୟ ପରିବାର ସୁରକ୍ଷିତ ନଥିବା କହି ସେ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ନହେବାରୁ ସୋମବାର ଗଙ୍ଗୁଲୁ ତାଙ୍କ ସ୍ତ୍ରୀ, ପୁଅ ଓ ଦୁଇ ଝିଅଙ୍କ ସହ ରାୟଗଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚିଥିଲେ। ସାଙ୍ଗରେ ଏକ କୀଟନାଶକ ବୋତଲ ମଧ୍ୟ ଆଣିଥିଲେ। ଅଭିଯୋଗର ସମାଧାନ ନହେଲେ ସେଠାରେ ହିଁ ପରିବାର ସହ କୀଟନାଶକ ପିଇ ଜୀବନ ହାରିବେ ବୋଲି ସେ କୋହଭରା କଣ୍ଠରେ କହିଥିଲେ। ପରିସ୍ଥିତି ଗମ୍ଭୀର ହେବା ପୂର୍ବରୁ ଉପସ୍ଥିତ ଲୋକେ ତୁରନ୍ତ ହସ୍ତକ୍ଷେପ କରି ତାଙ୍କ ହାତରୁ କୀଟନାଶକ ବୋତଲ ନେଇଯାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ଗଙ୍ଗୁଲୁଙ୍କୁ ଜିଲ୍ଲାପାଳଙ୍କ ନିକଟକୁ ନେଇଥିଲେ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଅଭିଯୋଗକାରୀଙ୍କ ସହ ଆଲୋଚନା କରି ଘଟଣାର ଗମ୍ଭୀରତା ବୁଝିବା ସହ ମାମଲାର ତୁରନ୍ତ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଉପସ୍ଥିତ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏଥିସହ ଆର୍ଥିକ ଅସୁବିଧା କାରଣରୁ ଗଙ୍ଗୁଲୁ କୋର୍ଟରେ ମାମଲା ଲଢ଼ିବାରେ ଅସମର୍ଥ ହେଲେ ତାଙ୍କୁ ମାଗଣା ଆଇନଗତ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବଙ୍କୁ ଭେଟିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଗଙ୍ଗୁଲୁ କହିଛନ୍ତି, "ଆମେ ଗରିବ ଲୋକ। ବଡ଼ ବଡ଼ ଓକିଲ ଧରି କୋର୍ଟ କଚେରୀ ଦୌଡ଼ିବା ଆମ ପକ୍ଷେ ସମ୍ଭବ ନୁହେଁ। ଆମର ଯଦି କିଛି ଭୁଲ ଅଛି, ପ୍ରଶାସନ ଆମକୁ ଦଣ୍ଡ ଦେଉ। କିନ୍ତୁ ଯେଉଁମାନେ ଆମକୁ ଆକ୍ରମଣ ଓ ଧମକ ଦେଉଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ଏବଂ ଆମକୁ ନ୍ୟାୟ ମିଳୁ।" ଜମି ବିବାଦ ଭଳି ଏକ ଆଇନଗତ ସମସ୍ୟା କିପରି ଜଣେ ଗରିବ ପରିବାରକୁ ମାନସିକ ଭାବେ ଚରମ ଅସହାୟତା ଆଡ଼କୁ ଠେଲି ଦେଇପାରେ, ଏହି ଘଟଣା ତାହାର ଏକ ସମ୍ବେଦନଶୀଳ ଉଦାହରଣ। ଅଭିଯୋଗ ସତ୍ୟ କି ମିଥ୍ୟା, ତାହା ତଦନ୍ତ ପରେ ସ୍ପଷ୍ଟ ହେବ; କିନ୍ତୁ ଜଣେ ପରିବାରକୁ ଏଭଳି ଚରମ ପଦକ୍ଷେପର କଥା କହିବା ପର୍ଯ୍ୟନ୍ତ ପହଞ୍ଚାଇଥିବା ପରିସ୍ଥିତି ପ୍ରଶାସନ ପାଇଁ ନିଶ୍ଚିତ ଭାବେ ଏକ ଗମ୍ଭୀର ସତର୍କ ସଙ୍କେତ। ତେଣୁ ଜମି ବିବାଦ, ପରିବାରର ସୁରକ୍ଷା ସମ୍ପର୍କିତ ଅଭିଯୋଗ ଓ ପୁଲିସ କାର୍ଯ୍ୟାନୁଷ୍ଠାନ-ସମସ୍ତ ଦିଗରେ ନିରପେକ୍ଷ ତଦନ୍ତ କରି ଶୀଘ୍ର ସମାଧାନ କରାଯିବା ଆବଶ୍ୟକ। ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଘଟଣାକୁ ଏକ ବଡ଼ ଅଘଟଣରୁ ରୋକିଥିବା ବେଳେ, ଏହି ପରିବାରକୁ ଆଗାମୀ ଦିନରେ ପ୍ରକୃତ ସୁରକ୍ଷା ଓ ଆଇନଗତ ନ୍ୟାୟ ମିଳୁଛି କି ନାହିଁ, ତାହା ହିଁ ଏବେ ମୁଖ୍ୟ ପ୍ରଶ୍ନ।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ଗୁରୁତର ଘଟଣା

# ୪ ଦିନ ପରେ ମଧ୍ୟ ଶ୍ରମ ବିଭାଗର ଦେଖାନାହିଁ

**ଭବାନୀପାଟଣା,୭।୯/ଏନ୍‌ଏନ୍‌ଏସ୍‌:** କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ କଳ କାରଖାନାରେ ଶ୍ରମିକମାନଙ୍କ ସୁରକ୍ଷା ନେଇ ବଡ଼ ପ୍ରଶ୍ନ ଠିଆ ହୋଇଛି। ଜିଲ୍ଲାରେ ବାରମ୍ବାର ଅଘଟଣ ହୋଇ ଶ୍ରମିକମାନେ ମୃତ୍ୟୁମୁଖରେ ପଡୁଥିଲେ ମଧ୍ୟ ଜିଲ୍ଲା ଶ୍ରମ ବିଭାଗ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଉନଥିବା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଗତ ୩ ତାରିଖ କେସିଙ୍ଗା ବ୍ଲକ ଟାଁଚେର ଗ୍ରାମ ଜାତୀୟ ରାଜପଥ ୨୬ କଡ଼ରେ ଥିବା ବୈଶାଳୀ ପାଣି ଫ୍ୟାକ୍ଟେରିରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବ ଶ୍ରମିକ ଗୁରୁତର ହୋଇ ଜୀବନ ସହ ସଂଗ୍ରାମ କରୁଥିବା ବେଳେ ଜିଲ୍ଲା ରେ ଶ୍ରମିକ ମାନଙ୍କ ସୁରକ୍ଷା ଓ ଶ୍ରମ ବିଭାଗର କାର୍ଯ୍ୟାକୁନେଇ ପ୍ରଶ୍ନ ଉଠୁଛି। ସୂଚନା ଅନୁଯାୟୀ, ଉକ୍‌ଲୋ ଗ୍ରାମପଞ୍ଚାୟତ ଅଧୀନ ଗୁଞ୍ଜେରମାଲ ଗ୍ରାମର ୨୩ ବର୍ଷୀୟ କ୍ଷେତ୍ର ନାଏକ ଗତ ଦୁଇବର୍ଷ ଧରି ବୈଶାଳୀ ପାଣି ପାଉଚ୍ ଫ୍ୟାକ୍ଟେରିରେ କାମ କରିଆସୁଥିଲେ। ଗତ ୩ ତାରିଖ ଗୁରୁବାର ସକାଳ ପାଖାପାଖି ୯ ଘଣ୍ଟା ସମୟରେ ସେ ବିଦ୍ୟୁତ୍ ଆଘାତରେ ଗୁରୁତର ଆଘାତ ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଭବାନୀପାଟଣା ଜିଲ୍ଲା ଡାକ୍ତରଖାନା ନେଇଥିଲେ। ହେଲେ ଗୁରୁତର କ୍ଷେତ୍ର ନାଏକଙ୍କ ୬୦ ଭାଗ ଜଳି ଯାଇଥିବା ଓ ତାଙ୍କର ଅବସ୍ଥା ଶଙ୍କଟାପର୍ଣ୍ଣ ହେବାରୁ ଡାକ୍ତର ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ରେଫର କରିଥିଲେ। ତେବେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାରେ ଅବହେଳା ହୋଇ ସେ ଆହୁରି ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ରାଉରକେଲା ଡାକ୍ତରଖାନାକୁ ନେଇଯାଇଥିବା ଓ ସେହିଠାରେ ଆୟୁଷ୍ମାନ କାର୍ଡରେ ତାଙ୍କର ଚିକିତ୍ସା ହେଉଥିବା ପରିବାର ସୂତ୍ରରୁ ଜଣାପଡିଛି। କ୍ଷେତ୍ର ନାଏକ ଗରିବ ପରିବାରରେ ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ବୃଦ୍ଧ ମା', ବାପାଙ୍କ ସହ ଜଣେ ମସ୍ତିଷ୍କ ବିକୃତି ଭଉଣୀ ରହିଛନ୍ତି ଓ ସମସ୍ତଙ୍କ ଭରଣ ପୋଷଣ ଦାୟିତ୍ୱ ସେ କରୁଥିଲେ।

ତେବେ ଘଟଣା ର ୪ଦିନ ପରେ ମଧ୍ୟ ଜିଲ୍ଲା ଶ୍ରମ ବିଭାଗ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା କିମ୍ବା ଉକ୍ତ ବୈଶାଳୀ ପାଣି ଫେକ୍ଟରୀକୁ ତଦନ୍ତ ପାଇଁ ଆସିନଥିବା ସାଧାରଣ ର ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ଶ୍ରମିକମାନଙ୍କ ସୁରକ୍ଷାକୁ ନେଇ କେବଳ କାଗଜ କଲମରେ ସିମିତ ଥିବା ଅଭିଯୋଗ ହେଉଅଛି। ଏନେଇ

### ଶ୍ରମିକଙ୍କ ସୁରକ୍ଷା ଓ ଶ୍ରମ ବିଭାଗ କାର୍ଯ୍ୟକୁ ନେଇ ବଡ଼ ପ୍ରଶ୍ନ

ଉକ୍‌ଲୋ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଫ୍ୟାକ୍ଟରିରେ କୌଣସି ଫଲ୍ଟ ଥିବା ଆମକୁ ସୂଚନା ଦିଆଯାଇନାହିଁ। କିମ୍ବା ଆମର କୌଣସି କର୍ମଚାରୀ କାମ କରିବା ପାଇଁ ଯାଇନାହାନ୍ତି ସେମାନେ ନିଜେ ନିଜେ ସଜାଡୁଥିଲେ ଓ ଅଘଟଣ ଘଟିଛି ବୋଲି ମୋତେ ସୂଚନା ପାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ କେସିଙ୍ଗା ଆଇଆଇସି ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ପ୍ରତିକ୍ରିୟା ନେବାରୁ ବର୍ତ୍ତମାନ ଥାନାରେ କୌଣସି ଏତଲା ହୋଇନାହିଁ। ଏତଲା ହେଲେ ଆମେ ତଦନ୍ତ କରିବୁ କିମ୍ବା ଉକ୍ତ ବ୍ୟକ୍ତି ମରିଯାଇଥାନ୍ତେ ତାହେଲେ ପୁଲିସ ନିଜ ଆଡୁ କେସ କରିଥାନ୍ତେ ବୋଲି ସେ ପ୍ରକାଶ କରିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି ରୋଗୀ ଜଣକ ଜୀବନ ସହ ସଂଗ୍ରାମ କରୁଥିବା ବେଳେ କେସିଙ୍ଗା ପୁଲିସ ଓ ଶ୍ରମ ବିଭାଗ କାର୍ଯ୍ୟଶୈଳୀକୁ ନେଇ ସାଧାରଣରେ ଅଭିଯୋଗ ହେଉଅଛି।

## ନବଜାତ ଶିଶୁପୁତ୍ର ଉଦ୍ଧାର

**ନବରଙ୍ଗପୁର,୭।୯/ଏନ୍‌ଏନ୍‌ଏସ୍‌:** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ବର୍ତ୍ତମାନ ଶିଶୁପୁତ୍ରର ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଆଜି ପାହାନ୍ତିଆ ସମୟରେ ମୈଦଲପୁର ଥାନା ଏଏସ୍‌ଆଇ ଅନନ୍ତ କାଡ୍ରାକ ଓ ତାଙ୍କ ଟିମ ପାଟ୍ରୋଲିଂ କରୁଥିବା ସମୟରେ ମାଝୀଗୁଡା ଗୋପୀଗୁଡା ଛକ ନିକଟରେ ଏକ ବ୍ୟାଗ ଭିତରେ ରହିଥିଲା ଶିଶୁପୁତ୍ର। ଦେଖିବା ପରେ ବ୍ୟାଗ ଭିତରେ ଏକ ଶିଶୁପୁତ୍ର ଥିବା ଜଣାପଡିଥିଲା। ଉଦ୍ଧାର କରି ପ୍ରଥମେ ମୈଦଲପୁର ମେଡିକାଲ ନେଇଥିଲେ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନ ଥିବାରୁ ନବରଙ୍ଗପୁର ମେଡିକାଲ ଭର୍ତ୍ତି କରାଇଛନ୍ତି । ବର୍ତ୍ତମାନ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ସୂଚନା ମିଳିଛି । କୌଣସି ମହିଳା ପ୍ରସବ କରିବା ପରେ ବ୍ୟାଗ ଭିତରେ ଭର୍ତ୍ତି କରି ରାସ୍ତା କଡ଼ରେ ଛାଡି ଦେଇଥିବା ସନ୍ଦେହ କରାଯାଉଛି । ଏଭଳି ହୀନ କାର୍ଯ୍ୟ ପାଇଁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି ।

## ଚାକିରି ଦେବା ନାଁରେ ୮.୫ ଲକ୍ଷ ଠକେଇ ଅଭିଯୋଗ

**ମାଲକାନଗିରି,୭।୯/ଏନ୍‌ଏନ୍‌ଏସ୍‌:** କଳିଙ୍ଗନଗରସ୍ଥିତ ଟାଟା ଗ୍ରୁପ୍‌ର ଷ୍ଟିଲ୍ ପ୍ଲାଣ୍ଟରେ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ୮ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରାଯାଇଥିବା ନେଇ ଓର୍କେଲ ଥାନାରେ ଅଭିଯୋଗ ହୋଇଛି। ଏନେଇ ବାଲିମେଳା ନଗର ବିଜେଡି ସଭାପତି ରାଜେନ୍ଦ୍ର କୁଲଦୀପ (୬୬) ଲୋକନାଥ ମହାନ୍ତିଙ୍କ ବିରୋଧରେ ଲିଖିତ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୨୦ ମସିହାରେ ଭୁବନେଶ୍ୱରରେ ରାଜେନ୍ଦ୍ର କୁଲଦୀପଙ୍କ ସହ ଲୋକନାଥ ମହାନ୍ତିଙ୍କ ପରିଚୟ ହୋଇଥିଲା। ଲୋକନାଥ ନିଜକୁ କଳିଙ୍ଗନଗରର ଜଣେ ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର ଭାବେ ପରିଚୟ ଦେବା ସହ ଷ୍ଟିଲ୍ ପ୍ଲାଣ୍ଟର ଏଚ୍‌ଆର୍ ମ୍ୟାନେଜରଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା କହିଥିଲେ। ଟଙ୍କା ଦେଲେ ବିଭିନ୍ନ ବର୍ଗରେ ଚାକିରି କରାଇଦେବା ସମ୍ଭବ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଦୁଇ ପୁଅଙ୍କ ଚାକିରି ଆଶାରେ ରାଜେନ୍ଦ୍ର ସେମାନଙ୍କ ବାୟୋଡାଟା ଲୋକନାଥଙ୍କୁ ଦେଇଥିଲେ। ପରେ ବାୟୋଡାଟା ଯାଞ୍ଚ ସରିଥିବା ଦର୍ଶାଇ ଚାକିରି ପାଇଁ ଟଙ୍କା ଦାବି କରାଯାଇଥିଲା। ଏହାପରେ ରାଜେନ୍ଦ୍ର ବିଭିନ୍ନ ୟୁପିଆଇ ମାଧ୍ୟମରେ ପର୍ଯ୍ୟାୟକ୍ରମେ ୪ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଥିବା କହିଛନ୍ତି। ପରବର୍ତ୍ତୀ ସମୟରେ ଆହୁରି ଟଙ୍କା ଆବଶ୍ୟକ ବୋଲି କୁହାଯିବାରୁ ସେ ବାଲିମେଳାର ସୌରା ପଣ୍ଡାଙ୍କଠାରୁ ଋଣ ନେଇ ଲୋକନାଥଙ୍କ ପତ୍ନୀଙ୍କ ନାମରେ ଥିବା ବ୍ୟାଙ୍କ ଖାତାକୁ ଆର୍‌ଟିଜିଏସ୍ ମାଧ୍ୟମରେ ଆଉ ୪ ଲକ୍ଷ ଟଙ୍କା ପଠାଇଥିଲେ। ଏପରି ଭାବେ ମୋଟ ୮ ଲକ୍ଷ ୫୦ ହଜାର ଟଙ୍କା ଦିଆଯାଇଥିବା ସେ ଦାବି କରିଛନ୍ତି। ତେବେ ଟଙ୍କା ନେବା ପରେ ଚାକିରି ଦେବା ବଦଳରେ ଲୋକନାଥ ବାରମ୍ବାର ପ୍ରତିଶ୍ରୁତି ଦେଇ ସମୟ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ଶେଷରେ ରାଜେନ୍ଦ୍ର କୁଲଦୀପ ଓର୍କେଲ ଥାନାର ଦ୍ୱାରସ୍ଥ ହୋଇ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଠକେଇ ଟଙ୍କା ଫେରସ୍ତ ଦାବି କରିଛନ୍ତି। ଅଭିଯୋଗ ଆଧାରରେ ଓର୍କେଲ ପୁଲିସ ମାମଲା ନମ୍ବର ୨୫୬/୨୬ ରୁଜୁ କରିଛି। ଅଭିଯୁକ୍ତଙ୍କ ବ୍ୟାଙ୍କ କାରବାର ସମ୍ବନ୍ଧୀୟ ତଥ୍ୟ ଓ କଲ୍ ଡିଟେଲ୍ ରେକର୍ଡ (ସିଡିଆର୍) ସଂଗ୍ରହ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଥିବା ଜଣାପଡିଛି।

## ପେଣ୍ଠା ସ୍କୁଲ୍‌ରେ ରାଗିଂ ବିବାଦ: ୩ଙ୍କ ବିରୋଧରେ ଏତଲା

**ରାୟଗଡ଼ା,୭।୯/ଏନ୍‌ଏନ୍‌ଏସ୍‌:** ରାୟଗଡା ଜିଲ୍ଲାର କୋଲନରା ବ୍ଲକର ରିଭଲକଣା ଉଚ୍ଚ ବିଦ୍ୟାଳୟରେ ରାଗିଂ ଘଟଣାକୁ ନେଇ ଚର୍ଚ୍ଚା ଥମିନଥିବା ବେଳେ,ସଦର ବ୍ଲକର ପେଣ୍ଠା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରୁ ସମାନ ଧରଣର ଅଭିଯୋଗ ସାମ୍ନାକୁ ଆସି ଚର୍ଚ୍ଚା ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହେବା ପରେ ମାମଲାଟି ଅଧିକ ଗୁରୁତ୍ୱ ପାଇଛି। ଭାଇରାଲ୍ ଭିଡିଓରେ କିଛି କନିଷ୍ଠ ଛାତ୍ର ବରିଷ୍ଠ ଛାତ୍ରଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ କରିଥିଲେ। ଦଶମ ଶ୍ରେଣୀର କିଛି ଛାତ୍ର ସେମାନଙ୍କୁ ମାଡ଼ ମାରିବା ସହ ବାସନ ଓ ଲୁଗାପଟା ସଫା କରାଉଥିବା ନେଇ ଅଭିଯୋଗ ହୋଇଥିଲା। ଏପରିକି ଭିଡିଓରେ ଯୌନ ନିର୍ଯାତନା ଭଳି ଗୁରୁତର ଅଭିଯୋଗ ମଧ୍ୟ ଉଠିଥିଲା। ଘଟଣାଟି ସାମ୍ନାକୁ ଆସିବା ପରେ ଚାନ୍ଦିଲି ଥାନା ପୁଲିସ ଓ ବ୍ଲକ ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ଜଣେ ଛାତ୍ରଙ୍କୁ ସଫେଇ ଦାୟିତ୍ୱରେ ଥିବା ଅନ୍ୟ ଜଣେ ଛାତ୍ର ଦୁଇଥର ମାଡ଼ ମାରିଥିବା ତଥ୍ୟ ସାମ୍ନାକୁ ଆସିଥିବା ଜଣାପଡ଼ିଛି। ତେବେ ଭାଇରାଲ୍ ଭିଡିଓରେ ଉଠିଥିବା ଅନ୍ୟାନ୍ୟ ଗୁରୁତର ଅଭିଯୋଗକୁ କିଛି ଛାତ୍ର ଖଣ୍ଡନ କରିଛନ୍ତି। ଏହା ମଧ୍ୟରେ ଘଟଣାରେ ନୂଆ ମୋଡ଼ ଆସିଛି। ବିଦ୍ୟାଳୟର ବାଳକ ହଷ୍ଟେଲରେ ବିନା ଅନୁମତିରେ ପ୍ରବେଶ କରି ଛାତ୍ରମାନଙ୍କ ଭିଡିଓ ରେକର୍ଡିଂ କରିବା ଏବଂ ସେମାନଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରିବା ଅଭିଯୋଗରେ ପ୍ରଧାନଶିକ୍ଷକ ମନୋଜ କୁମାର ଗୌଡ଼ ଚାନ୍ଦିଲି ଥାନାରେ ତିନି ଜଣଙ୍କ ନାମରେ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ, ସେପ୍ଟେମ୍ବର ୬ ତାରିଖ ସନ୍ଧ୍ୟାରେ ରାହୁଲ ନାୟକ, ମିହିର ହୁଇକା ଓ ପଙ୍କଜ ନାୟକ ବିନା ଅନୁମତିରେ ହଷ୍ଟେଲ ପରିସରରେ ପ୍ରବେଶ କରି ଛାତ୍ରମାନଙ୍କ ଭିଡିଓ ରେକର୍ଡ କରିଥିଲେ। ଏଭଳି କାର୍ଯ୍ୟ ଦ୍ୱାରା ହଷ୍ଟେଲରେ ରହୁଥିବା ନାବାଳକ ଛାତ୍ରମାନଙ୍କ ସୁରକ୍ଷା ଓ ଗୋପନୀୟତା ପ୍ରଭାବିତ ହୋଇଥିବା ପ୍ରଧାନଶିକ୍ଷକ ଅଭିଯୋଗରେ ଦର୍ଶାଇଛନ୍ତି। ଭାଇରାଲ୍ ଭିଡିଓ ପ୍ରସାର କରିଥିବା ପଙ୍କଜ ନାୟକଙ୍କ ସହ ମଧ୍ୟ ଅଧିକାରୀମାନେ ଆଲୋଚନା କରିଛନ୍ତି। ଘଟଣାଟି ବିଭାଗକୁ ବଦନାମ କରିବା ପାଇଁ ଯୋଜନାବଦ୍ଧ ଭାବେ ଘଟାଯାଇଥାଇପାରେ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ସମ୍ପୂର୍ଣ୍ଣ ତଦନ୍ତ ପରେ ହିଁ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।ଥାନାରେ ଏତଲା ପରେ ରାୟଗଡା ଏସ୍‌ଡିପିଓ ଗୌରହରି ସାହୁ, ଚାନ୍ଦିଲି ଥାନା ଆଇଆଇସି ଉତ୍ତମ ସାହୁ, ସଶିଶୁ ମଙ୍ଗଳ କମିଟିର ଅଧିକାରୀ ସମେତ ବ୍ଲକ୍ ପ୍ରଶାସନର ଅଧିକାରୀ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରିଛନ୍ତି । ମାମଲାର ତଦନ୍ତ ଏବେ ମଧ୍ୟ ଜାରି ରହିଛି। ତଦନ୍ତ ଶେଷ ହେବା ପରେ ରାଗିଂ ଅଭିଯୋଗର ପ୍ରକୃତ ଚିତ୍ର ସ୍ପଷ୍ଟ ହେବ।

## ଶ୍ରୀ ଶ୍ୟାମ ମନ୍ଦିରରେ ଏକାଦଶୀ ଲାଗି ସ୍ୱତନ୍ତ୍ର ପୂଜାର୍ଚ୍ଚନା

**ଭୁବନେଶ୍ୱର,୭ା୯/ଏନ୍‌ଏନ୍‌ଏସ୍:** ଶ୍ରୀ ଶ୍ୟାମ ମନ୍ଦିର ପରିସରରେ ଆଜି ଅଜା ଏକାଦଶୀ ପାଳିତ ହୋଇଯାଇଛି। ଏନେଇ ଶ୍ରୀ ଶ୍ୟାମ ଦେବଙ୍କୁ ବିଭିନ୍ନ ପୁଷ୍ପରେ ସୁସଜ୍ଜିତ କରାଯାଇଥିବା ବେଳେ ମନ୍ଦିର ପରିସରକୁ ମଧ୍ୟ ସୁନ୍ଦର ଭାବେ ସଜ୍ଜିତ କରାଯାଇଥିଲା। ଆଜି ମାରୱାଡ଼ି ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କ ସମେତ ଅନ୍ୟ ସମ୍ପ୍ରଦାୟର ଶ୍ରଦ୍ଧାଳୁ ମଧ୍ୟ ଶ୍ରୀ ଶ୍ୟାମ ଦେବଙ୍କର ଦର୍ଶନ ସହ ସାନିଧ୍ୟ ଲାଭ କରିଥିଲେ। ମନ୍ଦିରର ମହାରାଜ ସତ୍ୟମ ମିଶ୍ର ବାବାଙ୍କ ପୂଜାର୍ଚ୍ଚନା ସହ ସମସ୍ତ ରୀତିନୀତି କରିଥିଲେ। ବାବାଙ୍କ ଦର୍ଶନ କରିବାକୁ ଆସିଥିବା ଶ୍ରଦ୍ଧାଳୁ ବାବାଙ୍କ ଲାଗି ଉପହାରରେ ମୟୁର ପୁଚ୍ଛ, ଅତର, ପୁଷ୍ପ, ଫଳ, ମିଷ୍ଟାନ ଆଦି ଅର୍ପଣ କରିଥିଲେ। ସନ୍ଧ୍ୟାରେ ଚିତ୍ତାକର୍ଷକ ଭଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯେଉଁଥିରେ ଖାଟୁଶ୍ୟାମଙ୍କ ବିଭିନ୍ନ ଭଜନ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶେଷରେ ପ୍ରସାଦ ସେବନ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା।



## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୪ତମ ପ୍ରତିଷ୍ଠା ଦିବସ

# ଉଚ୍ଚ ମାଧ୍ୟମିକ ଶିକ୍ଷାକୁ ଏସ୍‌ଆଇଓଏସ୍ ସହିତ ସଂଯୋଗ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୭ା୯/ଏନ୍‌ଏନ୍‌ଏସ୍:** ଆଜି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଟପାଡ ବିଧାୟକ ରୂପୁ ଭତ୍ରା ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡଃ ଏନ୍. ତିରୁମଲା ନାୟକ ଉପସ୍ଥିତ ଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ, ସଚିବ ଶୁଭ୍ରାବାଳା ବେହେରା, ଉପାଧ୍ୟକ୍ଷ ଅକ୍ରୁର ବାରିକ, ପରୀକ୍ଷା ନିୟନ୍ତ୍ରକ ଡ଼ ପ୍ରଶାନ୍ତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପରିଷଦର ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନାକୁ ପ୍ରଶଂସା କରିବା ସହ ଗୁଣାତ୍ମକ ଶିକ୍ଷାକୁ ଦ୍ୱିଗୁଣିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି, ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିବାରେ ପରିଷଦ ସର୍ବଦା ନିଜର ଆନ୍ତରିକ ପ୍ରୟାସ କରି ଆସିଛି। ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ପରିଷଦ ଶିକ୍ଷାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆୟୁକ୍ତ-ତଥା-ଶାସନ ସଚିବ ଆଲୋକପାତ କରିଥିଲେ ଯେ ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ଅଭିଜ୍ଞତାମୂଳକ ଶିକ୍ଷା ଉପରେ ପର୍ଯ୍ୟବେସିତ ନୂତନ ପାଠ୍ୟକ୍ରମ ପ୍ରସ୍ତୁତ କରିବାକୁ ପ୍ରାଥମିକତା ଦିଆଯାଉଛି ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ବିଜ୍ଞାନ ବିଭାଗ ପାଇଁ ଓଡ଼ିଆରେ ସର୍ବଶ୍ରେଷ୍ଠ ପୁସ୍ତକ ପ୍ରସ୍ତୁତ କରିବାକୁ ପଦକ୍ଷେପ ନିଆଯାଉଛି। ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରିବା ପାଇଁ ଡିଜିଟାଲ୍ ବିଷୟବସ୍ତୁ ବିକଶିତ କରିବାକୁ ପରିଷଦକୁ ୧୦ କୋଟି ଟଙ୍କା ଯୋଗାଇ ଦିଆଯାଉଛି। ଧନ୍ଦାମୂଳକ ଶିକ୍ଷା ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି, ଯେପରି ଛାତ୍ରଛାତ୍ରୀମାନେ ଯୁକ୍ତ ଦୁଇ ପାସ୍ କରିବା ପରେ ଅନ୍ତତଃ ଗୋଟିଏ ଟ୍ରେଡ୍‌ରେ ଦକ୍ଷ ହୋଇପାରିବେ, ଏହାସହିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ କରାଯାଉଛି। ବିଭାଗୀୟ ସଚିବ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉଭୟକୁ ଗୋଟିଏ ବୋର୍ଡରେ ମିଶ୍ରଣ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହା ବ୍ୟତୀତ ସେ କହିଛନ୍ତି ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସଂସ୍ଥାନ ଅର୍ଥାତ୍ ଓପନ୍ ସ୍କୁଲ ଜରିଆରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଅନୁମୋଦନ ଦେଇଛନ୍ତି। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ ପରିଷଦର ୪୩ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ସଦସ୍ୟଙ୍କୁ ଶୁଭକାମନା ଜଣାଇଥିଲେ। ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପରିଷଦର ଅଧ୍ୟକ୍ଷ ଛାତ୍ରଛାତ୍ରୀମାନଙ୍କର ପ୍ରାରମ୍ଭିକ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ପିଲାଙ୍କ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବାକୁ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଆହ୍ୱାନ କରିଥିଲେ। ପରିଷଦର ପରୀକ୍ଷା ନିୟନ୍ତ୍ରକ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, କାର୍ଯ୍ୟକ୍ରମରେ ପରିଷଦର ସଚିବଙ୍କ ଦ୍ୱାରା ବାର୍ଷିକ ବିବରଣୀ ଉପସ୍ଥାପନା କରାଯାଇଥିଲା। ପରିଷଦର ବାର୍ଷିକ ପ୍ରକାଶିକା 'ପ୍ରଜ୍ଞା'କୁ ଅତିଥିମାନେ ଉନ୍ମୋଚନ କରିବା ସହ ଡିବେଟ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଜାତୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ୨୦୨୬ରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତା

# ରାଉରକେଲା ଓ କଳିଙ୍ଗନଗର ଜାତୀୟ ସ୍ତରରେ ପ୍ରଥମ

**ଭୁବନେଶ୍ୱର,୭ା୯/ଏନ୍‌ଏନ୍‌ଏସ୍:** ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ 'ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ୨୦୨୬'ରେ ଓଡ଼ିଶାର ସହରାଞ୍ଚଳଗୁଡ଼ିକ ଉଲ୍ଲେଖନୀୟ ପ୍ରଦର୍ଶନ କରି ଜାତୀୟ ସ୍ତରରେ ଗୌରବ ଅର୍ଜନ କରିଛନ୍ତି। ଲକ୍ଷ୍ୟଭିତ୍ତିକ ପଦକ୍ଷେପ, ବୈଜ୍ଞାନିକ ଯୋଜନା, ସମନ୍ୱିତ କାର୍ଯ୍ୟାନ୍ୱୟନ ଏବଂ ଜନଭାଗୀଦାରି ମାଧ୍ୟମରେ ସହରାଞ୍ଚଳର ବାୟୁ ଗୁଣବତ୍ତାରେ ଉନ୍ନତି ଆଣିବା ଦିଗରେ ରାଜ୍ୟର ନିରନ୍ତର ପ୍ରୟାସର ଏହା ଏକ ଉଲ୍ଲେଖନୀୟ ସ୍ୱୀକୃତି।



ବର୍ଗ-୨ରେ ରାଉରକେଲା ମହାନଗର ନିଗମ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ, ବର୍ଗ-୩ ରେ କଳିଙ୍ଗନଗର ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଛି। ବାୟୁ ଗୁଣବତ୍ତା ପରିଚାଳନା ଓ ଶିଳ୍ପଜନିତ ନିର୍ଗମନ ହ୍ରାସ ଦିଗରେ କଳିଙ୍ଗନଗରର ଉଲ୍ଲେଖନୀୟ ପ୍ରଦର୍ଶନ ଏହି ସଫଳତାର ମୁଖ୍ୟ ଆଧାର। ଏହି ବର୍ଗରେ ଅନୁଗୋଳ ପୌରପାଳିକା ଦ୍ୱିତୀୟ ଏବଂ ତାଳଚେର ପୌରପାଳିକା ତୃତୀୟ ସ୍ଥାନ ହାସଲ କରିଛି। ଶିଳ୍ପାଞ୍ଚଳ ଓ ଏୟାରସେଡ୍‌ଗୁଡ଼ିକରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଓଡ଼ିଶାର ଲକ୍ଷ୍ୟଭିତ୍ତିକ ଆଭିମୁଖ୍ୟର ଏହା ଏକ ଉଜ୍ଜ୍ୱଳ ଉଦାହରଣ। ସ୍ୱଚ୍ଛ ବାୟୁ ପରିଚାଳନାରେ ରାଜ୍ୟର ବିକେନ୍ଦ୍ରୀକୃତ ଏବଂ ସମୁଦାୟ-ଭିତ୍ତିକ ପ୍ରୟାସକୁ ମଧ୍ୟ ଜାତୀୟ ସ୍ୱୀକୃତି ମିଳିଛି। ଭୁବନେଶ୍ୱର ମହାନଗର ନିଗମର ୩୬ ଓ ୩୦ ନମ୍ବର ୱାର୍ଡ ଏବଂ ରାଉରକେଲା ମହାନଗର ନିଗମର ୧୩ ନମ୍ବର ୱାର୍ଡ ଜାତୀୟ ସ୍ତରୀୟ ମୂଲ୍ୟାଙ୍କନରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତୃଣମୂଳ ସ୍ତରରେ ସ୍ଥାନୀୟ ଯୋଜନା, ନାଗରିକଙ୍କ ସକ୍ରିୟ ଭାଗୀଦାରି ଏବଂ ନିରନ୍ତର ପରିବେଶ ସୁରକ୍ଷା ପଦକ୍ଷେପର ଗୁରୁତ୍ୱକୁ ଏହି ସଫଳତା ପ୍ରମାଣିତ କରୁଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ପୌର ସଂସ୍ଥା, ଜିଲ୍ଲା ପ୍ରଶାସନ, ପୌର ନେତୃତ୍ୱ, କ୍ଷେତ୍ରସ୍ତରୀୟ କର୍ମଚାରୀ ଏବଂ ନାଗରିକମାନଙ୍କୁ ଅଭିନନ୍ଦନ ଜଣାଇ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଏହି ସଫଳତା କେବଳ ଆମର ପ୍ରୟାସର ସ୍ୱୀକୃତି ନୁହେଁ, ସ୍ୱଚ୍ଛ ବାୟୁକୁ ଓଡ଼ିଶାର ପ୍ରତ୍ୟେକ ସହରର ନିରନ୍ତର ପ୍ରାଥମିକତା କରିବା ପାଇଁ ଏକ ନୂତନ ଦାୟିତ୍ୱ ମଧ୍ୟ ଦେଇଛି। ଧୂଳି ନିୟନ୍ତ୍ରଣ, ସବୁଜ କରିଡରର ସମ୍ପ୍ରସାରଣ, ବୈଜ୍ଞାନିକ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଯାନବାହନ ନିର୍ଗମନ ନିୟନ୍ତ୍ରଣ ଭଳି ଲକ୍ଷ୍ୟଭିତ୍ତିକ ପଦକ୍ଷେପରୁ ଉତ୍ସାହଜନକ ଫଳାଫଳ ମିଳୁଛି। ଏହି ସଫଳତା ପାଇଁ ମୁଁ ସମସ୍ତ ନାଗରିକ, ପୌର ନେତୃତ୍ୱ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସାଧୁବାଦ ଜଣାଉଛି। ଏହି ଧାରାକୁ ଆହୁରି ଆଗକୁ ନେଇ ଓଡ଼ିଶାର ସହରଗୁଡ଼ିକୁ ସ୍ୱଚ୍ଛ ବାୟୁ ପରିଚାଳନାର ଆଦର୍ଶ ମଡେଲ ଭାବେ ଗଢ଼ି ତୋଳିବାକୁ ହେବ। ସହରାଞ୍ଚଳର ବାୟୁ ଗୁଣବତ୍ତାରେ ଆହୁରି ସୁଧାର ଆଣିବା ପାଇଁ ରାଜ୍ୟ ସରକାର ମେକାନିକାଲ ସୁଇପିଂ, ବୈଜ୍ଞାନିକ ବର୍ଜ୍ୟବସ୍ତୁ ପରିଚାଳନା, ଧୂଳି ନିୟନ୍ତ୍ରଣ ପାଇଁ ବିଶୋଧିତ ବର୍ଜ୍ୟଜଳର ପୁନଃବ୍ୟବହାର, ସବୁଜ ବଳୟ ଓ ସବୁଜ କରିଡର ନିର୍ମାଣ, ଉନ୍ନତ ଟ୍ରାଫିକ୍ ପରିଚାଳନା ଏବଂ ଯାନବାହନ ଓ ଶିଳ୍ପ ନିର୍ଗମନ ନିୟନ୍ତ୍ରଣ ଭଳି ପଦକ୍ଷେପକୁ ଆହୁରି ସୁଦୃଢ଼ କରିବ। ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଜିଲ୍ଲା ପ୍ରଶାସନ ଏବଂ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ଅଧିକ ସମନ୍ୱୟ ଏହି ଅଭିଯାନକୁ ରାଜ୍ୟବ୍ୟାପୀ ଭାବେ ଆହୁରି ଶକ୍ତିଶାଳୀ କରିବ। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି ଯେ ଜାତୀୟ ସ୍ତରରେ ରାଉରକେଲା, କଳିଙ୍ଗନଗର, ଅନୁଗୋଳ, ତାଳଚେର ଏବଂ ଭୁବନେଶ୍ୱରର ସଫଳତା ଲକ୍ଷ୍ୟଭିତ୍ତିକ ଓ ତଥ୍ୟ-ଆଧାରିତ ପରିବେଶ ଯୋଜନାର ପ୍ରଭାବଶୀଳତାକୁ ପ୍ରତିପାଦିତ କରୁଛି। ଏହି ପ୍ରଦର୍ଶନକୁ ଦୀର୍ଘସ୍ଥାୟୀ କରିବା ପାଇଁ ଦୃଢ଼ ଆନ୍ତଃ-ସଂସ୍ଥା ସମନ୍ୱୟ, ନାଗରିକଙ୍କ ସାର୍ଥକ ଭାଗୀଦାରି ଏବଂ ତୃଣମୂଳ ସ୍ତରରେ ନିରନ୍ତର କାର୍ଯ୍ୟାନ୍ୱୟନ ଆବଶ୍ୟକ। ସୁସ୍ଥ, ସ୍ଥାୟୀ ଏବଂ ଜଳବାୟୁ-ସହନଶୀଳ ସହର ଗଠନ ପାଇଁ ସମସ୍ତ ପୌର ସଂସ୍ଥାରେ ସ୍ୱଚ୍ଛ ବାୟୁ ପରିଚାଳନାର ସର୍ବୋତ୍ତମ ଅଭ୍ୟାସକୁ ବ୍ୟବସ୍ଥିତ କରିବାକୁ ବିଭାଗ ପ୍ରତିବଦ୍ଧ। ଓଡ଼ିଶାର ସହରାଞ୍ଚଳଗୁଡ଼ିକର ଏହି ଜାତୀୟ ସ୍ୱୀକୃତି ପୌର ସଂସ୍ଥା, ଆଗଧାଡ଼ିର କର୍ମଚାରୀ, ସମୁଦାୟ ଏବଂ ନାଗରିକମାନଙ୍କ ସମନ୍ୱିତ ପ୍ରୟାସର ପ୍ରମାଣ। ଏହି ସଫଳତାକୁ ଆଧାର କରି ସ୍ୱଚ୍ଛ ବାୟୁ, ସୁସ୍ଥ ସମାଜ ଏବଂ ସ୍ଥାୟୀ ଓ ଜଳବାୟୁ-ସହନଶୀଳ ସହର ଗଠନ ଦିଗରେ ଓଡ଼ିଶା ଆଗାମୀ ଦିନରେ ଆହୁରି ସମନ୍ୱିତ, ଲକ୍ଷ୍ୟଭିତ୍ତିକ ଓ ଫଳାଫଳ-କେନ୍ଦ୍ରିକ ଆଭିମୁଖ୍ୟ ସହ ଆଗକୁ ବଢ଼ିବ।

## ଐତିହାସିକ ଡକ୍ଟର ବିସି ରାୟଙ୍କ ଜୟନ୍ତୀ

# 'ଗବେଷଣା ହିଁ ଭାରତୀୟ ଇତିହାସକୁ ଦେଇଛି ନୂଆ ମୋଡ଼'

**ଭୁବନେଶ୍ୱର,୭ା୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ସାହିତ୍ୟ ଏକାଡେମୀ, ବିଶ୍ୱମୁକ୍ତି ଏବଂ ଡେଲାଙ୍ଗ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ କେପିପି ଉଚ୍ଚ ବିଦ୍ୟାଳୟ, ମୁନିନ୍ଦା ହେରିଟେଜ ହଲ୍‌ଠାରେ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ତିଥିରେ ଐତିହାସିକ ପ୍ରଫେସର ଡକ୍ଟର ଭବାନୀ ଚରଣ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ସମ୍ପାଦକ ପ୍ରଫେସର ଶଶାଙ୍କ ଚୂଡ଼ାମଣି ତାଙ୍କ ବକ୍ତବ୍ୟରେ ଐତିହାସିକ ପ୍ରଫେସର ଡକ୍ଟର ଭବାନୀ ଚରଣ ରାୟଙ୍କ ସୂକ୍ଷ୍ମଦର୍ଶୀ ଇତିହାସ ଗବେଷଣା ହିଁ ପାଇକ ବିଦ୍ରୋହ ୧୮୧୭, ଭାରତୀୟ ପ୍ରଥମ ମୁକ୍ତି ସଂଗ୍ରାମର ମହାମନ୍ତ୍ର ବୋଲି ପ୍ରକାଶ କରିବା ସହ ତାଙ୍କର ସୃଜନ ଦର୍ଶନ ହିଁ ଭାରତୀୟ ଇତିହାସକୁ ନୂଆ ମୋଡ଼ ଦେଇଛି ବୋଲି କହିଥିଲେ।



ପ୍ରବୀଣ ଐତିହାସିକ, ପ୍ରଫେସର ଭବାନୀ ଚରଣ ରାୟଙ୍କ ଜନ୍ମ ପୁରୀ ଜିଲ୍ଲା ଡେଲାଙ୍ଗ ନିକଟସ୍ଥ ଜଗଦଲପୁର ଗ୍ରାମରେ ୧୯୨୧ ମସିହା ଜନ୍ମାଷ୍ଟମୀ ତିଥିରେ ହୋଇଥିଲା। ତାଙ୍କର ଜୀବନୀ, ଆଦର୍ଶ, ଗବେଷଣା, ପୁସ୍ତକ ସମ୍ବନ୍ଧରେ ଏକ ଦିବସୀୟ ଆଲୋଚନା ଚକ୍ର 'ଇତିହାସ ଅସ୍ମିତା' ଶୀର୍ଷକ ଓ କବିତା ପାଠୋତ୍ସବ ଶିକ୍ଷାବିତ୍ ପ୍ରମୋଦ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ରାୟଙ୍କ ଜୟନ୍ତୀ ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଲସିଂହ ଓ ସମ୍ମାନନୀୟ ଅତିଥି ଭାବେ ଇତିହାସ ଗବେଷକ ଡକ୍ଟର ସୁବାସ ଚନ୍ଦ୍ର ବାରିକ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଇତିହାସବିତ୍ ଡକ୍ଟର କୈଳାସ ଚନ୍ଦ୍ର ଦାସ ଓ ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ଡମ୍ବରୁଧର ଛୁଆଲସିଂହ ଯୋଗଦେଇ ଡକ୍ଟର ବିସି ରାୟଙ୍କ ଓଡ଼ିଆ ଭାଷା ସାହିତ୍ୟ ପାଇଁ ବଳିଷ୍ଠ ଅବଦାନ ଓ ଓଡ଼ିଆ ଇତିହାସରେ ଛାଡ଼ିଯାଇଥିବା ମାର୍ଗ ଦର୍ଶନ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ପିପିଲି, କଣାସ, ଗାଦିବ୍ରହ୍ମ ଡେଲାଙ୍ଗ ଓ ଦୟାବିହାର ମହାବିଦ୍ୟାଳୟରୁ ଯୋଗଦେଇଥିବା କୃତି ଇତିହାସ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱମୁକ୍ତି ଦ୍ୱାରା ହିନ୍ଦୀ ପତ୍ରିକାକୁ ଲୋକାର୍ପିତ କରିଥିଲେ ମଞ୍ଚାସୀନ ଅତିଥି। ପରେ ପରେ ରାଜ୍ୟରୁ ଯୋଗଦେଇଥିବା ୫୦ ରୁ ଊର୍ଦ୍ଧ୍ୱ ବିଶିଷ୍ଟ କବିମାନଙ୍କ ଦ୍ୱାରା କବିତା ପାଠ ଉତ୍ସବ ହୋଇଥିଲା। କବିତା ଆସରକୁ ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ସଭାମୁଖ୍ୟା ଭାବେ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ହେମନ୍ତ କୁମାର ଛୋଟରାୟ ଆଜିର ଦିବସ ଓ ପ୍ରଫେସର ବିସି ରାୟଙ୍କ ସ୍ମୃତି ଚାରଣ କରିଥିଲେ। କବି ଅଜୟ କୁମାର ବଳିୟାରସିଂହ ଓ କବୟିତ୍ରୀ ସରୋଜିନୀ ଜେନା କବିତା ସଂଯୋଜନା କରିଥିଲେ। ସମସ୍ତ କବି ଓ କବୟିତ୍ରୀମାନଙ୍କୁ ପ୍ରଶଂସା ପତ୍ର ଓ ପ୍ରୋତ୍ସାହନ ରାଶି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷିକେଶ ବଳିୟାରସିଂହ ଓ କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ବିଶ୍ୱମୁକ୍ତିର ମୁଖ୍ୟ କାର୍ଯ୍ୟନିର୍ବାହୀ ସବିତା ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଇଣ୍ଡୋନେସିଆରେ ମୁଖ୍ୟଅତିଥି ରୋଜାଲିନ୍ ପାଟ୍ଟସାଣି ମିଶ୍ର

**ଭୁବନେଶ୍ୱର,୭ା୯/ଏନ୍‌ଏନ୍‌ଏସ୍:** ଇଣ୍ଡୋନେସିଆରେ ଚାଲିଥିବା 'ମ୍ୟୁଜିୟମ୍ ଫେଷ୍ଟିଭାଲ୍ ପାୟୁଙ୍ଗ ଇଣ୍ଡୋନେସିଆ' ଓ 'ଅନ୍ତର୍ଜାତୀୟ ଶିଶୁ ଏବଂ ଯୁବ କଳା ପ୍ରଦର୍ଶନୀ'ରେ ଡ. ରୋଜାଲିନ୍ ପାଟ୍ଟସାଣି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି। ଚଳିତ ମାସ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଅନ୍ତର୍ଜାତୀୟ ଉତ୍ସବରେ ବିଭିନ୍ନ ଦେଶର କଳା, ସଂସ୍କୃତି ଓ ଯୁବ ପ୍ରତିଭାର ଅପୂର୍ବ ସମାଗମ ହୋଇଛି। କାର୍ଯ୍ୟକ୍ରମରେ ଇଣ୍ଡୋନେସିଆ ସରକାରଙ୍କ ସାଂସ୍କୃତିକ ବିଭାଗର ନିର୍ଦ୍ଦେଶକ ଡ. ଇର୍. ଗେରି ଆର୍ଲିୟସ୍ ଡିଟିକେ. ସିପାଟୋ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମାଟାୟା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ହେରୁ ମାଟାୟାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ କଳାକାର ଏବଂ ଫାଇନ୍ ଆର୍ଟସ୍‌ର କଳାକାର ତଥା ଡ. ରୋଜାଲିନ୍ ପାଟ୍ଟଶାଣୀ ମିଶ୍ରଙ୍କ ସୁପୁତ୍ର ଶ୍ରୀ ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ।



ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଦକ୍ଷିଣ କୋରିଆ, ମଙ୍ଗୋଲିଆ, ପୋଲାଣ୍ଡ, ଜାପାନ, ଭିଏତନାମ, ଇଣ୍ଡୋନେସିଆ ଓ ଭାରତ ସମେତ ବିଭିନ୍ନ ଦେଶର ଶିଶୁ ଓ ଯୁବ କଳାକାରମାନେ ଅଂଶଗ୍ରହଣ କରିଛନ୍ତି। ଏଥିସହିତ ପ୍ରାୟ ୫୦ ଜଣ ପ୍ରତିଷ୍ଠିତ କଳାକାର ନିଜର କଳାକୃତି ପ୍ରଦର୍ଶନ କରିଥିଲେ। କଳା ଓ ସଂସ୍କୃତି ମାଧ୍ୟମରେ ବିଶ୍ୱବନ୍ଧୁତ୍ୱ, ସାଂସ୍କୃତିକ ଆଦାନପ୍ରଦାନ ଓ ନୂତନ ପିଢ଼ିର ସୃଜନଶୀଳତାକୁ ପ୍ରୋତ୍ସାହନ ଦେବାରେ ଏହି ଉତ୍ସବ ଏକ ସୁନ୍ଦର ମଞ୍ଚ ସୃଷ୍ଟି କରିଛି। ଉତ୍ସବର ସଫଳତା ପାଇଁ ଓଡି ଆର୍ଟ ସେଣ୍ଟର ଏବଂ କଲ୍ଚର ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅଫ୍ ଏସିଆନ୍ ଫୋକ୍ ଆଣ୍ଡ୍ ଟ୍ରାଡିସନ୍ (କ୍ରିଆଫ୍ଟ)ର ସହଯୋଗକୁ ପ୍ରଶଂସା କରାଯାଇଛି।

# ପୁସ୍ତକ 'କଳିଙ୍ଗ ଭାସ୍କର୍ଯ୍ୟ' ଉନ୍ମୋଚିତ




**ଭୁବନେଶ୍ୱର,୭ା୯/ଏନ୍‌ଏନ୍‌ଏସ୍:** କଳିଙ୍ଗନଗର (କେ-୮) ର ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ଗୁରୁଦିବସ ପାଳନ କମ୍ୟୁନିଟି ହଲ୍ ରେ ଶ୍ରୀ ବୃନ୍ଦାବନ ବସ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଗୋବର୍ଦ୍ଧନ ହାତୀଙ୍କ ଗୁରୁବନ୍ଦନା ମଧ୍ୟରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସମ୍ପାଦକ ଦାଶରଥୀ ସାହୁଙ୍କ ସ୍ୱାଗତ ଭାଷଣ ପରେ ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ଅଧ୍ୟକ୍ଷ ଦେବଦତ୍ତ ମହାନ୍ତିଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ସମ୍ମାନିତ କରାଯାଇଥିଲା। ବିଦ୍ୟୁତ୍‌ପ୍ରଭା ତ୍ରିପାଠୀ ମାନପତ୍ର ପାଠ କରିଥିଲେ। ମାଧମିକା ମହାପାତ୍ର ମୁଖ୍ୟଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି କିଟ୍ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ନିର୍ଦ୍ଦେଶକ ଇଂ ଶ୍ରୀ ମାୟାଧର ସ୍ୱାଇଁ 'ଆମର ଶିକ୍ଷା ବ୍ୟବସ୍ଥା: ଆହ୍ୱାନ ଓ ସୁଯୋଗ' ପ୍ରସଙ୍ଗରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ କିଶୋର କୁମାର ମିଶ୍ରଙ୍କ ରଚିତ ପୁସ୍ତକ 'କଳିଙ୍ଗ ଭାସ୍କର୍ଯ୍ୟ' ଉନ୍ମୋଚନ କରାଯାଇଥିଲା। ଗିରିଜା ପ୍ରସାଦ ମହାପାତ୍ର ଲେଖକଙ୍କର ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ମିଶ୍ର ପୁସ୍ତକର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଚନ୍ଦ୍ରକାନ୍ତ ଦାସ ମହାପ୍ରଭୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜୟଶଙ୍କର ନାୟକ, ଉମେଶ ଚନ୍ଦ୍ର ସାହୁ, ଆର୍ତ୍ତତ୍ରାଣ ବସ୍ତିଆ, ଗୋପୀନାଥ ରାଉତ, ନିରଞ୍ଜନ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ବିରଞ୍ଚି ନାରାୟଣ ଧଳ, ସୁରେଶ କୁମାର ନାୟକ, ଭକ୍ତରାମ ପଟ୍ଟନାୟକ, ପ୍ରହ୍ଲାଦ ପଣ୍ଡା, ପ୍ରମୋଦ କୁମାର ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା

# ପ୍ରଶିକ୍ଷଣ ନେବେ ଇତିହାସର ୧୨୦ ଜଣ ପିଜିଟି

**ଭୁବନେଶ୍ୱର,୭ା୯/ଏନ୍‌ଏନ୍‌ଏସ୍:** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି। ଶିରିପୁରସ୍ଥିତି ଇମେଜ୍ ଠାରେ ଇତିହାସର ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଉଦଘାଟନୀ ଅଧିବେଶନରେ ୟୁନିସେଫ୍ ର ଫିଲ୍ଡ ଅଫିସ୍ ଚିଫ୍ ପ୍ରଶାନ୍ତ କୁମାର ଦାସ, ୟୁନିସେଫ୍ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଉପନିର୍ଦ୍ଦେଶକ ସି.ଏଚ୍. ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୟୁନିସେଫ୍ ର ଫିଲ୍ଡ ଅଫିସ୍ ଚିଫ୍ ଶ୍ରୀ ଦାସ କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଉପଦେଶ ଦେଇଥିଲେ। ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ଅପରାଧଠାରୁ ଦୂରେଇ ରଖିବା ପାଇଁ ସେମାନଙ୍କୁ ଉଚିତ୍ ମାର୍ଗଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତ୍ତବ୍ୟ ବୋଲି ଶ୍ରୀ ଦାସ କହିଛନ୍ତି। ୟୁନିସେଫ୍ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ଉଦବୋଧନ ଦେଇ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ କର୍ମଶାଳାରୁ ଜ୍ଞାନ ଆହରଣ କରି ଛାତ୍ରଛାତ୍ରୀଙ୍କ ବିକାଶରେ ବ୍ୟବହାର କରିବାକୁ ଉପଦେଶ ଦେଇଛନ୍ତି। ସେ କହିଛନ୍ତି, ଦିଗଦର୍ଶନ କର୍ମଶାଳା ମାଧ୍ୟମରେ ଶିକ୍ଷକମାନେ ଯାହା ଶିଖିକି ଯାଇଥାନ୍ତି, ତାହା ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ କରିବାରେ ସହାୟକ ହୋଇଥାଏ। ପାଠ ପଢାଇବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ରୁଚିକୁ ପ୍ରାଧାନ୍ୟ ଦେବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମାଳି ସ୍ୱାଗତ ଅଭିଭାଷଣ ରଖି କର୍ମଶାଳାର ବିସ୍ତୃତି ବିବରଣୀ ପ୍ରଦାନ କରିଥିଲେ। ଉପନିର୍ଦ୍ଦେଶକ ଶ୍ରୀମତୀ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ଦିଗଦର୍ଶନ କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜନ କରାଯିବ। ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୭ ରୁ ସେପ୍ଟେମ୍ବର ୧୧ ତାରିଖ ଯାଏଁ ଅନୁଷ୍ଠିତ ହେଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ସେପ୍ଟେମ୍ବର ୨୧ ରୁ ସେପ୍ଟେମ୍ବର ୨୫ ତାରିଖ ଯାଏଁ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ଇତିହାସର ୧୨୦ ଜଣ ପିଜିଟି ଯୋଗ ଦେଇଛନ୍ତି। ଏହି କର୍ମଶାଳାରେ ଜାତୀୟ ଶିକ୍ଷା ନୀତି ୨୦୨୦ ର ବିଭିନ୍ନ ଦିଗ, ଲିଙ୍ଗଗତ ସମାନତା ଶିକ୍ଷା, ଆଇସିଟିର ବ୍ୟବହାର, ଓଡିଶା ଏଜୁକେସନ୍ ରୁଲ୍, ସାମ୍ସ ଓ ଶିକ୍ଷାଜ୍ୟୋତି ପୋର୍ଟାଲର ବ୍ୟବହାର, ପୋଶ୍ ଆକ୍ଟ, ଛାତ୍ରବୃତ୍ତି, ପ୍ରଶାସନିକ ଭୂମିକା, ପରୀକ୍ଷା ଏବଂ ମୂଲ୍ୟାଙ୍କନ ଯୋଜନା, କ୍ୟାରିଅର ମାର୍ଗଦର୍ଶନ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ।

# ଲର୍ଣ୍ଣିଂ ଏନ୍‌ହାନ୍ସମେଣ୍ଟ୍ ପ୍ରୋଗ୍ରାମ ବେସ୍‌ଲାଇନ୍ ମୂଲ୍ୟାଙ୍କନ ତାରିଖ ପରିବର୍ତ୍ତନ

**ଭୁବନେଶ୍ୱର,୭ା୯/ଏନ୍‌ଏନ୍‌ଏସ୍:** ପ୍ରବଳ ବର୍ଷା ଓ କିଛି ଜିଲ୍ଲାରେ ବନ୍ୟା ପରିସ୍ଥିତି ଯୋଗୁଁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଏଲଇପି (ଲର୍ଣ୍ଣିଂ ଏନ୍‌ହାନ୍ସମେଣ୍ଟ୍ ପୋଗ୍ରାମ) ଉତ୍କର୍ଷ ବେସ୍‌ଲାଇନ୍ ମୂଲ୍ୟାୟନର ତାରିଖ ବଦଳିଛି। ପୂର୍ବରୁ ଅଗଷ୍ଟ ୨୮ରୁ ୩୧ ମଧ୍ୟରେ ହେବାକୁ ଥିବା ଏହି ମୂଲ୍ୟାୟନ ଏବେ ସେପ୍ଟେମ୍ବର୯ ଓ ୧୦ ତାରିଖରେ କରାଯିବ। ସଂଶୋଧିତ ସୂଚୀ ଅନୁସାରେ, ସେପ୍ଟେମ୍ବର୯ରେ ଓଡ଼ିଆ ଓ ଗଣିତ ଏବଂ ସେପ୍ଟେମ୍ବର୧୦ରେ ଇଂରାଜୀ ଓ ବିଜ୍ଞାନ ବିଷୟରେ ବେସ୍‌ଲାଇନ୍ ମୂଲ୍ୟାୟନ ହେବ। ଓଡ଼ିଆ ଓ ଇଂରାଜୀ ମୂଲ୍ୟାୟନ ସକାଳ ୧୦ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ ଏବଂ ଗଣିତ ଓ ବିଜ୍ଞାନ ମୂଲ୍ୟାୟନ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ହେବ। ଏଲଇପି ଉତ୍କର୍ଷ କାର୍ଯ୍ୟକ୍ରମ ଆରମ୍ଭ ସମୟରେ ଛାତ୍ରଛାତ୍ରୀଙ୍କ ବର୍ତ୍ତମାନର ଶିକ୍ଷଣ ସ୍ତର ଜାଣିବା ଏହି ମୂଲ୍ୟାୟନର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଆ, ଇଂରାଜୀ, ଗଣିତ ଓ ବିଜ୍ଞାନ ଭଳି ଏହି ୪ଟି ବିଷୟରେ ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନ କରାଯିବ। ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ସ୍ତର ସମ୍ପର୍କରେ ଏକ ଆଧାରଭୂତ ଚିତ୍ର ମିଳିବ। ମୂଲ୍ୟାୟନ ଆରମ୍ଭ ପୂର୍ବରୁ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ପ୍ରଶ୍ନପତ୍ର/ମୂଲ୍ୟାୟନ ପତ୍ର ଉପଲବ୍ଧ ଅଛି କି ନାହିଁ ତାହା ଶିକ୍ଷକମାନେ ନିଶ୍ଚିତ କରିବେ। ମୂଲ୍ୟାୟନ ଆରମ୍ଭ ପୂର୍ବରୁ ବିଷୟ, ଅବଧି ଓ ସାଧାରଣ ନିର୍ଦ୍ଦେଶାବଳୀ ଛାତ୍ରଛାତ୍ରୀଙ୍କୁ ସ୍ପଷ୍ଟ ଭାବେ ଜଣାଇବାକୁ କୁହାଯାଇଛି। ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜେ ସ୍ୱାଧୀନ ଭାବରେ ମୂଲ୍ୟାୟନ ଦେବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ମୂଲ୍ୟାୟନ ଶେଷ କରିବା ପାଇଁ ସୁଯୋଗ ଦେବା ସହ ଶିକ୍ଷକ ଓ ପରୀକ୍ଷକମାନେ ଶାନ୍ତ, ସହାୟକ ଓ ବିପଦମୁକ୍ତ ପରିବେଶ ସୁନିଶ୍ଚିତ କରିବେ। ସମସ୍ତ ଉତ୍ତରପତ୍ରକୁ ସଠିକ୍ ଭାବେ ସଂରକ୍ଷଣ କରି ମୂଲ୍ୟାୟନ, ତଥ୍ୟ ପ୍ରବେଶ ଓ ରିପୋର୍ଟିଂ ପାଇଁ ସୁରକ୍ଷିତ ରଖିବାକୁ ମଧ୍ୟ କୁହାଯାଇଛି। ମୂଲ୍ୟାୟନ ସମୟରେ ଛାତ୍ରଛାତ୍ରୀଙ୍କୁ କୌଣସି ଉତ୍ତର, ସଙ୍କେତ କିମ୍ବା ଅତିରିକ୍ତ ବ୍ୟାଖ୍ୟା ଦେବାକୁ ବାରଣ କରାଯାଇଛି। କୌଣସି ପ୍ରଶ୍ନର ସମାଧାନ କରିଦେବା କିମ୍ବା ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଦିଷ୍ଟ ଉତ୍ତର ପାଇଁ ପ୍ରେରିତ କରିବା ଯିବ ନାହିଁ। ପ୍ରଶ୍ନପତ୍ରରେ ସ୍ପଷ୍ଟ ଭାବେ ଅନୁମତି ନଥିଲେ ପ୍ରଶ୍ନର ଅନୁବାଦ କିମ୍ବା ବ୍ୟାଖ୍ୟା ମଧ୍ୟ କରାଯିବ ନାହିଁ। ଛାତ୍ରଛାତ୍ରୀଙ୍କୁ ପରସ୍ପର ଉତ୍ତର ଆଲୋଚନା କରିବାକୁ ଦିଆଯିବ ନାହିଁ। ସେହିପରି ନିର୍ଦ୍ଧାରିତ ସମୟ ପୂର୍ବରୁ ମୂଲ୍ୟାୟନ ଶେଷ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଉପରେ ଚାପ ପକାଇବାକୁ ବାରଣ କରାଯାଇଛି। ମୂଲ୍ୟାୟନ ପତ୍ରରେ ଥିବା ପ୍ରଶ୍ନକୁ ପରିବର୍ତ୍ତନ, ବାଦ୍ କିମ୍ବା ନୂଆ ପ୍ରଶ୍ନ ଯୋଡ଼ିବା ମଧ୍ୟ ଅନୁମତି ନାହିଁ। ଆସନ୍ତା ୯ତାରିଖରେ ସକାଳ ୧୦.୩୦ରୁ ୧୨.୩୦ପର୍ଯ୍ୟନ୍ତ ଓଡ଼ିଆ, ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ଗଣିତ, ୧୦ତାରିଖରେ ସକାଳ ୧୦.୩୦ରୁ ୧୨.୩୦ପର୍ଯ୍ୟନ୍ତ ଇଂରାଜୀ, ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ବିଜ୍ଞାନ ବିଷୟ ରହିଛି।

# 'ବହୁଭାଷିକତା ଆମ ପରିଚୟକୁ ପରିବ୍ୟାପ୍ତ କରିଛି'

**ଭୁବନେଶ୍ୱର,୭ା୯/ଏନ୍‌ଏନ୍‌ଏସ୍:** ଭାରତ ବହୁଭାଷୀ ଦେଶ ଭାବେ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ, ଏହି ବହୁଭାଷିକତା ଆମ ପରିଚୟକୁ ପରିବ୍ୟାପ୍ତ କରିଛି ବୋଲି ପଦ୍ମଶ୍ରୀ ମହେନ୍ଦ୍ର କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି। ଆଜି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ବକ୍ତବ୍ୟ ପ୍ରଦାନ କରି ସେ କହିଲେ ଯେ ମୌଖିକ ସ୍ତରରେ ଥିବା କାହାଣୀ, ଗୀତର ଉପାଦାନକୁ ଶିକ୍ଷାଶାସ୍ତ୍ରରେ ଯୋଡ଼ି ଭାଷାଶିକ୍ଷାକୁ ଅଧିକ ଆକର୍ଷଣୀୟ କରିବାର ଆବଶ୍ୟକତା ଅଛି। ଓଡ଼ିଶାର ଉଦାହରଣ ଦେଇ ଅନେକ ଜନଜାତି କାହାଣୀ କିଭଳି ଆମ ଲୋକ ସଂସ୍କୃତିକୁ ସମୃଦ୍ଧ କରିଛି ସେ କଥା ପଦ୍ମଶ୍ରୀ ମିଶ୍ର ବୁଝାଇ କହିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଏଥିରେ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ ଭାଷା, ସାହିତ୍ୟ ଓ ସଂସ୍କୃତିର ଗତିଶୀଳତା ଉପରେ ଗୁରୁତ୍ୱାରୋପ କରି ସାରଳା ମହାଭାରତ ଆମ ଲୋକ ସଂସ୍କୃତି ଉପାଦାନର ଏକ ଗନ୍ତାଘର ବୋଲି କହିଥିଲେ। ପ୍ରଫେସର ରୀତାଞ୍ଜଳି ଦାଶ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ସହକାରୀ ପ୍ରଫେସର ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଲକ୍ଷ୍ମୀଧର ବେହେରା, ପ୍ରଫେସର ରମାକାନ୍ତ ମହାଲିକ, ଡ କଳିଙ୍ଗ କେତକୀ, ଡ ମାର୍କଣ୍ଡେୟ ଦୀକ୍ଷିତ, ଡ ସିଦ୍ଧାର୍ଥ ଦ୍ୱିବେଦୀ, ଡ ଅନ୍ୱେଶ ପାଣ୍ଡେ, ଡ ପୁଷ୍ପଲତା ନେଗୀଙ୍କ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ ଓ ଏହି ଅବସରରେ ଅଧ୍ୟକ୍ଷା ପ୍ରଫେସର ଗୋସ୍ୱାମୀ, ପଦ୍ମଶ୍ରୀ ମିଶ୍ରଙ୍କୁ ଉତ୍କଳ ଜନନୀର ସୁଯୋଗ୍ୟ ସନ୍ତାନ ପୁସ୍ତକ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।



## ଆଜିର ଇତିହାସ

- ୧୯୩୩–ପ୍ରସିଦ୍ଧ ପାର୍ଶ୍ୱଗାୟିକା ଆଶା ଭୋସ୍‌ଲେଙ୍କ ଆଜି ଜନ୍ମଦିନ।
- ୧୯୬୨–ଚୀନ୍, ଆମ ଦେଶର ପୂର୍ବ ସୀମାରେ ଅନୁପ୍ରବେଶ କରିଥିଲା।
- ୧୯୮୮–ବ୍ୟବସାୟୀ ବିଜୟପତ ସିଂଘାନିଆ ନିଜର ମାଇକ୍ରୋଲାଇଟ୍ ସିଙ୍ଗିଲ୍ ଇଞ୍ଜିନ ଏୟାରକ୍ରାଫ୍ଟ ଦ୍ୱାରା ଲଣ୍ଡନରୁ ଅହମଦାବାଦ ଠାରେ ପହଞ୍ଚିଥିଲେ।
- ୨୦୦୦–ପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମିଳିତ ଜାତିସଂଘର ଶିଖର ସମ୍ମିଳନୀରେ ହିନ୍ଦୀରେ ଭାଷଣ ଦେଇଥିଲେ।
- ୨୦୦୬–ମହାରାଷ୍ଟ୍ରର ନାସିକ ଜିଲ୍ଲାର ମାଲେଗାଓଁ ଠାରେ ବୋମା ବିସ୍ଫୋରଣ ହୋଇଥିଲା।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦


**ମେଷ** – ନୂଆ ଉର୍ଜାର ସଂଚାର ହେବ। କାର୍ଯ୍ୟକୁ ନେଇ ଅଧିକ ସକ୍ରିୟ ରହିବେ। ବରିଷ୍ଠ ଅଧିକାରୀଙ୍କ ସହଯୋଗ ପାଇବେ। ଅଟକିଥିବା କାମକୁ ଗତି ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ଭବିଷ୍ୟତ ଲାଭକାରୀ ସିଦ୍ଧ ହେବ।

**ବୃଷ** – କାମ ଓ ଦାୟିତ୍ୱ ପ୍ରତି ସଚେତନ ରହିବେ। ପରିଶ୍ରମର ଉଚିତ ମୂଲ୍ୟ ପାଇବେ। ସହକର୍ମୀଙ୍କ ସହଯୋଗ ପାଇବେ। ଆର୍ଥିକ ସ୍ଥିତି ବଜାୟ ରହିବ। ପରିବାରରେ ତାଳମେଳ ରହିବ।

**ମିଥୁନ** – ବୁଦ୍ଧିମତ୍ତା ଓ ସଂଚାର କୌଶଳ ଦ୍ୱାରା କିଛି କାମ ସରଳ ହେବ। ନୂଆ ପରିଯୋଜନା ଉପରେ ଚର୍ଚ୍ଚା ହେବ। ବ୍ୟାପାରରୁ ଲାଭ ପାଇବେ। ଆର୍ଥିକ ସ୍ଥିତି ମଜଭୁତ ରହିବ। ପରିବାର ସହିତ ଆନନ୍ଦିତ ରହିବେ।

**କର୍କଟ** – ଭାବନାଗୁଡ଼ିକୁ ନିୟନ୍ତ୍ରିତ କରିବେ। କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱ ବଢ଼ିବ। ଆର୍ଥିକ ସ୍ଥିତି ସ୍ଥିର ରହିବ। ନିବେଶ ଭାବିଚିନ୍ତି କରନ୍ତୁ। ପ୍ରିୟଜନଙ୍କ ଠାରୁ ଶୁଭ ବାର୍ତ୍ତା ପାଇବେ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**ସିଂହ** – ଆତ୍ମବିଶ୍ୱାସ ଉଚ୍ଚ ସ୍ତରରେ ରହିବ। ନେତୃତ୍ୱ କ୍ଷମତା ପ୍ରକଟ ହେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ଦିନଚର୍ଯ୍ୟା ସନ୍ତୁଳିତ ରହିବ। ନୂଆ ଆହ୍ୱାନର ସମ୍ମୁଖୀନ ହେବେ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**କନ୍ୟା** – ଯୋଜନାବଦ୍ଧ ଭାବରେ କାର୍ଯ୍ୟଗୁଡ଼ିକୁ ପୂରା କରିବେ। ଆର୍ଥିକ ସ୍ଥିତି ସାମାନ୍ୟ ରହିବ। ଖର୍ଚ୍ଚରେ ସଂଯମ ଆବଶ୍ୟକ। ଧୈର୍ଯ୍ୟ ଓ ଅନୁଶାସନ ଦ୍ୱାରା କରାଯାଇଥିବା ନିର୍ଣ୍ଣୟ ଲାଭ ଦେବ।

**ତୁଳା** – ସନ୍ତୁଳନ ବଜାୟ ରଖିବେ। କାର୍ଯ୍ୟକ୍ଷେତ୍ରରେ ନୂଆ ଅବସର ପ୍ରାପ୍ତ କରିବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ମିତ୍ରଙ୍କ ସହିତ ସମ୍ବନ୍ଧ ମଧୁର ରହିବ। ବିଦ୍ୟାର୍ଥୀଙ୍କ ପାଇଁ ଦିନଟି ଅନୁକୂଳ।

**ବିଛା** – ଧୈର୍ଯ୍ୟ ଓ ସଂଯମ ରଖିବେ। ପରିଶ୍ରମ ଫଳଦାୟକ ପ୍ରମାଣିତ ହେବ। ପାରିବାରିକ ବାତାବରଣରେ ସହଯୋଗ ରହିବ। ନିୟମିତ ବ୍ୟାୟାମ ଓ ସନ୍ତୁଳିତ ଭୋଜନ କରିବେ। ଆତ୍ମବିଶ୍ୱାସ ବଜାୟ ରହିବ।

**ଧନୁ** – କାର୍ଯ୍ୟକ୍ଷେତ୍ରରେ ନୂଆ ସମ୍ଭାବନା ପାଇବେ। ପ୍ରୟାସ ପ୍ରଶଂସନୀୟ ରହିବ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ନୂଆ ଅବସରର ଲାଭ ଉଠେଇବେ। କାର୍ଯ୍ୟରେ ଅନୁଶାସନ ବଜାୟ ରହିବ।

**ମକର** – ପରିଶ୍ରମର ଉଚିତ ଫଳ ପାଇବେ। ଉନ୍ନତିର ସଂକେତ ରହିଛି। ଆର୍ଥିକ ସ୍ଥିତି ମଜଭୁତ ରହିବ। ପରିବାରର ସହଯୋଗ ପାଇବେ। ପାରିବାରିକ ଜୀବନ ସୁଖଦାୟକ ରହିବ।

**କୁମ୍ଭ** – ନୂଆ ବିଚାରର ଆଗମନ ସମ୍ଭବ। ନିଜ ପ୍ରୟାସରୁ ସଫଳତା ପାଇବେ। ଆର୍ଥିକ ସ୍ଥିତି ସନ୍ତୋଷଜନକ। ପରିବାରର ସହଯୋଗ ମିଳିବ। ଘରର ବାତାବରଣ ସୁଖଦ ରହିବ। ବ୍ୟାୟାମ କରିବା ଅନିବାର୍ଯ୍ୟ ଅଟେ।

**ମୀନ** – ମନ ଶାନ୍ତ ରହିବ। ସନ୍ତୁଳିତ ନିର୍ଣ୍ଣୟ ନେବାରେ ସକ୍ଷମ ହେବେ। ପ୍ରୟାସ ପ୍ରଶଂସନୀୟ ରହିବ। ମିତ୍ରଙ୍କ ସହିତ ସମୟ ବିତେଇବେ। ମନ ପ୍ରସନ୍ନ ରହିବ। ସକାରାତ୍ମକ ଦୃଷ୍ଟିକୋଣ ରଖିବା ଜରୁରୀ।

## କଠୋପନିଷଦ




**ପ୍ରଥମ ଅଧ୍ୟାୟ      ପ୍ରଥମ ବଲ୍ଲୀ**

ସ ହୋବାଚ ପିତରଂ ତତ କସ୍ମୈ ମାଂ ଦାସ୍ୟସୀତି।
ଦ୍ୱିତୀୟଂ ତୃତୀୟଂ ତଂ ହୋବାଚ ମୃତ୍ୟବେ ତ୍ୱା ଦଦାମୀତି। (୧/୧/୪)

ସେ ପିତାଙ୍କୁ କହିଲେ-'ବାପା, ମୋତେ କାହାକୁ ଅର୍ପଣ କରିବେ ?' କୌଣସି ଉତ୍ତର ନ ପାଇ ସେ ପିତାଙ୍କୁ ଦ୍ୱିତୀୟ ଥର ଏବଂ ତୃତୀୟ ଥର ମଧ୍ୟ ଏହି ପ୍ରଶ୍ନ କଲେ। ସେତେବେଳେ ପିତା (କ୍ରୋଧପୂର୍ବକ) କହିଲେ- 'ତୁମକୁ ଯମଙ୍କୁ ଅର୍ପଣ କରୁଛି।'


## ଗୁମ୍ଫା ମହଲ




୧୯୦୫ରେ ବାଲ୍ଡାସାରେ ଫରେଷ୍ଟିଅର୍ ନାମକ ଜଣେ ଇଟାଲିଆନ୍ ଅପ୍ରବାସୀ ସିସିଲୀର ଭୂମଧ୍ୟସାଗରୀୟ ଦ୍ୱୀପରୁ ଖଟା ଫଳ ଚାଷ କରିବା ପାଇଁ ଯୋଜନା ପ୍ରସ୍ତୁତ କରି କାଲିଫର୍ଣ୍ଣିଆର ସିଟି ଫ୍ରେସ୍ନୋକୁ ଆସିଥିଲେ। ଏଥିପାଇଁ ସେ କିଣିଥିଲେ ୭୦ ଏକର ଜମି। ସାନ୍ ଜୋକିନ୍ ଘାଟିର ଉର୍ବର ମାଟି ତାଙ୍କ ଚାଷ ପାଇଁ ଉତ୍କୃଷ୍ଟ ପ୍ରମାଣିତ ହେବ ବୋଲି ଆଶା ରଖିଥିବା ଏହି ବ୍ୟକ୍ତି ଜଣକ ତାଙ୍କ ଦ୍ୱାରା ଏକ ଭୟଙ୍କର ଭୁଲ୍ ହୋଇଥିବାର ବହୁତ ଶୀଘ୍ର ଅନୁଭବ କଲେ। କାରଣ ସେ ଜମି ଅନୁର୍ବର ଥିଲା କିନ୍ତୁ ବାଲ୍ଡାସାରେ ପରାଜୟ ସ୍ୱୀକାର ନକରି ଜମିଠାରୁ ୨୦ ଫୁଟ୍ ତଳ ପର୍ଯ୍ୟନ୍ତ ଖୋଳିଥିଲେ। ଏହା ସତ୍ତ୍ୱେ ବି ଉର୍ବର ମାଟି ତାଙ୍କୁ ମିଳି ନଥିଲା। ଭୀଷଣ ଗରମ ପାଇଁ ବାଲ୍ଡାସୋରେ ରୋଗଗ୍ରସ୍ତ ହେବା ପରେ ନିଜକୁ ରକ୍ଷା କରିବା ପାଇଁ ଏକ ଅଣ୍ଡରଗ୍ରାଉଣ୍ଡ ଘର ତିଆରି କରିବା ପାଇଁ ସେ ଚାହିଁଲେ। ଜମି ତଳେ ରହିବାର ଲାଭ ବିଷୟରେ ସେ ଯେତେବେଳେ ଜାଣିଲେ ଖଟା ଫଳର ଉତ୍ପାଦନ କରିବା ପାଇଁ ସେ ଲଗାତର ୪୦ ବର୍ଷ ପର୍ଯ୍ୟନ୍ତ ଖନନ କାର୍ଯ୍ୟ ଜାରି ରଖିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କର ଏପରି କାର୍ଯ୍ୟକୁ ଦେଖି ଚକିତ ହେବା ସ୍ୱାଭାବିକ ଥିଲା ଓ କିଛି ଲୋକ ଜଣେ ମହିଳାଙ୍କୁ ସେ ଏକତରଫା ପ୍ରେମ କରୁଥିବାରୁ ଏହିପରି କାର୍ଯ୍ୟ କରୁଛନ୍ତି ବୋଲି ଗୁଜବ ଉଠାଇଥିଲେ। ଇଟାଲିଆନ୍ ଅଣ୍ଡରଗ୍ରାଉଣ୍ଡ ଫାର୍ମିଂର ପ୍ରୟୋଗ କରିବା ପାଇଁ ସେ ସେଠାରେ ୧୦ ଏକରରେ ରୁମ୍, ସୁଡ଼ଙ୍ଗ ଓ ଅଗଣା ତିଆରି କରିଥିଲେ ଯେଉଁଥିରେ ତାଙ୍କର ଘର ମଧ୍ୟ ସାମିଲ ଥିଲା। ତାଙ୍କ ଘର ଭିତରେ ଷ୍ଟୋଭ୍ ସହିତ କିଚେନ୍, ଗୋଟିଏ ଆଇସ୍ ବକ୍ସ ଓ ଗୋଟିଏ ଡାଇନିଂ ରୁମ୍ ଥିଲା। ଏଥିରେ ଶୀତ ଓ ଗରମ ଦିନେ ରହିବା ପାଇଁ ବେଡ୍‌ରୁମ୍, ଝରକା, ଏକ ଅଣ୍ଡରଗ୍ରାଉଣ୍ଡ ମାଛ ପୋଖରୀ ଓ ଅତିଥିମାନଙ୍କ ପାଇଁ ଏକ କାର୍ ଗ୍ୟାରେଜ ମଧ୍ୟ ଅଛି। କଂକ୍ରିଟ୍ ଓ ନିଜେ ଇଟା ତିଆରି କରି ଏହି ସବୁର ନିର୍ମାଣ ସେ ବାଲ୍ଡାସାରେ କରିଛନ୍ତି।

## ପ୍ରଥମ ଭୂସ୍ଖଳନ

୧୮ ସେପ୍ଟେମ୍ବର, ୧୮୮୦ ମସିହାର କଥା। ବିପଦଜନକ ବର୍ଷା ପରେ ନୈନିତାଲ୍‌ରେ ଭୟଙ୍କର ଭୂସ୍ଖଳନ ହୋଇଥିଲା। ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ ୧୫୧ ଜଣ ଲୋକ। ସେହି ବର୍ଷ ୧୬-୧୮ ସେପ୍ଟେମ୍ବର ଭିତରେ ୪୦ ଘଣ୍ଟାରେ ପାଖାପାଖି ୮୩୮ ମିଲିମିଟରର ବର୍ଷା ହୋଇଥିଲା। ମା' ନୟନା ଦେବୀ ମନ୍ଦିର ମଧ୍ୟ ଏହି ବିପତ୍ତିରୁ ରକ୍ଷା ପାଇପାରିଲା ନାହିଁ। ସେ ସମୟରେ ଇଂରେଜମାନେ ନୈନିତାଲରେ ଆରମ୍ଭ କରିଥିଲେ ଭୂସ୍ଖଳନ ବିପର୍ଯ୍ୟୟ ପ୍ରବନ୍ଧନର କାର୍ଯ୍ୟ। ଏହା ପୂର୍ବରୁ ୧୮୬୭ରେ ନୈନିତାଲ୍‌ରେ ଭୂସ୍ଖଳନ ହୋଇଥିଲା। ସେତେବେଳେ ବର୍ଷା ହେଉ ନଥିଲା କିନ୍ତୁ ଏକ ବଡ଼ ପଥର ଚାର୍ଟନ୍ ଲଜ୍ କ୍ଷେତ୍ରରେ ପଡ଼ିଥିଲା। ଏଥିପାଇଁ ଧନଜୀବନ ହାନି ହୋଇନଥିଲା। କିନ୍ତୁ ଏହାପରେ ଇଂରେଜମାନେ ହିଲ୍‌ସାଇଡ୍ ସେଫ୍ଟି କମିଟି ତିଆରି କରିଥିଲେ। ଏହାର ୧୩ ବର୍ଷ ପରେ ପୁଣି ଯେତେବେଳେ ୧୮୮୦ରେ ଭୂସ୍ଖଳନ ହେଲା ପରେ କ୍ଷତିର ଆକଳନ କରି ଏହି କମିଟିର ସୁପାରିସ୍‌କୁ ଲାଗୁ କରାଗଲା। ଏହାପରେ ଇଂରେଜମାନେ ଅନେକ ବିପର୍ଯ୍ୟୟ ପ୍ରବନ୍ଧନ ବିଶେଷଜ୍ଞଙ୍କ ରାୟ ନେଇ ଅନେକ ଶକ୍ତ କାନୁନ ତିଆରି କଲେ, ଅନେକ ବ୍ୟବସ୍ଥା ମଧ୍ୟ କରିଥିଲେ। ୧୮୫୬-୮୪ ମଧ୍ୟରେ କମିଶନର ଥିବା ସାର୍ ହେନେରୀ ରାମ୍‌ସେ ନୈନିତାଲ୍‌ର ଚାରିପାଖରେ ଥିବା ପାହାଡ଼ଗୁଡ଼ିକରୁ ପାଣିର ନିଷ୍କାସନ ପାଇଁ ୭୯ କି.ମିର ଲମ୍ବା ୬୦ଟି ନାଳର ନିର୍ମାଣ କରାଇଥିଲେ ଯେଉଁଗୁଡ଼ିକ ଉପରେ କୌଣସି ପ୍ରକାରର ଅତିକ୍ରମଣର ଅନୁମତି ନଥିଲା। ଏ ସମୟରେ ଅନେକ ରାଜ୍ୟରେ ବନ୍ୟା ଆସିବା ବେଳେ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେଉଛି କିମ୍ବା ଫ୍ଲାଶ୍ ଫ୍ଲଡ୍ ଆସୁଛି। ଏପରି ସମୟରେ ଲୋକମାନଙ୍କ ସାହାଯ୍ୟ ପାଇଁ ଆସେ ବିପର୍ଯ୍ୟୟ ପ୍ରବନ୍ଧନ ଅର୍ଥାତ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ଟିମ୍।



## ଅନ୍ତର୍ଜାତୀୟ ସାକ୍ଷରତା ଦିବସ




ଆଜି ଦ୍ରୁତ ଗତିରେ ଦୌଡୁଥିବା ଦୁନିଆରେ ପାଠପଢ଼ା କେବଳ ଚାକିରି ପାଇବାର ଏକ ଜରିଆ ହୋଇ ରହିନାହିଁ, ଏକ ଉତ୍କୃଷ୍ଟ ଓ ସମ୍ମାନଜନକ ଜୀବନ ବଞ୍ଚିବାର ବୁନିଆଦିର ଆବଶ୍ୟକତା ହୋଇସାରିଲାଣି। ଏହି ଆବଶ୍ୟକତାକୁ ପୂରା କରିବା ପାଇଁ ପ୍ରତି ବର୍ଷ ଆଜିର ଦିନରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଏ। ଏହି ଦିନଟି ସମାଜର ପ୍ରତି ବର୍ଗ ପର୍ଯ୍ୟନ୍ତ ଶିକ୍ଷା କ୍ଷେତ୍ରଟିକୁ ପହଞ୍ଚାଇବା, ନିରକ୍ଷରତାକୁ ଶେଷ କରିବାର ଏକ ମୁଖ୍ୟ ଅବସର ଦେଇଥାଏ। ଅନ୍ତର୍ଜାତୀୟ ସ୍ତରରେ ସାକ୍ଷରତା ଦିବସ ପାଳନ କରିବାର ମୂଳଦୁଆ ପଡ଼ିଥିଲା ୧୯୬୫ରେ ଇରାନର ରାଜଧାନୀ ତେହେରାନ ଠାରେ। ପୂରା ଦୁନିଆର ଦେଶଗୁଡ଼ିକର ଶିକ୍ଷା ମନ୍ତ୍ରୀଙ୍କର ଏକ ବଡ଼ ବୈଶ୍ୱିକ ସମ୍ମିଳନୀ ହୋଇଥିଲା ଯେଉଁଥିରେ ନିରକ୍ଷରତାକୁ ଶେଷ କରିବା ଉପରେ ସେମାନେ ଚର୍ଚ୍ଚା କରିଥିଲେ। ଏହାପରେ ୟୁନେସ୍କୋ ୨୬ ଅକ୍ଟୋବର, ୧୯୬୬ରେ ଆଧିକାରିକ ଭାବରେ ନିଷ୍ପତ୍ତି ନେଇଥିଲା। ପ୍ରଥମ ଥର ୮ ସେପ୍ଟେମ୍ବର, ୧୯୬୭ରେ ଏହି ଦିବସ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଇଥିଲା ଓ ସେବେଠାରୁ ଲଗାତର ଏହି ଦିବସ ପାଳନ ହେଉଛି। ସାକ୍ଷରତାର ପ୍ରତିଶତ ଦ୍ରୁତ ଗତିରେ ବୃଦ୍ଧିପାଉ ସେଥିପାଇଁ ଦେଶରେ ନୁହେଁ ପୂରା ଦୁନିଆରେ ପ୍ରୟାସ ଜାରି ରହିବା ଆବଶ୍ୟକ। ଏହି ଦିନ ଲୋକମାନଙ୍କୁ ଶିକ୍ଷାର ମହତ୍ତ୍ୱ ସହିତ ସଚେତନ କରେଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଏ।

**ମୁଖ୍ୟ ଲକ୍ଷ୍ୟ**–ପ୍ରତି ମଣିଷକୁ ଅକ୍ଷର ଜ୍ଞାନ ଓ ବୁନିଆଦୀ ଶିକ୍ଷାର ଅଧିକାର ଦେବା ଉଚିତ କାରଣ ନିରକ୍ଷରତା ସିଧା ଭାବରେ ଗରିବୀକୁ ତ୍ୱରାନ୍ୱିତ କରିଥାଏ। ଯେବେ ବି ଲୋକମାନେ ସାକ୍ଷର ହୁଅନ୍ତି ସେମାନଙ୍କୁ ରୋଜଗାର ଓ ଖୁବ୍ ବଢ଼ିଆ ଆୟର ନୂଆ ରାସ୍ତା ମିଳିଥାଏ। ସମାଜରେ ଆଜି ବି ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ ସାକ୍ଷରତା ଦରରେ ପାର୍ଥକ୍ୟ ଦେଖାଯାଉଛି। ଏହି ଦିବସ ବାଳିକା ଓ ମହିଳାମାନଙ୍କୁ ସ୍କୁଲ ପଠେଇବାର ଲକ୍ଷ୍ୟକୁ ତାଜା କରାଏ। ଆଜିର ସମୟରେ କେବଳ କପି-ପୁସ୍ତକ ପଢ଼ିବା ଯଥେଷ୍ଟ ହେଉନାହିଁ। ମୋବାଇଲ୍, ଇଣ୍ଟରନେଟ୍ ଓ ଅନ୍‌ଲାଇନ ଅର୍ଥାତ ଡିଜିଟାଲ୍ ସାକ୍ଷରତା ବି ଏହାର ମୁଖ୍ୟ ଅଂଶବିଶେଷ ହୋଇସାରିଲାଣି।


## ଇସ୍ରୋର ସଫଳତା




ରାଜନୈତିକ ପରିବର୍ତ୍ତନ ସତ୍ତ୍ୱେ ଅନ୍ତରୀକ୍ଷ କାର୍ଯ୍ୟକ୍ରମଗୁଡ଼ିକରେ ତିଆରି ନୀତିଗତ ନିରନ୍ତରତା ଇସ୍ରୋକୁ ଦୁନିଆର ବିଶ୍ୱସନୀୟ ଏଜେନ୍ସି ଭାବରେ ନିଜକୁ ସ୍ଥାପିତ କରିପାରବାରେ ସହାୟକ ହୋଇଛି। କିନ୍ତୁ ସଫଳତାର ଉତ୍ସବ ଭବିଷ୍ୟତର ଆହ୍ୱାନଗୁଡ଼ିକୁ ଘୋଡ଼େଇ ପାରିନାହିଁ। ବୈଶ୍ୱିକ ଅନ୍ତରୀକ୍ଷ ପ୍ରତିସ୍ପର୍ଦ୍ଧା ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଛି। ଏଥିରେ କେବଳ ପୁରୁଣା ଉପଲବ୍ଧିଗୁଡ଼ିକର ଭରସାରେ ଆଗକୁ ବଢ଼ିବା ସମ୍ଭବପର ନୁହେଁ। ଅନ୍ତରୀକ୍ଷରେ ହାସଲ କରାଯାଇଥିବା କୌଣସି ସଫଳତା ବିଜ୍ଞାନର ଉପଲବ୍ଧି ହେବା ସହିତ ଏକ ରାଷ୍ଟ୍ରର ଦୂରଦୃଷ୍ଟି, ସଂସ୍ଥାଗତ କ୍ଷମତା ଓ ଭବିଷ୍ୟତକୁ ନେଇ ତାଙ୍କର ଆତ୍ମବିଶ୍ୱାସକୁ ବି ପରିଲକ୍ଷିତ କରିଥାଏ। ଇସ୍ରୋ ଦ୍ୱାରା ଇଓଏସ୍-୫ର ସଫଳ ପ୍ରକ୍ଷେପଣ ଏହି ଦୃଷ୍ଟିରୁ ବହୁତ ଖାସ୍। ଏହା ସହିତ ଭାରତ ପ୍ରମାଣିତ କରିଛି ଯେ ଅନ୍ତରୀକ୍ଷ ବିଜ୍ଞାନରେ କେବଳ ନିଜର ଉପସ୍ଥିତି ସାମିଲ କରିଥିବା ଦେଶ ନୁହେଁ ନୂଆ କ୍ଷମତାଗୁଡ଼ିକ ସହିତ ଆଗକୁ ବଢୁଥିବା ଏକ ଶକ୍ତି ହୋଇଚାଲିଛି। ଏହି ଉପଲବ୍ଧି ମାତ୍ର ଏକ ଉପଗ୍ରହକୁ ଅନ୍ତରୀକ୍ଷରେ ପହଞ୍ଚିବା ପର୍ଯ୍ୟନ୍ତ ସୀମିତ କରି ରଖିନାହିଁ। ପାଣିପାଗ ପୂର୍ବାନୁମାନ, ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକର ଚେତାବନୀ, କୃଷି ନିୟୋଜନ, ପର୍ଯ୍ୟାବରଣ ସଂରକ୍ଷଣ, ସମୁଦ୍ରୀ ଗତିବିଧି ଓ ଜାତୀୟ ସୁରକ୍ଷା ପର୍ଯ୍ୟନ୍ତ ମାମଲାଗୁଡ଼ିକରେ ବ୍ୟାପକ ସ୍ତରରେ ଏହା ଉପଯୋଗୀ ସାବ୍ୟସ୍ତ ହେବ। ଅନ୍ତରୀକ୍ଷ ବିଜ୍ଞାନର ସମ୍ବନ୍ଧ ଏବେ ନାଗରିକ ଜୀବନ, ଆର୍ଥିକ ବିକାଶ ଓ ରାଷ୍ଟ୍ରୀୟ ସୁରକ୍ଷା ସହିତ ଜଡ଼ିତ ହୋଇସାରିଛି। ସେଥିପାଇଁ ଇଓଏସ୍-୫ର ସଫଳତାକୁ ଭାରତର ଟେକ୍‌ନିକି ଆତ୍ମନିର୍ଭରତାର ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯିବା ଉଚିତ।

## ଚିକିତ୍ସା କ୍ଷେତ୍ରରେ ଫିଜିଓଥେରାପିର ଭୂମିକା

ଫିଜିଓଥେରାପି ବା ଭୌତିକ ଚିକିତ୍ସା ସ୍ୱାସ୍ଥ୍ୟ ବିଜ୍ଞାନର ପ୍ରମୁଖ ଶାଖାଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏହା ରୋଗୀମାନଙ୍କୁ ତାଙ୍କର ଶାରୀରିକ ଗତିଶୀଳତା, ଶକ୍ତି ଓ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବଜାୟ ରଖିବା ଓ ବୃଦ୍ଧି କରେଇବାରେ ସାହାଯ୍ୟ କରିବା ପାଇଁ କିନେସିଓଲୋଜି, ମାନୁଆଲ୍ ଥେରାପି, ବ୍ୟାୟାମ ଚିକିତ୍ସା ଓ ଇଲେକ୍ଟ୍ରୋଥେରାପିର ଉପଯୋଗ କରିଥାଏ। ବର୍ତ୍ତମାନର ପରିବର୍ତ୍ତନୀୟ ଜୀବନଶୈଳୀ ମଧ୍ୟରେ ଫିଜିଓଥେରାପିର ଯୋଗଦାନ ବୃଦ୍ଧି ପାଇ ଚାଲିଛି। ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଦ୍ୱାରା ଯୁବପିଢ଼ିଙ୍କୁ ମଧ୍ୟ ଏହାର ଆବଶ୍ୟକ ହେଉଛି। ପୁରୁଣା ଯନ୍ତ୍ରଣାରୁ ରକ୍ଷା ଦେବା ପାଇଁ ଫିଜିଓଥେରାପି ଏକ ଉପଯୁକ୍ତ ଚିକିତ୍ସା ପଦ୍ଧତି। ସେଥିପାଇଁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ସ୍ତରରେ ଏଥିପାଇଁ ଏକ ଦିବସ (ଭୌତିକ ଚିକିତ୍ସା)ର ପାଳନ କରାଯାଏ। ଏହି ଦିବସର ପ୍ରାରମ୍ଭ ହୋଇଥିଲା ୧୯୫୧ରେ। ବିଶ୍ୱ ଭୌତିକ ଚିକିତ୍ସା ପରିସଂଘ ଦ୍ୱାରା ବିଶ୍ୱ ଭୌତିକ ପରିଷଦ ଏହି ଦିବସକୁ ପାଳନ କରିବା ପାଇଁ ଔପଚାରିକ ଭାବରେ ୮ ସେପ୍ଟେମ୍ବର, ୧୯୯୬ରେ ଘୋଷଣା କରିଥିଲା। ଅନେକଗୁଡ଼ିଏ ଅସହନୀୟ ପୀଡ଼ା ଓ ସ୍ଥିତିଗୁଡ଼ିକରେ ଫିଜିଓଥେରାପିକୁ ଅଧିକ ପରିମାଣରେ ପ୍ରୟୋଗ କରାଯିବା ଏହି ଦିବସର ଉଦ୍ଦେଶ୍ୟ। ଯେବେ ଆମ ଶରୀରର ଆଭ୍ୟନ୍ତରୀଣ ଭାଗ ଦବିଯାଏ ବା ଗତିଶୀଳ ହୋଇପାରେ ନାହିଁ ସେ ସମୟରେ ବିଶେଷ କରି ଏହି ଥେରାପି ଦିଆଯାଏ। ଫିଜିଓଥେରାପି ଦ୍ୱାରା ଶରୀରର ଯନ୍ତ୍ରଣାକୁ କମ୍ କରିହୁଏ, ହାଡ଼ଗୁଡ଼ିକରେ ହେଉଥିବା ବ୍ୟଥାକୁ କମ୍ କରିହୁଏ, କାମ କରିବାରେ ଅସମର୍ଥ ଅଙ୍ଗର ଗତିଶୀଳତାକୁ ବୃଦ୍ଧି କରିହୁଏ, ସର୍ଜରୀ, ଆଘାତ ଲାଗିବା, ଫ୍ରାକ୍‌ଚର୍ ହେବା ପରି ଅନେକଗୁଡ଼ିଏ ସମସ୍ୟାରୁ ମୁକ୍ତି ମିଳେ। ଏହା ବ୍ୟତୀତ ସାଇଟିକା, ଅଣ୍ଟାବ୍ୟଥା, ପାରାଲିସିସ୍, ମାଂସପେଶୀଗୁଡ଼ିକ ଟାଇଟ୍ ହେବା, ଆସ୍ଥମା, ଫାଇବ୍ରୋମୟାଲ୍‌ଗିଆ, ସନ୍ତୁଳନ, ଅଣ୍ଟାରେ ଜ୍ୱଳନ ହେଲେ ମଧ୍ୟ ଫିଜିଓଥେରାପି ଦ୍ୱାରା ଏହି ସମସ୍ୟାଗୁଡ଼ିକୁ କମ୍ କରିହୁଏ।



## କେବେ ରିଲିଜ ହେବ 'ପଞ୍ଚାୟତ-୫' !




ଦେଶର ସବୁଠାରୁ ପ୍ରସିଦ୍ଧ ୱେବ୍ ସିରିଜ ମଧ୍ୟରୁ ଅନ୍ୟତମ 'ପଞ୍ଚାୟତ' ପ୍ରତି ଲୋକଙ୍କ ହୃଦୟକୁ ସ୍ପର୍ଶ କରିବାରେ ସଫଳ ହୋଇଛି। ଜିତେନ୍ଦ୍ର କୁମାରଙ୍କ ମୁଖ୍ୟ ଭୂମିକା ଥିବା ଏହି ସିରିଜର ଏ ପର୍ଯ୍ୟନ୍ତ ଚାରିଟି ସିଜିନ ପ୍ରସାରିତ ହୋଇସାରିଛି। ଦୀର୍ଘ ସମୟ ଧରି ଦର୍ଶକମାନେ ନୂଆ ଅର୍ଥାତ ପଞ୍ଚମ ସିଜିନ ଅପେକ୍ଷାରେ ଅଛନ୍ତି। ଏହା ମଧ୍ୟରେ ଆଗାମୀ ସିଜିନକୁ ନେଇ ନିର୍ଦ୍ଦେଶକ ଦୀପକ କୁମାର ମିଶ୍ର ଏକ ବଡ଼ ଅପଡେଟ୍ ଦେଇଛନ୍ତି। ତାଙ୍କ ଅନୁସାରେ ବର୍ତ୍ତମାନ 'ସିଜିନ-୫' ଉପରେ କାମ ଚାଲିଛି ଓ ଏହା ସହିତ ଏଡିଟିଂ କାମ ଜାରି ରହିଛି। ତେବେ ରିଲିଜର ସଠିକ୍ ତାରିଖ ବିଷୟରେ ଏ ପର୍ଯ୍ୟନ୍ତ ସ୍ଥିର କରାଯାଇ ନାହିଁ। ଅକ୍ଟୋବର କିମ୍ବା ନଭେମ୍ବର ମାସର ଆଖପାଖରେ ଏହା ରିଲିଜ ହୋଇପାରେ। ନୂଆ ସିଜିନର କାହାଣୀ ଅନୁସାରେ ନିର୍ବାଚନ ଶେଷ ହୋଇ ସାରିଛି ଓ ପ୍ରଧାନଜୀଙ୍କୁ ମିଳିଛି ପରାଜୟ। ସମସ୍ତଙ୍କ ଜୀବନ ଆଗକୁ ବଢ଼ିସାରିଛି। ଏ ସମୟରେ ଚରିତ୍ରଗୁଡ଼ିକର ଜୀବନରେ କେଉଁ ପ୍ରକାରର ପରିବର୍ତ୍ତନ ଆସିବ, ନିର୍ବାଚନରେ ପରାଜୟ ସ୍ୱୀକାର କରିବା ପରେ ପ୍ରଧାନ କ'ଣ କରିବେ ଓ ଗ୍ରାମରେ କେଉଁଭଳି ଭାବରେ ଭ୍ରମଣ କରୁଛନ୍ତି ତାହା ଦେଖିବାର ବିଷୟ। 'ପଞ୍ଚାୟତ'ର କାହାଣୀ ଫୁଲେରା ନାମକ ଏକ କାଳ୍ପନିକ ଗ୍ରାମରୁ ଆରମ୍ଭ ହୋଇଛି। ଏଥିରେ ଜିତେନ୍ଦ୍ର କୁମାର, ଅଭିଷେକ ତ୍ରିପାଠୀ ନାମକ ଚରିତ୍ରରେ ଅଭିନୟ କରୁଛନ୍ତି। ସେ ଜଣେ ଶିକ୍ଷିତ ଯୁବକ। ସହରରେ ଚାକିରି ମିଳୁନାହିଁ ବୋଲି ଗ୍ରାମରେ ସେ ଗ୍ରାମ ପଞ୍ଚାୟତର ସେକ୍ରେଟାରୀର କାମ କରୁଛନ୍ତି। ଏହାପରେ କାହାଣୀ ଆଗକୁ ଚାଲିଛି। ଏହାର ପ୍ରଥମ ସିଜିନ ଆସିଥିଲା ୨୦୨୦ରେ। ଏହାପରେ ଆଉ ତିନୋଟି ସିଜିନ ଆସିଥିଲା। ସବୁ ସିଜିନ ଆମାଜନ୍ ପ୍ରାଇମ୍ ଭିଡିଓରେ ଷ୍ଟ୍ରିମ୍ ହୋଇଛି ଓ ନୂଆ ସିଜିନ ବି ଏଥିରେ ଷ୍ଟ୍ରିମ୍ ହେବ। ଏହାର କାହାଣୀ ଲେଖିଛନ୍ତି ଚନ୍ଦନ କୁମାର। ଜିତେନ୍ଦ୍ର କୁମାରଙ୍କ ସହିତ ରଘୁବୀର ଯାଦବ, ଚନ୍ଦନ ରାୟ, ଫୈସଲ୍ ମାଲିକ୍, ସୁନୀତା ରାଜୱାର, ଅଶୋକ ପାଠକ, ପଙ୍କଜ ଝା ଓ ଦୁର୍ଗେଶ କୁମାର ମୁଖ୍ୟ ଭୂମିକାରେ ନଜର ଆସିବେ।

ୱାର୍ଲ୍ଡ ପାରା ଆର୍ଚେରୀ ସିରିଜ୍

# ଫାଇନାଲ୍‌ରେ ଶୀତଲ ଦେବୀ



**ଅହମଦାବାଦ,୭।୯/ଏଜେନ୍ସି:** ଭାରତର ଷ୍ଟାର୍ ପାର ଆଚର୍ ଏବଂ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ୍ ଶୀତଲ ଦେବୀ ବିଶ୍ୱ ପାରା ଆର୍ଚେରୀ ସିରିଜ୍‌ର ତୃତୀୟ ଚରଣରେ ଚମତ୍କାର ପ୍ରଦର୍ଶନ କରି ମହିଳା କମ୍ପାଉଣ୍ଡ୍ ବ୍ୟକ୍ତିଗତ ବର୍ଗର ଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ଅହମଦାବରେ ଚାଲିଥିବା ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ ଶୀତଲ ସେମିଫାଇନାଲ୍‌ରେ ସାଥୀ ଭାରତୀୟ ଆର୍ଚର୍ ସରିତାଙ୍କୁ ୧୪୫-୧୪୩ରେ ହରାଇ ଟାଇଟଲ୍ ମୁକାବିଲାରେ ପ୍ରବେଶ କରିଛନ୍ତି। ଟାଇଟଲ୍ ମୁକାବିଲାରେ ଶୀତଲ ଦେବୀ କଜାଖସ୍ତାନର ଏଜୋଦା ସେଡାନ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ସରିତା ବ୍ରୋଞ୍ଜ୍ ପଦକ ପାଇଁ ଚୀନ୍‌ର ୱାଙ୍ଗ୍ ହୁଇତିଙ୍ଗ୍‌ଙ୍କ ସହ ମୁକାବିଲା କରିବେ।

କମ୍ପାଉଣ୍ଡ୍ ପୁରୁଷ ବର୍ଗରେ ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ଏବଂ ବିଶ୍ୱର ନମ୍ବର-୧ ଖେଳାଳି ତୋମାନ୍ କୁମାର ସେମିଫାଇନାଲ୍‌ରେ ଟପ୍ ସିଡ୍ ଇଣ୍ଡୋନେସିଆର କେନ୍ ସ୍ୱାଗୁମିଲାଙ୍ଗ୍‌ଙ୍କଠାରୁ ୧୪୬-୧୪୪ ରେ ପରାଜିତ ହୋଇଛନ୍ତି। ବ୍ରୋଞ୍ଜ୍ ପଦକ ମ୍ୟାଚ୍‌ରେ ସେ ଇରାକର ଅବାସ୍ ଖାଦିମ୍‌ଙ୍କୁ ଭେଟିବେ। ଏହା ପୂର୍ବରୁ କ୍ୱାର୍ଟର୍ ଫାଇନାଲ୍‌ରେ ସ୍ୱାଗୁମିଲାଙ୍ଗ୍ ୧୪୩-୧୪୧ରେ ଗୁରବିନ୍ଦର ସିଂହଙ୍କୁ ହରାଇଥିଲେ। ଅନ୍ୟପକ୍ଷରେ ପୁରୁଷ ଡବ୍ଲ୍ୟୁ-୧ ବର୍ଗରେ ଭାରତର ଅଭିଯାନ ଶେଷ ହୋଇଛି। ତେବେ ମହିଳା ଡବ୍ଲ୍ୟୁ-୧ ବର୍ଗରେ ଭାରତର ଦ୍ୱିତୀୟ ସିଡ୍ ଖେଳାଳି ସ୍ୱାତି ଚୌଧୁରୀ ବ୍ରୋଞ୍ଜ୍ ପଦକ ମ୍ୟାଚ୍ ଖେଳିବେ।

ଦୁଲୀପ୍ ଟ୍ରଫି ଫାଇନାଲ୍: ଈଶାନ୍ କିଶନ୍‌ଙ୍କ ଦ୍ୱିଶତକ

# ଇଷ୍ଟ୍ ଜୋନ୍‌ର ବିଶାଳ ୭୦୮ ରନ୍

**ଚେନ୍ନାଇ,୭।୯/ଏଜେନ୍ସି:** କ୍ୟାପ୍‌ଟେନ୍ ଈଶାନ୍ କିଶନ୍ (୨୭୦ ରନ୍) ଏବଂ କୁମାର କୁଶାଗ୍ର (୧୦୧ ରନ୍)ଙ୍କ ଚମତ୍କାର ଇନିଂସ୍ ଦମ୍‌ରେ ଇଷ୍ଟ ଜୋନ୍ ଦୁଲୀପ୍ ଟ୍ରଫି ଫାଇନାଲ୍‌ର ଦ୍ୱିତୀୟ ଦିନ ସୋମବାର ପ୍ରଥମ ଇନିଂସ୍‌ରେ ସାଉଥ୍ ଜୋନ୍ ବିପକ୍ଷରେ ବିଶାଳ ୭୦୮ ରନ୍‌ର ସ୍କୋର୍ କରିଛି। ସୋମବାର ଇଷ୍ଟ ଜୋନ୍ ଅସମାପ୍ତ ପ୍ରଥମ ଇନିଂସ୍ ୩୮୫/୪ ସ୍କୋର୍‌ରୁ ଆଗକୁ ଖେଳିଥିଲା। ଟିମ୍ ପଞ୍ଚମ ୱିକେଟ୍ ଭାବେ କୁମାର କୁଶାଗ୍ରଙ୍କୁ ହରାଇଥିଲା। ତାଙ୍କୁ ତ୍ରିପୁରାଣା ବିଜୟ ଆଉଟ୍ କରିଥିଲେ। କୁଶାଗ୍ର ୧୩୨ ବଲ୍‌ରେ ଆଠ ଚୌକା ଓ ପାଞ୍ଚ ଛକା ସହାୟତାରେ ୧୦୧ ରନ୍ ଇନିଂସ୍ ଖେଳିଥିଲେ। ଇତିମଧ୍ୟରେ ଈଶାନ୍ କିଶନ୍ ନିଜର ଦ୍ୱିତୀୟ ପ୍ରଥମ ଶ୍ରେଣୀ ଦ୍ୱିଶତକ ପୂରଣ କରିଥିଲେ। ଆଘାତ କାରଣରୁ ସେ ରିଟାୟର୍ଡ ହର୍ଟ ହୋଇଥିଲେ। ଅନୁକୂଳ ରାୟ ୪୫, କୁନୈନ୍ କ୍ୟୁରେଶୀ ୪୦ ଓ ମହମ୍ମଦ ଶମୀ ୨୮ ରନ୍ କରି ଆଉଟ୍ ହୋଇଥିଲେ। କ୍ୟୁରେଶୀ ଏବଂ ଶମୀଙ୍କୁ ଶ୍ରେୟସ୍ ଗୋପାଳ ଆଉଟ୍ କରିଥିବା ବେଳେ ଅନୁକୂଳଙ୍କ ୱିକେଟ୍ ଶେଖ୍ ରଶିଦ୍ ହାସଲ କରିଥିଲେ।

ଶମୀଙ୍କ ଆଉଟ୍ ପରେ ଈଶାନ୍ କିଶନ୍ ପୁଣିଥରେ ବ୍ୟାଟିଂ ପାଇଁ ପଡ଼ିଆକୁ ଆସିଥିଲେ। ସେ ତ୍ରିଶତକ ଆଡ଼କୁ ବଢୁଥିବା ବେଳେ ୧୬୩ତମ ଓଭର୍‌ର ଦ୍ୱିତୀୟ ବଲ୍‌ରେ ତ୍ରିପୁରାଣା ବିଜୟ ତାଙ୍କୁ ଆଉଟ୍ କରିଥିଲେ। ଈଶାନ୍ ୩୩୪ ବଲ୍‌ରେ ୩୦ ଚୌକା ଓ ସାତ ଛକା ସହାୟତାରେ ୨୭୦ ରନ୍‌ର ବିଶାଳ ଇନିଂସ୍ ଖେଳିଥିଲେ। ଏହି ଓଭର୍‌ର ଅନ୍ତିମ ବଲ୍‌ରେ ମୁକେଶ କୁମାର (୦)ଙ୍କୁ ଆଉଟ୍ କରି ବିଜୟ ଇଷ୍ଟ ଜୋନ୍‌ର ଇନିଂସ୍ ୭୦୮ ରନ୍‌ରେ ସମାପ୍ତ କରିଥିଲେ। ଏହା ସହିତ ଅମ୍ପାୟାର୍ ଦ୍ୱିତୀୟ ଦିନର ଖେଳ ସମାପ୍ତି ଘୋଷଣା କରିଥିଲେ। ତ୍ରିପୁରାଣା ବିଜୟ ୪ ୱିକେଟ୍ ନେଇଥିବା ବେଳେ ଚାମା ମିଲିନ୍ଦ ଓ ଶ୍ରେୟସ ଗୋପାଳଙ୍କୁ ୨-୨ ୱିକେଟ୍ ମିଳିଥିଲା।



ଶେଖ୍ ରଶିଦ୍ ଜଣେ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିଲେ।

ମ୍ୟାଚ୍ ପ୍ରଥମ ଦିନରେ ଇଷ୍ଟ ଜୋନ୍‌ର ଦବ୍‌ଦବା ରହିଥିବା ବେଳେ ଦ୍ୱିତୀୟ ଦିନ ମଧ୍ୟ ଏହାର ପୁନରାବୃତ୍ତି ହୋଇଥିଲା। ଈଶାନ୍ କିଶନ୍ ୧୧୧ ରନ୍‌ରୁ ଖେଳ ଆରମ୍ଭ କରି ୧୦ ବର୍ଷ ପରେ ଦ୍ୱିତୀୟ ପ୍ରଥମଶ୍ରେଣୀ ଦ୍ୱିଶତକ ହାସଲ କରିଥିଲେ। ତେବେ ବ୍ୟକ୍ତିଗତ ୨୫୦ ରନ୍‌ରେ ପହଞ୍ଚିବା ପରେ ଥକିଯିବାରୁ ତାଙ୍କୁ ରିଟାୟର୍ଡ ହର୍ଟ ହେବାକୁ ପଡ଼ିଥିଲା। ମାତ୍ର ଶମୀଙ୍କ ଆଉଟ୍ ପରେ ପୁଣିଥରେ କ୍ରିଜ୍ ଆସିଥିଲେ ଏବଂ ଦିନର ଅନ୍ତିମ ଓଭର୍‌ରେ ୨୭୦ ରନ୍‌ରେ ନବମ ବ୍ୟାଟର୍ ଭାବେ ଆଉଟ୍ ହୋଇଥିଲେ। ଆଉଟ୍ ପୂର୍ବରୁ ସେ କୁମାର କୁଶାଗ୍ରଙ୍କ ସହ ପଞ୍ଚମ ୱିକେଟ୍ ପାଇଁ ୨୩୦ ରନ୍ ଏବଂ ୬ଷ୍ଠ ୱିକେଟ୍ ପାଇଁ ଅନୁକୂଳ ରାୟଙ୍କ ସହିତ ୧୪୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ନିମ୍ନକ୍ରମ ବ୍ୟାଟର୍‌ମାନେ ମଧ୍ୟ ସାଉଥ୍ ଜୋନ୍ ବୋଲର୍‌ଙ୍କୁ ନିରାଶ କରିଥିଲେ।

# ୟୁଏସ୍ ଓପନ୍ କ୍ୱାର୍ଟର୍ ଫାଇନାଲ୍‌ରେ ଅଲ୍‌କାରାଜ

## ମହିଳା ସିଙ୍ଗଲ୍‌ସରେ ବି ଆରିନା ସାବାଲେଙ୍କା ଆଗେଇଲେ

**ନ୍ୟୁୟର୍କ,୭।୯/ଏଜେନ୍ସି:** ଡିଫେଣ୍ଡିଂ ଚାମ୍ପିଅନ୍ କାର୍ଲୋସ୍ ଅଲ୍‌କାରାଜ୍ ନ୍ୟୁୟର୍କରେ ଖେଳାଯାଉଥିବା ୟୁଏସ୍ ଓପନ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ସେହିପରି ଆରିନା ସାବାଲେଙ୍କା ମଧ୍ୟ ପରବର୍ତ୍ତୀ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍‌ସରେ ଅଲ୍‌କାରାଜ୍ ଆମେରିକାର ଟମି ପଲ୍‌ଙ୍କୁ ୬-୪, ୬-୩, ୬-୪ରେ ହରାଇଛନ୍ତି। ଏହି ବିଜୟ ସହିତ ଅଲ୍‌କାରାଜ୍ ଗ୍ରାଣ୍ଡ ସ୍ଲାମ୍‌ରେ ଲଗାତାର ୧୮ ମ୍ୟାଚ୍ ବିଜୟ ହାସଲ କରିଛନ୍ତି। ଟୁର୍ଣ୍ଣାମେଣ୍ଟ୍‌ରେ ବର୍ତ୍ତମାନ ସୁଦ୍ଧା ସେ ଗୋଟିଏ ସେଟ୍ ମାତ୍ର ହାରିଛନ୍ତି। ଡାହାଣ ଚକଟିରେ ଆଘାତ କାରଣରୁ ପ୍ରାୟ ଚାରିମାସ କୋର୍ଟରୁ ଦୂରେଇ ରହିଥିବା ସ୍ପେନ୍ ଖେଳାଳି କ୍ୱାର୍ଟର୍ ଫାଇନାଲ୍‌ରେ ଆମେରିକାର ୮ମ ସିଡ୍ ବେନ୍ ଶେଲ୍‌ଟନ୍‌ଙ୍କୁ ଭେଟିବେ। ଶେଲ୍‌ଟନ୍ ଅନ୍ୟ ଏକ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ଷ୍ଟେଫାନୋସ୍ ସିତ୍‌ସିପାସ୍‌ଙ୍କୁ ୬-୨, ୬-୩, ୬-୪ରେ ହରାଇ ଅନ୍ତିମ-୮ରେ ସ୍ଥାନ ପକ୍କା କରିଛନ୍ତି।

ମହିଳା ସିଙ୍ଗଲ୍‌ସରେ ସାବାଲେଙ୍କା ଆମେରିକାର ଟେଲର୍ ଟାଉନ୍‌ସେଣ୍ଡ୍‌କୁ ୬-୪, ୬-୩ ସିଧା ସେଟ୍‌ରେ ହରାଇଛନ୍ତି। ପ୍ରଥମ ସେଟ୍ ଜିତିବା ପରେ ସାବାଲେଙ୍କା ଦ୍ୱିତୀୟ ସେଟ୍‌ରେ ୧-୩ରେ ପଛାଇଥିଲେ। ତେବେ ଲଗାତାର ପାଞ୍ଚ ଗେଜମ୍ ଜିତି ମ୍ୟାଚ୍ ନିଜ ନାମରେ କରିଥିଲେ। ଏହି ବିଜୟ ସହିତ ସାବାଲେଙ୍କା ଲଗାତାର ୬ଷ୍ଠ ଥର ୟୁଏସ୍ ଓପନ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏବେ ତାଙ୍କ ମୁକାବିଲା ୬ଷ୍ଠ ସିଡ୍ ଏବଂ ବର୍ତ୍ତମାନର ୱିମ୍ବଲଡନ୍ ଚାମ୍ପିଅନ୍ ଲିଣ୍ଡା ନୋସ୍କୋଭାଙ୍କ ସହିତ ହେବ। ନୋସ୍କୋଭା ୭-୫, ୫-୭, ୬-୪ରେ ମାର୍ତା କୋସ୍ଟ୍ୟୁକ୍‌ଙ୍କୁ ହରାଇଛନ୍ତି।



ସେହିପରି ମହିଳା ବିଭାଗରେ ଆମେରିକାର ଦୁଇ ଖେଳାଳି ଜେସିକା ପେଗୁଲା ଓ ଏମା ନଭୋରୋଙ୍କ ମଧ୍ୟରେ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ପେଗୁଲା ୬-୩, ୬-୪ ସୋରାନା କ୍ରିଷ୍ଟିଆଙ୍କୁ ଏବଂ ନଭାରୋ ସିଧା ସେଟ୍‌ରେ ଆନ୍ନା କାଲିନ୍‌ସକାୟାଙ୍କୁ ହରାଇ ଅନ୍ତିମ-୧ରେ ସ୍ଥାନ ହାସଲ କରିଛନ୍ତି।

ଚଳିତ ଥର ପୁରୁଷ ସିଙ୍ଗଲ୍‌ସରେ ପାଞ୍ଚଜଣ ଆମେରିକୀୟ ଖେଳାଳି ଅନ୍ତିମ-୧୬ରେ ପହଞ୍ଚିଥିଲେ। ଏମାନଙ୍କ ମଧ୍ୟରେ ଟମି ପଲ୍, ବେନ୍ ଶେଲ୍‌ଟନ୍, ଲର୍ନର୍ ଟିଏନ୍, ଫ୍ରାନ୍ସିସ୍ ଟିୟାଫୋ ଏବଂ ଆଲେକ୍ସ ମାଇକଲ୍‌ସନ୍ ସାମିଲ। ଏହା ୧୯୯୫ ପରେ କୌଣସି ଗ୍ରାଣ୍ଡ୍ ସ୍ଲାମ୍‌ର ଅନ୍ତି୧-୧୬ରେ ପହଞ୍ଚିବାରେ ଆମେରିକୀୟ ପୁରୁଷ ଖେଳାଳିଙ୍କ ସବୁଠୁ ବଡ଼ ସଂଖ୍ୟା ଥିଲା। ଏମାନଙ୍କ ମଧ୍ୟରୁ ଟିୟାଫୋ, ମାଇକଲ୍‌ସନ୍ ଏବଂ ଶେଲ୍‌ଟନ୍ କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ଟିୟାଫୋ ପୂର୍ବତନ ଚାମ୍ପିଅନ୍ ଡେନିଏଲ୍ ମେଦ୍‌ଭେଦେବ୍‌ଙ୍କୁ ୭-୬, ୬-୪, ୭-୬ ଏବଂ ମାଇକଲ୍‌ସନ୍ ୭-୬, ୬-୪, ୬-୪ରେ ଟମସ୍ ମାର୍ଟିନ୍ ଏଚେଭେରୀଙ୍କୁ ହରାଇଛନ୍ତି। ଏବେ ଟିୟାଫୋ ଏବଂ ମାଇକଲ୍‌ସନ୍ କ୍ୱାର୍ଟର୍ ଫାଇନାଲ୍‌ରେ ମୁହାଁମୁହିଁ ହେବେ। ଫଳରେ ସେମିଫାଇନାଲ୍‌ରେ ଜଣେ ଆମେରିକୀୟ ଖେଳାଳି ପହଞ୍ଚିବା ନିଶ୍ଚିତ ହୋଇଛି। ସେହିପରି ଶେଲ୍‌ଟନ୍‌ଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିଅନ୍ କାର୍ଲୋସ୍ ଅଲ୍‌କାରାଜ୍‌ଙ୍କ ସହ ହେବ।

୨୦୨୭ ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡର ବଡ଼ ନିଷ୍ପତ୍ତି

# ଟିମ୍‌ରେ କେଭିନ୍ ପିଟରସନ୍‌ଙ୍କ ଏଣ୍ଟ୍ରି

**ଲଣ୍ଡନ,୭।୯/ଏଜେନ୍ସି:** ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି) ଫ୍ୟାନ୍ସଙ୍କୁ ବଡ଼ ସରପ୍ରାଇଜ୍ ଦେଇ ପୂର୍ବତନ ମହାନ ବ୍ୟାଟର୍ କେଭିନ୍ ପିଟରସନ୍‌ଙ୍କୁ ଟିମ୍‌ରେ ସାମିଲ କରିଛି। ସାଉଥ୍ ଆଫ୍ରିକାରେ ହେବାକୁ ଥିବା ୨୦୨୭ ବିଶ୍ୱକପ୍‌କୁ ଧ୍ୟାନରେ ରଖି କେଭିନ୍ ପିଟର୍‌ସନ୍‌ଙ୍କୁ ଇଂଲଣ୍ଡ ହ୍ୱାଇଟ୍-ବଲ୍ ଟିମ୍‌ର ସ୍ପେଶାଲ୍ ମେଣ୍ଟର୍ ନିଯୁକ୍ତ କରାଯାଇଛି। ପିଟରସନ୍ ମୁଖ୍ୟ ରୂପରେ ବ୍ରେଣ୍ଡନ୍ ମ୍ୟାକୁଲନ୍‌ଙ୍କ ସପୋର୍ଟ ଷ୍ଟାଫ୍‌ରେ ଯୋଗଦେବେ ଏବଂ ଶ୍ରୀଲଙ୍କ ବିପକ୍ଷ ଆଗାମୀ ସୀମିତ ଓଭର୍ ସିରିଜ୍‌ରେ ନିଜ ଦାୟିତ୍ୱ ସମ୍ଭାଳିବେ। ପିଟର୍‌ସନ୍ ଶ୍ରୀଲଙ୍କା ବିପକ୍ଷ ୩ ଟି-୨୦ ଏବଂ ୩ ଦିନିକିଆ ମ୍ୟାଚ୍‌ର ସିରିଜ୍‌ରୁ ଟିମ୍ ସହିତ ନିଜ ନୂଆ ଇନିଂସ୍ ଆରମ୍ଭ କରିବେ।

ସାଉଥ୍ ଆଫ୍ରିକା ପରିସ୍ଥିତି ଏବଂ ପିଚ୍ ଉପରେ ଗଭୀର ଜ୍ଞାନ ରଖିଥିବା ପିଟରସନ୍‌ଙ୍କ ଏହି ଅନୁଭବ ଇଂଲଣ୍ଡର ବହୁ କାମରେ ଆସିବ। ସେ ମୁଖ୍ୟ କୋଚ୍ ବ୍ରେଣ୍ଡନ୍ ମ୍ୟାକୁଲନ୍‌ଙ୍କ ସହିତ ମାର୍କସ୍ ଟ୍ରେସ୍କୋଥିକ୍, ଟିମ୍ ସାଉଦୀ ଏବଂ ଜିତନ ପଟେଲ୍‌ଙ୍କ ପରି ମହାନ୍ ପୂର୍ବତନ ଖେଳାଳିଙ୍କ ସହିତ ମିଶି ଟିମ୍‌ର ରଣନୀତି ଉପରେ କାମ କରିବେ। ପିଟରସନ୍‌ଙ୍କ ନିକଟରେ କୋଚିଂର ଉନ୍ନତ ଅନୁଭବ ରହିଛି। ସେ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ମେଣ୍ଟର୍ ଭୂମିକା ତୁଲାଇସାରିଛନ୍ତି। ୨୦୨୩ରେ ସେ କିଛି ସମୟ ପାଇଁ ଇଂଲଣ୍ଡ ବ୍ୟାଟର୍‌ଙ୍କୁ ମାର୍ଗଦର୍ଶନ ଦେଇଥିଲେ। ୨୦୧୪ରେ ପିଟରସନ୍‌ଙ୍କ ଅନ୍ତର୍ଜାତୀୟ କ୍ୟାରିୟର୍ ଶେଷ ହୋଇଥିଲା। ସେତେବେଳେ ତାଙ୍କର ଏବଂ ଇଂଲଣ୍ଡ ବୋର୍ଡ ମଧ୍ୟରେ ବହୁ ବିବାଦ ହୋଇଥିଲା। ପିଟରସନ୍ ଟିମ୍‌ରେ ବୁଲିଙ୍ଗ୍ କଲ୍‌ଚର୍‌ର ଗୁରୁତର ଅଭିଯୋଗ ଆଣିଥିଲେ। କିନ୍ତୁ ଏବେ ୧୨ ବର୍ଷ ପରେ ଏହି ତିକ୍ତତା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଛି।



ମୁଖ୍ୟ କୋଚ୍ ବ୍ରେଣ୍ଡନ୍ ମ୍ୟାକୁଲନ୍‌ଙ୍କ ଅନୁସାରେ ପିଟରସନ୍‌ଙ୍କ ପାଖରେ କ୍ରିକେଟ୍‌ର ବହୁ ଅନୁଭବ ରହିଛି ଏବଂ ତାଙ୍କ ଆସିବା ଫଳରେ ଯୁବ ବ୍ୟାଟର୍‌ଙ୍କୁ ବହୁତ କିଛି ଶିଖିବାକୁ ମିଳିବ। ଅନ୍ୟପକ୍ଷରେ ପିଟରସନ୍ କହିଛନ୍ତି ୨୦୧୪ ପରେ ପୁଣିଥରେ ଇଂଲଣ୍ଡ ଜର୍ସି ସହିତ ଯୋଡ଼ିହେବା ତାଙ୍କ ପାଇଁ ବହୁ ଗର୍ବର ବିଷୟ ଏବଂ ସେ ଟିମ୍‌କୁ ବିଶ୍ୱକପ୍ ଜିତାଇବା ପାଇଁ ସମ୍ପୂର୍ଣ୍ଣ ଭାବେ ଲାଗିପଡ଼ିବେ।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ସାଉଥ୍ ଆଫ୍ରିକା ଟିମ୍ ଘୋଷିତ

# ବାଭୁମା କ୍ୟାପ୍‌ଟେନ୍, ମିଲର୍-ଡି କକ୍ ସାମିଲ

**ଜୋହାନ୍ସବର୍ଗ,୭।୯/ଏଜେନ୍ସି:** ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଦିନିକିଆ ସିରିଜ୍ ପାଇଁ ସୋମବାର ସାଉଥ୍ ଆଫ୍ରିକା ଟିମ୍ ଘୋଷିତ ହୋଇଛି। ନିୟମିତ କ୍ୟାପ୍‌ଟେନ୍ ଟେମ୍ବା ବାଭୁମା ଟିମ୍‌ର ନେତୃତ୍ୱ ନେବାକୁ ଥିବାବେଳେ ଡେଭିଡ୍ ମିଲର୍ ଏବଂ କ୍ୱିଣ୍ଟନ୍ ଡି କକ୍‌ଙ୍କୁ ମଧ୍ୟ ଟିମ୍‌ରେ ସାମିଲ କରାଯାଇଛି। ଦୁଇ ଟିମ୍ ମଧ୍ୟରେ ଦିନିକିଆ ସିରିଜ୍ ସେପ୍ଟେମ୍ବର ୧୪ରୁ ଆରମ୍ଭ ହେବ।

ହାମ୍‌ଷ୍ଟ୍ରିଙ୍ଗ୍ ଆଘାତରୁ ସୁସ୍ଥ ହେଉଥିବା କାଗିସୋ ରବାଡା ସିରିଜ୍‌ରେ ଖେଳିବେ ନାହିଁ। ତାଙ୍କ ସ୍ଥାନରେ ଜେରାଲ୍ଡ କୋଏଟ୍‌ଜୀଙ୍କର ଟିମ୍‌ରେ ପ୍ରତ୍ୟାବର୍ତ୍ତନ ଘଟିଛି। କୁଟ୍‌ଜୀ ୨୦୨୩ ବିଶ୍ୱକପ୍ ପରଠାରୁ କୌଣସି ଦିନିକିଆ ମ୍ୟାଚ୍ ଖେଳି ନାହାନ୍ତି। ଗତ ତିନିବର୍ଷ ଧରି କୋଏଟ୍‌ଜୀ ଆହତ ସମସ୍ୟା ସହ ସଂଘର୍ଷ କରୁଥିଲେ। ଜୁନ୍‌ରେ ସେ ସାଉଥ୍ ଆଫ୍ରିକା-ଏ ପକ୍ଷରୁ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଖେଳିଥିଲେ। ନିକଟରେ ସେ ବାଂଲାଦେଶ-ଏ' ବିପକ୍ଷରେ ମଧ୍ୟ ପଡ଼ିଆକୁ ଓହ୍ଲାଇଥିଲେ। କୋଏଟ୍‌ଜୀଙ୍କ ସହିତ ମାର୍କୋ ଯାନ୍‌ସେନ୍, ଲୁଙ୍ଗି ଏନ୍‌ଗିଡି, କାର୍ବିନ୍ ବଶ୍, କ୍ୱେନା ମଫାକା ଏବଂ ଓଟନିଲ୍ ବାର୍ଟମ୍ୟାନ୍ ଟିମ୍‌ର ଛଅ ଫାଷ୍ଟ ବୋଲର୍‌ଙ୍କ ପ୍ୟାକ୍‌ରେ ସାମିଲ ଅଛନ୍ତି। ଟିମ୍ ଦୁଇଜଣ ସ୍ପିନର୍ କେଶବ ମହାରାଜ ଏବଂ ବ୍ୟୋର୍ନ ଫୋର୍ଟୁଇନ୍‌ଙ୍କୁ ଚୟନ କରିଛି। ଫୋର୍ଟୁଇନ୍ ବର୍ତ୍ତମାନ ନାମ୍ବିଆ ଟ୍ରାଇସିରିଜ୍‌ରେ ସାଉଥ୍ ଆଫ୍ରିକାର ନେତୃତ୍ୱ କରୁଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଘୋଷିତ ଟିମ୍‌ରେ ନାମ୍ବିଆ ଗସ୍ତରେ ଥିବା ମୂଳ ଟିମ୍‌ର ଟପ୍ ଅର୍ଡର୍ ବ୍ୟାଟର୍ ଟୋନି ଡି ଜୋର୍‌ଜିଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳିଙ୍କୁ ସ୍ଥାନ ମିଳିନାହିଁ।



ସାଉଥ୍ ଆଫ୍ରିକା ଟିମ୍: ଟେମ୍ବା ବାଭୁମା (କ୍ୟାପ୍‌ଟେନ୍), ଓଟନିଲ୍ ବାର୍ଟମ୍ୟାନ୍, କାର୍ବିନ୍ ବଶ୍, ମାଥ୍ୟୁ ବ୍ରିଟ୍‌ଜକେ, ଜେରାଲ୍ଡ କୋଏଟ୍‌ଜୀ, କ୍ୱିଣ୍ଟନ୍ ଡି କକ୍, ଟୋନି ଡି ଜୋର୍‌ଜୀ, ବ୍ୟୋର୍ନ ଫୋର୍ଟୁଇନ୍, ମାର୍କୋ ଯାନସେନ୍, କେଶବ ମହାରାଜ, କ୍ୱେନା ମଫାକା, ଏଡେନ୍ ମାର୍କରମ୍, ଡେଭିଡ୍ ମିଲର୍, ଲୁଙ୍ଗି ଏନ୍‌ଗିଡ଼ି, ର୍ୟାନ୍ ରିକେଲ୍ଟନ୍ ଏବଂ ଟ୍ରିଷ୍ଟନ୍ ଷ୍ଟବ୍ସ।

# ମହିଳା ଏସିଆ କପ୍ ସେମିରେ ଶ୍ରୀଲଙ୍କା

**ଦୁବାଇ,୭।୯/ଏଜେନ୍ସି:** ଶ୍ରୀଲଙ୍କା ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ବାଂଲାଦେଶକୁ ୪ ୱିକେଟ୍‌ରେ ହରାଇ ମହିଳା ଏସିଆ କପ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଦୁବାଇରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶ ପ୍ରଥମେ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୧୪ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ୧୯.୨ ଓଭର୍‌ରେ ୬ ୱିକେଟ୍ ହରାଇ ୧୧୫ ରନ୍ କରି ବିଜୟୀ ହୋଇଛି। ହରଶିତା ସମରବିକ୍ରମା ଚାପରେ ୩୭ ବଲ୍‌ରେ ଅପରାଜିତ ୪୮ ରନ୍‌ର ଇନିଂସ୍ ଖେଳି ଟିମ୍‌କୁ ବିଜୟ ଦେଇଛନ୍ତି। ଶ୍ରୀଲଙ୍କା ଗ୍ରୁପ୍-ବି'ରେ ସମସ୍ତ ମ୍ୟାଚ୍ ଜିତି ପଏଣ୍ଟ ଟେବଲ୍ ଶୀର୍ଷରେ ରହିଛି ଏବଂ ଏବେ ଗ୍ରୁପ୍-ଏ'ର ଦ୍ୱିତୀୟ ସ୍ଥାନରେ ରହିବାକୁ ଥିବା ଟିମ୍ ସହିତ ଶୁକ୍ରବାର ସେମିଫାଇନାଲ୍ ଖେଳିବ। ଶ୍ରୀଲଙ୍କା ଟିମ୍ ଟୁର୍ଣ୍ଣାମେଣ୍ଟର ଡିଫେଣ୍ଡିଂ ଚାମ୍ପିଅନ୍ ଅଛି।

୧୧୫ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଶ୍ରୀଲଙ୍କା ଏକଦା ୪୪ ରନ୍‌ରେ ୫ ୱିକେଟ୍ ହରାଇ ବିପଦରେ ପଡ଼ିଥିଲା। ତେବେ ସମରାବିକ୍ରମା ଏହାପରେ ନିଳାକ୍ଷିକା ସିଲ୍‌ଭାଙ୍କ ସହ ମିଶି ଇନିଂସ୍ ସମ୍ଭାଳିଥିଲେ। ଦୁହେଁ ୬ଷ୍ଠ ୱିକେଟ୍ ପାଇଁ ୩୮ ରନ୍ ଯୋଡ଼ିଥିଲେ। ସିଲ୍‌ଭା ୧୮ ରନ୍ କରି ୧୭ତମ ଓଭର୍‌ରେ ମାରୁଫାଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। କିନ୍ତୁ ସମରବିକ୍ରମା ହାର ମାନିନଥିଲେ। ୧୭ ଓଭର୍ ପରେ ଶ୍ରୀଲଙ୍କା ସ୍କୋର୍ ୮୬/୬ ହୋଇଥିବା ବେଳେ ବିଜୟ ପାଇଁ ଟିମ୍‌କୁ ୨୯ ରନ୍‌ର ଆବଶ୍ୟକତା ଥିଲା। ଏହାପରେ ରିତୁ ମୋନୀଙ୍କ ଓଭର୍‌ରେ ସମରବିକ୍ରମା ଲଗାତାର ଆଟାକିଂ ଶଟ୍ ଲଗାଇଥିଲେ। ଚୌକା ଓ ଛକା ମାରି ସେ ଆବଶ୍ୟକ ରନ୍ ରେଟ୍‌ର ଚାପକୁ କମ୍ କରିଥିଲେ। ୧୯ତମ ଓଭର୍‌ରେ ମଧ୍ୟ ସେ ଛକା ଲଗାଇ ମ୍ୟାଚ୍ ଶ୍ରୀଲଙ୍କା ପକ୍ଷରେ କରିଦେଇଥିଲେ। ଶ୍ରୀଲଙ୍କାକୁ ଅନ୍ତିମ ଓଭର୍‌ରେ ବିଜୟ ପାଇଁ ୮ ରନ୍‌ର ଆବଶ୍ୟକତା ଥିବାବେଳେ ନାହିଦା ଅଖ୍‌ତରଙ୍କ ବଲ୍‌ରେ ସମରବିକ୍ରମା ଲଙ୍ଗ୍ ଅନ୍ ଉପରେ ଛକା ମାରି ଟିମ୍‌ର ବିଜୟ ପ୍ରାୟତଃ ପକ୍କା କରିଦେଇଥିଲେ। ଶ୍ରୀଲଙ୍କା ୧୯.୨ ଓଭର୍‌ରେ ଲକ୍ଷ୍ୟ ହାସଲ କରିନେଇଥିଲା। ସମରବିକ୍ରମା ୩୭ ବଲ୍‌ରେ ୪ ଚୌକା ଓ ୨ ଛକା ସହାୟତାରେ ୪୮ ରନ୍ କରି ଅପରାଜିତ ରହିଥିଲେ।

ବାଂଲାଦେଶକୁ ୪ ୱିକେଟ୍‌ରେ ହରାଇଲା



ଏହା ପୂର୍ବରୁ ବାଂଲାଦେଶ ଇନିଂସ୍‌ରେ ସୋଭାନା ମୋସ୍ତାରୀ ୪୧ ବଲ୍‌ରେ ସର୍ବାଧିକ ୩୪ ଏବଂ ଦିଲାରା ଅଖ୍‌ତର ୨୬ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ୧୭ ବର୍ଷୀୟା ସ୍ପିନର୍ ଚାମୁଡି ପ୍ରବୋଧା ୨୧ ରନ୍ ଦେଇ ସର୍ବାଧିକ ୩ଟି, ସୁଗନ୍ଧିକା କୁମାରୀ ୨ଟି ୱିକେଟ୍ ନେଇଥିଲେ। କ୍ୟାପ୍‌ଟେନ୍ ଚମାରୀ ଅଟାପାଟ୍ଟୁ ଏବଂ କଭିଶା ଦିଲହାରୀଙ୍କୁ ୧-୧ ସଫଳତା ମିଳିଥିଲା।

● ପିକ୍‌ଅପ୍‌କୁ ଧକ୍କା ଦେଲା କ୍ୟାଣ୍ଟର୍

# ୧୨ ଶ୍ରଦ୍ଧାଳୁ ମୃତ, ୯ରୁ ଉର୍ଦ୍ଧ୍ୱ ଗୁରୁତର

**ବାଗପତ, ୭।୯/ଏଜେନ୍ସି:** ବାଗପତ ସହର କୋତୱାଲୀ ଅଞ୍ଚଳର ବନ୍ଦନା ଛକ ନିକଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ୧୨ଜଣଙ୍କ ମୃତ୍ୟୁ ହୋଇଥିବା ଭଳି ଅତ୍ୟନ୍ତ ଦୁଃଖଦ ଘଟଣା ସମ୍ପର୍କରେ ସୂଚନା ମିଳିଛି। ରବିବାର ବିଳମ୍ବିତ ରାତିରେ ପ୍ରାୟ ୪୦ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ୍‌କୁ ପଛରୁ ଆସୁଥିବା ଏକ କ୍ୟାଣ୍ଟର ଧକ୍କା ଦେବାଫଳରେ ପିକ୍‌ଅପ୍‌ଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଓଲଟିପଡ଼ିଥିଲା। ଏହି ଦୁର୍ଘଟଣାରେ ଅନ୍ୟ ୧୯ ଜଣ ଆହତ ହୋଇଥିବା ବେଳେ ଘଟଣାସ୍ଥଳରେ ହିଁ ଜଣେ ଶିଶୁକନ୍ୟା ସହ ୪ଜଣ ପ୍ରାଣ ହରାଇଥିଲେ। ପରେ ଗୁରୁତରଙ୍କ ମଧ୍ୟରୁ ଅନ୍ୟ ୮ଜଣ ଶେଷ ନିଶ୍ୱାସ ତ୍ୟାଗ କରିବା ପରେ ମୋଟ୍ ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ଏବେବି ୯ରୁ ଅଧିକ ଆହତ ଚିକିତ୍ସାଧୀନ ଅଛନ୍ତି। ସେହିପରି ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଡ଼ହସ୍ପିଟାଲକୁ ରେଫର କରାଯାଇଛି।

ପୁଲିସ୍ ପକ୍ଷରୁ ମିଳିଥିବା ସୂଚନାନୁସାରେ ଇଟା ବୋଝେଇ ଏକ ଟ୍ରକ୍, ବସ୍‌କୁ ଓଭରଟେକ୍ କରୁଥିଲା। ହଠାତ୍ ଟ୍ରକଟି ଡିଭାଇଡର ସହ ପିଟିହୋଇ ଓଲଟି ପଡ଼ିଥିଲା। ଅନ୍ୟପକ୍ଷେ ପଛରେ ଥିବା ବସ୍‌ଟି ମଧ୍ୟ ଭାରସାମ୍ୟ ହରାଇ ତୁରନ୍ତ ଏହି ଓଲଟି ପଡ଼ିଥିବା ଟ୍ରକ୍ ସହ ପିଟିହୋଇଯାଇଥିଲା। ପୁଲିସର ପ୍ରାଥମିକ ତଦନ୍ତ ଅନୁସାରେ ବସ୍‌ରେ ଥିବା ଶ୍ରଦ୍ଧାଳୁମାନେ ସମ୍ଭଲର ବାସିନ୍ଦା ଏବଂ ରାଜସ୍ଥାନରୁ ଯାତ୍ରା ସାରି ସମ୍ଭଲ ଫେରୁଥିଲେ। ବାଗଡ଼ ଧାମରୁ ଦର୍ଶନ ସାରି ସମସ୍ତେ ବଦାୟୁଁ ଫେରୁଥିଲେ। ଏହି ସମୟରେ ଏହି ଅଘଟଣ ଘଟିଛି। ଆହତ ଶ୍ରଦ୍ଧାଳୁଙ୍କ ମଧ୍ୟରୁ କେତେକ କହିଛନ୍ତି ଯେ ସେମାନେ ବସ୍‌ରେ ପ୍ରାୟ ୫୨ ଜଣ ଯାତ୍ରା କରୁଥିଲେ। ସେମାନଙ୍କ ମଧ୍ୟରେ ୯ ଜଣ ଶିଶୁ ମଧ୍ୟ ସାମିଲ ଥିଲେ।



ବାଗପତର ଇଷ୍ଟର୍ଣ୍ଣ ପେରିଫେରାଲ ଏକ୍ସପ୍ରେସୱେରେ ଏହି ଦୁର୍ଘଟଣା ଘଟିଛି। ସମସ୍ତ ଶ୍ରଦ୍ଧାଳୁ ବଦାୟୁଁର ସ୍ଥାୟୀ ବାସିନ୍ଦା।

# ୬ରେ ଛଅ ଆସନରେ ଉପନିର୍ବାଚନ

## ତାମିଲନାଡୁ, ପୁଡୁଚେରୀ, ପଶ୍ଚିମବଙ୍ଗର ୫ ବିଧାନସଭା, ଆସାମର ଗୋଟିଏ ଲୋକସଭା ଆସନ

**ନୂଆଦିଲ୍ଲୀ, ୭।୯/ଏଜେନ୍ସି:** କେନ୍ଦ୍ର ନିର୍ବାଚନ ଆୟୋଗ ସୋମବାର ଦିନ ଦେଶର ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଗୋଟିଏ ଲୋକସଭା ଆସନ ପାଇଁ ଉପନିର୍ବାଚନ ଘୋଷଣା କରିଛନ୍ତି। ରିପୋର୍ଟ ଅନୁସାରେ ଏହି ଉପନିର୍ବାଚନ ପାଇଁ ଅକ୍ଟୋବର ୬ରେ ମତଦାନ ଏବଂ ଅକ୍ଟୋବର ୯ରେ ଭୋଟ ଗଣତି ହେବାକୁ ଦିନ ଧାର୍ଯ୍ୟ କରାଯାଇଛି। ମତଦାନ ହେବାକୁ ଥିବା ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକ ହେଲା ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଓ ରେଜିନଗର, ତାମିଲନାଡୁର ଧରାପୁରମ୍ ଓ ମଧୁରାନ୍ତକମ୍ ଏବଂ ପୁଡୁଚେରୀର ଥଟ୍ଟାଞ୍ଚାବଡ଼ି। ଏହାସହିତ ଆସାମର ନଗାଁଓ ଲୋକସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ଉପନିର୍ବାଚନ ହେବ।

୯ରେ ଭୋଟଗଣତି ସହ ଫଳାଫଳ ଘୋଷଣା

୨୦୨୬ ବିଧାନସଭା ନିର୍ବାଚନରେ ୨ଟି ଆସନରୁ ନିର୍ବାଚିତ ହୋଇଥିବା ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ନନ୍ଦୀଗ୍ରାମ ଆସନରୁ ଇସ୍ତଫା ଦେବା ପରେ ନନ୍ଦୀଗ୍ରାମ ବିଧାନସଭା ଆସନଟି ଖାଲି ପଡ଼ିଥିଲା। ୨୦୨୧ ନିର୍ବାଚନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିପକ୍ଷରେ ତାଙ୍କର ପୂର୍ବ ବିଜୟ ନନ୍ଦୀଗ୍ରାମକୁ ରାଜ୍ୟର ସବୁଠାରୁ ଚର୍ଚ୍ଚିତ ଆସନଗୁଡ଼ିକ ମଧ୍ୟରୁ ଗୋଟିଏ କରିପାରିଥିଲା। ସେହିପରି ଟିଏମ୍‌ସି ବିଧାୟକ ହୁମାୟୁନ୍ କବୀର ନିଜ ପଦବୀରୁ ଇସ୍ତଫା ଦେବା ପରେ ରେଜିନଗର ଆସନଟି ଖାଲି ପଡ଼ିଥିଲା। ରିପୋର୍ଟ ଅନୁଯାୟୀ, ଆସାମରେ ପ୍ରଦ୍ୟୁତ ବୋର୍ଦୋଲୋଇ ବିଧାନସଭା ନିର୍ବାଚନ ପୂର୍ବରୁ ଇସ୍ତଫା ଦେଇ ପରବର୍ତ୍ତୀ ସମୟରେ ବିଜେପିରେ ଯୋଗ ଦେବା ପରେ ନଗାଁଓ ଲୋକସଭା ଆସନଟି ଖାଲି ପଡ଼ିଥିଲା।

# ନନ୍ଦୀଗ୍ରାମରୁ ପୁଣି ଲଢ଼ିବେ ମମତା

**କୋଲକାତା,୭।୯/ଏଜେନ୍ସି:** ଆସନ୍ତା ମାସ ୬ ତାରିଖରେ ୪ଟି ରାଜ୍ୟର ୬ଟି ଆସନରେ ଉପନିର୍ବାଚନ ପାଇଁ ନିର୍ବାଚନ କମିଶନ ଘୋଷଣା କରିବା ପରେ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ମମତା ବାନାର୍ଜୀ ଏବେ ଏହି ଉପନିର୍ବାଚନରେ ପୁଣିଥରେ ନିର୍ବାଚନ ଲଢ଼ିବେ। ସେ ଶୁଭେନ୍ଦୁ ଅଧିକାରୀ ଛାଡିଥିବା ଆସନ ନନ୍ଦୀଗ୍ରାମରୁ ପ୍ରାର୍ଥୀ ହେବେ ବୋଲି ସୂଚନା ମିଳିଛି। ୨୦୨୧ରେ ନନ୍ଦୀଗ୍ରାମ ଆସନରୁ ମମତା, ଶୁଭେନ୍ଦୁ ଅଧିକାରୀଙ୍କ ଠାରୁ ପରାଜିତ ହୋଇଥିଲେ। ୨୦୨୬ ନିର୍ବାଚନରେ ଶୁଭେନ୍ଦୁ ଅଧିକାରୀ ଭବାନୀପୁର ଓ ନନ୍ଦୀଗ୍ରାମ ଏହି ଦୁଇଟି ଆସନରୁ ନିର୍ବାଚନନ ଲଢ଼ିଥିଲେ। ଉଭୟ ଆସନରେ ସେ ବିଜୟୀ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ନିୟମ ମୁତାବକ ଶୁଭେନ୍ଦୁ ଅଧିକାରୀ ତାଙ୍କ ପାରମ୍ପରିକ ନନ୍ଦୀଗ୍ରାମ ଆସନ ଛାଡ଼ି ଭବାନୀପୁର ଆସନକୁ ନିଜ ପାଖରେ ରଖିଥିଲେ। ତେବେ ମମତାଙ୍କ ପ୍ରାର୍ଥୀ ହେବା ନହେବା ନେଇ କେବଳ ଦଳୀୟସୂତ୍ରରେ ଆଲୋଚନା ଚାଲିଛି। ମମତା ନିଜେ ଏସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି।

ଗୁଆହାଟୀରେ ବୀଭତ୍ସ ହତ୍ୟାକାଣ୍ଡ: ପତ୍ନୀହନ୍ତା ସ୍ୱାମୀର ଆତ୍ମସମର୍ପଣ

# ଫ୍ରିଜ୍‌ରୁ ମିଳିଲା କଟାମୁଣ୍ଡ, ଅଙ୍ଗୁଳି

**ଗୁଆହାଟୀ, ୭।୯/ଏଜେନ୍ସି:** ଆସାମର ଗୁଆହାଟୀସ୍ଥିତ ବଶିଷ୍ଠପୁର ଅଞ୍ଚଳର ଏକ ଫ୍ଲାଟରୁ ଜଣେ ୨୫ ବର୍ଷୀୟା ବିବାହିତା ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କର କଟା ମୁଣ୍ଡ ଏକ ପଲିଥିନ୍ ବ୍ୟାଗ୍‌ରେ ପ୍ୟାକ୍ ହୋଇ ଫ୍ରିଜ୍ ଭିତରୁ ମିଳିଥିବା ସୋମବାର ଦିନ ଅଧିକାରୀମାନେ ସୂଚନା ଦେଇଛନ୍ତି। ମୃତକଙ୍କ ନାମ ରିୟା ତାଲୁକଦାର ଗୋସ୍ୱାମୀ ବୋଲି ଚିହ୍ନଟ କରାଯାଇଛି। ତଦନ୍ତକାରୀ ଦଳ ଏହି ହତ୍ୟାକାଣ୍ଡକୁ ଅତ୍ୟନ୍ତ ବୀଭତ୍ସ ବୋଲି ବର୍ଣ୍ଣନା କରିଛନ୍ତି। ଅଭିଯୁକ୍ତ ଜଣକ ତାଙ୍କ ମୁଣ୍ଡ କାଟି ଏକ ପଲିଥିନ୍ ବ୍ୟାଗ୍‌ରେ ରଖି ଫ୍ରିଜ୍ ଭିତରେ ରଖିଦେଇଥିଲା। ଏହାସହ ତାଙ୍କ ହାତର ଅଙ୍ଗୁଳିଗୁଡ଼ିକୁ ମଧ୍ୟ କାଟି ଦେଇଥିଲା।ଇତିମଧ୍ୟରେ ଗୁଆହାଟୀ ପୋଲିସ କମିଶନରେଟର ଏଡିସିପି (ପୂର୍ବ) ଅନୁରାଗ ଶର୍ମା ନିଶ୍ଚିତ କରିଛନ୍ତି ଯେ ରିୟାଙ୍କ ସ୍ୱାମୀ ରାମାନୁଜନ ଗୋସ୍ୱାମୀ ହିଁ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ। ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ସହ ନିଜ ଦୋଷ ସ୍ୱୀକାର କରିଥିବା ଶ୍ରୀ ଶର୍ମା କହିଛନ୍ତି। ପୁଲିସ୍ ରିପୋର୍ଟ ଅନୁସାରେ ରିୟା ଏବଂ ରାମାନୁଜନ ପ୍ରାୟ ୬ ମାସ ପୂର୍ବରୁ ବିବାହ କରିଥିଲେ ଏବଂ ସେହି ଫ୍ଲାଟ୍‌ରେ ଏକାଠି ରହୁଥିଲେ। ରିୟା ଏକ ବୁଟିକ୍‌ରେ କାମ କରୁଥିବା ବେଳେ ରାମାନୁଜନ୍ କ୍ୟାବ୍ ଚଳାଉଥିଲେ। ତେବେ କିଛି ଦିନ ଧରି ଫ୍ଲାଟ୍‌ର ଅନ୍ୟ ପଡୋଶୀମାନେ ରିୟାଙ୍କୁ ନଦେଖିବାରୁ ଏବଂ ତାଙ୍କ ଆପାର୍ଟମେଣ୍ଟରୁ ଦୁର୍ଗନ୍ଧ ବାହାରୁଥିବା ଅନୁଭବ କରିବା ପରେ ପଡ଼ୋଶୀମାନେ ପୁଲିସ୍‌କୁ ଖବର ଦେଇଥିଲେ। ଶବ ବ୍ୟବଚ୍ଛେଦ (ପୋଷ୍ଟମୋର୍ଟମ୍) ପାଇଁ ମୃତଦେହକୁ ଗୁଆହାଟୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଯାଇଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra